



RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-302 ◆THURSDAY ◆30 APRIL 2026 ◆PAGE-12 ◆₹ 7.00 | SAMBALPUR | ◆ବର୍ଷ-୪୩ ◆ସଂଖ୍ୟା-୩୦୨ ◆ଗୁରୁବାର ◆୩୦ ଏପ୍ରିଲ୍ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


## ଭର୍ଚୁଆଲ ଶୁଣାଣି ବେଳେ ଚାଲିଲା ଅଶ୍ଳୀଳ ଭିଡିଓ

**ଦିଲ୍ଲୀ ହାଇକୋର୍ଟରେ ଅଭାବନୀୟ ଘଟଣା**

■ ନୂଆଦିଲ୍ଲୀ, ୨୯ ।୪ (ଏଜେନ୍ସି): ଦିଲ୍ଲୀ ହାଇକୋର୍ଟରେ ବୁଧବାର ଭର୍ଚୁଆଲ ମାଧ୍ୟମରେ ଶୁଣାଣି ଚାଲିଥିବା ବେଳେ ଏକ ଅତ୍ୟନ୍ତ ଲଜ୍ଜାଜନକ ଘଟଣା ଘଟିଛି । କୋର୍ଟର ଅନ୍‌ଲାଇନ୍ ସ୍କ୍ରିନ୍‌ରେ ହଠାତ୍ ଅଶ୍ଳୀଳ ଭିଡିଓ ଚାଲିବା ସହ 'ଆପଣଙ୍କ ସିଷ୍ଟମ୍ ହ୍ୟାକ୍ ହୋଇଛି' ବୋଲି ବାର୍ତ୍ତା ଦେଖାଯାଇଥିଲା । ଏହି କାରଣରୁ ମୁଖ୍ୟ ବିଚାରପତି ଶୁଣାଣିକୁ ବନ୍ଦ କରିବାକୁ ବାଧ ହୋଇଥିଲେ । ମୁଖ୍ୟ ବିଚାରପତି ଦେବେନ୍ଦ୍ର କୁମାର ଉପାଧ୍ୟାୟ ଏବଂ ବିଚାରପତି ତେଜସ ଖରିଆଙ୍କ ପୀଠରେ ପ୍ରାୟ ୧୦୦ରୁ ଅଧିକ ଜନହିତ ମାମଲାର ଶୁଣାଣି ଚାଲିଥିଲା । ଅପରାହ୍ଣ ପ୍ରାୟ ୧୨:୫୬ ସମୟରେ ହଠାତ୍ ସ୍କ୍ରିନ୍‌ରେ ଅଶ୍ଳୀଳ ଭିଡିଓ ଦେଖାଯାଇଥିଲା । ତୁରନ୍ତ ଶୁଣାଣି ବନ୍ଦ କରାହୋଇଥଲା । ମାତ୍ର କିଛି ସମୟ ପରେ ପୁଣି ଶୁଣାଣି ଆରମ୍ଭ ହେବା ମାତ୍ରେ ଦ୍ୱିତୀୟ ଥର ପାଇଁ ଅଶ୍ଳୀଳ ଭିଡିଓ ଏବଂ ପରେ ଗୀତ ବାଜିବାକୁ ଲାଗିଥିଲା । ଏହି ମାମଲାରେ କ୍ଷିତିଜିତ ସିଂହ ନାମକ ଜଣେ ବ୍ୟକ୍ତିଙ୍କ ଲଗ୍‌ଇନ୍‌ରୁ ଏହି ଭିଡିଓ ପ୍ରସାରିତ ହେଉଥିବା ଜଣାପଡ଼ିଛି । ମାତ୍ର ସେ ଦାବି କରିଛନ୍ତି ଯେ, ଆମେରିକାରୁ କେହି ତାଙ୍କ ଆକାଉଣ୍ଟକୁ ହ୍ୟାକ୍ କରି ଏଭଳି କାଣ୍ଡ ଭିଆଇଛି । ଏନେଇ ଦିଲ୍ଲୀ ପୁଲିସର ସାଇବର ଶାଖାକୁ ଅବଗତ କରାଯାଇଛି । ଏହି ଘଟଣାରେ ମୁଖ୍ୟ ବିଚାରପତି କ୍ଷୋଭ ପ୍ରକାଶ କରିବା ସହ ରେଜିଷ୍ଟ୍ରାର ଜେନେରାଲଙ୍କୁ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ପାଇଁ ନା ।ର୍ଦ୍ଦେଶ ଦେଇଛନ୍ତି । ସେ କହିଛନ୍ତି ଯେ, ଅଦାଲତର କାର୍ଯ୍ୟଧାରାକୁ ରେକର୍ଡ କରିବା ନିୟମ ବିରୁଦ୍ଧ ଏବଂ ଯଦି କେହି ଏହା କରିଥାନ୍ତି, ତେବେ ତାଙ୍କ ବିରୋଧରେ କଠୋର ▶ପୃଷ୍ଠା-୭

## ଆମେରିକାରେ ହ୍ରାସ ପାଉଛି ଟ୍ରମ୍ପଙ୍କ ଲୋକପ୍ରିୟତା

**ମାତ୍ର ୩୪ ପ୍ରତିଶତ ଜନତା କାର୍ଯ୍ୟଧାରାରେ ସନ୍ତୁଷ୍ଟ**

■ ୱାସିଂଟନ, ୨୯ ।୪ (ଏଜେନ୍ସି): ଆମେରିକାରେ ବଢୁଥିବା ମୁଦ୍ରାସ୍ଫୀତି ଏବଂ ଇରାନ ସହ ଜାରି ରହିଥିବା ସାମରିକ ସଂଘର୍ଷର ପ୍ରଭାବ ଏବେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଲୋକପ୍ରିୟତା ଉପରେ ସ୍ପଷ୍ଟ ଭାବେ ପରିଲକ୍ଷିତ ହେଉଛି । ଦେଶରେ ତାଙ୍କର ଲୋକପ୍ରିୟତା ଖସିବାରେ ଲାଗିଛି । ଏକ ଜନମତ ସର୍ଭେ ଅନୁଯାୟୀ, ରାଷ୍ଟ୍ରପତିଙ୍କ କାର୍ଯ୍ୟଦକ୍ଷତାକୁ ନେଇ ମାତ୍ର ୩୪ ପ୍ରତିଶତ ଆମେରିକୀୟ ନାଗରିକ ସନ୍ତୋଷ ପ୍ରକଟ କରିଛନ୍ତି, ଯାହାକି ତାଙ୍କର ଚଳିତ କାର୍ଯ୍ୟକାଳର ସର୍ବନିମ୍ନ ସ୍ତର । ୨୦୨୫ ଜାନୁଆରୀ ମାସରେ ଶାସନ ଭାର ଗ୍ରହଣ କରିବା ସମୟରେ ଟ୍ରମ୍ପଙ୍କୁ ପ୍ରାୟ ୪୭ ପ୍ରତିଶତ ଜନସାଧାରଣଙ୍କ ସମର୍ଥନ ମିଳିଥିଲା । ମାତ୍ର ଦେଶରେ ବୃଦ୍ଧି ପାଉଥିବା ଅତ୍ୟାବଶ୍ୟକ ସାମଗ୍ରୀର ମୂଲ୍ୟ ଏବଂ ଆର୍ଥିକ ଅସ୍ଥିରତା ଯୋଗୁଁ ଏହି ସମର୍ଥନରେ କ୍ରମାଗତ ହ୍ରାସ ଘଟିଛି । ସର୍ଭେ ଅନୁଯାୟୀ, ମାତ୍ର ୨୨ ପ୍ରତିଶତ ଲୋକ ବିଶ୍ୱାସ କରୁଛନ୍ତି ଯେ ସରକାର ଦରବୃଦ୍ଧି ନିୟନ୍ତ୍ରଣ କରିବାରେ ସଫଳ ହୋଇଛନ୍ତି । ବିଶେଷ କରି ପେଟ୍ରୋଲ ଓ ଇନ୍ଧନର ମୂଲ୍ୟ ବୃଦ୍ଧି ସାଧାରଣ ଜନତାଙ୍କ ଚିନ୍ତା ବଢ଼ାଇ ଦେଇଛି । ଫେବୃଆରୀ ମାସରୁ ଆରମ୍ଭ ହୋଇଥିବା ଇରାନ ଯୁଦ୍ଧ ପରଠାରୁ ଇନ୍ଧନ ଦର ୪୦ ପ୍ରତିଶତରୁ ଅଧିକ ବୃଦ୍ଧି ପାଇଛି, ଯାହାକି ପରିବାର ବଜେଟକୁ ସମ୍ପୂର୍ଣ୍ଣ ବିଗାଡ଼ି ଦେଇଛି । ଅର୍ଥବ୍ୟବସ୍ଥାକୁ ନେଇ ଟ୍ରମ୍ପଙ୍କ ପ୍ରତି ଥିବା ସକାରାତ୍ମକ ମନୋଭାବ ଏବେ ମାତ୍ର ୨୭ ପ୍ରତିଶତରେ ସୀମିତ ରହିଛି । ଯଦିଓ ରିପବ୍ଲିକାନ ପାର୍ଟିର ସମର୍ଥକମାନେ ଏବେ ▶ପୃଷ୍ଠା-୭

**ବୁଥବାହୁଡ଼ା ମତ**

# ପଶ୍ଚିମବଙ୍ଗ, କେରଳରେ କଡ଼ା ଟକ୍କର

## ଆସାମ ଓ ପୁଡୁଚେରୀରେ ବିଜେପି, ତାମିଲନାଡୁରେ ଡିଏମ୍‌କେ

**ପଶ୍ଚିମବଙ୍ଗ ୨୯୪**

| ସଂସ୍ଥା | ଟିଏମ୍‌ସି | ବିଜେପି | ଅନ୍ୟ |
|---|---|---|---|
| ପିପୁଲ୍ ପଲ୍ସ | ୧୭୭-୧୮୭ | ୯୫-୧୧୦ | ୧-୫ |
| ମାଟ୍ରିଜ୍ | ୧୨୫-୧୪୦ | ୧୪୬-୧୬୧ | ୬-୧୦ |
| ପି ମାର୍କ | ୧୧୮-୧୩୮ | ୧୫୦-୧୭୫ | ୨-୬ |
| ପୋଲ୍ ଡାଏରୀ | ୯୯-୧୨୭ | ୧୪୨-୧୭୧ | ୨-୫ |
| ପୋଲ୍ ଅଫ୍ ପୋଲ୍ସ | ୧୪୪ | ୧୪୩ | ୦୭ |

**କେରଳ ୧୪୦**

| ସଂସ୍ଥା | ଏଲ୍‌ଡିଏଫ୍ | ୟୁଡିଏଫ୍ | ବିଜେପି |
|---|---|---|---|
| ପିପୁଲ୍ ପଲ୍ସ | ୫୫-୬୫ | ୭୫-୮୫ | ୦-୩ |
| ମାଟ୍ରିଜ୍ | ୬୦-୬୫ | ୭୦-୭୫ | ୩-୫ |
| ପି ମାର୍କ | ୬୦-୬୫ | ୭୦-୭୫ | ୨-୫ |
| ଆକ୍ସିସ୍ | ୪୯-୬୨ | ୭୮-୯୦ | ୦-୩ |
| ପୋଲ୍ ଅଫ୍ ପୋଲ୍ସ | ୬୦ | ୭୭ | ୦୨ |

**ଆସାମ ୧୨୬**

| ସଂସ୍ଥା | ବିଜେପି | କଂଗ୍ରେସ | ଅନ୍ୟ |
|---|---|---|---|
| ପିପୁଲ୍ ପଲ୍ସ | ୬୮-୭୨ | ୨୨-୨୬ | ୩-୫ |
| ମାଟ୍ରିଜ୍ | ୮୫-୯୫ | ୨୫-୩୨ | ୬-୧୨ |
| ଆକ୍ସିସ୍ | ୮୮-୧୦୦ | ୨୪-୩୬ | ୦-୩ |
| ପୋଲ୍ ଡାଏରୀ | ୮୬-୧୦୧ | ୧୫-୨୬ | ୨-୫ |
| ପୋଲ୍ ଅଫ୍ ପୋଲ୍ସ | ୮୮ | ୨୭ | ୦୬ |

**ତାମିଲନାଡୁ ୨୩୪**

| ସଂସ୍ଥା | ଡିଏମ୍‌କେ | ଏଆଇଡିଏମ୍‌କେ | ଅନ୍ୟ |
|---|---|---|---|
| ପିପୁଲ୍ ପଲ୍ସ | ୧୨୫-୧୪୫ | ୬୫-୮୦ | ୧-୫ |
| ମାଟ୍ରିଜ୍ | ୧୨୨-୧୩୨ | ୮୭-୧୦୦ | ୧୦-୧୨ |
| ପି ମାର୍କ | ୧୨୫-୧୪୫ | ୬୫-୮୫ | ୧୬-୨୬ |
| ଜେଭିସି | ୭୫-୯୫ | ୧୨୮-୧୪୭ | ୮-୧୫ |
| ପୋଲ୍ ଅଫ୍ ପୋଲ୍ସ | ୧୩୦ | ୬୫ | ୩୯ |

**ପୁଡୁଚେରୀ ୩୦**

| ସଂସ୍ଥା | ବିଜେପି | କଂଗ୍ରେସ | ଅନ୍ୟ |
|---|---|---|---|
| ପିପୁଲ୍ ପଲ୍ସ | ୧୫-୧୮ | ୬-୮ | ୦-୨ |
| ଆକ୍ସିସ୍ | ୧୬-୨୦ | ୬-୮ | ୨-୪ |
| ପୋଲ୍ ଅଫ୍ ପୋଲ୍ସ | ୧୭ | ୦୯ | ୦୩ |

■ ନୂଆଦିଲ୍ଲୀ, ୨୯।୪ (ଏଜେନ୍ସି): ଆସାମ ଓ ପୁଡୁଚେରୀରେ ବିଜେପି ମେଣ୍ଟ କ୍ଷମତା ବଜାୟ ରଖିବ । ତାମିଲନାଡୁରେ ମଧ୍ୟ ଡିଏମ୍‌କେ କ୍ରମାଗତ ଦ୍ୱିତୀୟ ଥର କ୍ଷମତା ଦଖଲ କରିବ । କିନ୍ତୁ କେରଳରେ ୧୦ ବର୍ଷ ଧରି ଶାସନରେ ଥିବା ବାମ ସାମ୍ମୁଖ୍ୟ (ଏଲଡିଏଫ) ଏଥର କ୍ଷମତା ହରାଇବ । କଂଗ୍ରେସ ନେତୃତ୍ୱାଧୀନ ୟୁଡିଏଫ୍ ୧୦ ବର୍ଷ ପରେ କ୍ଷମତାକୁ ଫେରିବ । ତେବେ ବହୁପ୍ରତୀକ୍ଷିତ ପଶ୍ଚିମ ବଙ୍ଗ ସ୍ଥିତି ଅସ୍ପଷ୍ଟ ରହିଛି । ରାଜ୍ୟରେ ୧୫ ବର୍ଷ ଧରି କ୍ଷମତାରେ ଥିବା ମମତା ବାନାର୍ଜୀଙ୍କୁ ଏଥର କଡ଼ା ଟକ୍କର ଦେଇଛି ବିଜେପି । ପଶ୍ଚିମ ବଙ୍ଗରେ ଆଜି ଦ୍ୱିତୀୟ ତଥା ଅନ୍ତିମ ପର୍ଯ୍ୟାୟ ମତଦାନ ପରେ ବିଭିନ୍ନ ସଂସ୍ଥା ପକ୍ଷରୁ କରାଯାଇଥିବା ବୁଥବାହୁଡ଼ା ମତ ବା ଏକଜିଟ୍ ପୋଲ୍‌ରୁ ଏଭଳି ସଙ୍କେତ ମିଳିଛି ।

ଅନ୍ୟସବୁ ୩ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳ ସଂପର୍କରେ ଏକଜିଟ୍ ପୋଲ୍ ସ୍ପଷ୍ଟ ଚିତ୍ର ପ୍ରଦାନ କରିଥିବା ବେଳେ ପଶ୍ଚିମ ବଙ୍ଗ ନେଇ ଦୁଇ ପ୍ରକାର ଚିତ୍ର ଆସୁଛି । ମମତାଙ୍କ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ବିଜୟୀ ହେବ ବୋଲି କିଛି ସଂସ୍ଥା କହୁଥିବା ବେଳେ ଆଉ କିଛି ସଂସ୍ଥା ବିଜେପି ସପକ୍ଷରେ ରିପୋର୍ଟ ଦେଇଛନ୍ତି । ପିପୁଲ୍ସ ପୋଲ୍ ପକ୍ଷରୁ କରାଯାଇଥିବା ସର୍ଭେରେ ଦର୍ଶାଯାଇଛି ଯେ ରାଜ୍ୟରେ ଟିଏମସିକୁ ୧୭୭ରୁ ୧୮୭ ଆସନ ମିଳିବାକୁ ଥିବା ବେଳେ ବିଜେପିକୁ ୯୫ରୁ ୧୧୦ ମଧ୍ୟରେ ଆସନ ମିଳିପାରେ । ତେବେ ମାଟ୍ରିଜ୍ ପକ୍ଷରୁ କରାଯାଇଥିବା ସର୍ଭେରେ ଦର୍ଶାଯାଇଛି ଯେ ଟିଏମସିକୁ ୧୨୫ରୁ ୧୪୦ ଏବଂ ବିଜେପିକୁ ୧୪୬ରୁ ୧୬୧ ଆସନ ମିଳିପାରେ । ସେହିଭଳି ପି-ମାର୍କ ପକ୍ଷରୁ କୁହାଯାଇଛି ଯେ ବିଜେପିକୁ ୧୫୦ରୁ ୧୭୫ ଏବଂ ଟିଏମସିକୁ ୧୧୮ ରୁ ୧୩୮ ଆସନ ମିଳିପାରେ । ଏହା ଚୂଡାନ୍ତ ତଥ୍ୟ ନଥିଲେ ମଧ୍ୟ ସେମାନେ ସ୍ୱୀକାର କରିଛନ୍ତି ଯେ ପଶ୍ଚିମ ବଙ୍ଗ ନିର୍ବାଚନରେ ଟିଏମସି ଓ ବିଜେପି ମଧ୍ୟରେ କଡ଼ା ଟକ୍କର ରହିଛି । ୨୯୪ ସଭ୍ୟ ବିଶିଷ୍ଟ ରାଜ୍ୟ ବିଧାସନସଭାରେ ଏବେ ଟିଏମସିର ୨୨୧ ଆସନ ଥିଲା ବେଳେ ବିଜେପିର ▶ପୃଷ୍ଠା-୭



**୨୦୨୧ରେ ବୁଥବାହୁଡ଼ା ମତଠାରୁ ଅଧିକ ଆସନ ପାଇଥିଲା ଟିଏମସି**

**ଗତ ତିନିଟି ନିର୍ବାଚନରେ ପଶ୍ଚିମବଙ୍ଗରେ ଫେଲ୍ ମାରିଛି ବୁଥ୍ ବାହୁଡ଼ା ମତ**

**୧୦ ବର୍ଷ ପରେ କେରଳରେ ବଦଳିପାରେ ସରକାର**

## ଦିନରେ ତାତି, ସନ୍ଧ୍ୟାରେ କାଳବୈଶାଖୀ

■ ଭୁବନେଶ୍ୱର, ୨୯।୪ (ସମିସ): ଅଧା ଓଡ଼ିଶାରେ ତାତି ସାଙ୍ଗକୁ ଗୁଳୁଗୁଳି ଲାଗି ରହିଥିବା ବେଳେ ଅନେକ ସ୍ଥାନରେ କାଳବୈଶାଖୀ ତାଣ୍ଡବ ରଚୁଛି । ବୁଧବାର ଏଭଳି ମିଶ୍ରିତ ପାଗ ଯୋଗୁଁ ରାଜ୍ୟର କେତେକ ସ୍ଥାନରେ ପ୍ରବଳ ଗରମ ଗୁଳୁଗୁଳି ସହ କେତେକ ସ୍ଥାନରେ କାଳବୈଶାଖୀ ଯୋଗୁଁ ଏଥିରୁ ଆଶ୍ୱସ୍ତି ମିଳିଛି । ବିଶେଷକରି ମୟୂରଭଞ୍ଜ, କେନ୍ଦୁଝର ଜିଲ୍ଲାରେ ବୁଧବାର ସନ୍ଧ୍ୟାରେ କାଳବୈଶାଖୀ ପ୍ରଭାବରେ ପ୍ରବଳ ବର୍ଷା ପବନ ସାଙ୍ଗକୁ ବିଜୁଳି ଘଡ଼ଘଡ଼ି ସ୍ଥିତି ଅନୁଭୂତ ହୋଇଥିବା ବେଳେ ଭଦ୍ରକ ଓ ବାଲେଶ୍ୱରର କେତେକ ସ୍ଥାନରେ ସମାନ ସ୍ଥିତି ସୃଷ୍ଟି ହୋଇଛି । ଅନ୍ୟପଟେ ଅପରାହ୍ଣରେ ଗୋପାଳପୁରରେ ପ୍ରବଳ କାଳବୈଶାଖୀ ସହ ଏଠାରେ ୧୮ ମିମି ବର୍ଷା ହୋଇଥିବା ବେଳେ ହୀରାକୁଦରେ ୨୪ ମିମି ଓ ସମ୍ବଲପୁରରେ ୧୨ ମିମି ବର୍ଷା ରେକର୍ଡ ହୋଇଛି । ଏହା ବ୍ୟତୀତ ଅନୁଗୁଳ, ନୟାଗଡ଼ ଓ ବୌଦ୍ଧରେ ମଧ୍ୟ କାଳବୈଶାଖୀ ଯୋଗୁଁ ବିଜୁଳି ଘଡ଼ଘଡ଼ି ସହ ବର୍ଷା ପବନ ଅନୁଭୂତ ହୋଇଛି ।

ଏହି ସ୍ଥିତି ଆସନ୍ତା ୩-୪ ଦିନ ପର୍ଯ୍ୟନ୍ତ ଜାରି ରହିବାକୁ ଥିବା ବେଳେ ଗୁରୁବାର ମଧ୍ୟ ଅନେକ ସ୍ଥାନରେ ପ୍ରବଳ କାଳବୈଶାଖୀ ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି । କେନ୍ଦ୍ର ପକ୍ଷରୁ କୁହାଯାଇଛି, ବୁଧବାର ମୟୂରଭଞ୍ଜ ଓ ବାଲେଶ୍ୱରରେ କାଳବୈଶାଖୀର ପ୍ରଭାବ ସବୁଠୁ ଅଧିକ ଅନୁଭୂତ ହେବା ସହ ଏଠାରେ ପବନର ବେଗ ୫୦ରୁ ୬୦ କିମି ପର୍ଯ୍ୟନ୍ତ ପହଞ୍ଚିବ ବୋଲି ପାଣିପାଗ କେନ୍ଦ୍ର ଆକଳନ କରିଛି । ଏହାସହିତ ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ, କେନ୍ଦୁଝର, ସୁନ୍ଦରଗଡ଼, ଅନୁଗୁଳ ଓ ଢେଙ୍କାନାଳରେ ପ୍ରବଳ କାଳବୈଶାଖୀ ଆଶଙ୍କା କରି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକ ପାଇଁ ଯଥା କ୍ରମେ ଅରେଞ୍ଜ ଓ ୟେଲୋ ଆଲର୍ଟ ଜାରି କରିଛି ।

ଅନ୍ୟପଟେ ରାଜ୍ୟରେ ମଙ୍ଗଳବାର ଅନେକ ସ୍ଥାନରେ ତାତି ମଧ୍ୟ ଅନୁଭୂତ ହୋଇଛି । ଆଜି ରାଜ୍ୟର ▶ପୃଷ୍ଠା-୭

## କଳାହାଣ୍ଡି, ନବରଙ୍ଗପୁରରେ ଭୂମିକମ୍ପ

■ ଭବାନୀପାଟଣା/ ନବରଙ୍ଗପୁର/ ସିନାପାଲି, ୨୯ ।୪ (ସମିସ): କଳାହାଣ୍ଡି ଜିଲ୍ଲାର ବିଭିନ୍ନ ବ୍ଲକରେ ବୁଧବାର ରାତି ୭ଟା ୪୨ରେ ମୃଦୁ ଭୂମିକମ୍ପ ଅନୁଭୂତ ହୋଇଛି । ପ୍ରାୟ ୧୦ରୁ ୧୫ ପର୍ଯ୍ୟନ୍ତ ଏହି ଭୂମିକମ୍ପ ଅନୁଭୂତ ହୋଇଥିଲା ଓ ଯାହାକୁ ନେଇ ଅଞ୍ଚଳବାସୀ ଭୟଭୀତ ହୋଇ ପଡ଼ିଛନ୍ତି । ଭୟରେ କିଛି ସ୍ଥାନରେଲୋକ ଭୟରେ ଘରୁ ବାହାରକୁ ଚାଲି ଆସିଥିଲେ । ତେବେ ୪.୧ ତୀବ୍ରତାକ୍ଷମ ଭୂମିକମ୍ପରେ କୌଣସି କ୍ଷତି ହୋଇନାହିଁ । ବିଶେଷ କରି ଜିଲ୍ଲାର ଧର୍ମଗଡ଼ ଉପଖଣ୍ଡର ଧର୍ମଗଡ଼ ସମେତ ଜୟପାଟଣା, ଜୁନାଗଡ଼, କଳମପୁର, କୋକସରା ଏବଂ ଥୁଆମୁଲ ରାମପୁର ବ୍ଲକରେ ଏହାର ପ୍ରଭାବ ଦେଖିବାକୁ ମିଳିଛି । ସେହିପରି ସିନାପାଲି ଅଞ୍ଚଳରେ ଭୂମିକମ୍ପ ସନ୍ଧ୍ୟା ୭. ୪୩ରେ ଅନୁଭୂତ ହୋଇଛି । ନିକଟରେ ସିନାପାଲି ବ୍ଲକ୍‌ର ସିଂଗଝର ଅଞ୍ଚଳରେ ଭୂମିକମ୍ପ ଅନୁଭବ ହୋଇଥିବା ବେଳେ ପୂର୍ବରୁ ସିନାପାଲିରେ ମଧ୍ୟ ଏକାଧିକ ଥର ମୃଦୁ ଭୂମିକମ୍ପ ଘଟିସାରିଛି । ସେହିପରି ନବରଙ୍ଗପୁର ଜିଲ୍ଲାର ବିଭିନ୍ନ ସ୍ଥାନରେ ମଧ୍ୟ ଭୂମିକମ୍ପର ପ୍ରଭାବ ଅନୁଭୂତ ହୋଇଛି, ତେବେ କୌଣସି ସ୍ଥାନରେ କୌଣସି କ୍ଷୟକ୍ଷତିର ସୂଚନା ମିଳିନାହିଁ ।

## ଦୁଷ୍କର୍ମ ଅଭିଯୁକ୍ତଙ୍କ ଥାନା ହାଜତରେ ମୃତ୍ୟୁ

■ ଡାବୁଗାଁ, ୨୯।୪ (ସମିସ): ନବରଙ୍ଗପୁର ଜିଲା ଡାବୁଗାଁ ଥାନାରେ ହାଜତ ମୃତ୍ୟୁ ହୋଇଛି । ଜଣେ ଦୁଷ୍କର୍ମ ଅଭିଯୁକ୍ତ ଯୁବକଙ୍କ ଥାନା ହାଜତରେ ସନ୍ଦେହଜନକ ମୃତ୍ୟୁ ହୋଇଛି । ଅଭିଯୁକ୍ତ ଯୁବକ ଆତ୍ମହତ୍ୟା କରିଥିବା ପୁଲିସ କହୁଥିବା ବେଳେ ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ, ପୁଲିସ ତାଙ୍କୁ ଥାନା ହାଜତରେ ପିଟି ପିଟି ହତ୍ୟା କରିଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି । ଏହି ଘଟଣଶ ପରେ ଉତ୍ତ୍ୟକ୍ତ ଲୋକେ ଆଜି ରାସ୍ତାରୋକ କରିଥିଲେ । ଘଟଣାସ୍ଥଳରେ ବରିଷ୍ଠ ପୁଲିସ ଅଧିକାରୀମାନେ ପହଞ୍ଚି ପରିସ୍ଥିତି ପ୍ରତି ନଜର ରଖିଥିବା ଜଣାପଡ଼ିଛି ।

ସୂଚନା ଅନୁସାରେ ଡାବୁଗାଁ ବ୍ଲକର ଅଞ୍ଚଳା ପଞ୍ଚାୟତ ଅଧୀନ ଅଞ୍ଚଳା ଗ୍ରାମର ପୂର୍ଣ୍ଣ କଲାର (୨୫)ଙ୍କୁ ଏକ ଦୁଷ୍କର୍ମ ମାମଲାରେ ଦୁଇ ଦିନ ତଳେ ଡାବୁଗାଁ ପୁଲିସ ଗିରଫ କରିଥିଲା । ଏନେଇ ଥାନା କେସ ନମ୍ବର ୬୯/୫.୪.୨୬ରେ ଏକ ମାମଲା ରୁଜୁ ହୋଇଥିଲା । ଗତକାଲି ଅଭିଯୁକ୍ତଙ୍କର ଡାକ୍ତରୀ ମାଇନା ମଧ୍ୟ ଶେଷ ହୋଇଥିଲା । ଆଜି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥାନ୍ତା । କିନ୍ତୁ ଗତକାଲି ବିଳମ୍ବିତ ରାତିରେ ଥାନା ହାଜତ ମଧ୍ୟରେ ତାଙ୍କର ମୃତ୍ୟୁ ଘଟିଛି । ଏହା ଏକ ଆତ୍ମହତ୍ୟା ଘଟଣା ପୁଲିସ କହୁଥିବା ବେଳେ ଥାନା ଭିତରେ ୨୪ ଘଣ୍ଟା ପୋଲିସ କର୍ମଚାରୀଙ୍କ ଉପସ୍ଥିତି ସତ୍ତ୍ୱେ ଜଣେ ଆସାମୀ କିଭଳି ଆତ୍ମହତ୍ୟା କଲେ, ତାକୁ ନେଇ ଲୋକେ ପ୍ରଶ୍ନ କରୁଛନ୍ତି । ଡାବୁଗାଁ ଥାନା ହାଜତ ଭିତରେ ଗିରଫ ଯୁବକଙ୍କ ମୃତ୍ୟୁ ଘଟଣାକୁ ନେଇ ଉତ୍ତେଜନା ସୃଷ୍ଟି ହୋଇଥିଲା । ମୃତ ▶ପୃଷ୍ଠା-୭

■ **ପୁଲିସ କହୁଛି ଆତ୍ମହତ୍ୟା, ହତ୍ୟା ଅଭିଯୋଗ ଆଣିଲେ ପରିବାର**

■ **ଉତ୍ତ୍ୟକ୍ତ ଲୋକଙ୍କ ରାସ୍ତାରୋକ, ଥାନା ଉପରକୁ ପଥର ମାଡ଼**

## ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ଆଜି

- ଗଣତନ୍ତ୍ରରେ ମହିଳାଙ୍କ ଯୋଗଦାନ ସମ୍ପର୍କରେ ହେବ ଆଲୋଚନା
- ମହିଳାଙ୍କ ସଶକ୍ତୀକରଣ ପାଇଁ କାମ କରିଛନ୍ତି ବିଜୁ ଓ ନବୀନ: ବିଜେଡି
- ସରକାରଙ୍କ ମହିଳା ବିରୋଧୀ ମାନସିକତାକୁ ଉଜାଗର କରିବୁ: କଂଗ୍ରେସ
- ବିରୋଧୀଙ୍କୁ ତାଙ୍କ ଶବ୍ଦରେ ଉତ୍ତର ଦେବାକୁ ଶାସକ ବିଜେପିର ପ୍ରସ୍ତୁତି

■ ଭୁବନେଶ୍ୱର, ୨୯।୪ (ସମିସ): ଆସନ୍ତାକାଲିର ଓଡ଼ିଶା ବିଧାନସଭାର ଦିନିକିଆ ସ୍ୱତନ୍ତ୍ର ଅଧିବେଶନ ଅନୁଷ୍ଠିତ ହେବ । ଭାରତୀୟ ଗଣତନ୍ତ୍ରରେ ମହିଳାଙ୍କ ଯୋଗଦାନ ସମ୍ପର୍କରେ ଅଧିବେଶନରେ ଦିବସବ୍ୟାପୀ ଆଲୋଚନା କରାଯିବ । ମାତ୍ର ଏହା ପୂର୍ବରୁ ସରକାରଙ୍କୁ ଘେରିବାକୁ ବିରୋଧୀ ପୁରା ପ୍ରସ୍ତୁତି କରିଛନ୍ତି, ଅନୁରୂପ ଭାବରେ ବିରୋଧୀଙ୍କୁ ତାଙ୍କ ଶବ୍ଦରେ ଜବାବ ଦେବାକୁ ଶାସକ ବି ପ୍ରସ୍ତୁତ ଅଛନ୍ତି । ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ କେବଳ ଏକ ଫାର୍ସ ଓ ବିଧାନସଭାକୁ ଦଳୀୟ କାର୍ଯ୍ୟରେ ବିଜେପି ବ୍ୟବହାର କରୁଥିବା ବିଜେଡି ଅଭିଯୋଗ କରିଛି । ଅନ୍ୟପକ୍ଷରେ ବିଜୁବାବୁ ଓ ନବୀନ ପଟ୍ଟନାୟକ ମହିଳା ସଶକ୍ତିକରଣ ପାଇଁ ଯେଉଁ କାର୍ଯ୍ୟ କରିଛନ୍ତି, ତାହା ସାରା ଦେଶ ପାଇଁ ଉଦାହରଣ ବୋଲି ଅଭିହିତ କରି ଶାସକ ବିଜେପି ମହିଳା ସଶକ୍ତିକରଣ ନାମରେ ନାଟକ କରୁଛି ବୋଲି ବିଜେଡି ଅଭିଯୋଗ କରିଛି ।

ଅଧିବେଶନ ସମ୍ପର୍କରେ ସୂଚନା ଦେଇ ବିଜେଡି ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ କହିଛନ୍ତି ଯେ ୧୯୯୨ରେ ପଞ୍ଚାୟତିରାଜ ଓ ପୌରସଂସ୍ଥା ମାନଙ୍କରେ ମହିଳାଙ୍କ ପାଇଁ ୩୩ ପ୍ରତିଶତ ଆସନ ▶ପୃଷ୍ଠା-୭

## ମହିଳା ସଂରକ୍ଷଣ: ନିଜ ଜାଲରେ ଫସିଛି ବିଜେପି

### ୨୦୨୩ରେ ବିଲ୍ ଗୃହୀତ ସତ୍ତ୍ୱେ ୨୦୨୪ରେ ଲାଗୁ ହେଲାନାହିଁ ସଂରକ୍ଷଣ

**ବିଧାନସଭା ନିର୍ବାଚନରେ ମାତ୍ର ୮.୧୬% ମହିଳାଙ୍କୁ ବିଜେପିର ଟିକଟ**

**ବିଜେଡି ଦେଇଥିଲା ୩୩% ଲୋକସଭା, ୨୪% ବିଧାନସଭା ଟିକଟ**

**ରାଜ୍ୟରେ ମନ୍ତ୍ରିମଣ୍ଡଳରେ ୧୬ ମନ୍ତ୍ରୀଙ୍କ ମଧ୍ୟରୁ ଜଣେ ମାତ୍ର ମହିଳା**

**କେନ୍ଦ୍ର ସରକାରର ୭୨ ମନ୍ତ୍ରୀଙ୍କ ମଧ୍ୟରୁ ୭ ଜଣ ମହିଳାଙ୍କୁ ମିଳିଛି ସ୍ଥାନ**

■ ଭୁବନେଶ୍ୱର, ୨୯।୪ (ସମିସ): ଆସନ୍ତା ୩୦ ତାରିଖରେ ଓଡ଼ିଶା ବିଧାନସଭାର ଦିନିକିଆ ସ୍ୱତନ୍ତ୍ର ଅଧିବେଶନ ଡ଼ାକିଛନ୍ତି ସରକାର । ଏହି ଅଧିବେଶନରେ ଭାରତୀୟ ଗଣତନ୍ତ୍ରରେ ମହିଳାଙ୍କ ଯୋଗଦାନ ସମ୍ପର୍କରେ 'ସ୍ୱତନ୍ତ୍ର' ଆଲୋଚନା ହେବ । ମାତ୍ର ରାଜ୍ୟରେ ସରକାର ଗଠନର ୯୭ ସପ୍ତାହ ପରେ ଗଣତନ୍ତ୍ରରେ ମହିଳାଙ୍କ ଅବଦାନକୁ ସ୍ମରଣ ନିମନ୍ତେ ସ୍ୱତନ୍ତ୍ର ଅଧିବେଶନ ଆହ୍ୱାନ କରାଯିବା ରାଜ୍ୟବାସୀଙ୍କୁ ସନ୍ଦେହରେ ପକାଇଛି । ରାଜନୈତିକସ୍ତରରେ ମହିଳାଙ୍କୁ ସଂରକ୍ଷଣ ପ୍ରଦାନ ଲାଗି ୨୦୨୩ରେ ଗୃହୀତ ନାରୀ ଶକ୍ତି ବନ୍ଦନ ଅଧିନିୟମର ସଂଶୋଧନ ପ୍ରସ୍ତାବ ନିକଟରେ ସଂସଦରେ କାଟ ଖାଇବା ପ୍ରସଙ୍ଗ ସହ ଏହି ଅଧିବେଶନକୁ ରାଜନୈତିକ ସମୀକ୍ଷକମାନେ ଯୋଡ଼ୁଥିବା ଦେଖାଯାଉଛି । ଅନୁରୂପ ଭାବରେବାସ୍ତବରେ ବିଜେପି ଯଦି ମହିଳାଙ୍କ ସଶକ୍ତୀକରଣ ଓ ରାଜନୈତିକ ସଂରକ୍ଷଣ ଚାହୁଁଥାଆନ୍ତା, ତେବେ ୨୦୨୪ ସାଧାରଣ ଓ ବିଧାନସଭା ନିର୍ବାଚନରେ କାହିଁକି ମହିଳାଙ୍କ ପ୍ରାର୍ଥିତ୍ୱକୁ ଗୁରୁତ୍ୱ ଦେଲାନାହିଁ ବିରୋଧୀ ପ୍ରଶ୍ନ କରିଛନ୍ତି ।



ରାଜ୍ୟରମହିଳାମାନଙ୍କୁ ସ୍ୱାବଲମ୍ବୀ ଓ ସଶକ୍ତ କରିବା ପାଇଁ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ କେବଳ ଦୀର୍ଘଦିନରୁ ରାଜନୈତିକ ସ୍ତରରେ ଉଦ୍ୟମ କରିନାହାନ୍ତି, ଏହାକୁ ଜାତୀୟସ୍ତରରେ ପହଞ୍ଚାଇଛନ୍ତି । ଏହାକୁ ଏକ ଜାତୀୟ ପ୍ରସଙ୍ଗ କରିବା ପାଇଁ ନବୀନ ଦେଶର ୨୨ଟି ରାଜନୈତିକ ଦଳ ମୁଖ୍ୟଙ୍କ ନିକଟକୁ ନିଜର ପ୍ରତିନିଧି ▶ପୃଷ୍ଠା-୭






## ଟ୍ରମ୍ପଙ୍କୁ ଥଟ୍ଟା କଲେ ବ୍ରିଟେନ ରାଜା ଚାର୍ଲସ

ୱାଶିଂଟନ୍,୨୯ ।୪(ଏଜେନ୍ସି): ଆମେରିକା ଗସ୍ତରେ ଥିବା ବ୍ରିଟେନର ରାଜା ତୃତୀୟ ଚାର୍ଲସ ହ୍ୱାଇଟ୍ ହାଉସରେ ଆୟୋଜିତ ଏକ ନୈଶଭୋଜିରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ତାଙ୍କ ଶୈଳୀରେ ଜବାବ ଦେଇ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛନ୍ତି । ପୂର୍ବରୁ ୟୁରୋପୀୟ ଦେଶଗୁଡ଼ିକୁ ସମାଲୋଚନା କରିଥିବା ଟ୍ରମ୍ପଙ୍କୁ ରାଜା ଚାର୍ଲସ ହାସ୍ୟରସର ସହ ଏକ ଐତିହାସିକ ଶିକ୍ଷା ଦେଇଛନ୍ତି । ନୈଶଭୋଜି ଅବସରରେ ଭାଷଣ ଦେଇ ରାଜା ଚାର୍ଲସ କହିଥିଲେ, "ମହାମାନ୍ୟ ରାଷ୍ଟ୍ରପତି, ଆପଣ ନିକଟରେ କହିଥିଲେ ଯେ ଯଦି ଆମେରିକା ନଥାନ୍ତା, ତେବେ ୟୁରୋପୀୟ ଦେଶର ଲୋକେ ଆଜି ଜର୍ମାନ ଭାଷା କହୁଥାନ୍ତେ । ମାତ୍ର ମୁଁ କହିବାକୁ ଚାହେଁ ଯେ, ଯଦି ଆମେ (ବ୍ରିଟେନ) ନଥାନ୍ତୁ, ତେବେ ଆପଣମାନେ ଆଜି ଫରାସୀ ଭାଷା କହୁଥାନ୍ତେ ।' ଆମେରିକା ସ୍ୱାଧୀନତା ପୂର୍ବରୁ ଉତ୍ତର ଆମେରିକାରେ ବ୍ରିଟେନ ଓ ଫ୍ରାନ୍ସ ମଧ୍ୟରେ ଚାଲିଥିବା ସଂଘର୍ଷକୁ ସେ ଏହି ପରିପ୍ରେକ୍ଷୀରେ ମନେ ପକାଇ ଦେଇଥିଲେ । ଏତିକିରେ ରାଜାଙ୍କ ଥଟ୍ଟା ସରିନଥିଲା । ହ୍ୱାଇଟ୍ ହାଉସରେ ଟ୍ରମ୍ପ କରୁଥିବା ନୂତନ ନିର୍ମାଣକୁ ନେଇ ସେ କହିଥିଲେ ଯେ, ୧୮୧୪ ମସିହାରେ ବ୍ରିଟିଶ ସେନା ହ୍ୱାଇଟ୍ ହାଉସରେ ନିଆଁ ଲଗାଇ ଏହାର ପୁନଃ ନିର୍ମାଣ ପାଇଁ ପ୍ରଥମେ ଚେଷ୍ଟା କରିଥିଲେ । ଏହି ହାସ୍ୟରସ ଭରା ବାତାବରଣ ମଧ୍ୟରେ ଟ୍ରମ୍ପ ମଧ୍ୟ ରାଜାଙ୍କୁ ପ୍ରଶଂସା କରି କହିଥିଲେ ଯେ, ରାଜା ଚାର୍ଲସଙ୍କୁ ସମ୍ମାନ ଜଣାଇବା ପାଇଁ ବିରୋଧୀ ଦଳର ସଦସ୍ୟମାନେ ଠିଆ ହୋଇଥିଲେ, ଯାହାକି ସେ ନିଜ ପାଇଁ କେବେ କରିପାରିନାହାନ୍ତି । ରାଜା ଚାର୍ଲସ ରାଷ୍ଟ୍ରପତି ଟ୍ରମ୍ପଙ୍କୁ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟର ଏକ ବ୍ରିଟିଶ ବୁଡ଼ାଜାହାଜର ଘଣ୍ଟି ଉପହାର ସ୍ୱରୂପ ପ୍ରଦାନ କରିଥିଲେ । ଇରାନ ଯୁଦ୍ଧକୁ ନେଇ ଦୁଇ ଦେଶ ମଧ୍ୟରେ ତିକ୍ତତା ଚାଲିଥିବା ବେଳେ ଏହି ଭେଟଘାଟ ସମ୍ପର୍କକୁ ସୁଧାରିବା ଦିଗରେ ଏକ ପ୍ରୟାସ ବୋଲି ମନେ କରାଯାଉଛି । ରାଜା ଚାର୍ଲସଙ୍କ ଏହି ଚତୁରତା ଏବଂ ହାସ୍ୟରସ ଭରା ଜବାବ କେବଳ ଟ୍ରମ୍ପଙ୍କୁ ନୁହେଁ, ବରଂ ସେଠାରେ ଉପସ୍ଥିତ ଥିବା ସମସ୍ତ ଅତିଥିଙ୍କୁ ବେଶ୍ ଆନନ୍ଦିତ କରିଥିଲା । ଏହି ଘଟଣା ଦର୍ଶାଉଛି ଯେ ଅନ୍ତର୍ଜାତୀୟ ରାଜନୀତିରେ ଗମ୍ଭୀରତା ସହ ହାସ୍ୟରସ ମଧ୍ୟ ବନ୍ଧୁତ୍ୱ ବଢ଼ାଇବାରେ ସହାୟକ ହୋଇଥାଏ ।

## ୯୦ ବର୍ଷୀୟା ମହିଳାଙ୍କୁ ୨୦ ବର୍ଷ ଅପେକ୍ଷା କରିବାକୁ କହିଲେ ହାଇକୋର୍ଟ

ମୁମ୍ବାଇ,୨୯ ।୪(ଏଜେନ୍ସି): ବମ୍ବେ ହାଇକୋର୍ଟ ଜଣେ ୯୦ ବର୍ଷୀୟା ବୃଦ୍ଧାଙ୍କୁ ତାଙ୍କ ମାନହାନି ମାମଲାର ଶୁଣାଣି ପାଇଁ ୨୦ ବର୍ଷ ଅପେକ୍ଷା କରିବାକୁ କହିଛନ୍ତି । ଜଷ୍ଟିସ୍ ଜିତେନ୍ଦ୍ର ଜୈନଙ୍କ ଏକକ ଖଣ୍ଡପୀଠ ମଙ୍ଗଳବାର ଦିନ ୯୦ ବର୍ଷୀୟା ତାରିଣୀବେନ୍ ଏବଂ ୫୭ ବର୍ଷୀୟା ଧ୍ୱନି ଦେଶାଇଙ୍କ ମଧ୍ୟରେ ଚାଲିଥିବା ଏହି ଆଇନଗତ ବିବାଦକୁ ଅହଂକାରର ଲଢେଇ ବୋଲି ଅଭିହିତ କରିଛନ୍ତି । ଜଷ୍ଟିସ୍ ଜୈନ କଠୋର ଆଭିମୁଖ୍ୟ ଗ୍ରହଣ କରି କହିଛନ୍ତି ଯେ, ଏହି ମାମଲା ନ୍ୟାୟିକ ବ୍ୟବସ୍ଥାକୁ ବାଧାପ୍ରାପ୍ତ କରୁଛି । କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି ଯେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ୨୦୪୬ ମସିହା ପରେ କୌଣସି ଏକ ତାରିଖରେ ହେବ । ତାରିଣୀବେନ୍ ଏବଂ ଦେଶାଇ ୨୦୧୭ ମସିହାରେ କିଲକିଲରାଜ ଭାନୁଶାଲୀ ଏବଂ ଅନ୍ୟମାନଙ୍କ ବିରୋଧରେ ଏହି ମାମଲା ଦାୟର କରିଥିଲେ । ଏହି ବିବାଦ ୨୦୧୫ ମସିହାରେ 'ଶ୍ୟାମ କୋ-ଅପରେଟିଭ୍ ହାଉସିଂ ସୋସାଇଟି'ର ବାର୍ଷିକ ସାଧାରଣ ସଭାରେ ଘଟିଥିବା କିଛି ଘଟଣାକୁ ନେଇ ହୋଇଥିଲା । ଆବେଦନକାରୀଙ୍କ ଦାବି ଅନୁଯାୟୀ, ସେହି ଘଟଣା ଯୋଗୁଁ ସେମାନେ ମାନସିକ ନିର୍ଯାତନା ପାଇଛନ୍ତି, ଯେଉଁଥିପାଇଁ ସେମାନେ ୨୦ କୋଟି ଟଙ୍କାର କ୍ଷତିପୂରଣ ମାଗିଛନ୍ତି । ଜଜ୍ କହିଛନ୍ତି, "ଏହା ସେହି ମାମଲାଗୁଡ଼ିକ ମଧ୍ୟରୁ ଗୋଟିଏ ଯେଉଁଠାରେ ଜୀବନର ସାୟାହ୍ନରେ ପହଞ୍ଚିଥିବା ବ୍ୟକ୍ତିଙ୍କ ମଧ୍ୟରେ ଥିବା ଅହଂକାରର ଲଢେଇ ସମ୍ପୂର୍ଣ୍ଣ ବ୍ୟବସ୍ଥାକୁ ଜାମ୍ କରିଦିଏ । ଫଳସ୍ୱରୂପ, କୋର୍ଟ ସେହିସବୁ ମାମଲାକୁ ହାତକୁ ନେଇପାରନ୍ତି ନାହିଁ ଯାହା ପ୍ରକୃତରେ ପ୍ରାଥମିକତା ଆବଶ୍ୟକ କରେ । କୋର୍ଟ ପୂର୍ବରୁ ପରାମର୍ଶ ଦେଇଥିଲେ ଯେ, କେବଳ ଏକ କ୍ଷମା ପ୍ରାର୍ଥନା ମାଧ୍ୟମରେ ଏହି ବିବାଦର ସମାଧାନ କରାଯାଉ । କିନ୍ତୁ ୯୦ ବର୍ଷୀୟା ଆବେଦନକାରୀ ଏହି ମାନହାନି ମାମଲା ଜାରି ରଖିବା ପାଇଁ ଜିଦ୍ ଧରିଥିଲେ । କୋର୍ଟ ସ୍ପଷ୍ଟ କରିଛନ୍ତି ଯେ, କେବଳ ଆବେଦନକାରୀ ଜଣେ "ସୁପର ସିନିୟର ସିଟିଜେନ୍' (ଅତି ବରିଷ୍ଠ ନାଗରିକ) ହୋଇଥିବାରୁ ମାମଲାକୁ ପ୍ରାଥମିକତା ଦିଆଯିବ ନାହିଁ । ଜଜ୍ ତାଙ୍କ ନିର୍ଦ୍ଦେଶରେ ଲେଖିଛନ୍ତି, "ମୁଁ ଏହାଠାରୁ ଅଧିକ କିଛି କହିବାକୁ ଚାହେଁ ନାହିଁ, କେବଳ ଏତିକି ଯେ ଆସନ୍ତା ୨୦ ବର୍ଷ ପର୍ଯ୍ୟନ୍ତ ଏହି ମାମଲା ଶୁଣାଣି ପାଇଁ ଆସିବ ନାହିଁ । ଏହାକୁ ୨୦୪୬ ପରେ ତାଲିକାଭୁକ୍ତ କରାଯାଉ ।'

## ସାଉଦି-ପାକ୍ ସମ୍ପର୍କ କାରଣରୁ ଓପେକ୍‌ରୁ ଓହରିଲା ୟୁଏଇ

ନୂଆଦିଲ୍ଲୀ,୨୯ ।୪(ଏଜେନ୍ସି): ବିଶ୍ୱ ତୈଳ ବଜାରର ନିୟନ୍ତ୍ରକ ସଂସ୍ଥା 'ଓପେକ୍' (ଓପିଇସି) ସହ ଦୀର୍ଘ ଛଅ ଦଶନ୍ଧିର ସମ୍ପର୍କ ଛିନ୍ନ କରିଛି ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) । ଏହି ଐତିହାସିକ ନିଷ୍ପତ୍ତି ପଛରେ କେବଳ ଆର୍ଥିକ ସ୍ୱାର୍ଥ ନାହିଁ, ବରଂ ଗଭୀର ବିଶ୍ୱ ରାଜନୈତିକ ସମୀକରଣ ଏବଂ ସାଉଦି ଆରବ ସହ ବଢୁଥିବା ଶୀତଳ ଯୁଦ୍ଧ ମଧ୍ୟ ରହିଛି । ବିଶେଷ କରି ପାକିସ୍ତାନ ସହ ସୌଦି ଆରବର ନିବିଡ଼ତା ଏବଂ ଇରାନ ପ୍ରସଙ୍ଗରେ ଇସଲାମାବାଦର ଦ୍ୱିଧାପୂର୍ଣ୍ଣ ଆଭିମୁଖ୍ୟ ଆବୁଧାବିକୁ ଏହି ଚରମ ପଦକ୍ଷେପ ନେବାକୁ ବାଧ କରିଛି । ସଂଯୁକ୍ତ ଆରବ ଏମିରେଟ୍ସ ଏବଂ ସାଉଦି ଆରବ ମଧ୍ୟରେ ଥିବା ପାରମ୍ପରିକ ବନ୍ଧୁତାରେ ଏବେ ଫାଟ ସ୍ପଷ୍ଟ ଦୃଶ୍ୟମାନ ହେଉଛି । ତୈଳ ରପ୍ତାନି ଉପରେ 'ଓପେକ୍'ର କଟକଣା ଯୋଗୁଁ ୟୁଏଇ ନିଜର ପୂର୍ଣ୍ଣ କ୍ଷମତା ଅନୁଯାୟୀ ବ୍ୟବସାୟ କରିପାରୁନଥିଲା । ଏହି ସୀମାବଦ୍ଧତାରୁ ମୁକ୍ତି ପାଇବା ପାଇଁ ଆବୁଧାବି ଏହି ପଦକ୍ଷେପ ନେଇଛି । ଏଥିସହିତ, ପାକିସ୍ତାନର ଭୂମିକାକୁ ନେଇ ୟୁଏଇ ଅତ୍ୟନ୍ତ ଅସନ୍ତୁଷ୍ଟ । ଆମେରିକା ଏବଂ ଇରାନ ମଧ୍ୟରେ ମଧ୍ୟସ୍ଥତା କରିବା ସମୟରେ ପାକିସ୍ତାନ ଯେଉଁ ନରମ ଆଭିମୁଖ୍ୟ ଗ୍ରହଣ କଲା, ତାହା ୟୁଏଇ ପାଇଁ ଅସହ୍ୟ ହୋଇଛି । ଗଲ୍ଫ ଅଞ୍ଚଳରେ ଇରାନର ଆକ୍ରମଣକୁ ନେଇ ଇସଲାମାବାଦ କୌଣସି ଦୃଢ଼ ବିରୋଧ ପ୍ରଦର୍ଶନ ନକରିବା ୟୁଏଇକୁ ମର୍ମାହତ କରିଛି । ସେହିପରି ସାଉଦି ଆରବ ଏବଂ ପାକିସ୍ତାନ ମଧ୍ୟରେ ବଢୁଥିବା ସାମରିକ ସହଯୋଗକୁ ୟୁଏଇ ନିଜର ଆଞ୍ଚଳିକ ସ୍ୱାର୍ଥ ପ୍ରତି ଏକ ଆହ୍ୱାନ ଭାବେ ଗ୍ରହଣ କରିଛି । ଏହି କାରଣରୁ ନିକଟରେ ୟୁଏଇ ପାକିସ୍ତାନକୁ ଦେଇଥିବା ବିପୁଳ ପରିମାଣର ଜମା ଅର୍ଥ ଫେରସ୍ତ ମାଗି ସଙ୍କଟ ବଢ଼ାଇ ଦେଇଛି । ବିଶେଷଜ୍ଞଙ୍କ ମତରେ, ଆବୁଧାବି ଏବେ ଭାରତ ଭଳି ଦେଶ ସହ ଅଧିକ ଘନିଷ୍ଠ ସମ୍ପର୍କ ସ୍ଥାପନ କରିବାକୁ ଚାହୁଁଛି । ୟୁଏଇର ଏହି ନିଷ୍ପତ୍ତି ଫଳରେ ଆନ୍ତର୍ଜାତୀୟ ବଜାରରେ ତୈଳ ଯୋଗାଣ ବୃଦ୍ଧି ପାଇବ, ଯାହା ଭାରତ ପାଇଁ ଅର୍ଥନୈତିକ ଦୃଷ୍ଟିକୋଣରୁ ବରଦାନ ସଦୃଶ ହୋଇପାରେ । ୟୁଏଇର ଏହି ବହିଷ୍କାର ପଦକ୍ଷେପ କେବଳ ସାଉଦି ଆରବର ପ୍ରତିପତ୍ତିକୁ କ୍ଷୁର୍ଣ୍ଣ କରିନାହିଁ, ବରଂ ପାକିସ୍ତାନ ପାଇଁ ମଧ୍ୟ ଏକ ବଡ଼ ଚେତାବନୀ । ଆଗାମୀ ଦିନରେ ଏହି ଘଟଣାକ୍ରମ ପଶ୍ଚିମ ଏସିଆର ରାଜନୈତିକ ମାନଚିତ୍ରକୁ ବଦଳାଇ ଦେବାର ସମ୍ଭାବନା ରହିଛି । ଗୋଟିଏ ପଟେ ସାଉଦି-ପାକିସ୍ତାନ ମେଣ୍ଟ ଏବଂ ଅନ୍ୟପଟେ ୟୁଏଇର ସ୍ୱତନ୍ତ୍ର କୂଟନୀତି ମଧ୍ୟରେ ବିଶ୍ୱ ତୈଳ ଅର୍ଥନୀତି ଏବେ ଏକ ନୂତନ ମୋଡ଼ରେ ପହଞ୍ଚିଛି । ମୋଟାମୋଟି ଉପରେ ୟୁଏଇର ଏହି ନିଷ୍ପତ୍ତି ଭାରତ ପାଇଁ ଲାଭ ଦାୟକ ହୋଇପାରେ । ଭାରତ ପାଇଁ ତୈଳ ଆମଦାନୀ ଶସ୍ତା ହେବ, ଯାହା ଦେଶର ମୁଦ୍ରାସ୍ଫୀତି ନିୟନ୍ତ୍ରଣ କରିବାରେ ସହାୟକ ହେବ ।

# ଟ୍ରମ୍ପଙ୍କୁ ଭ୍ରମିତ କରୁଛନ୍ତି ପ୍ରତିରକ୍ଷା ମନ୍ତ୍ରୀ: ଜେଡି ଭାନ୍ସ

ୱାସିଂଟନ୍,୨୯ ।୪(ଏଜେନ୍ସି): ଇରାନ ସହ ଚାଲିଥିବା ୮ ସପ୍ତାହର ସାମରିକ ସଂଘର୍ଷ ମଧ୍ୟରେ ଆମେରିକା ପ୍ରଶାସନର ଆଭ୍ୟନ୍ତରୀଣ କଳହ ଏବେ ପଦାରେ ପଡ଼ିଛି । ଆମେରିକା ଉପରାଷ୍ଟ୍ରପତି ଜେଡି ଭାନ୍ସ କୁଆଡେ ଚିନ୍ତିତ ଅଛନ୍ତି ଯେ ପେଣ୍ଟାଗନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଇରାନ ଯୁଦ୍ଧ ବିଷୟରେ ସଠିକ୍ ତଥ୍ୟ ଦେଉନାହିଁ । ଏକ ରିପୋର୍ଟ ଅନୁଯାୟୀ, ପ୍ରତିରକ୍ଷା ସଚିବ ପିଟ୍ ହେଗସେଥ୍ ଏବଂ ଜଏଣ୍ଟ ଚିଫ୍ ଅଫ୍ ଷ୍ଟାଫ୍ ଜେନେରାଲ୍ ଡାନ କେନ୍ ଆଠ ସପ୍ତାହ ଧରି ଚାଲିଥିବା ଏହି ସଂଘର୍ଷରେ ଆମେରିକୀୟ ସେନାର ପ୍ରଦର୍ଶନକୁ ନେଇ ବହୁତ ପ୍ରଶଂସା କରୁଛନ୍ତି । ସେମାନଙ୍କ ଦାବି ଅନୁଯାୟୀ, ଆମେରିକା ଇରାନର ବାୟୁସେନା, ନୌସେନା ଏବଂ ପ୍ରତିରକ୍ଷା ଭିତ୍ତିଭୂମିକୁ ଶକ୍ତ ଧକ୍କା ଦେଇଛି ଏବଂ ଆମେରିକାର ଅସ୍ତ୍ରଶସ୍ତ୍ର ଭଣ୍ଡାର ଏବେ ମଧ୍ୟ ଭରପୂର ଅଛି । ତେବେ 'ଦି ଆଟଲାଣ୍ଟିକ'ର ରିପୋର୍ଟ ଅନୁଯାୟୀ, ଭାନ୍ସ ବନ୍ଦ କୋଠରୀ ବୈଠକରେ ଏହି ଦାବିଗୁଡ଼ିକର ସତ୍ୟତା ଉପରେ ବାରମ୍ବାର ପ୍ରଶ୍ନ ଉଠାଇଛନ୍ତି । ଟ୍ରମ୍ପଙ୍କ



ସାମ୍ନାରେ ଯୁଦ୍ଧର ଯେଉଁ ଅତିରଞ୍ଜିତ ଚିତ୍ର ଉପସ୍ଥାପନ କରାଯାଉଛି, ତାହା ପ୍ରକୃତରେ ସତ କି ନୁହେଁ ଏବଂ ଆମେରିକାର ମିସାଇଲ୍ ଭଣ୍ଡାର କମିଯାଉଥିବା କଥାକୁ ପେଣ୍ଟାଗନ ଲୁଚାଉଛି କି ବୋଲି ସେ ପ୍ରଶ୍ନ କରିଛନ୍ତି । ପ୍ରଶାସନର ବରିଷ୍ଠ ଅଧିକାରୀଙ୍କୁ ଉଦ୍ଧୃତ କରି ରିପୋର୍ଟରେ କୁହାଯାଇଛି ଯେ, ଉପରାଷ୍ଟ୍ରପତି ପେଣ୍ଟାଗନ ଦ୍ୱାରା ପ୍ରଦତ୍ତ ସୂଚନାର ସଠିକତା ଉପରେ ପ୍ରଶ୍ନ କରିଛନ୍ତି । ଯଦି ଅସ୍ତ୍ରଶସ୍ତ୍ର କମିଯାଏ, ତେବେ ଭବିଷ୍ୟତରେ ଚୀନ୍, ଉତ୍ତର କୋରିଆ କିମ୍ବା ରୁଷ ସହିତ କୌଣସି ସମ୍ଭାବ୍ୟ ସଂଘର୍ଷ ବେଳେ ଏହାର ପରିଣାମ ଭୟାବହ ହୋଇପାରେ ବୋଲି ସେ ଚିନ୍ତା ପ୍ରକଟ କରିଛନ୍ତି । ତେବେ ଭାନ୍ସ ଏହି ବିଷୟକୁ ବ୍ୟକ୍ତିଗତ ନ କରି ବରଂ ନିଜର ମତ ଭାବେ ଟ୍ରମ୍ପଙ୍କ ସାମ୍ନାରେ ରଖିଛନ୍ତି । ସର୍ବସାଧାରଣରେ ସେ ହେଗସେଥ୍‌ଙ୍କ କାମକୁ ପ୍ରଶଂସା କରିଛନ୍ତି, କିନ୍ତୁ ବ୍ୟକ୍ତିଗତ ଭାବେ ସେ ରଣନୈତିକ ଯୋଜନା ଉପରେ ଅନେକ ଗୁଢ଼ ପ୍ରଶ୍ନ ପଚାରୁଛନ୍ତି । କିଛି ଅଧିକାରୀଙ୍କ ମତରେ, ହେଗସେଥ୍ ହୁଏତ ରାଷ୍ଟ୍ରପତି ଯାହା ଶୁଣିବାକୁ ଚାହୁଁଛନ୍ତି, ସେଇଆ ହିଁ କହୁଛନ୍ତି । ହେଗସେଥ୍‌ଙ୍କ ଦାବି ଏବଂ ଆନ୍ତରିକ ଗୁପ୍ତଚର ରିପୋର୍ଟ ମଧ୍ୟରେ ଅନେକ ପାର୍ଥକ୍ୟ ଦେଖିବାକୁ ମିଳିଛି । ହେଗସେଥ୍ କହୁଛନ୍ତି ଯେ ଇରାନର ସେନା ଶେଷ ହୋଇଯାଇଛି, କିନ୍ତୁ ଆମେରିକାର ଅନୁସନ୍ଧାନ କହୁଛି ଯେ ଇରାନ ପାଖରେ ଏବେ ମଧ୍ୟ ତାର ବାୟୁସେନାର ଦୁଇ-ତୃତୀୟାଂଶ ଅଂଶ ଏବଂ କ୍ଷେପଣାସ୍ତ୍ର କ୍ଷମତା ସୁରକ୍ଷିତ ଅଛି ।

ସେହିପରି, 'ସେଣ୍ଟର ଫର ଷ୍ଟ୍ରାଟେଜିକ୍ ଆଣ୍ଡ ଇଣ୍ଟରନ୍ୟାସନାଲ ଷ୍ଟଡିଜ୍' (ସିଏସ୍ଆଇଏସ୍) କହିଛି ଯେ ଆମେରିକା ତାର ପ୍ରମୁଖ ଗୋଳାବାରୁଦର ଅଧାରୁ ଅଧିକ ବ୍ୟବହାର କରିସାରିଲାଣି । ଏହା ପ୍ରଥମ ଥର ନୁହେଁ, ପୂର୍ବରୁ ମଧ୍ୟ ଭାନ୍ସ ଇରାନ ବିରୁଦ୍ଧରେ ଯୁଦ୍ଧ କରିବା ନିଷ୍ପତ୍ତିକୁ ବିରୋଧ କରିଥିଲେ । ସେ କହିଥିଲେ ଯେ ଏହି ଯୁଦ୍ଧ ଯୋଗୁଁ ଅଞ୍ଚଳରେ ଅରାଜକତା ସୃଷ୍ଟି ହେବ । ଭାନ୍ସ ଅନୁଭବ କରୁଛନ୍ତି ଯେ ଇରାନ ସଂଘର୍ଷର ପରିଣାମ ଉପରେ ହିଁ ତାଙ୍କର ୨୦୨୮ ରାଷ୍ଟ୍ରପତି ନିର୍ବାଚନର ଭବିଷ୍ୟତ ନିର୍ଭର କରୁଛି । ସେ ପାକିସ୍ତାନର ଇସଲାମାବାଦରେ ହୋଇଥିବା ପ୍ରଥମ ପର୍ଯ୍ୟାୟ ଶାନ୍ତି ଆଲୋଚନାରେ ମଧ୍ୟ ମୁଖ୍ୟ ମଧ୍ୟସ୍ଥି ଥିଲେ ।

## ଇରାନକୁ ପରମାଣୁ ଅପ୍ରସାର ସଂସ୍ଥାର ଉପାଧ୍ୟକ୍ଷ କରାଯିବା ନେଇ ବିବାଦ

ନ୍ୟୁୟର୍କ,୨୯ ।୪(ଏଜେନ୍ସି): ଇରାନ ଏବଂ ଆମେରିକା ମଧ୍ୟରେ ପରମାଣୁ କାର୍ଯ୍ୟକ୍ରମକୁ ନେଇ ଯୁଦ୍ଧ ଭଳି ପରିସ୍ଥିତି ଲାଗି ରହିଥିବା ବେଳେ ଏକ ଗୁରୁତ୍ୱପୂର୍ଣ୍ଣ ଖବର ସାମ୍ନାକୁ ଆସିଛି । ଇରାନକୁ ପରମାଣୁ ଅପ୍ରସାର ସନ୍ଧି (ଏନ୍‌ପିଟି)ର ଉପାଧ୍ୟକ୍ଷ ଭାବେ ନିର୍ବାଚିତ କରାଯାଇଛି । ନ୍ୟୁୟର୍କରେ ଚାଲିଥିବା ଏନ୍‌ପିଟିର ୧୧ତମ ସମୀକ୍ଷା ସମ୍ମିଳନୀରେ ଏହି ନିଷ୍ପତ୍ତି ନିଆଯାଇଛି । ଏହି ସମ୍ମିଳନୀ ପ୍ରତି ୫ ବର୍ଷରେ ଥରେ ଅନୁଷ୍ଠିତ ହୁଏ । ସମ୍ମିଳନୀର ଅଧ୍ୟକ୍ଷ ତଥା ଭିଏତନାମର ରାଷ୍ଟ୍ରଦୂତ ଦୋ ହୁଙ୍ଗ ଭିଏତ କହିଛନ୍ତି ଯେ, 'ଗୋଷ୍ଠୀନିରପେକ୍ଷ ଦେଶଗୁଡିକର ଗୋଷ୍ଠୀ' ପକ୍ଷରୁ ଇରାନର ନାମ ପ୍ରସ୍ତାବ କରାଯାଇଥିଲା । ଏହି ଗୋଷ୍ଠୀରେ ଭାରତ ସମେତ ୧୦୦ରୁ ଅଧିକ ଦେଶ ସାମିଲ ଅଛନ୍ତି । ଆମେରିକୀୟ ଅଧିକାରୀ କ୍ରିଷ୍ଟୋଫର ୟୋ ଏହାକୁ ଏନ୍‌ପିଟି ପାଇଁ ଏକ ଅପମାନ ବୋଲି କହିଛନ୍ତି । ତାଙ୍କ ମତରେ, ଇରାନ ଦୀର୍ଘ ଦିନରୁ ପରମାଣୁ ଅସ୍ତ୍ର ତିଆରି କରିବାକୁ ଚେଷ୍ଟା କରୁଛି,

**ଆମେରିକା କହିଲା- ଏହା ସଂଗଠନର ଅପମାନ**
**ଇରାନର ଜବାବ- ଆମକୁ ଶିକ୍ଷା ଦିଅ ନାହିଁ**

ତେଣୁ ତାକୁ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ପଦବୀ ଦେବା ଉଚିତ୍ ନୁହେଁ । ଅନ୍ୟପକ୍ଷରେ ଇରାନ ଏହି ଅଭିଯୋଗକୁ ଖାରଜ କରିଦେଇଛି । ଇରାନ କହିଛି ଯେ, ଆମେରିକା ନିଜେ ପରମାଣୁ ଅସ୍ତ୍ର ବ୍ୟବହାର କରିସାରିଛି ଏବଂ କ୍ରମାଗତ ଭାବେ ନିଜର ଅସ୍ତ୍ରଶସ୍ତ୍ର ବଢ଼ାଉଛି, ତେଣୁ ଅନ୍ୟକୁ ଶିକ୍ଷା ଦେବାର ଅଧିକାର ତା'ର ନାହିଁ । ପରମାଣୁ ଅପ୍ରସାର ସନ୍ଧି ୧୯୭୦ ମସିହାରୁ ଲାଗୁ ହୋଇଥିଲା । ଏହା ବିଶ୍ୱରେ ପରମାଣୁ ଅସ୍ତ୍ରର ପ୍ରସାରକୁ ରୋକିବା ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବ୍ୟବସ୍ଥା । ଏହି ସନ୍ଧିର ମୁଖ୍ୟ ସର୍ତ୍ତ ହେଉଛି- ଯେଉଁ ଦେଶମାନଙ୍କ ପାଖରେ ପରମାଣୁ ଅସ୍ତ୍ର ନାହିଁ, ସେମାନେ ଏହା ତିଆରି କରିବେ ନାହିଁ । ଯେଉଁମାନଙ୍କ ପାଖରେ ଅଛି, ସେମାନେ ଧୀରେଧୀରେ ଏହାକୁ ଶେଷ କରିବେ । ଏହା ବଦଳରେ ସମସ୍ତ ଦେଶକୁ ଶାନ୍ତିପୂର୍ଣ୍ଣ କାର୍ଯ୍ୟ ପାଇଁ ପରମାଣୁ ପ୍ରଯୁକ୍ତି ବ୍ୟବହାର କରିବାର ଅଧିକାର ମିଳିବ । ବର୍ତ୍ତମାନ ଜାତିସଂଘର ୧୯୫ଟି ଦେଶ ମଧ୍ୟରୁ ୧୯୧ଟି ଏହି ସନ୍ଧିର ଅଂଶବିଶେଷ । ଭାରତ, ପାକିସ୍ତାନ, ଇସ୍ରାଏଲ ଏବଂ ଦକ୍ଷିଣ ସୁଦାନ ଏଥିରେ ସାମିଲ ନାହାନ୍ତି ।

# ପଶ୍ଚିମବଙ୍ଗ: ଦ୍ୱିତୀୟ ପର୍ଯ୍ୟାୟ ମତଦାନ ବେଳେ ବ୍ୟାପକ ହିଂସା

କୋଲକାତା,୨୮ ।୪(ଏଜେନ୍ସି): ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନର ଦ୍ୱିତୀୟ ତଥା ଅନ୍ତିମ ପର୍ଯ୍ୟାୟ ମତଦାନ ଆଜି ଶେଷ ହୋଇଛି । ୧୪୨ଟି ଆସନ ପାଇଁ ଅନୁଷ୍ଠିତ ଏହି ନିର୍ବାଚନରେ ରେକର୍ଡ ୯୧.୬୬% ମତଦାନ ହୋଇଥିବା ବେଳେ ରାଜ୍ୟର ବିଭିନ୍ନ ସ୍ଥାନରୁ ହିଂସା ଓ ଗଣ୍ଡଗୋଳର ଖବର ସାମ୍ନାକୁ ଆସିଛି । ଉତ୍ତର ୨୪ ପ୍ରଗଣା ଜିଲ୍ଲାର ବୁଥ୍ ନମ୍ବର ୧୨୦୦ରେ ତୃଣମୂଳ କଂଗ୍ରେସ (ଟିଏମସି) ଏବଂ ବିଜେପି କର୍ମୀଙ୍କ ମଧ୍ୟରେ ପ୍ରବଳ ସଂଘର୍ଷ ଘଟିଛି ।

- ■ ରେକର୍ଡ ଭାଙ୍ଗିଲେ ବେଙ୍ଗଲ ଭୋଟର
- ■ ଦ୍ୱିତୀୟ ପର୍ଯ୍ୟାୟରେ ୯୧.୬୬% ଭୋଟ୍
- ■ ମୋଟ୍ ଭୋଟ୍ ହାର ୯୨.୪୭%

ଏହି ହିଂସା ପରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି । ସେହିଭଳି ଦକ୍ଷିଣ ୨୪ ପ୍ରଗଣାରେ ବିଜେପି ପ୍ରାର୍ଥୀ ବିକାଶ ସର୍ଦ୍ଦାରଙ୍କ ଗାଡ଼ି ଉପରକୁ ଆକ୍ରମଣ କରାଯାଇ କାଚ ଭଙ୍ଗାରୁଜା କରାଯାଇଥିବା ଅଭିଯୋଗ ହୋଇଛି ।

ଅନ୍ୟପକ୍ଷରେ ଟିଏମସି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କେନ୍ଦ୍ରୀୟ ସୁରକ୍ଷା ବଳ (ସିଆରପିଏଫ୍) ଉପରେ ବର୍ଷିଛନ୍ତି । ସେ ଅଭିଯୋଗ କରିଛନ୍ତି ଯେ, ସିଆରପିଏଫ୍ ନିରପେକ୍ଷ ଭାବେ କାର୍ଯ୍ୟ ନକରି କେବଳ ବିଜେପିକୁ ସୁରକ୍ଷା ଦେଉଛି । ମତଦାନ କେନ୍ଦ୍ରଗୁଡ଼ିକରେ ରାଜ୍ୟ ପୋଲିସର



ଉପସ୍ଥିତି ନାହିଁ ଏବଂ କେନ୍ଦ୍ରୀୟ ବାହିନୀ ସାଧାରଣ ଭୋଟର ତଥା ମହିଳାମାନଙ୍କୁ ଦୁର୍ବ୍ୟବହାର କରୁଥିବା ସେ ଅଭିଯୋଗ କରିଛନ୍ତି । ଅନେକ ଅଞ୍ଚଳରେ କେନ୍ଦ୍ରୀୟ ଯବାନ ଭୋଟରମାନଙ୍କୁ ଲାଠିମାଡ଼ କରିଛନ୍ତି ।

ଡାଇମଣ୍ଡ ହାର୍ବରର ଫାଲ୍ଟା ଅଞ୍ଚଳରେ ଇଭିଏମ୍ ମେସିନରେ ବିଜେପି ବଟନ୍ ଉପରେ ଟେପ୍ ଲଗାଯାଇଥିବା ବିଜେପି ଅଭିଯୋଗ କରିଛି । ପାନିହାଟୀର ଏକ ବୁଥ୍‌ରେ ବିଜେପି ବଟନ୍ ଉପରେ କଳା କାଳି ଲଗାଯାଇଥିବା ଦେଖିବାକୁ ମିଳିଥିଲା, ଯାହାକୁ ପରେ ସାନିଟାଇଜର ବ୍ୟବହାର କରି ସଫା କରାଯାଇଥିଲା । ନିର୍ବାଚନ କମିସନ ଏହି ଅଭିଯୋଗ ଉପରେ କହିଛନ୍ତି ଯେ, ଯଦି ତଥ୍ୟ ସତ୍ୟ ପ୍ରମାଣିତ ହୁଏ, ତେବେ ସମ୍ପୃକ୍ତ ବୁଥ୍‌ରେ ପୁନଃ-ମତଦାନ କରାଯିବ । ଅନ୍ୟପକ୍ଷରେ, ଭବାନୀପୁର ଆସନରେ ମମତା ବାନାର୍ଜୀଙ୍କ ବିରୋଧରେ ଲଢୁଥିବା ଶୁଭେନ୍ଦୁ ଅଧିକାରୀଙ୍କୁ ଟିଏମସି ସମର୍ଥକମାନେ ଘେରିଯାଇଥିଲେ । ପାନିହାଟୀରେ ଆରଜି କର ପୀଡ଼ିତାଙ୍କ ମାଆ ତଥା ବିଜେପି ପ୍ରାର୍ଥୀ ରତ୍ନା ଦେବନାଥଙ୍କୁ ମଧ୍ୟ ଆକ୍ରମଣ କରାଯାଇଥିବା ଖବର ମିଳିଛି । ବିଜେପି ନେତାମାନେ ଅଭିଯୋଗ କରିଛନ୍ତି ଯେ, ଶୁଭେନ୍ଦୁ ଅଧିକାରୀ, ବିକାଶ ସର୍ଦ୍ଦାରଙ୍କ ଭଳି ନେତାଙ୍କୁ ମଧ୍ୟ ଆକ୍ରମଣ କରାଯିବା ସହ ସେମାନଙ୍କ ଗାଡ଼ି ଭଙ୍ଗାରୁଜା କରାଯାଇଛି । ବ୍ୟାପକ ସୁରକ୍ଷା ସତ୍ତ୍ୱେ ପଶ୍ଚିମବଙ୍ଗର ଏହି ଶେଷ ପର୍ଯ୍ୟାୟ ନିର୍ବାଚନ ରକ୍ତାକ୍ତ ସଂଘର୍ଷ ଏବଂ ଅଭିଯୋଗ-ପ୍ରତିଅଭିଯୋଗ ମଧ୍ୟରେ ଶେଷ ହୋଇଛି ।

ଆଜି ସନ୍ଧ୍ୟାରେ ନିର୍ବାଚନ କମିସନ ପକ୍ଷରୁ ଜାରି ବିବୃତିରେ କୁହାଯାଇଛି ଯେ ପ୍ରଥମ ପର୍ଯ୍ୟାୟରେ ୯୩.୧୯ ପ୍ରତିଶତ ମତଦାନ ହୋଇଥିବା ବେଳେ ଆଜି ଦ୍ୱିତୀୟ ପର୍ଯ୍ୟାୟରେ ୯୧.୬୬ ପ୍ରତିଶତ ମତଦାନ ହୋଇଛି । ରାଜ୍ୟରେ ଚଳିତ ନିର୍ବାଚନରେ ମୋଟାମୋଟି ଭାବେ ୯୨.୪୭ ପ୍ରତିଶତ ମତଦାନ ହୋଇଛି ଏବଂ ଏହା ଏକ ରେକର୍ଡ । ଭାରତ ସ୍ୱାଧୀନ ହେବା ଦିନ ଠାରୁ ପଶ୍ଚିମ ବଙ୍ଗରେ କେବେହେଲେ ଏତେ ପ୍ରତିଶତ ମତଦାନ ହୋଇନଥିଲା ।



## ଶ୍ରୀଲଙ୍କା ବିମାନବନ୍ଦରରେ ୨୨ ବୌଦ୍ଧ ଭିକ୍ଷୁ ଗିରଫ

**ସୁଟ୍‌କେସରୁ ମିଳିଲା ୧୧୦ କିଲୋରୁ ଅଧିକ ଗଞ୍ଜେଇ**

କଲୋମ୍ବୋ,୨୯ ।୪(ଏଜେନ୍ସି): ଶ୍ରୀଲଙ୍କାର ଭଣ୍ଡାରନାୟକେ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ଶୁଳ୍କ ବିଭାଗ ଏବଂ ପୁଲିସ ଏକ ବଡ଼ ଧରଣର ସଫଳତା ପାଇଛି । ପ୍ରାୟ ୧୧୦ କିଲୋଗ୍ରାମରୁ ଅଧିକ ଗଞ୍ଜେଇ ରଖିଥିବା ଅଭିଯୋଗରେ ୨୨ ଜଣ ବୌଦ୍ଧ ଭିକ୍ଷୁଙ୍କୁ ଗିରଫ କରାଯାଇଛି । ବିମାନ ବନ୍ଦର ଇତିହାସରେ ଏହା ଏପର୍ଯ୍ୟନ୍ତର ସବୁଠାରୁ ବଡ଼ ଧରଣର ମାଦକ ଦ୍ରବ୍ୟ ଜବତ ଘଟଣା ବୋଲି କୁହାଯାଉଛି । ସରକାରୀ ଗଣମାଧ୍ୟମର ସୂଚନା ଅନୁଯାୟୀ, ଏହି ସମସ୍ତ ଭିକ୍ଷୁ ଥାଇଲ୍ୟାଣ୍ଡରୁ ଫେରୁଥିଲେ । ଗୁପ୍ତଚର ସୂଚନା ଆଧାରରେ ଯେତେବେଳେ ସେମାନଙ୍କୁ ଯାଞ୍ଚ କରାଗଲା, ଅଧିକାରୀମାନେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ । ପ୍ରତ୍ୟେକ ଭିକ୍ଷୁଙ୍କ ସୁଟକେସ୍ ଭିତରେ ଏକ ଗୁପ୍ତ ସ୍ଥାନ ତିଆରି କରାଯାଇଥିଲା । ପ୍ରତି ସୁଟକେସରୁ ପ୍ରାୟ ୫ କିଲୋରୁ ଅଧିକ ଗଞ୍ଜେଇ ଜବତ କରାଯାଇଛି । ଜବତ ହୋଇଥିବା ଏହି ଗଞ୍ଜେଇର ଆନ୍ତର୍ଜାତୀୟ ବଜାର ମୂଲ୍ୟ ପ୍ରାୟ ୩୪.୫ ଲକ୍ଷ ଡଲାର, ଯାହାକି ଶ୍ରୀଲଙ୍କା ମୁଦ୍ରାରେ ୧.୧ ବିଲିୟନ ଟଙ୍କାରୁ ଅଧିକ ହେବ । ଶ୍ରୀଲଙ୍କା ପୁଲିସର ନାର୍କୋଟିକ୍ସ ବ୍ୟୁରୋ ବର୍ତ୍ତମାନ ଏହି ଘଟଣାର ତଦନ୍ତ କରୁଛି । ଏହି ଘଟଣା ସହ ଦେଶର କୌଣସି ବଡ଼ ଡ୍ରଗ୍ସ ଗ୍ୟାଙ୍ଗର ସମ୍ପର୍କ ଅଛି କି ନାହିଁ, ତାହା ଯାଞ୍ଚ କରାଯାଉଛି । ସ୍ଥାନୀୟ ଗଣମାଧ୍ୟମ ଅନୁଯାୟୀ, ବୌଦ୍ଧ ଭିକ୍ଷୁମାନେ ଏଭଳି ବେଆଇନ କାର୍ଯ୍ୟରେ ସାମିଲ ହେବା ଏହା ପ୍ରଥମ ଘଟଣା, ଯାହା ସାରା ଦେଶରେ ଚର୍ଚ୍ଚାର ବିଷୟ ପାଲଟିଛି ।

## ଆମେରିକା ପାସପୋର୍ଟରେ ଟ୍ରମ୍ପଙ୍କ ଫଟୋ




ୱାସିଂଟନ,୨୯ ।୪(ଏଜେନ୍ସି): ଆମେରିକା ନିଜ ସ୍ୱାଧୀନତାର ଅଢେଇ ଶହ ବର୍ଷ ପୂରଣ କରିବାକୁ ଯାଉଛି । ଏହି ଅବସରକୁ ସ୍ମରଣୀୟ କରିବା ପାଇଁ ଆମେରିକା ବୈଦେଶିକ ବିଭାଗ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଛବି ଥିବା ଏକ ନୂଆ ଡିଜାଇନର ପାସପୋର୍ଟ ପ୍ରଚଳନ କରିବାକୁ ନିଷ୍ପତ୍ତି ନେଇଛି । ଏହାର ମୁଖ୍ୟ ବୈଶିଷ୍ଟ୍ୟଗୁଡ଼ିକ ହେଲା- ପାସପୋର୍ଟର ଭିତର ପୃଷ୍ଠାରେ ରାଷ୍ଟ୍ରପତି ଟ୍ରମ୍ପଙ୍କ ଫଟୋ ସହ ସୁନେଲି ରଙ୍ଗରେ ତାଙ୍କର ସ୍ୱାକ୍ଷର ରହିବ ।

## ଲେଖାଗତ ତ୍ରୁଟି ଯୋଗୁଁ ହନିମୁନ୍ ହତ୍ୟା ଅଭିଯୁକ୍ତଙ୍କୁ ଜାମିନ

ଶିଲଂ,୨୯ ।୪(ଏଜେନ୍ସି): ନିଜ ସ୍ୱାମୀଙ୍କୁ ହନିମୁନ ସମୟରେ ହତ୍ୟା କରିଥିବା ଅଭିଯୋଗରେ ଗିରଫ ହୋଇଥିବା ସୋନମ ରଘୁବଂଶୀଙ୍କୁ ଶେଷରେ ଜାମିନ ମିଳିଛି । ମେଘାଳୟର ପୂର୍ବ ଖାସି ହିଲ୍ସ ଜିଲ୍ଲା ଅଦାଲତ ଏହି ନିଷ୍ପତ୍ତି ଶୁଣାଇଛନ୍ତି । ଆଶ୍ଚର୍ଯ୍ୟଜନକ ଭାବେ, ଏକ ଭୟଙ୍କର ହତ୍ୟା ମାମଲାରେ ଜଡ଼ିତ ଥାଇ ମଧ୍ୟ ପୁଲିସର ଏକ ସାମାନ୍ୟ ଲିଖନଗତ ତ୍ରୁଟି କାରଣରୁ ସୋନମଙ୍କୁ ଏହି ଆଇନଗତ ଆଶ୍ୱସ୍ତି ମିଳିଛି ।

୨୦୨୫ ମସିହାରେ ଇନ୍ଦୋରର ବ୍ୟବସାୟୀ ରାଜା ରଘୁବଂଶୀଙ୍କୁ ତାଙ୍କ ବିବାହର କିଛି ଦିନ ପରେ ମେଘାଳୟ ବୁଲିବାକୁ ଯାଇଥିବା ସମୟରେ ହତ୍ୟା କରାଯାଇଥିଲା । ପୁଲିସ ଅଭିଯୋଗ ଅନୁଯାୟୀ, ସୋନମ ନିଜ ପ୍ରେମିକ ସହ ମିଶି ଏହି ହତ୍ୟାକାଣ୍ଡର ଷଡ଼ଯନ୍ତ୍ର ରଚିଥିଲେ । ମାତ୍ର ମାମଲାର ଶୁଣାଣି ସମୟରେ ଅଦାଲତ ଲକ୍ଷ୍ୟ କରିଥିଲେ ଯେ, ପୁଲିସ ଦ୍ୱାରା ପ୍ରସ୍ତୁତ ଗିରଫଦାରୀ ଦଲିଲରେ ଭାରତୀୟ ନ୍ୟାୟ ସଂହିତାର ଏକ ଅସ୍ତିତ୍ୱହୀନ ଧାରା ୪୦୩ (୧) ର ଉଲ୍ଲେଖ କରାଯାଇଛି । ହତ୍ୟା ମାମଲା ପାଇଁ ସଠିକ୍ ଧାରା ଲାଗୁ ହେବା କଥା, ମାତ୍ର ଗିରଫ ସମୟରେ ଅଭିଯୁକ୍ତଙ୍କୁ ଉପଯୁକ୍ତ ଆଇନଗତ ଆଧାର ସମ୍ପର୍କରେ ସୂଚନା ଦିଆଯାଇ ନଥିଲା । ଅଦାଲତ କହିଛନ୍ତି ଯେ, କୌଣସି ବ୍ୟକ୍ତିଙ୍କୁ ଗିରଫ କରିବା ପୂର୍ବରୁ ତାଙ୍କୁ ସଠିକ୍ ଧାରା ସମ୍ପର୍କରେ ଜଣାଇବା ଏକ ମୌଳିକ ଅଧିକାର । ପୁଲିସର ଏହି ବଡ଼ ଧରଣର ଭୁଲ୍ ଯୋଗୁଁ ସୋନମଙ୍କ ପୂର୍ବ ତିନୋଟି ଜାମିନ ଆବେଦନ ଖାରଜ ହେବା ପରେ ଏଥର ସେ ମୁକ୍ତ ହୋଇଛନ୍ତି । ତେବେ ଅଦାଲତ କିଛି ସର୍ତ୍ତ ମଧ୍ୟ ରଖିଛନ୍ତି, ଯେପରିକି ସେ ପ୍ରମାଣ ନଷ୍ଟ କରିପାରିବେ ନାହିଁ ଏବଂ ଅଦାଲତର ବିନା ଅନୁମତିରେ ଅଞ୍ଚଳ ଛାଡ଼ି ଯାଇପାରିବେ ନାହିଁ । ରାଜା ରଘୁବଂଶୀ ଏବଂ ସୋନମଙ୍କ ବିବାହ ୧୧ ମଇ, ୨୦୨୫ରେ ଅନୁଷ୍ଠିତ ହୋଇଥିଲା । ବୁଲିବାକୁ ଯାଇଥିବା ସମୟରେ ୨ ଜୁନରେ ରାଜାଙ୍କ ମୃତଦେହ ଏକ ଗଭୀର ଗର୍ତ୍ତରୁ ଉଦ୍ଧାର କରାଯାଇଥିଲା । ସୋନମ ଏବଂ ତାଙ୍କ ପ୍ରେମିକଙ୍କ ବ୍ୟତୀତ ଅନ୍ୟ ତିନିଜଣ ଭଡ଼ାଟିଆ ଅପରାଧୀ ଏହି ହତ୍ୟାକାଣ୍ଡରେ ସାମିଲ ଥିଲେ, ଯେଉଁମାନେ ଏବେ ମଧ୍ୟ କାରାଗାରରେ ରହିଛନ୍ତି ।

## ରଥଖଳାରୁ...

# ଆଜି ଗୁଜ ଅନୁକୂଳ; ଖୋଲାଯିବ ଯନ୍ତା ଗାଡ଼

ପୁରୀ,୨୯।୪(ସମିସ): ରଥଖଳାରେ ରଥ ନିର୍ମାଣ ଜୋର୍ ଧରିଛି। ପ୍ରଥମେ ତୁମ୍ବ ତିଆରି କରାଯାଉଥିବାବେଳେ ଏଥିରେ ବିନ୍ଧ ଶେଷ ହୋଇଛି। ଏହାପରେ ତିନିରଥର ୪୨ଟି (ନନ୍ଦିଘୋଷ ୧୬, ତାଳଧ୍ୱଜ ୧୪ ଓ ଦର୍ପଦଳନ ୧୨) ତୁମ୍ବର ୧୬ ଯୋଡ଼ା ବିନ୍ଧର ପରଖ (ବିନ୍ଧରେ ଅର ସଂଯୋଗ ପୂର୍ବରୁ ନିହାଣ ମାରି ବିନ୍ଧ ସାଇଜ) କାର୍ଯ୍ୟ ଶେଷ କରିଛନ୍ତି। ଏଥିସହ ଚତୁର୍ଦ୍ଦଶୀ। ବିଧି ମୁତାବକ ଏହିଦିନ ରଥଖଳାରେ କୋଣଗୁଜ ଅନୁକୂଳ କରାଯିବ। ଏଥିସହ ଅରକଟା ଅନୁକୂଳ, ଅର ଭୁଞ୍ଜା ଅନୁକୂଳ ଏବଂ ଯନ୍ତା ପଟାରେ ବିନ୍ଧ ଅନୁକୂଳ ପୂଜା ତିନି ରଥର ମୁଖ୍ୟ ମହାରଣା ସେବକମାନଙ୍କ ଦ୍ୱାରା ପରମ୍ପରା ପ୍ରକାରେ ଅନୁଷ୍ଠିତ ହେବ। ସେଥିପାଇଁ ବୁଧବାର ରଥ ଅମିନ ଲକ୍ଷ୍ମଣ ମହାପାତ୍ର ଭୋଇ ସେବକଙ୍କ ସହାୟତାରେ ତିନି



ରଥ ଚାଳିକୁ ଗୁଜ, କୁଡୁକା ଏବଂ ଜଳ ଯନ୍ତ୍ର ନିର୍ମାଣ ପାଇଁ ପ୍ରଥମ ଦଫାରେ ୮ଟି ଲେଖାଏଁ ୧୨ ଫୁଟିଆ ଧଉରା ଏବଂ ଅସନ କାଠ ଯୋଗାଇଛନ୍ତି। ଅନ୍ୟପକ୍ଷରେ ନୃସିଂହ ଚତୁର୍ଦ୍ଦଶୀରେ ପ୍ରଥମ କରି ରୂପକାର ସେବକମାନେ ରଥଖଳାକୁ ପ୍ରବେଶ କରିବେ। ସମର୍ପଣ ମନୋଭାବ ପୂର୍ବକ ମହାପ୍ରଭୁଙ୍କ ସେବାରେ ଲାଗିବେ। ଏଥିପାଇଁ ସମସ୍ତ ପ୍ରସ୍ତୁତ ଶେଷ ହୋଇଛି।

ତୁମ୍ବଗୁଡ଼ିକରେ ଅରକଣ୍ଟା ବାଡ଼ିଆ ପାଇଁ ଅଗର ବିନ୍ଧ କାର୍ଯ୍ୟ ମଧ୍ୟ ଶେଷ ହୋଇଛି। ବୁଧବାର ତିନିରଥର ମହାରଣା ସେବକମାନେ ତୁମ୍ବଗୁଡ଼ିକରେ ଅଖ ସଂଯୋଗ ପାଇଁ ପନ୍ଦାରି ଗାଡ଼ (ତୁମ୍ବର ଉଭୟ ପାର୍ଶ୍ୱ ମଧ୍ୟ ଭାଗରେ ପନ୍ଦାରି ବଳା ବସିବା ପାଇଁ ନିହାଣରେ ହାଣି ଗୋଲାକାର ଗାଡ଼ ନିର୍ମାଣ କରୁଛନ୍ତି ଯେପରି ବିନା ବାଧାରେ ଅଖଗୁଡ଼ିକ ପଶି ରହିପାରିବ) ଖୋଦେଇ କାର୍ଯ୍ୟ ଜାରି ରଖିଛନ୍ତି। ଗୁରୁବାର ପବିତ୍ର ନୃସିଂହ ସେହିପରି ଗୁରୁବାର ଯନ୍ତାଗାଡ଼ ମଧ୍ୟ ଖୋଲାଯିବ। ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ସମ୍ମୁଖରେ ପୋତା ଯାଇଥିବା ଏହି ଗାଡ଼କୁ ଭୋଇ ସେବକମାନେ ଖୋଲିବେ। ଅନ୍ୟପକ୍ଷରେ ଦୋଳବେଦୀ ପରିସର ଅସ୍ଥାୟୀ କମାର ଶାଳରେ କମାର ସେବକ ତିନି ରଥର ୧ ନମ୍ବର ଚକ ଏବଂ ୨ ନମ୍ବର ଚକଗୁଡ଼ିକର ତୁମ୍ବ ପାଇଁ ପନ୍ଦାରି ବଳା ନିର୍ମାଣ ଶେଷ କରି ଏହାର ମଠା କାର୍ଯ୍ୟ ସହ ଅରକଣ୍ଟା ନିର୍ମାଣ ଜାରି ରଖିଛନ୍ତି।

# ସେବାୟତଙ୍କ ଜିଦ୍ ଆଗରେ ଅସହାୟ ଅଧିକାରୀ

ପୁରୀ,୨୯।୪(ସମିସ): ସେବାୟତଙ୍କ ଜିଦ୍ ଆଗରେ ଅସହାୟ ଅଧିକାରୀ। ବାରମ୍ବାର ମହାପ୍ରଭୁଙ୍କ ନୀତିକାନ୍ତିରେ ବିଶୃଙ୍ଖଳା ଓ ବିଭ୍ରାଟ ହେଉଛି। ବିଶୃଙ୍ଖଳାକାରୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାରୁ ସେମାନଙ୍କ ସାହସ ବଢୁଛି। ସମ୍ପୃକ୍ତ ସେବାୟତଙ୍କ ମନମାନୀ ଯୋଗୁଁ ବିଭିନ୍ନ ସମୟରେ ଠାକୁରଙ୍କ ନୀତିକାନ୍ତିରେ ବିଭ୍ରାଟ ହେଉଛି। ସେବାୟତଙ୍କ ମଧ୍ୟରେ ବିବାଦ ଏବଂ ନିଜ ନିଜର ଜିଦ୍‌ରେ ଅଟଳ ରହିବା ଯୋଗୁଁ ଅନେକଥର ଶ୍ରୀମନ୍ଦିରରେ ଠାକୁରଙ୍କ ନୀତି ବନ୍ଦ କରିଦେବାର ନଜିର ରହିଛି। ଏବେ ସେବାୟତଙ୍କ ମଧ୍ୟରେ ବିବାଦ ଯୋଗୁଁ ମହାପ୍ରଭୁଙ୍କ ଚାପକୁ ବି ଅଟକାଇ ଦିଆଯାଇଛି। ମଙ୍ଗଳବାର ରାତିରେ ଚାପ ନ ଖେଳି ଶ୍ରୀମନ୍ଦିର ଫେରିଥିଲେ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ଓ ଶ୍ରୀକ୍ଷେତ୍ରର ପଞ୍ଚ ମହାଦେବ। ଏହାକୁ ନେଇ ଭକ୍ତ, ସେବାୟତଙ୍କ ମଧ୍ୟର ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

ଅକ୍ଷୟ ତୃତୀୟାରୁ ଆରମ୍ଭ ହୋଇଛି ବାହାର ଚନ୍ଦନ ଯାତ୍ରା। ଶ୍ରୀକ୍ଷେତ୍ର ପଞ୍ଚମହାଦେବ (ପଞ୍ଚପାଣ୍ଡବ)ଙ୍କ ସହ ମିଶି ପବିତ୍ର ନରେନ୍ଦ୍ର ପୁଷ୍କରିଣୀରେ ଜଳକ୍ରୀଡ଼ା କରୁଛନ୍ତି ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା। ୨୧ ଦିନ ଧରି ନରେନ୍ଦ୍ରରେ ଦିନ ଓ ରାତି ଚାପ ହେଉଛି। ଚନ୍ଦନ ଯାତ୍ରାର ନବମ ଦିନରେ ଅର୍ଥାତ୍ ମଙ୍ଗଳବାର ଘଟିଥିଲା ବଡ଼ ବିଭ୍ରାଟ। ଚାପ ନ ଖେଳି ଫେରିଥିଲେ ମଦନ ମୋହନ, ଶ୍ରୀଦେବୀ, ଭୂଦେବୀ ଓ ରାମକୃଷ୍ଣଙ୍କ ସମେତ ପଞ୍ଚପାଣ୍ଡବ। କାଳବୈଶାଖୀ ଯୋଗୁଁ ଦିନ ଚାପରେ କେବଳ ବିଧି ରକ୍ଷା କରାଯାଇଥିଲା। କିନ୍ତୁ ଚାପ ଖେଳ ହୋଇ ନ ଥିଲା। ରାତ୍ରୀ ଚାପକୁ ଦେଖିବା ଲାଗି ଅପେକ୍ଷାରତ ଶ୍ରଦ୍ଧାଳୁଙ୍କୁ କିନ୍ତୁ ନିରାଶ ହେବାକୁ ପଡ଼ିଥିଲା। ଚାପ ଡଙ୍ଗାରେ କେତେ ସଂଖ୍ୟକ ସେବକ ରହିବେ, ତାକୁ ନେଇ ସିଂହାରୀ ଓ ଶୁଦ୍ଧ ସୁଆର ନିଯୋଗ ମଧ୍ୟରେ ବିବାଦ ଉପୁଜିଥିଲା। ଗୋଟିଏ ନିଯୋଗ ସଦସ୍ୟ ଅନ୍ୟ ନିଯୋଗ ସଦସ୍ୟଙ୍କୁ ଚାପରେ ଚଢ଼ିବାକୁ ବାରଣ କରିଥିଲେ। ରାତ୍ରି ୯ଟାରୁ ବିଜେ କାହାଳୀ ବାଜିଥିଲା, ଗୋଟିଏ ଚାପ ଆହୁଲା ମାରି

## ■ ଶ୍ରୀମନ୍ଦିରରେ ନୀତି ବନ୍ଦ କରୁଥିଲେ
## ■ ନରେନ୍ଦ୍ରରେ ଚାପ ବି ଅଟକାଇ ଦେଲେ

ଆଗକୁ ଯାଇଥିଲା। ହେଲେ ବିବାଦ ଯୋଗୁଁ ଚାପ ଅଟକାଇଥିଲେ ସେବକ। ଖବର ପାଇ ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ତଥା ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ପହଞ୍ଚି ସମାଧାନ ପାଇଁ ଚେଷ୍ଟା କରିଥିଲେ। କିନ୍ତୁ ସମାଧାନ ହୋଇପାରି ନ ଥିଲା। ଉଭୟ ସେବାୟତ ନିଯୋଗ ନିଜ ନିଜର ଜିଦ୍‌ରେ ଅଟଳ ରହିଥିଲେ। ପ୍ରାୟ ସାଢ଼େ ୩ ଘଣ୍ଟା ପ୍ରତୀକ୍ଷା ପରେ ବି ସମାଧାନ ନ ହେବା ଏବଂ ପବନ ବେଗ ଓ ବର୍ଷାକୁ ନଜରରେ ରଖି ଚାପ ଖେଳ ବନ୍ଦ ରହିଥିଲା। ଏହାପରେ ଠାକୁର ଶ୍ରୀମନ୍ଦିର ବାହୁଡ଼ି ଯାଇଥିଲେ। ଚାପ ଦେଖିବାକୁ ଆସିଥିବା ହଜାର ହଜାର ଶ୍ରଦ୍ଧାଳୁ ନିରାଶ ହୋଇ ଫେରିଥିଲେ। ସେବାୟତ ଓ ମନ୍ଦିର ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେଉ ନ ଥିବା ଅନେକ ଅଭିଯୋଗ କରିଛନ୍ତି। ଭକ୍ତ କହିଛନ୍ତି, "ଠାକୁରଙ୍କ ନୀତିକୁ ନେଇ ସେବାୟତଙ୍କ ବ୍ୟକ୍ତିଗତ ସ୍ୱାର୍ଥ ଓ ଅହଂକାର ଯୋଗୁଁ କୋଟି କୋଟି ଭକ୍ତଙ୍କ ଭାବାବେଗକୁ ଆଘାତ ଲାଗୁଛି। ଅନ୍ୟପକ୍ଷରେ ରାତି ୧ଟା ୨୫ରେ ଠାକୁର ବାହୁଡ଼ିବା ଓ ସାଢ଼େ ୩ଟାରେ ରାତି ପହୁଡ଼ ହେବା ଫଳରେ ଦ୍ୱାର ଫିଟା ନୀତି ବିଳମ୍ବ ହୋଇ ସକାଳ ସାଢ଼େ ୬ଟାରେ ସମ୍ପନ୍ନ ହୋଇଥିଲା।

ସବୁଠୁ ବଡ଼ କଥା ହେଉଛି ବିଭିନ୍ନ ସମୟରେ ବୈଠକ ବସି ମହାପ୍ରଭୁଙ୍କ ନୀତିକାନ୍ତି ଶୃଙ୍ଖଳା ଉପରେ ଗୁରୁତ୍ୱ ଦିଆଯାଉଛି। ଏପରି କି, ଯେଉଁମାନେ ନୀତିକାନ୍ତିରେ ବିଳମ୍ବ ବା ବିଭ୍ରାଟ କରିବେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନର ପ୍ରାବଧାନ ରହିଛି। ଏତଦ୍‌ବ୍ୟତୀତ ସୋମବାରିଆ କମିଟି, ବୁଧବାରିଆ କମିଟି ମଧ୍ୟ ଗଠନ କରାଯାଇଛି। ଏହା ସତ୍ତ୍ୱେ ସେବକମାନେ ନିଜ ନିଜ ସ୍ୱାର୍ଥ ତଥା ଜିଦ୍ ପାଇଁ ଠାକୁରଙ୍କ ନୀତିକାନ୍ତିକୁ ଅଟକାଇ ଦେଉଛନ୍ତି ତ ପୁଣି କେତେବେଳେ ବନ୍ଦ କରିଦେଉଛନ୍ତି। ଶ୍ରୀମନ୍ଦିର ଭିତରେ ଏ ସେବାୟତଙ୍କ ମଧ୍ୟରେ ବିବାଦ ଯୋଗୁଁ ଠାକୁରଙ୍କ ନୀତି ବନ୍ଦ କରିଦେବା ପୂର୍ବରୁ ଅନେକଥର ଘଟିଛି। ଏବେ ନରେନ୍ଦ୍ର ପୁଷ୍କରିଣୀ ଚାପ ଖେଳରେ ଏହାର ପୁନରାବୃତ୍ତି ଘଟିଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଖୋଦ୍ ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ତଥା ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ନରେନ୍ଦ୍ରରେ



ପହଞ୍ଚି ଉଭୟ ସେବାୟତ ନିଯୋଗ କର୍ମକର୍ତ୍ତାଙ୍କୁ ବୁଝାସୁଝା କରିଥିଲେ ମଧ୍ୟ ସେମାନେ ନିଜ ନିଜ ଜିଦ୍‌ରେ ଅଟଳ ରହିଲେ। ଫଳରେ କୌଣସି ସମାଧାନ ନ ହୋଇ ପ୍ରାୟ ସାଢେ ୩ ଘଣ୍ଟା ବିଳମ୍ବ ହେଲା ଏବଂ ଶେଷରେ ରାତି ଚାପ ନ ଖେଳି ଠାକୁର ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ। ତେଣୁ କୁହାଯାଉଛି ସେବାୟତଙ୍କ ଜିଦ୍ ଆଗରେ ଅଧିକାରୀ ବି ଅସହାୟ ପାଲଟି ଯାଉଛନ୍ତି। ଦେଖିବାକୁ ବାକି ରହିଲା ବିଶୃଙ୍ଖଳିତ ସେବାୟତଙ୍କ ବିରୋଧରେ କି ପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି ପ୍ରଶାସନ।

## ବ୍ୟାଙ୍କକୁ ଭଉଣୀର କଙ୍କାଳ ଧରି ଯିବା ଘଟଣା

# ଜିତୁ ମୁଣ୍ଡାଙ୍କ ଘରେ ପହଞ୍ଚିଲା ବିଜେଡି ପ୍ରତିନିଧି ଦଳ

କେନ୍ଦୁଝର/ତୁରୁମୁଙ୍ଗା,୨୯।୪(ସମିସ): ବିଜୁ ଜନତା ଦଳର ଏକ ପ୍ରତିନିଧି ଦଳ ବୁଧବାର ମଲ୍ଲୀପଶି ନିକଟସ୍ଥ ଡିଆନାଳି ଗ୍ରାମର ଜିତୁ ମୁଣ୍ଡାଙ୍କୁ ଭେଟିବା ସହିତ ଏପରି ସମ୍ବେଦନଶୀଳ ଓ ସ୍ପର୍ଶକାତର ଘଟଣାରେ ପ୍ରଶାସନ, ପୁଲିସ ଓ ବ୍ୟାଙ୍କ ଅଧିକାରୀଙ୍କୁ ଦାୟୀ କରିଛନ୍ତି। କଲରା ମୁଣ୍ଡାଙ୍କ ଜୀବିତ ଅବସ୍ଥାରେ ତାଙ୍କ ଭାଇ ଜିତୁ ମୁଣ୍ଡା

## ■ ଘଟଣାର ନ୍ୟାୟିକ ତଦନ୍ତ ଦାବି
## ■ ପ୍ରଶାସନ ଓ ବ୍ୟାଙ୍କ ଅଧିକାରୀଙ୍କୁ ଦାୟୀକଲା ବିଜେଡି

ବାରମ୍ବାର ଅର୍ଥ ଉଠାଣ ପାଇଁ ବ୍ୟାଙ୍କକୁ ଦୌଡି ନିରାଶ ହୋଇଥିବା କଥା ବିଜେଡି ନେତାମାନଙ୍କ ଆଗରେ ପ୍ରକାଶ କରିଛନ୍ତି। ଜିତୁ ମୁଣ୍ଡା ତାଙ୍କ ଭଉଣୀ କଲରା ମୁଣ୍ଡାଙ୍କ କଙ୍କାଳକୁ ବ୍ୟାଙ୍କରୁ ପୁଣି ଆଉ ଥରେ ଡିଆନାଳି ପର୍ଯ୍ୟନ୍ତ ନେବା ତାହା ପୁଣି ପୁଲିସର ଉପସ୍ଥିତିରେ ସଭ୍ୟସମାଜ ପାଇଁ କେତେଦୂର ଗ୍ରହଣୀୟ ଏହାର ପ୍ରଶ୍ନ ସରକାରଙ୍କ ନିକଟରେ ବିଜେଡି ରଖିଛି। ବିଜେଡି ପକ୍ଷରୁ ପୁଲିସର ଅମାନବୀୟ କାର୍ଯ୍ୟ ପାଇଁ ନିନ୍ଦା କରାଯାଇଥିବା ସହ ବ୍ୟାଙ୍କର ଆଞ୍ଚଳିକ ପରିଚାଳକଙ୍କ ଦାୟିତ୍ୱହୀନ ମନ୍ତବ୍ୟ ଏକ ରୁଗଣ ମାନସିକତା ବୋଲି ବିଧାୟକ ବଦ୍ରିନାରାୟଣ ପାତ୍ର ପ୍ରକାଶ କରିଛନ୍ତି। ଏହାସହ ସ୍ଥାନୀୟ ଅଧିବାସୀ



ମଧ୍ୟ ଏହି ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କଦ୍ୱାରା ସୁଫଳ ପାଇପାରୁ ନ ଥିବା ଅଭିଯୋଗ କରିଛନ୍ତି ବୋଲି ଶ୍ରୀ ପାତ୍ର ପ୍ରକାଶ କରିଛନ୍ତି। ବିଜେଡିର ଘଟଣା ଅନୁଧ୍ୟାନକାରୀ ଦଳରେ ଘଷିପୁରା ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ବଦ୍ରିନାରାୟଣ ପାତ୍ର, ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ, ବିଜେଡି ଜିଲ୍ଲା ସଭାପତି ଆଶିଷ ଚକ୍ରବର୍ତ୍ତୀ, କେନ୍ଦୁଝର ଜିଲ୍ଲାପରିଷଦ ସଭାନେତ୍ରୀ ସାଗରିକା ସାହୁ, ପୂର୍ବତନ ପାଟଣା ବିଧାୟକ ଜଗନ୍ନାଥ ନାୟକ, ଜିଲ୍ଲା ପରିଷଦ ସଦସ୍ୟ ସୁରେନ୍ଦ୍ର ଜେନା, ବୁଦ୍ଧଦେବ ମହାକୁଡ, ଯାଜ୍ଞସେନୀ ମହାନ୍ତ, ସୌଭାଗ୍ୟମଞ୍ଜରୀ ମହାନ୍ତ, ରୁନୁ ମହାନ୍ତ, ଜିଲ୍ଲା ସାଧାରଣ ସମ୍ପାଦକ ପରେଶ ପ୍ରଧାନ, ପ୍ରମୋଦ କୁମାର ଭଞ୍ଜଦେଓ, ପାଟଣା ବ୍ଲକ ବିଜେଡି ସଭାପତି ମାଧବାନନ୍ଦ ପୃଷ୍ଟି, ପୂର୍ବତନ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ରାମରାୟ ମୁନ୍ଦୁୟା, ଉପାଧ୍ୟକ୍ଷ ନାରାୟଣ ପୂର୍ତ୍ତି, ପାଟଣା ଓ ସାହରପଡା ବ୍ଲକର ବହୁ ସରପଞ୍ଚ ଓ ସମିତିସଭ୍ୟ ପ୍ରତିନିଧିମଣ୍ଡଳୀରେ ଯୋଗ ଦେଇ ଜିତୁ ମୁଣ୍ଡାଙ୍କୁ ସାନ୍ତ୍ୱନା ଦେବା ସହିତ ଆର୍ଥିକ ସହାୟତା ପ୍ରଦାନ କରିଥିଲେ।

# ମୁଖ୍ୟମନ୍ତ୍ରୀଙ୍କ ନିରବତାକୁ ନେଇ କଂଗ୍ରେସର ପ୍ରଶ୍ନ

ଭୁବନେଶ୍ୱର,୨୯।୪(ସମିସ): ଜମା ଟଙ୍କା ନେବାଲାଗି ମୃତ୍ୟୁ ପ୍ରମାଣପତ୍ର ସ୍ୱରୂପ କେନ୍ଦୁଝର ଜିଲ୍ଲାର ଜିତୁ ମୁଣ୍ଡା ନିଜ ଭଉଣୀର କଙ୍କାଳ ଧରି ବ୍ୟାଙ୍କରେ ପହଞ୍ଚିବା ଘଟଣାରେ ମୁଖ୍ୟମନ୍ତ୍ରୀ ଓ ରାଜସ୍ୱ ମନ୍ତ୍ରୀଙ୍କୁ କଟୁ ସମାଲୋଚନା କରିଛି କଂଗ୍ରେସ। ସମଗ୍ର ଘଟଣାକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ନିରବତା ଓ ଦୋଷ ଘୋଡ଼ାଇବା ପାଇଁ ରାଜସ୍ୱ ମନ୍ତ୍ରୀଙ୍କ ଉଦ୍ୟମ ଅତ୍ୟନ୍ତ ନିନ୍ଦନୀୟ ବୋଲି କଂଗ୍ରେସ କହିଛି। ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ କଂଗ୍ରେସ ଗଣମାଧ୍ୟମ ଅଧ୍ୟକ୍ଷ ଅରବିନ୍ଦ ଦାସ , ମୁଖପାତ୍ର ସୋନାଲି ସାହୁ ଓ ପିସିସି ମୁଖପାତ୍ର ମନିଷା ଦାସ ପଟ୍ଟନାୟକ ଏହି ପ୍ରସଙ୍ଗରେ ସରକାର ସମ୍ପୂର୍ଣ୍ଣ ଦାୟୀ ଅଭିଯୋଗ କରିଛନ୍ତି ।

ଶ୍ରୀ ଦାସ କହିଛନ୍ତି ଯେ ଏହି ଘଟଣା ଲୋକଲୋଚନକୁ ଆସିବା ପରେ ରାଜସ୍ୱ ମନ୍ତ୍ରୀ ନିଜର ପାରଦର୍ଶିତା ଦେଖାଇବାକୁ ଯାଇ ବ୍ୟାଙ୍କ କର୍ମଚାରୀ ଓ ବ୍ୟାଙ୍କିଙ୍ଗ ବ୍ୟବସ୍ଥା ଉପରେ ସବୁ ଦୋଷ ଲଦିଦେଇ ନିଜର କାମ ସାରି ଦେଇଛନ୍ତି। ପ୍ରଶାସନର ନଜରକୁ ଆସିବା ପରେ ବ୍ୟାଙ୍କ




ଉପରେ ଚାପ ପକାଇ ମୃତକଙ୍କ ଜମା ପଇସା ସୁଧ ସହ ତାଙ୍କୁ ପ୍ରଦାନ କରାଯାଇଛି। କିନ୍ତୁ ଏହି ସମ୍ବେଦନଶୀଳ ଓ ମାନବିକ ଅଧିକାରକୁ ହନନ କରିଥିବା ଘଟଣାକୁ କଂଗ୍ରେସ ଗୁରୁତର ସହ ନେଇଛି ପୀଡ଼ିତ ଜିତୁ ମୁଣ୍ଡାକୁ ୧୦ ଲକ୍ଷ ଟଙ୍କାର କ୍ଷତିପୂରଣ ପ୍ରଦାନ କରିବାକୁ ଶ୍ରୀ ଦାସ କହିଛନ୍ତି । ସେହିପରି ମୁଖପାତ୍ର ସୋନାଲି ସାହୁ ଓ ପିସିସି ମୁଖପାତ୍ର ମନିଷା ଦାସ ପଟ୍ଟନାୟକ କହିଛନ୍ତି ଯେ କେନ୍ଦୁଝର ଜିଲ୍ଲାରେ ହୋଇଥିବା ଏହି ଦୁଃଖଦ ଓ ହୃଦୟବିଦାରକ ଘଟଣା ସମଗ୍ର ବିଶ୍ୱରେ ଓଡିଶାର ଶାସନ ଓ ପ୍ରଶାସନ ବ୍ୟବସ୍ଥାର ବିକଳାଙ୍ଗ ଓ ନଗ୍ନ ରୂପକୁ ଦର୍ଶାଇଛି। ଘଟଣା ବିଭିନ୍ନ ଗଣମାଧ୍ୟମ ଓ ସାମାଜିକ ଗଣମାଧ୍ୟମ

## ଦୋଷ ଘୋଡ଼ାଇବାରେ ବ୍ୟସ୍ତ ରାଜସ୍ୱ ମନ୍ତ୍ରୀଙ୍କୁ ସମାଲୋଚନା

ଦ୍ୱାରା ଲୋକ ଲୋଚନକୁ ଆସିବା ପରେ କଙ୍କାଳ ବୁହା ଘଟଣା ବିଶ୍ୱ ଦରବାରରେ ଓଡିଶା ଓ ଓଡିଆ ଅସ୍ମିତାକୁ ନିନ୍ଦିତ କରିଛି। ଆଞ୍ଚଳିକ ଗଣମାଧ୍ୟମରୁ ଆରମ୍ଭ କରି ଆନ୍ତର୍ଜାତିକ ଗଣମାଧ୍ୟମ ପର୍ଯ୍ୟନ୍ତ ଏହି ଖବରର ଶିରୋନାମା ପାଲଟିଛି। ଏହା ଓଡିଶାର ମୁଖ୍ୟମନ୍ତ୍ରୀଙ୍କ ଗୃହ ଜିଲ୍ଲାରେ ଘଟିଥିଲେ ବି ଆଶ୍ଚର୍ଯ୍ୟର ବିଷୟ ନିଜ ଜିଲ୍ଲାରେ ଅନ୍ତର୍ଜାତୀୟ ସ୍ତରରେ ହଲଚଲ ସୃଷ୍ଟିକାରୀ ଘଟଣାରେ ମୁଖ୍ୟମନ୍ତ୍ରୀଙ୍କ ମୁହଁ ସମ୍ପୂର୍ଣ୍ଣ ବନ୍ଦ ରହିଛି। ମୁଖ୍ୟମନ୍ତ୍ରୀ ଏହି ଘଟଣାରେ ଚୁପ୍ ରହିବା ସରକାରଙ୍କ ଆଦିବାସୀଙ୍କ ପ୍ରତି ହେୟଭାବ ପ୍ରକାଶ ହେଉଛି ବୋଲି ଉଭୟ କହିଛନ୍ତି।

### ବୁଧବାର ତାପମାତ୍ରା
ଡିଗ୍ରୀ ସେଲ୍‌ସିୟସ

| ସ୍ଥାନ | ସର୍ବୋଚ୍ଚ | ସର୍ବନିମ୍ନ |
|---|---|---|
| ବାଲେଶ୍ୱର | ୩୬.୪ | ୨୬.୪ |
| ଚାନ୍ଦବାଲି | ୩୭.୦ | ୨୬.୨ |
| କଟକ | ୩୮.୦ | ୨୪.୨ |
| ପାରାଦୀପ | ୩୩.୨ | ୨୬.୯ |
| ଭୁବନେଶ୍ୱର | ୩୮.୭ | ୨୫.୬ |
| ଗୋପାଳପୁର | ୩୨.୬ | ୨୭.୩ |
| ପୁରୀ | ୩୨.୬ | ୨୭.୩ |
| ଅନୁଗୁଳ | ୪୨.୫ | ୨୪.୬ |
| ବାରିପଦା | ୩୬.୬ | ୨୫.୪ |
| ଝାରସୁଗୁଡ଼ା | ୪୨.୪ | ୨୬.୮ |
| କେନ୍ଦୁଝରଗଡ଼ | ୩୮.୨ | ୨୮.୬ |
| ସମ୍ବଲପୁର | ୪୦.୬ | ୨୧.୦ |
| ସୁନ୍ଦରଗଡ଼ | ୪୨.୦ | ୨୭.୮ |
| ହୀରାକୁଦ | ୪୩.୩ | ୨୯.୨ |
| ତାଳଚେର | ୪୨.୫ | ୨୭.୫ |
| ଭବାନୀପାଟଣା | ୪୨.୦ | ୨୮.୦ |
| ବଲାଙ୍ଗୀର | ୪୩.୨ | ୨୭.୮ |
| କୋରାପୁଟ | ୩୮.୨ | - |
| ଫୁଲବାଣୀ | ୩୮.୨ | ୨୩.୦ |
| ଟିଟିଲାଗଡ଼ | ୪୨.୫ | ୨୭.୮ |
| ମାଲକାନଗିରି | ୪୦.୬ | ୨୬.୮ |
| ସୋନପୁର | ୪୨.୨ | ୨୭.୧ |
| ଦାରିଙ୍ଗବାଡ଼ି | ୩୭.୦ | ୨୪.୦ |
| ନୟାଗଡ଼ | ୪୦.୮ | ୨୬.୦ |
| ବୌଦ୍ଧ | ୪୨.୬ | ୨୩.୨ |
| ଛତ୍ରପୁର | ୩୨.୨ | ୨୪.୫ |
| ପାରାଳାଖେମୁଣ୍ଡି | ୩୯.୬ | ୨୪.୫ |
| ରାୟଗଡ଼ା | ୩୬.୬ | ୨୪.୦ |
| ଭଦ୍ରକ | ୩୮.୦ | ୨୭.୮ |
| ଯାଜପୁର | ୩୬.୮ | ୨୬.୨ |
| ଢେଙ୍କାନାଳ | ୪୧.୦ | ୨୫.୦ |
| ବରଗଡ଼ | ୪୦.୬ | ୨୪.୬ |
| ଦେଓଗଡ଼ | ୩୯.୦ | ୨୪.୫ |
| ନୂଆପଡ଼ା | ୪୨.୦ | ୨୭.୦ |
| ନବରଙ୍ଗପୁର | ୩୮.୦ | ୨୪.୬ |
| ଖୋର୍ଦ୍ଧା | ୩୭.୦ | ୨୬.୦ |
| ଜଗତସିଂହପୁର | ୩୬.୦ | ୨୩.୦ |
| କେନ୍ଦ୍ରାପଡ଼ା | ୩୪.୪ | ୨୨.୮ |
| ରାଉରକେଲା | ୪୧.୨ | ୨୫.୫ |

# ଆଶାକର୍ମୀଙ୍କୁ ଚାପିଦେଲା ଟ୍ରକ୍

ଦାମନଯୋଡି/ ସେମିଳିଗୁଡ଼ା, ୨୯।୪ (ସମିସ): କୋରାପୁଟ ଜିଲ୍ଲାର ଦାମନଯୋଡି ଥାନା ଅନ୍ତର୍ଗତ ମାଥାଲପୁଟ ସହିଦ ଲକ୍ଷ୍ମଣ ନାୟକ ଛକ ନିକଟରେ

## କ୍ଷତିପୂରଣ ଦାବିରେ ରାସ୍ତା ଅବରୋଧ

ବୁଧବାର ସକଳେ ଏକ ସଡ଼କ ଦୁର୍ଘଟଣାରେ ଜଣେ ଆଶାକର୍ମୀ ପ୍ରାଣ ହରାଇଛନ୍ତି। ଆଶାକର୍ମୀଙ୍କୁ ଏକ ଟ୍ରକ୍ ଚାପିଦେବାରୁ ତାଙ୍କର ଘଟଣା ସ୍ଥଳରେ ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ, ଦାମନଯୋଡି ନିକଟସ୍ଥ କଳାହାଣ୍ଡି କଲୋନୀର କରିସ୍ମା ବାଘ (୨୮) ସକାଳୁ ନିଜ ଡ୍ୟୁଟି ସାରି ଘରକୁ ଫେରୁଥିବା ସମୟରେ ସହିଦ୍ ଲକ୍ଷ୍ମଣ ନାୟକ ଛକ ନିକଟରେ ଏକ ୧୪ଚକିଆ ଟ୍ରକ୍ (ଓଡି ୦୭ ଟି ୭୦୭୫) ଧକ୍କା ଦେବା ଫଳରେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଥିଲା। ଖବର ପାଇ ଦାମନଯୋଡି ପୁଲିସ ଘଟଣା ସ୍ଥଳରେ ପହଞ୍ଚିଥିଲେ। ମୃତକ ପରିବାର ଓ କଲୋନୀ ଲୋକେ ରାସ୍ତା ଉପରେ ଶବ ରଖି ରାସ୍ତା ଅବରୋଧ କରି କ୍ଷତି ପୂରଣ ପାଇଁ ଅଡ଼ି ବସିଥିଲେ। ବହୁ ସମୟ ପରେ ପୁଲିସ ଉପସ୍ଥିତିରେ ଟ୍ରକ୍ ମାଲିକ ଓ ମୃତକ ପରିବାର ଲୋକଙ୍କ ମଧ୍ୟରେ ବୁଝାସୁଝା ହେବାରୁ ଶବ ଉଠା ଯାଇଥିଲା। ଦାମନଯୋଡି ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହିତ ଟ୍ରକ ଜବତ କରିଛି।

## ରାଜ୍ୟସଭା ନିର୍ବାଚନରେ ଦୁଇ ବିଧାୟକଙ୍କୁ ଦୁଇଟି ବାଲାଟ ପ୍ରଦାନ

# ପଦକ୍ଷେପ ନେବାକୁ ରାଜ୍ୟ ନିର୍ବାଚନ ଅଧିକାରୀଙ୍କୁ ସିଇସିଙ୍କ ଚିଠି

ଭୁବନେଶ୍ୱର,୨୯।୪(ସମିସ): ଗତ ମାର୍ଚ୍ଚ ୧୮ ତାରିଖରେ ଅନୁଷ୍ଠିତ ରାଜ୍ୟସଭା ନିର୍ବାଚନରେ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ ଓ ଉପାସନା ମହାପାତ୍ରଙ୍କୁ ଦ୍ୱିତୀୟ ବାଲାଟ ପ୍ରଦାନକୁ ନେଇ ବିଜେଡି ରାଜ୍ୟସଭା ସାଂସଦ ଡ. ସସ୍ମିତ ପାତ୍ର ଭାରତୀୟ ନିର୍ବାଚନ ଆୟୋଗଙ୍କୁ ଚିଠି ଲେଖିଥିଲେ। ଡ. ପାତ୍ରଙ୍କ ଚିଠି ଉପରେ ପଦକ୍ଷେପ ନେଇଛନ୍ତି ନିର୍ବାଚନ ଆୟୋଗ। ଏନେଇ ଆୟୋଗଙ୍କ କାର୍ଯ୍ୟାଳୟ ପକ୍ଷରୁ ବୁଧବାର ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଏକ ଚିଠି ଆସିଛି ଓ ଅଭିଯୋଗକାରୀଙ୍କ ଉଦବେଗ ତଥା ଚିନ୍ତାର

**ଉଦବେଗର ସମାଧାନ ପାଇଁ ସାକ୍ଷାତ ପାଇଁ ସମୟ ଦେବାକୁ ନିର୍ଦ୍ଦେଶ**

ସମାଧାନ ପାଇଁ ନିର୍ବାଚନ ଅଧିକାରୀ ନିଜ ସ୍ତରରେ ସାକ୍ଷାତ ସକାଶେ ସମୟ ପ୍ରଦାନ କରିବାକୁ ଏଥିରେ କୁହାଯାଇଛି। ରାଜ୍ୟସଭା ନିର୍ବାଚନରେ ଉଭୟ ବିଜେପି ବିଧାୟକଙ୍କୁ ଦ୍ୱିତୀୟ ବାଲାଟ ପ୍ରଦାନକୁ ନେଇ କଡ଼ା ଆପତ୍ତି କରିଥିଲେ ବିଜେଡି ଓ କଂଗ୍ରେସ। ଏପରିକି ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଦ୍ୱାରା ଗତ ମାର୍ଚ୍ଚ ୧୮ ତାରିଖରେ ଇ-ମେଲ ଦ୍ୱାରା ଉପରୋକ୍ତ ପ୍ରସଙ୍ଗ ନିର୍ବାଚନ କମିଶନଙ୍କ ଦୃଷ୍ଟିକୁ ଅଣାଯାଇଥିଲା। ଏହାସତ୍ତ୍ୱେ ନିର୍ବାଚନ କମିଶନଙ୍କ ପକ୍ଷରୁ କୌଣସି ପ୍ରତିକ୍ରିୟା, ସ୍ପଷ୍ଟୀକରଣ କିମ୍ବା କାର୍ଯ୍ୟାନୁଷ୍ଠାନ ସମ୍ପର୍କିତ ରିପୋର୍ଟ ପ୍ରଦାନ କରାନଯିବାକୁ ନେଇ ଡ. ପାତ୍ର ନିଜ ଚିଠିରେ ଅସନ୍ତୋଷ ପ୍ରକାଶ କରିଥିଲେ। ଏଭଳି ନିଷ୍କ୍ରିୟତା ନିର୍ବାଚନୀ ପ୍ରକ୍ରିୟାରେ ହୋଇଥିବା ବେଆଇନ କାର୍ଯ୍ୟକୁ ସମାଧାନ କରିବାରେ ପ୍ରତିଷ୍ଠାନଗତ ବିଫଳତାକୁ ସୂଚାଉଛି ବୋଲି ସେ କ୍ଷୋଭ ପ୍ରକାଶ କରିଥିଲେ।

## ବିଧାୟକଙ୍କୁ ମହିଳାଙ୍କ ଟଣାଓଟରା ଓ କାର କାଚ ଭାଙ୍ଗିବା ଘଟଣା

# ମହିଳାଙ୍କୁ ଭେଟିଲା ବିଜେଡି ଫ୍ୟାକ୍ଟ ଫାଇଣ୍ଡିଙ୍ଗ ଟିମ୍

ରାଇରଙ୍ଗପୁର,୨୯।୪(ସମିସ): ରାଇରଙ୍ଗପୁର ବିଧାୟକ ଜଲେନ ନାଏକଙ୍କୁ ସର୍ବସମ୍ମୁଖରେ ଟଣାଓଟରା କରିବା ସହ ତାଙ୍କ କାର୍ କାଚକୁ ଭାଙ୍ଗି ଦେଇଥିବା ମହିଳାଙ୍କୁ ବିଜେଡିର ଏକ ଫ୍ୟାକ୍ଟ ଫାଇଣ୍ଡିଙ୍ଗ ଟିମ୍ ଭେଟିଛନ୍ତି। ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ବୁଧବାର ବିଜେଡି ଜିଲ୍ଲା ସଭାପତି ଡା. ଦେବାଶିଷ ମାର୍ଣ୍ଡିଙ୍କ ନେତୃତ୍ୱରେ





## ■ ବିଧାୟକ ଦୀର୍ଘ ୩୨ବର୍ଷ ଧରି ମହିଳାଙ୍କୁ ଦେଉଥିଲେ ନିର୍ଯାତନା
## ■ ମହିଳାଙ୍କୁ ଜୀବନରୁ ମାରିଦେବାକୁ ମିଳୁଛି ଧମକ
## ■ ପୁଲିସ ଉପସ୍ଥିତିରେ ମହିଳାଙ୍କୁ ନିଜ ଭାଇ କଲେ ଅତର୍କିତ ଆକ୍ରମଣ
## ■ ବିଜେଡି ଟିମ୍ ଓ ସାମ୍ବାଦିକଙ୍କୁ ଜୀବନରୁ ମାରିଦେବାକୁ ଧମକ

ଦଳର ଜିଲ୍ଲା କାର୍ଯ୍ୟକାରୀ ସଭାପତି ରାଇସେନ ମୁର୍ମୁ, ପୂର୍ବତନ ଶକ୍ତି ବିଭାଗ ଉପଦେଷ୍ଟା ଦୀପ୍ତିମାନ ବଲ, ଉପସଭାପତି ସ୍ୱରୁପ ବେହେରା, ଜିଲ୍ଲା ପରିଷଦ ସଭ୍ୟ ପରେଶ ମୁଣ୍ଡା, ମହିଳା ସଭାନେତ୍ରୀ ତନୁଜା ମହାନ୍ତ ଏବଂ ରାଇରଙ୍ଗପୁର ପୌରପାଳିକାର ଉପାଧ୍ୟକ୍ଷା ମମିତା ଚୌଧୁରୀଙ୍କ ସମେତ ଅନ୍ୟ କର୍ମକର୍ତ୍ତା ସଂପୃକ୍ତ ମହିଳାଙ୍କୁ ତାଙ୍କ ତିରିଂ ଅଞ୍ଚଳର ରତନ ସାହିସ୍ଥିତ ବାସଭବନରେ ଭେଟି ଘଟଣା ବାବଦରେ ଆଲୋଚନା କରିଥିଲେ। ମହିଳା ଜଣକ ହେଲେ ଅବସରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ଆରତୀ ଲେଙ୍କା। ରାଇରଙ୍ଗପୁର ବିଧାୟକଙ୍କ ନାମରେ ସଙ୍ଗୀନ ଅଭିଯୋଗ ଆଣି ସେ କହିଥିଲେ ଯେ ଦୀର୍ଘ ୩୨ ବର୍ଷ ଧରି ବିଧାୟକଙ୍କ ସହ ତାଙ୍କର ସମ୍ପର୍କ ରହିଥିଲା। ବିଧାୟକ ତାଙ୍କଠାରୁ ଆର୍ଥିକ ସହାୟତା ନେବା ସହ ତାଙ୍କୁ ମାନସିକ ଶୋଷଣ କରୁଥିଲେ। ତାଙ୍କୁ ବିବାହ କରିବାର ପ୍ରତିଶ୍ରୁତି ଦେଇ ପ୍ରତାରଣା କରିଛନ୍ତି। ବିଧାୟକ ଶ୍ରୀ ନାଏକ ପୂର୍ବରୁ ୨ଥର ଜିଲ୍ଲା ପରିଷଦ ସଦସ୍ୟ ଓ ବିଧାୟକ ନିର୍ବାଚନ ସମୟରେ ତାଙ୍କଠାରୁ ଅନେକ ଆର୍ଥିକ ସହାୟତା ନେଇଛନ୍ତି। ନିଜ ଦରମା ଟଙ୍କାରୁ ତାଙ୍କୁ କାର୍ ଓ ବାଇକ ମଧ୍ୟ କିଣି ଦେଇଥିବାର ସେ କହିଛନ୍ତି। କିନ୍ତୁ ବର୍ତ୍ତମାନ ବିଧାୟକ ହେବା ପରେ ତାଙ୍କୁ ଆର୍ଥିକ ଶୋଷଣ କରି ସମସ୍ତ ସମ୍ପର୍କ ଛିନ୍ନ କରିଛନ୍ତି। ବିଧାୟକ ଶ୍ରୀ ନାଏକ ମଙ୍ଗଳବାର ଏକ ସେଲୁନରେ ବସିଥିବାବେଳେ ମହିଳା ଜଣକ ସେଠାରେ ପହଞ୍ଚି ପୂର୍ବ କଥାକୁ ନେଇ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଏହାପରେ ମହିଳା ଜଣକ ସର୍ବସମ୍ମୁଖରେ ତାଙ୍କୁ ଟଣାଓଟରା କରିଥିଲେ। ଏହି ଘଟଣା ପରେ ତାଙ୍କୁ ବିଭିନ୍ନ ଅଜଣା ନମ୍ବର ଫୋନ ଯୋଗେ ଜୀବନରୁ ମାରିଦେବାକୁ ଧମକ ମିଳୁଥିବାର ସେ କହିଛନ୍ତି। ବିଧାୟକଙ୍କ ପାଖ ଲୋକ ମାନେ ତାଙ୍କୁ ଭୟଭୀତ କରିବା ସହ ଘଟଣା ନେଇ ବିଧାୟକଙ୍କ ସହ ଆଲୋଚନା କରିବା ନିମନ୍ତେ ଝାଡ଼ଖଣ୍ଡ ଓ ରାଇରଙ୍ଗପୁରକୁ ଡାକୁଛନ୍ତି। କିନ୍ତୁ ତାଙ୍କ ଜୀବନ ପ୍ରତି ବିପଦ ଥିବାରୁ ସେ କୁଆଡେ ଯାଉନାହାଁନ୍ତି ବୋଲି କହିଛନ୍ତି। ସେ ବିଜେପି ବିଧାୟକ ଥିବାରୁ ତାଙ୍କର କେହି କିଛି କରି ପାରିବେ ନାହିଁ ବୋଲି ସମର୍ଥକଙ୍କ ପାଖରୁ ଧମକ ମିଳୁଛି।

ଅନ୍ୟପକ୍ଷରେ ବୁଧବାର ବିଜେଡି ଟିମ୍ ଘଟଣାସ୍ଥଳରେ ପହଞ୍ଚି ସମ୍ପୃକ୍ତ ମହିଳାଙ୍କ ସହିତ ଆଲୋଚନା କରୁଥିବା ବେଳେ ପୁଲିସ (ସୁରକ୍ଷା ପାଇଁ ନିୟୋଜିତ ଜଣେ ଗୃହରକ୍ଷୀ) ଉପସ୍ଥିତରେ ସମ୍ପୃକ୍ତ ମହିଳାଙ୍କ ଭାଇ ପୁଲିସ ଉପସ୍ଥିତିରେ ଭଉଣୀ ଉପରେ ଆକ୍ରମଣ କରିଥିଲେ। ବିଧାୟକଙ୍କ ପ୍ରରୋଚନାରେ ତାଙ୍କ ଭାଇ ଆକ୍ରମଣ କରିବାବେଳେ ସେ ସଂଜ୍ଞା ହରାଇଥିଲେ। ଏହାସହିତ ଉପସ୍ଥିତ ସମସ୍ତ ଟିମ ସଦସ୍ୟ ଓ ସାମ୍ବାଦିକଙ୍କୁ ମଧ୍ୟ ଧମକପୂର୍ଣ୍ଣ ଗାଳି ଦେବା ସହିତ ମାରି ଦେବାକୁ ଧମକ ଦେଇଥିଲେ। ଅପରପକ୍ଷରେ ମହିଳାଙ୍କ ଭାଇକୁ ହାତବାରିସି କରି ମାମଲା ଦଫାରଫା କରିବାକୁ ବିଧାୟକ ପ୍ରୟାସ କରୁଛନ୍ତି ବୋଲି ସମ୍ପୃକ୍ତ ମହିଳା ଅଭିଯୋଗ କରିଛନ୍ତି। ଆକ୍ରମଣ ସମ୍ପର୍କରେ ଏସପିଙ୍କୁ ବିଜେଡି ଟିମ୍ ଜଣାଇବା ପରେ ତୁରନ୍ତ ପୁଲିସ ଫୋର୍ସ ପଠାଇ ମହିଳାଙ୍କୁ ସୁରକ୍ଷା ପ୍ରଦାନ କରିବା ସହ ତାଙ୍କ ଭାଇଙ୍କୁ ଥାନାକୁ ନେଇ ଅଟକ ରଖିଛନ୍ତି। ଅପରପକ୍ଷରେ ଘଟଣା ସମ୍ପର୍କରେ ରାଇରଙ୍ଗପୁର




ବିଧାୟକ ଜଲେନ ନାଏକଙ୍କ ସହିତ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲେ ସୁଦ୍ଧା କୋଣସି ପ୍ରତିକ୍ରିୟା ମିଳିପାରି ନାହିଁ।

ଅନ୍ୟପକ୍ଷରେ ସଂପୃକ୍ତ ମହିଳାଙ୍କୁ ନ୍ୟାୟ ଓ ସୁରକ୍ଷା ଯୋଗାଇଦେବା ପାଇଁ ବିଜେଡିର ଫ୍ୟାକ୍ଟ ଫାଇଣ୍ଡିଙ୍ଗ ଟିମ୍ ରାଇରଙ୍ଗପୁରଠାରେ ଏସ୍‌ଡିପିଓ ବୀରେନ୍ଦ୍ର କୁମାର ସେନାପତିଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛି। ଜିଲ୍ଲା ସଭାପତି ଡା ଦେବାଶିଷ ମାର୍ଣ୍ଡି, କାର୍ଯ୍ୟକାରୀ ସଭାପତି ରାଇସେନ ମୁର୍ମୁ, ପୂର୍ବତନ ଶକ୍ତି ବିଭାଗ ଉପଦେଷ୍ଟା ଦୀପ୍ତିମାନ ବଲ, ଉପ ସଭାପତି ସ୍ୱରୂପ ବେହେରା ପ୍ରମୁଖ ଉପସ୍ଥିତ ରହି ଆଲୋଚନା କରିଥିଲେ।

# ସମ୍ବଲପୁର ବିଶ୍ୱବିଦ୍ୟାଳୟ ସ୍ନାତକ ଫଳ ପ୍ରକାଶିତ
# ୨୪ରୁ ୨୨ରେ ଛାତ୍ରୀଙ୍କ ବାଜିମାତ୍
## କଳାରେ ୯୨.୧୫%, ବିଜ୍ଞାନରେ ୯୪.୨୪% ଓ ବାଣିଜ୍ୟରେ ୮୪.୪୬%

ସମ୍ବଲପୁର, ୨୯।୪ (ସମିସ)

ସମ୍ବଲପୁର ବିଶ୍ୱବିଦ୍ୟାଳୟ ଯୁକ୍ତ-୩ ଷଷ୍ଠ ସେମିଷ୍ଟାର ପରୀକ୍ଷା ଫଳ ଆଜି ପ୍ରକାଶିତ ହୋଇଛି। ଚଳିତବର୍ଷ ପରୀକ୍ଷାରେ ଛାତ୍ରୀମାନେ ବାଜିମାତ୍ କରିଛନ୍ତି। କେବଳ ଦର୍ଶନଶାସ୍ତ୍ର ଓ ପରିସଂଖ୍ୟାନକୁ ଛାଡ଼ିଦେଲେ କଳା, ବିଜ୍ଞାନ ଓ ବାଣିଜ୍ୟର ୨୪ଟି ବିଭାଗ ମଧ୍ୟରୁ ଅନ୍ୟ ୨୨ଟିରେ ଛାତ୍ରୀମାନେ ଟପ୍ପର ହୋଇଛନ୍ତି।




ଯୁକ୍ତ-୩ କଳା ସମ୍ମାନରେ ୧୪୬୮୧ ଜଣ ପରୀକ୍ଷା ଦେଇଥିବାବେଳେ ୧୩୫୦୭ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ପାସହାର ଶତକଡ଼ା ୯୨.୧୫ ରହିଛି। ସେହିପରି ବିଜ୍ଞାନ ସମ୍ମାନରେ ପରୀକ୍ଷା ଦେଇଥିବା ୩୯୯୦ ଜଣରୁ ୨୮୩୫ ଜଣ (୯୪.୨୪%) ଏବଂ ବାଣିଜ୍ୟ ସମ୍ମାନରେ ୨୩୧୫ ଜଣରୁ ୧୯୪୬ ଜଣ (୮୪.୪୬) ଉତ୍ତୀର୍ଣ୍ଣ ହୋଇଛନ୍ତି। ଗତ ୧୭ ଏପ୍ରିଲ, ୨୦୨୬ ରେ ଯୁକ୍ତ-୩ ପରୀକ୍ଷା ସମାପ୍ତ ହେବାର ମାତ୍ର ୧୨ ଦିନ ପରେ ଫଳ ପ୍ରକାଶନ କରିବାରେ ରାଜ୍ୟର ଅନ୍ୟ ବିଶ୍ୱବିଦ୍ୟାଳୟ ତୁଳନାରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଆଗୁଆ ରହିଛି।

ଯୁକ୍ତ-୩ କଳା ସମ୍ମାନରେ ପାସ ହାର ୯୨.୧୫ ରହିଥିବାବେଳେ ପାସ କରିଥିବା ୧୩୫୦୭ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୭୧୫୧ ଜଣ ପ୍ରଥମ ଶ୍ରେଣୀ ଓ ୨୪୪୯ ଜଣ ଦ୍ୱିତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ନୃତତ୍ତ୍ୱରେ ୬୮ ଜଣରୁ ୧୯ ଜଣ ପ୍ରଥମ ଶ୍ରେଣୀ ହାସଲ କରିଥିବାବେଳେ ପାସହାର ୯୩.୧୫% ରହିଛି। ସେହିପରି ଅର୍ଥନୀତିରେ ୮୦୩ରୁ ୩୩୦ ଜଣ ପ୍ରଥମ ଶ୍ରେଣୀ (୯୦.୧୨%), ଶିକ୍ଷାରେ ୨୫୫୬ରୁ ୧୭୬୩ ଜଣ ପ୍ରଥମ ଶ୍ରେଣୀ (୯୪.୫୩%), ଇଂରାଜୀରେ ୫୮୨ରୁ ୩୩୭ ଜଣ ପ୍ରଥମ ଶ୍ରେଣୀ (୯୩.୪୨%), ଭୂଗୋଳରେ ୧୦୪ରୁ ୫୭ ଜଣ ପ୍ରଥମ ଶ୍ରେଣୀ (୧୦୦%), ହିନ୍ଦୀରେ ୩୧୩ରୁ ୧୮୨ ଜଣ ପ୍ରଥମ ଶ୍ରେଣୀ (୯୦.୨୦%), ଇତିହାସରେ ୨୨୨୭ରୁ ୬୯୩ ଜଣ ପ୍ରଥମ ଶ୍ରେଣୀ (୮୪.୨୯%), ଗୃହବିଜ୍ଞାନରେ ୨୬୨ରୁ ୧୪୫ ଜଣ ପ୍ରଥମ ଶ୍ରେଣୀ (୯୫.୬୨%), ଲାଇବ୍ରେରୀ ସାଇନ୍ସରେ ୨୦ରୁ ୯ ଜଣ ପ୍ରଥମ ଶ୍ରେଣୀ (୧୦୦%), ଗଣିତରେ ଜଣେ ପ୍ରଥମ ଶ୍ରେଣୀ (୨୦%), ଓଡ଼ିଆରେ ୨୫୮୯ରୁ ୧୬୩୮ ଜଣ ପ୍ରଥମ ଶ୍ରେଣୀ (୯୩.୦୬%), ଦର୍ଶନ ଶାସ୍ତ୍ରରେ ୨୧୭ରୁ ୬୩ ଜଣ ପ୍ରଥମ ଶ୍ରେଣୀ (୯୬.୪୪%), ରାଜନୀତି ବିଜ୍ଞାନରେ ୩୦୪୪ରୁ ୧୫୮୦ ଜଣ ପ୍ରଥମ ଶ୍ରେଣୀ (୯୫.୩୬%), ମନସ୍ତତ୍ତ୍ୱରେ ୧୪୮ରୁ ୮୨ ଜଣ ପ୍ରଥମ ଶ୍ରେଣୀ (୯୮.୬୭%), ସଂସ୍କୃତରେ ୩୬୭ରୁ ୧୭୦ ଜଣ ପ୍ରଥମ ଶ୍ରେଣୀ (୮୯.୫୧%), ସାମାଜିକ ବିଜ୍ଞାନରେ ୧୯୬ରୁ ୭୯ ଜଣ ପ୍ରଥମ ଶ୍ରେଣୀ (୯୬.୦୮%) ଏବଂ ପରିସଂଖ୍ୟାନରେ ୧୦ରୁ ୩ ଜଣ ପ୍ରଥମ ଶ୍ରେଣୀ (୮୩.୩୩%) ହାସଲ କରିଛନ୍ତି।

ସେହିପରି ଯୁକ୍ତ-୩ ବିଜ୍ଞାନ ସମ୍ମାନରେ ପାସ ହାର ୯୪.୨୪ ରହିଥିବାବେଳେ ପାସ କରିଥିବା ୩୭୪୮ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୨୮୩୫ ଜଣ ପ୍ରଥମ ଶ୍ରେଣୀ ଓ ୧୭୩ ଜଣ ଦ୍ୱିତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଉଦ୍ଭିଦ ବିଜ୍ଞାନରେ ୮୬୧ ଜଣରୁ ୬୮୨ ଜଣ ପ୍ରଥମ ଶ୍ରେଣୀ ହାସଲ କରିଥିବାବେଳେ ପାସହାର ୯୬.୮୫% ରହିଛି। ରସାୟନ ବିଜ୍ଞାନରେ ୫୨୮ରୁ ୩୬୫ ଜଣ ପ୍ରଥମ ଶ୍ରେଣୀ (୯୧.୮୩%), କମ୍ପ୍ୟୁଟର ସାଇନ୍ସରେ ୧୬୯ରୁ ୧୨୯ ଜଣ ପ୍ରଥମ ଶ୍ରେଣୀ (୯୯.୪୧%), ଜିଓଲୋଜିରେ ୬୭ରୁ ୪୦ ଜଣ ପ୍ରଥମ ଶ୍ରେଣୀ (୯୭.୧୦%), ଗଣିତରେ ୩୮୯ରୁ ୨୨୬ ଜଣ ପ୍ରଥମ ଶ୍ରେଣୀ (୮୨.୭୭%), ପଦାର୍ଥ ବିଜ୍ଞାନରେ ୬୭୨ରୁ ୪୮୩ ଜଣ ପ୍ରଥମ ଶ୍ରେଣୀ (୯୨.୫୬%), ପରିସଂଖ୍ୟାନରେ ପାସ୍ କରିଥିବା ୮ ଜଣ ସମସ୍ତେ ପ୍ରଥମ ଶ୍ରେଣୀ (୧୦୦%) ଏବଂ ପ୍ରାଣୀ ବିଜ୍ଞାନରେ ୧୦୫୪ରୁ ୯୦୨ ଜଣ ପ୍ରଥମ ଶ୍ରେଣୀ (୯୮.୫୦%) ହାସଲ କରିଛନ୍ତି।

ବାଣିଜ୍ୟ ସମ୍ମାନ ବିଭାଗରେ ୨୩୧୫ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବାବେଳେ ପାସ କରିଥିବା ୧୯୪୬ ଜଣଙ୍କ ମଧ୍ୟରୁ ପ୍ରଥମ ଶ୍ରେଣୀରେ ୭୫୧ ଜଣ ଏବଂ ଦ୍ୱିତୀୟ ଶ୍ରେଣୀରେ ୫୮୧ ଜଣ ଉତ୍ତୀର୍ଣ୍ଣ ହୋଇଥିବାବେଳେ ପାସ୍ ହାର ୮୪.୪୬% ରହିଛି।

### ଯୁକ୍ତ-୩ ବିଭିନ୍ନ ବିଭାଗରେ ଟପ୍ପର
#### କଳା, ବିଜ୍ଞାନ ଓ ବାଣିଜ୍ୟ ସମ୍ମାନ

| | |
|---|---|
| ନୃତତ୍ତ୍ୱ | ସୌମ୍ୟାରାଣୀ ସାହୁ, ମହିଳା କଲେଜ, ସମ୍ବଲପୁର (୮.୨୩) |
| ଉଦ୍ଭିଦ ବିଜ୍ଞାନ | କ୍ଷୀରବଧି ତନୟା ପ୍ରଧାନ, ଏମ୍ସ କଲେଜ ଅଫ୍ ପ୍ଲସ-୩ ସାଇନ୍ସ, ସମ୍ବଲପୁର (୯.୪୪) |
| ରସାୟନ ବିଜ୍ଞାନ | ପ୍ରିୟଦର୍ଶିନୀ ପଟେଲ, ମହିଳା କଲେଜ, ସମ୍ବଲପୁର (୯.୬୧) |
| ବାଣିଜ୍ୟ | ଅମୃତା ଭୋଜୱାନୀ, ସରକାରୀ ମହାବିଦ୍ୟାଳୟ, ସୁନ୍ଦରଗଡ଼ (୯.୪୬) |
| କମ୍ପ୍ୟୁଟର ସାଇନ୍ସ | ତନୁଶ୍ରୀ ନାୟକ, ଗାୟତ୍ରୀ +୩ ସାଇନ୍ସ କଲେଜ, ରାଉରକେଲା (୯.୪୨) |
| ଅର୍ଥନୀତି | ମହିମା ଜୈନ, ମହିଳା କଲେଜ, ଝାରସୁଗୁଡ଼ା (୯.୪୦) |
| ଶିକ୍ଷା | ରଚନା ସରାଫ, ପଞ୍ଚାୟତ ସମିତି କଲେଜ, କୁଲାବିରା (୯.୧୩) |
| ଇଂରାଜୀ | ଜାଗରଣ ପୂଜାରୀ, ଏନ୍‌ଏସ୍‌ସିବି କଲେଜ, ସମ୍ବଲପୁର (୮.୭୯) |
| ଜିଓଲୋଜି | ସୁନନ୍ଦା ସାହୁ, ବଣାଇଗଡ଼ କଲେଜ, ବଣାଇଗଡ଼ (୯.୫୨) |
| ଭୂଗୋଳ | ଦିଶା ଧୁରୁଆ, ମହିଳା କଲେଜ, ସମ୍ବଲପୁର (୯.୦୪) |
| ହିନ୍ଦୀ | ଶୁଭ୍ରା ପାଲିତ, ଡାଲମିଆ କଲେଜ, ରାଜଗାଙ୍ଗପୁର (୮.୯୬) |
| ଇତିହାସ | ମଞ୍ଜୁଲତା ରଣା, ସରକାରୀ ମହାବିଦ୍ୟାଳୟ, ସୁନ୍ଦରଗଡ଼ (୯.୧୧) |
| ଗୃହ ବିଜ୍ଞାନ | ଅନିତା ମାଝି, ମହିଳା କଲେଜ, ସୁନ୍ଦରଗଡ଼ (୮.୫୩) |
| ଲାଇବ୍ରେରୀ ସାଇନ୍ସ | ରିକିତା ପଧାନ, ଏସ୍‌ବି ମହିଳା ଡିଗ୍ରୀ କଲେଜ, କମଗାଁ (୭.୮୧) |
| ଗଣିତ | ବିଉଟି ଦେହୁରୀ, ମହିଳା କଲେଜ, ସମ୍ବଲପୁର (୯.୬୫) |
| ଓଡ଼ିଆ | ପ୍ରୀତି ସାହୁ, ସାରସ୍ୱତ ମହାବିଦ୍ୟାଳୟ, ଗୋଡ଼ଭଗା (୯.୦୬) |
| ଦର୍ଶନ ଶାସ୍ତ୍ର | ଶୋହନ ସୁନ୍ଦର ସାହୁ, ଭୀମଭୋଇ କଲେଜ, ରେଢ଼ାଖୋଲ (୯.୧୪) |
| ପଦାର୍ଥ ବିଜ୍ଞାନ | ପାୟଲ ଗୁପ୍ତା, ମହିଳା କଲେଜ, ଝାରସୁଗୁଡ଼ା (୯.୩୧) |
| ରାଜନୀତି ବିଜ୍ଞାନ | ଯାଜ୍ଞସିନୀ ମହାକୁଡ଼, ଜେଡି ମହିଳା କଲେଜ, କଦଳୀପାଲି (୮.୯୦) |
| ମନସ୍ତତ୍ତ୍ୱ | ସଂସ୍କୃତି ହୋତା, ବିକାଶ ଡିଗ୍ରୀ କଲେଜ, ବରଗଡ଼ (୯.୪୨) |
| ସଂସ୍କୃତ | ଚନ୍ଦ୍ରିକା ସାହୁ, ପଞ୍ଚାୟତ କଲେଜ, ବରଗଡ଼ (୮.୮୨) |
| ସାମାଜିକ ବିଜ୍ଞାନ | ଲିପି ପଟେଲ, ପିଏସ୍ ଡିଗ୍ରୀ ସାଇନ୍ସ କଲେଜ, ଭେଡ଼ାବାହାଲ (୮.୪୨) |
| ପରିସଂଖ୍ୟାନ | ବ୍ରଜ କିଶୋର ପଧାନ, ପଞ୍ଚାୟତ କଲେଜ, ବରଗଡ଼ (୮.୬୦) |
| ପ୍ରାଣୀବିଜ୍ଞାନ | ଗୀତା ସା, ଲକ୍ଷ୍ମୀ ନାରାୟଣ କଲେଜ, ଝାରସୁଗୁଡ଼ା (୯.୬୭) |

# ଜଳିଗଲା ଚଷମା ଦୋକାନ କମ୍ପ୍ଲେକ୍ସ




ସମ୍ବଲପୁର, ୨୯।୪ (ସମିସ) : ଅଇଁଠାପାଲି ଥାନା ବୁଢ଼ାରଜାସ୍ଥିତ ତିନି ମହଲା ବିଶିଷ୍ଟ ଚଷମା ଶୋ'ରୁମ 'ଭିଜନ କେୟାର'ରେ ବୁଧବାର ଭୋର୍‌ରେ ଭୟାବହ ଅଗ୍ନିକାଣ୍ଡ ଘଟି ସବୁକିଛି ଜଳି ପାଉଁଶ ହୋଇଯାଇଛି। ଖବରପାଇ ଅଗ୍ନିଶମ ବିଭାଗ ପକ୍ଷରୁ ଦୁଇଟି ଦମକଳ ଗାଡ଼ି ଆସି ନିଆଁ ଲିଭାଇଥିଲେ। ଲକ୍ଷ ଲକ୍ଷ ଟଙ୍କାର ଚଷମା, ଯନ୍ତ୍ରପାତି, ଆସବାବପତ୍ର ଆଦି ଜଳି ଯାଇଥିବାବେଳେ କୌଣସି ଜୀବନହାନି ହୋଇନାହିଁ।

ମିଳିଥିବା ସୂଚନା ଅନୁଯାୟୀ, ବୁଧବାର ସକାଳ ପ୍ରାୟ ୫ଟା ୪୫ ମିନିଟ ସମୟରେ ଚଷମା ଶୋ'ରୁମ ଭିତରୁ ଧୂଆଁ ବାହାରୁଥିବା ସ୍ଥାନୀୟ ଲୋକେ ଦେଖିଥିଲେ। ଚାହୁଁଚାହୁଁ ନିଆଁ ଜଳିବାସହ ପ୍ରକୋପ ଏତେ ବଢ଼ିଯାଇଥିଲା ଯେ ଏହା ସମ୍ପୂର୍ଣ୍ଣ ଶୋ'ରୁମକୁ ନିଜ କବଜାକୁ ନେଇଥିଲା। ଘଟଣା ସମ୍ପର୍କରେ ଅଗ୍ନିଶମ ବାହିନୀକୁ ଖବର ଦିଆଯିବା ପରେ ତୁରନ୍ତ ଦୁଇଟି ଦମକଳ ଘଟଣାସ୍ଥଳରେ ପହଞ୍ଚି ଦୀର୍ଘସମୟ ଧରି ଅକ୍ଳାନ୍ତ ପରିଶ୍ରମ ପରେ ନିଆଁକୁ ଆୟତ୍ତ କରିଥିଲା। ନିଆଁ ଲାଗିବାର ସଠିକ୍ କାରଣ ଜଣାପଡ଼ି ନାହିଁ। ତେବେ, ସର୍ଟସର୍କିଟ ଯୋଗୁଁ ଏହା ଘଟିଥାଇପାରେ ବୋଲି ସନ୍ଦେହ କରାଯାଉଛି। ଅଗ୍ନିକାଣ୍ଡରେ ଚଷମା ଶୋ'ରୁମରେ ଥିବା ଲକ୍ଷ ଲକ୍ଷ ଟଙ୍କାର ଚଷମା, ଯନ୍ତ୍ରପାତି, ଡାକ୍ତରଙ୍କ କୋଠରୀ, ଆସବାବପତ୍ର ଏବଂ ଆନୁସଙ୍ଗିକ ସାମଗ୍ରୀ ଜଳିପୋଡ଼ି ପାଉଁ ହୋଇଯାଇଛି।

# ବରଗଡ଼-ବଲାଙ୍ଗିରରୁ ଭୁବନେଶ୍ୱରକୁ ଇଣ୍ଟରସିଟି ଦାବିରେ ଧାରଣା




ସମ୍ବଲପୁର, ୨୯।୪ (ସମିସ) : ବରଗଡ଼ ଓ ବଲାଙ୍ଗୀର ଜିଲ୍ଲା ରେଳ ଉପଭୋକ୍ତା ଜଏଣ୍ଟ ଆକ୍ସନ କମିଟି ପକ୍ଷରୁ ଆଜି ବରଗଡ଼ ଓ ବଲାଙ୍ଗୀର ଦେଇ ଭୁବନେଶ୍ୱରକୁ ସକାଳୁଆ ଟ୍ରେନ ଚଳାଚଳ ପାଇଁ ଦାବି କରି ସମ୍ବଲପୁର ରେଳମଣ୍ଡଳ କାର୍ଯ୍ୟାଳୟ ସମ୍ମୁଖରେ ମୌନ ଧାରଣା ଦେବାସହ ରେଳମଣ୍ଡଳ ପ୍ରବନ୍ଧକଙ୍କୁ ସ୍ମାରକ ପତ୍ର ପ୍ରଦାନ କରାଯାଇଛି। ଦାବି ପୂରଣ ନହେଲେ ଆଗାମୀ ଦିନରେ ବରଗଡ଼ ଓ ବଲାଙ୍ଗୀରଠାରେ ରେଳରୋକୋ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି।

ସଂଘର ୩ ଦଫା ଦାବି ମଧ୍ୟରେ ସୁପରଫାଷ୍ଟ ଇଣ୍ଟରସିଟି ଏକ୍ସପ୍ରେସ ସକାଳ ୩:୩୦ରେ ବଲାଙ୍ଗୀର ଓ ୪:୩୦ରେ ବରଗଡ଼ରୁ ଯାଇ ଭୁବନେଶ୍ୱରରେ ପୂର୍ବାହ୍ନ୧୦:୩୦ରେ ପହଞ୍ଚିବ ଏବଂ ଏହାର ଯୋଡ଼ି ଟ୍ରେନ୍ ଅପରାହ୍ନ ୪:୩୦ରେ ଭୁବନେଶ୍ୱରରୁ ବାହାରି ରାତି ୧୦:୩୦ରେ ବରଗଡ଼ ଏବଂ ୧୧:୩୦ରେ ବଲାଙ୍ଗୀର ପହଞ୍ଚିବ। ସପ୍ତାହକ ତିନିଦିନ ଚାଲୁଥିବା ହୀରାକୁଦ ଏକ୍ସପ୍ରେସ୍‌କୁ ପ୍ରତିଦିନ ଚଳାଚଳ କରାଇ ବଳକା ୪ ଦିନ ବଲାଙ୍ଗୀର ଦେଇ ଚଳାଚଳ କରିବ। ଏହାସହ ବଲାଙ୍ଗୀରରେ ୨ୟ ପିଟ୍ ଲାଇନ୍ କରି ସମ୍ବଲପୁର ପର୍ଯ୍ୟନ୍ତ ଆସୁଥିବା ସମସ୍ତ ଟ୍ରେନ୍‌କୁ ବଲାଙ୍ଗୀର ପର୍ଯ୍ୟନ୍ତ ପରିବର୍ଦ୍ଧିତ କରାଯିବାକୁ ଦାବି କରାଯାଇଛି। ବିକ୍ଷୋଭ ପ୍ରଦର୍ଶନ ସମୟରେ ବରଗଡ଼ ଜିଲ୍ଲା ରେଳ ଉପଭୋକ୍ତା ସଂଘର ସଭାପତି ପ୍ରଦୀପ ଦେବତା ଏବଂ ବଲାଙ୍ଗୀର ସଂଘର ସଭାପତି ପ୍ରଫେସର ତରୁଣ କୁମାର ମିଶ୍ରଙ୍କ ସମେତ ସଦସ୍ୟମାନେ ଉପସ୍ଥିତ ଥିଲେ।

# ରାଜ୍ୟ ପୁଲିସ ସନ୍ତରଣ ଓ କ୍ରସ୍ କଣ୍ଟ୍ରି ପ୍ରତିଯୋଗିତା ଉଦ୍‌ଯାପିତ



ସମ୍ବଲପୁର, ୨୯।୪ (ସମିସ) : ତୃତୀୟ ରାଜ୍ୟସ୍ତରୀୟ ପୋଲିସ ସନ୍ତରଣ ଓ କ୍ରସକଣ୍ଟ୍ରି ପ୍ରତିଯୋଗିତା ଆଜି ସନ୍ଧ୍ୟାରେ ରିଜର୍ଭ ପୋଲିସ ଗ୍ରାଉଣ୍ଡଠାରେ ଉଦ୍‌ଯାପିତ ହୋଇଯାଇଛି। ତୃତୀୟ ରାଜ୍ୟ ପୋଲିସ ସନ୍ତରଣ ଏବଂ କ୍ରସ୍ କଣ୍ଟ୍ରି ଚାମ୍ପିଅନସିପ୍‌ର ବିଭିନ୍ନ ବିଭାଗରେ ପୁଲିସ କର୍ମଚାରୀମାନେ ଶ୍ରେଷ୍ଠ ପ୍ରଦର୍ଶନ କରିଛନ୍ତି। କ୍ରସ୍ କଣ୍ଟ୍ରି ପ୍ରତିଯୋଗିତାରେ ୮ମ ଏସ୍‌ଆଇଆର୍ ବାଟାଲିଅନ ଭଞ୍ଜନଗର ଚମ୍ପିଆନ ହୋଇଥିବା ବେଳେ କୋରାପୁଟ ରନର୍ସଅପ୍ ଏବଂ ୫ମ ବାଟାଲିଅନ ବାରିପଦା ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ସନ୍ତରଣ ପ୍ରତିଯୋଗିତାରେ ସମ୍ବଲପୁର ଟିମ୍ ଚାମ୍ପିଅନ ହୋଇଥିବା ବେଳେ ଓଆଇଏସ୍‌ଏଫ୍, ଭୁବନେଶ୍ୱର ରନର୍ସଅପ୍ ଏବଂ ୬ଷ୍ଠ ବାଟାଲିଅନ କଟକ ତୃତୀୟ ସ୍ଥାନ ଅଧିକାର କରିଥିଲା। ବିଜୟୀ ପ୍ରତିଯୋଗୀ ଓ ବିଜୟୀ ଟିମ୍‌ମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।

ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଡିଜିପି ଯୋଗେଶ ବାହାଦୁର ଖୁରାନିଆ ଯୋଗ ଦେଇଥିଲେ। ଖେଳାଳୀମାନଙ୍କ ସାମୂହିକ ପ୍ୟାରେଡ୍‌ରେ ଅଭିବାଦନ ଗ୍ରହଣ କରିଥିଲେ। ଡିଜିପି ଶ୍ରୀ ଖୁରାନିଆ କହିଲେ ଯେ, ଏହି ଚାମ୍ପିୟନସିପରେ ମୋଟ ୧୬ଟି ଦଳ ଏବଂ ୧୪୧ ଜଣ ଖେଳାଳି ଅଂଶଗ୍ରହଣ କରିଥିଲେ। ଚଳିତବର୍ଷ ଜାନୁଆରୀ ୧ ତାରିଖରୁ ଓଡ଼ିଶା ପୋଲିସର ଖେଳାଳିମାନେ ଜାତୀୟସ୍ତରରେ ବିଭିନ୍ନ କ୍ରୀଡ଼ାରେ ଭାଗନେଇ ୨ଟି ସ୍ୱର୍ଣ୍ଣ, ୮ଟି ରୌପ୍ୟ ଏବଂ ୧୩ଟି ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ୧୦ କିଲୋମିଟର କ୍ରସକଣ୍ଟ୍ରିରେ ୩୦ ମିନିଟ ୪୪ ସେକେଣ୍ଡର ନୂଆ ମିଟ୍ ରେକର୍ଡ ସୃଷ୍ଟି କରିଥିବା କନଷ୍ଟେବଲ ଅଶୋକ ଦଣ୍ଡସେନାଙ୍କୁ ସେ ଅଭିନନ୍ଦନ ଜଣାଇଥିଲେ। ଏହାସହ ଏହି ପ୍ରତିଯୋଗିତାର ସମସ୍ତ ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ରାଶି ଘୋଷଣା କରିଥିଲେ। ଓଡ଼ିଶା ପୋଲିସର କନଷ୍ଟେବଲ ରଶ୍ମିତା ସାହୁ ବର୍ତ୍ତମାନ ଜାପାନରେ ଏସୀୟ ଚାମ୍ପିୟନସିପରେ ଭାରତର ପ୍ରତିନିଧିତ୍ୱ କରୁଛନ୍ତି। ଗତବର୍ଷ ଆମେରିକାରେ ଅନୁଷ୍ଠିତ ଆନ୍ତର୍ଜାତୀୟ ପୋଲିସ ଏବଂ ଫାୟାର ସର୍ଭିସେସ ମିଟରେ ଓଡ଼ିଶା ପୋଲିସର ୭ ଜଣ ଖେଳାଳି ପ୍ରାୟ ୨୦ଟି ପଦକ ଜିତିଥିବାରୁ ସେମାନଙ୍କୁ ଭାରତ ସରକାରଙ୍କ ପକ୍ଷରୁ ପୁରସ୍କୃତ କରାଯାଇଥିବା ଡିଜିପି ସୂଚନା ଦେଇଥିଲେ। ସମ୍ବଲପୁର ଆରକ୍ଷୀ ଅଧିକ୍ଷକ ମୁକେଶ କୁମାର ଭାମୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ଏଡିଜି ସଞ୍ଜୟ କୁମାର, ଡିଆଇଜି ବ୍ରିଜେଶ ରାୟ, ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଝାରସୁଗୁଡ଼ା ଆରକ୍ଷୀ ଅଧିକ୍ଷକ ଗୁଣ୍ଡେଲା ରେଡ୍ଡି ରାଘବେନ୍ଦ୍ର, ସୋନପୁର ଆରକ୍ଷୀ ଅଧିକ୍ଷକ ନିରଞ୍ଜନ ନାୟକ, ସମ୍ବଲପୁର ମହାନଗର ନିଗମ ଆୟୁକ୍ତ ରେହାନ ଖତ୍ରୀ, ସମ୍ବଲପୁର ବନଖଣ୍ଡ ଅଧିକାରୀ ଗୋପୀନାଥ ସୁଦର୍ଶନ ଯାଧବ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ।

# 'କ୍ରିଷ୍ଣା ବିକାଶ' ପ୍ରତିଷ୍ଠା ଦିବସରେ ରକ୍ତଦାନ ଶିବିର




ସମ୍ବଲପୁର, ୨୯।୪ (ସମିସ): କ୍ରିଷ୍ଣା ବିକାଶ ଗ୍ରୁପ୍‌ର ପ୍ରତିଷ୍ଠା ଦିବସ ଅବସରରେ ବୁଧବାର ଭାଲୁପାଲିସ୍ଥିତ କ୍ରିଷ୍ଣା ବିକାଶ ହସପିଟାଲ୍ସ ପରିସରରେ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ଶିବିରକୁ ବୁର୍ଲା ଭିମସାର ରକ୍ତଭଣ୍ଡାରର ଡାକ୍ତର ଓ ଟେକ୍‌ନିସିଆନ ମାନେ ପରିଚାଳନା କରିଥିଲେ। ଶିବିରରେ ୬୮ ଜଣ ସ୍ୱେଚ୍ଛାକୃତ ରକ୍ତଦାନ କରିଥିଲେ। ପ୍ରତିଷ୍ଠା ଦିବସ ସଭାରେ କ୍ରିଷ୍ଣା ବିକାଶ ଗ୍ରୁପ୍ ଚେୟାରମ୍ୟାନ୍ ଡି. ମୁରଲୀକ୍ରିଷ୍ଣା, ମ୍ୟାନେଜିଂ ଟ୍ରଷ୍ଟି ଡି. ତୁଳସୀ, ପରିଚାଳନା ନିର୍ଦ୍ଦେଶକ ଡି. ବିବେକ କୁମାର, ନିର୍ଦ୍ଦେଶକ ଡା. ଲୋକେଶ ଦାସାରି, ସିଇଓ ଡା. ରବିକୁମାର, ମେଡିକାଲ ଡାଇରେକ୍ଟର ଡା. ପ୍ରବୀର ରାୟ ଉପସ୍ଥିତ ଥିବାବେଳେ ବିଶେଷଜ୍ଞ ଡାକ୍ତର କାଞ୍ଚନ ରାୟ ଅତିଥି ଭାବେ ଯୋଗ ଦେଇଥିଲେ। ୟୁନିଟ୍ ହେଡ୍ ଡା. ଦିଲ୍ଲୀପ ନନ୍ଦ ସଭା ସଂଯୋଜନା କରିଥିଲେ। ଏହି ଅବସରରେ ଫୁଲଝରନ ଜରାନିବାସ ଓ ହୁମା ଜରାନିବାସର ୩୫ ଜଣ ବୃଦ୍ଧବୃଦ୍ଧାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ମାଗଣା ଔଷଧ ଦିଆଯାଇଥିଲା। ଏହାସହ ସମାଜ ପାଇଁ ଉତ୍ସର୍ଗୀକୃତ ସେବା ସକାଶେ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ମାରୱାଡ଼ି ଯୁବା ମଞ୍ଚ', 'ଉତ୍ସର୍ଗ', 'ସମ୍ବଲ' ଓ 'ସ୍ୱାଭିମାନ'କୁ ସମ୍ବର୍ଦ୍ଧିତ କରାଯାଇଥିଲା। ରକ୍ତଦାତା ରାଜେଶ କୁମାର ମିଶ୍ର, ରାମଦାସ ପଣ୍ଡା ଓ ରଞ୍ଜନ କୁମାର ହୋତା ୫୦ ଥରରୁ ଉର୍ଦ୍ଧ୍ୱ ରକ୍ତଦାନ କରିଥିବାରୁ ସେମାନଙ୍କୁ ଅତିଥିମାନେ ସମ୍ମାନିତ କରିଥିଲେ।

# ଅନ୍ଧାରିପାଟ୍ ପ୍ରିମିୟର ଲିଗ୍ ଉଦ୍‌ଘାଟିତ



ସମ୍ବଲପୁର, ୨୯।୪ (ସମିସ): ଅନ୍ଧାରିପାଟ୍ ଆଥଲେଟିକ ଆସୋସିଏସନ ପକ୍ଷରୁ ଖେଳ ପଡ଼ିଆରେ ବୁଧବାର ଅନ୍ଧାରିପାଟ୍ ପ୍ରିମିୟର ଲିଗ୍‌ର ପ୍ରଥମ ସଂସ୍କରଣ ଉଦ୍‌ଘାଟିତ ହୋଇଯାଇଛି। ପ୍ରତିଦିନ ସକାଳେ ଓ ଅପରାହ୍ନରେ ଗୋଟିଏ ଲେଖାଏ ମ୍ୟାଚ୍ ଆୟୋଜିତ ହେବ ଏବଂ ମେ'୧୪ ତାରିଖ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ। ଉଦ୍‌ଘାଟନୀ ମ୍ୟାଚ୍‌ରେ ମୁଖ୍ୟଅତିଥି ଭାବେ ଏଫ୍‌ଆର୍‌ପି ଏଚ୍‌ଆର୍ ସମୀର ମହାନ୍ତି ଓ ବିଜେପିର ସାଧାରଣ ସମ୍ପାଦକ ସମୀର ରଞ୍ଜନ ବାବୁ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ହନୁମାନ ମନ୍ଦିର କମିଟି ସଭାପତି ହେମଲାଲ ଚୌହାନ ଓ ହୀରାକୁଦ ମଣ୍ଡଳ ବିଜେପି ପୂର୍ବତନ ସମ୍ପାଦକ ଅନୁପ ମିଶ୍ର, ବିଶ୍ୱଜିତ ଲେଙ୍କା, ଅରୁଣ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମ ମ୍ୟାଚ୍ ଜିଜଜାଗ କ୍ଲବ ଓ ଫାଇଭ୍-କିଙ୍ଗ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ସୁଧୀର ତରିଆ ଓ ଜମେଶ ମହାପାତ୍ର ଖେଳ ପରିଚାଳନା କରିଥିଲେ। କ୍ରୀଡ଼ା ସଂଘର କାର୍ଯ୍ୟକାରୀ ସଭାପତି ଉମାଶଙ୍କର ଗୌଡ଼, ଉପସଭାପତି ଖଗେଶ୍ୱର ନାୟକ, ମନୋହରନ ଚୌହାନ, ମାନସ ପାତ୍ର, ପ୍ରିୟାଂଶୁ ଗୌଡ଼, ସଞ୍ଜୟ, ସୋନୁ, ବବୁଲୁ, ରାହୁଲ ଟପ୍ପୋ, ମନିସ, ସୁନିତ ଖେସ, ଆକାଶ, ଟିକଲୋ, ଦୀନେଶ, କୀର୍ତ୍ତି, ଅପୁ, ପିଣ୍ଟୁ, ବିବେକ ତଥା ସଂଘର ସଦସ୍ୟମାନେ ପରିଚାଳନାରେ ସହଯୋଗ କରିଥିଲେ।

# ଜିଲ୍ଲା ପରିଷଦ ସଭାନେତ୍ରୀ ସମ୍ମାନିତ

କୁଚିଣ୍ଡା, ୨୯।୪ (ସମିସ): ଜାତୀୟ ପଞ୍ଚାୟତିରାଜ୍ ଦିବସ ଅବସରରେ ସମ୍ବଲପୁର ଜିଲ୍ଲା ପରିଷଦ ଅଧ୍ୟକ୍ଷା କୁମୁଦିନୀ ନାୟକଙ୍କୁ ରାଜ୍ୟସ୍ତରରେ ସମ୍ମାନିତ କରାଯାଇଛି। ରୁରାଲ ହାଉସିଂ କ୍ଷେତ୍ରରେ ତାଙ୍କର ଉଲ୍ଲେଖନୀୟ ଓ ସଫଳ କାର୍ଯ୍ୟ ପାଇଁ ତାଙ୍କୁ ରାଜ୍ୟ ପଞ୍ଚାୟତ ପୁରସ୍କାର ପ୍ରଦାନ କରାଯାଇଛି। ବଲାଙ୍ଗିର ଠାରେ ଆୟୋଜିତ ରାଜ୍ୟ ସ୍ତରୀୟ ପଞ୍ଚାୟତିରାଜ୍ ଦିବସ କାର୍ଯ୍ୟକ୍ରମରେ ରାଜ୍ୟର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କୁ ସମ୍ମାନ ପ୍ରଦାନ କରିଛନ୍ତି। ସମ୍ବଲପୁର ଜିଲ୍ଲାର ମୁଖ୍ୟ ଉନ୍ନୟନ ଅଧିକାରୀ (ସିଡିଓ) ପ୍ରସନ୍ନ ପାତ୍ର ମଧ୍ୟ ଉପସ୍ଥିତ ରହି ମାନପତ୍ର ଗ୍ରହଣ କରିଥିଲେ। କୁମୁଦିନୀ ନାୟକଙ୍କ ସଫଳତାରେ ସମ୍ବଲପୁର ଜିଲ୍ଲାରେ ଆନନ୍ଦ ଓ ଗର୍ବର ପରିବେଶ ସୃଷ୍ଟି ହୋଇଛି। ବୁଧବାର ସନ୍ଧ୍ୟାରେ ଶୁଭେଚ୍ଛୁ, ସହଯୋଗୀ ଓ ଜିଲ୍ଲା ପରିଷଦ ସଦସ୍ୟମାନେ ତାଙ୍କୁ ଭେଟି ଅଭିନନ୍ଦନ ଓ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ।

# ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ଜାତୀୟ ସମ୍ମିଳନୀ ଉଦ୍‌ଯାପିତ

ସମ୍ବଲପୁର, ୨୯।୪ (ସମିସ): ସମ୍ବଲପୁର ବିଶ୍ୱବିଦ୍ୟାଳୟ ଶିକ୍ଷା ବିଭାଗରେ 'ଭାରତୀୟ ଜ୍ଞାନ ପ୍ରଣାଳୀ ସହ ଶିକ୍ଷକ ଶିକ୍ଷାର ପୁନର୍ଜୀବନ' ଶୀର୍ଷକ ଦ୍ୱିଦିବସୀୟ ଜାତୀୟ ସମ୍ମିଳନୀ ଆଜି ଉଦ୍‌ଯାପିତ ହୋଇଯାଇଛି। ସମ୍ମିଳନୀର ଦ୍ୱିତୀୟ ଦିବସରେ ଛତିଶଗଡ଼ସ୍ଥିତ ଗୁରୁ ଘାସିଦାସ ବିଶ୍ୱବିଦ୍ୟାଳୟର ପ୍ରାଧ୍ୟାପକ ସୁଜିତ କୁମାର ମିଶ୍ର ଓ ପଶ୍ଚିମବଙ୍ଗସ୍ଥିତ ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟର ଶିକ୍ଷା ବିଭାଗର ପ୍ରାଧ୍ୟାପକ ଶ୍ୟାମସୁନ୍ଦର ବୈରାଗ୍ୟ ମୁଖ୍ୟବକ୍ତା ରୂପେ ଯୋଗଦେଇ ଶିକ୍ଷକ ଶିକ୍ଷଣରେ ଭାରତୀୟ ଜ୍ଞାନ ପରମ୍ପରାର ଆବଶ୍ୟକତା ଓ ତାର ଗୁରୁତ୍ୱ ସମ୍ପର୍କରେ ମତ ଉପସ୍ଥାପନ କରିଥିଲେ। ବୈଷୟିକ ଅଧିବେଶନରେ ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ ସମ୍ବଲପୁର ବିଶ୍ୱବିଦ୍ୟାଳୟର ୪୦ରୁ ଉର୍ଦ୍ଧ୍ୱ ଗବେଷକ ଓ ଛାତ୍ରଛାତ୍ରୀ ନିଜ ନିବନ୍ଧ ପାଠ କରିଥିଲେ। ସେଥିରେ ସହକାରୀ ପ୍ରାଧ୍ୟାପକ ଶ୍ରବଣ କୁମାର ବାଗ ଓ ସହଯୋଗୀ ପ୍ରାଧ୍ୟାପକ ଡ. ଦେବାଶିଷ ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ଶେଷରେ ଶିକ୍ଷା ବିଭାଗର ସଂଯୋଜକ ପ୍ରାଧ୍ୟାପକ ରାଜେନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ପରିଚାଳିତ ଉଦଯାପନୀ ସଭାରେ ଭିତ୍ତି ପ୍ରବନ୍ଧ ପାଠ କରିଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଆଜି ସମ୍ମିଳନୀର ଦ୍ୱିତୀୟ ଦିବସରେ ସହକାରୀ ପ୍ରାଧ୍ୟାପକ ଶ୍ରବଣ କୁମାର ବାଗ ସଭାକୁ ସଂଯୋଜନା କରିଥିବାବେଳେ ସହଯୋଗୀ ପ୍ରାଧ୍ୟାପକ ଡ. ବେଣୁଧର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ସମ୍ମିଳନୀ ଆୟୋଜନରେ ଶିକ୍ଷା ବିଭାଗର ସହକାରୀ ପ୍ରାଧ୍ୟାପକ ଅଭିଷେକ ପଣ୍ଡା, ନେତ୍ରମଣି ବୁଧିଆ, ଡ. ଖଗେଶ୍ୱର ଭାଟି, ଚିନ୍ମୟୀ ବେହେରା, ପୁଷ୍ପିତା କହ୍ନର, ସଞ୍ଚିତା ରାଉତ, ବର୍ଷା ବେହେରା, ପ୍ରଜ୍ଞାରାଣୀ ହାତୀ ପ୍ରମୁଖ ସହଯୋଗ କରିଥିଲେ।

# ସମର କ୍ରିକେଟ୍ ଲିଗ୍ ଉଦ୍‌ଯାପିତ




ସମ୍ବଲପୁର, ୨୯।୪ (ସମିସ): ଡିପିଏସ୍ ଶାସନରେ ସମର କ୍ରିକେଟ୍ ଲିଗ୍ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସଭାରେ ରେଙ୍ଗାଲି ବିଧାୟକ ସୁଦର୍ଶନ ହରିପାଲ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ଝାରସୁଗୁଡ଼ା ରୋଟାରୀ କ୍ଲବର ସଭାପତି ମନୀଷ କୁମାର ଶାହା ଏବଂ ଚାଷୀ ନେତା ବିଭୁଭୂଷଣ ପଟ୍ଟନାୟକ ଉପସ୍ଥିତ ଥିଲେ। ଟୁର୍ଣ୍ଣାମେଣ୍ଟର ଚିତ୍ତାକର୍ଷକ ଫାଇନାଲ୍ ମ୍ୟାଚ୍‌ରେ ରୋଟାରୀ କ୍ଲବ୍ ଝାରସୁଗୁଡ଼ା ନିଜର ଅସାଧାରଣ ଦକ୍ଷତା, ସମନ୍ୱୟ ଏବଂ ଦୃଢ଼ ନିଶ୍ଚୟ ବଳରେ ଚାମ୍ପିଅନ୍ ହୋଇଥିଲା। ରନର୍ସ-ଅପ୍ ଦଳ ଭାବେ ଇନକମ୍ ଟାକ୍ସ ରିକ୍ରିଏସନ୍ କ୍ଲବ୍, ସମ୍ବଲପୁର ମଧ୍ୟ ସଂଘର୍ଷ ଏବଂ ପ୍ରତିଯୋଗିତାମୂଳକ ମନୋଭାବ ପ୍ରଦର୍ଶନ କରିଥିଲା। ଡିପିଏସ୍ ଶାସନର ଅଧ୍ୟକ୍ଷା ସୁଜାତା ଲେଙ୍କା ସମସ୍ତ ଅଂଶଗ୍ରହଣକାରୀ ଦଳକୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇଥିଲେ।ଅଭିଭାଷଣରେ ସେ ଖେଳାଳିଙ୍କ ଅକ୍ଳାନ୍ତ ପରିଶ୍ରମର ପ୍ରଶଂସା କରିବା ସହ ବ୍ୟକ୍ତିତ୍ୱ ଗଠନ, ସହନଶୀଳତା ଏବଂ ନେତୃତ୍ୱ ନେବାରେ କ୍ରୀଡ଼ାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଅତିଥିମାନେ ଚମ୍ପିଆନ ଓ ରନର୍ସଅପ୍ ଦଳକୁ ଟ୍ରଫି ସହ ପୁରସ୍କାର ପ୍ରଦାନ କରିଥିଲେ।

# ୪୦ ମିନିଟ୍‌ର ଝଡ଼ ବର୍ଷା
# ଅନ୍ଧାରରେ ସମ୍ବଲପୁର, ଜଳଯୋଗାଣ ବନ୍ଦ

ସମ୍ବଲପୁର, ୨୯।୪ (ସମିସ)

ଗତ ୮ ଦିନ ଧରି ସମ୍ବଲପୁରର ତାପମାତ୍ରା ୪୩ ଡିଗ୍ରୀ ପାଖାପାଖି ରହୁଛି। ମଙ୍ଗଳବାର ସମ୍ବଲପୁରର ସର୍ବୋଚ୍ଚ ତାପମାତ୍ରା ୪୩.୫ ଡିଗ୍ରୀ ଥିବାବେଳେ ସର୍ବନିମ୍ନ ୨୮.୫ ଡିଗ୍ରୀ ରହିଥିଲା। ମଙ୍ଗଳବାର ରାତି ପ୍ରାୟ ୧୧ଟା ୨୦ ମିନିଟ୍‌ରୁ ୧୧ଟା ୫୦ ବା ୧୨ଟା ଯାଏ ଝଡ଼ ସହ କୁଆପଥର ବର୍ଷା ହୋଇଥିଲା। ତେବେ, ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ ଯୋଗୁଁ ସାରା ସମ୍ବଲପୁର ଅନ୍ଧାରମୟ ହୋଇ ଯାଇଥିଲା। ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଯୋଗୁଁ ଲୋକେ ରାତିସାରା ଘରେ ଶୋଇ ପାରି ନଥିଲେ। ପୁଣି କେଉଁ ଅଞ୍ଚଳରେ ସକାଳ ୫ଟା ବେଳକୁ ଆଉ କେଉଁଠି ୮ଟା ବେଳକୁ ତ ଆଉ କେଉଁଠି ବୁଧବାର ଅପରାହ୍ନ ପର୍ଯ୍ୟନ୍ତ ବିଦ୍ୟୁତ୍ ସଂଯୋଗ ଦିଆଯାଇନାହିଁ। ଅନ୍ୟପକ୍ଷରେ ସମ୍ବଲପୁର ସହରର ଜଳଯୋଗାଣ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। କାଁଭାଁ କିଛି ଅଞ୍ଚଳକୁ ଛାଡ଼ିଦେଲେ ଲୋକେ ଖରା ତାତି ଓ ଗୁଳୁଗୁଳିରେ ପାନୀୟ ଜଳ ପାଇଁ କଲବଲ ହୋଇଛନ୍ତି।

ବିଦ୍ୟୁତ୍ ଯୋଗାଣକାରୀ ସଂସ୍ଥା ପକ୍ଷରୁ ଗ୍ରୀଷ୍ମପ୍ରବାହ ସମୟରେ ଓଭରଲୋଡିଂ ଓ କାଳବୈଶାଖୀ ଆଦି ଯେକୌଣସି ସ୍ଥିତିର ମୁକାବିଲା ପାଇଁ ପ୍ରସ୍ତୁତ ଥିବା କୁହାଯାଉଥିବାବେଳେ ଆଜି ସାମାନ୍ୟ ଝଡ଼ ଓ କୁଆପଥର ବର୍ଷାରେ ସଂସ୍ଥା ସମ୍ପୂର୍ଣ୍ଣ ଫେଲ୍ ମାରିଥିଲା। ଗତ ରାତି ୧୧ଟା ୨୦ରୁ ଆରମ୍ଭ ହୋଇଥିବା ବିଦ୍ୟୁତ୍‌କାଟ୍ ବୁଧବାର ଦିନତମାମ ବିଭିନ୍ନ ଅଞ୍ଚଳରେ ଜାରି ରହିଥିଲା। ଧନୁପାଲି, ସାକ୍ଷୀପଡ଼ା, ଏନ୍‌ଗୁହା ଲେନ୍ ଆଦିରେ ୬ଟା ବେଳକୁ ଲାଇନ୍ ଆସିଥିବାବେଳେ ବାଲିବନ୍ଧା, ହୀରାକୁଦ କଲୋନୀ, ଦୁର୍ଗାପାଲି, କାନିଜୁରୀ ପଟେ ସାଢ଼େ ୭ଟା ପରେ ଲାଇନ୍ ଆସିଥିଲା। ଚାଉଁରପୁର ଭଳି କେତେକ ଅଞ୍ଚଳରେ ବୁଧବାର ଅପରାହ୍ନ ପର୍ଯ୍ୟନ୍ତ ବିଦ୍ୟୁତ୍ ସଂଯୋଗ ନଥିଲା। ସମଗ୍ର ସମ୍ବଲପୁର ସହରରେ ଦିନ ତମାମ ବିଜୁଳିର ଲୁଚକାଳି ଖେଳ ଚାଲୁଥିଲା। ସମ୍ବଲପୁରର ତାପମାତ୍ରା କିଛିଟା ଖସିଥିଲେ ହେଁ, ବୁଧବାର ସର୍ବୋଚ୍ଚ ତାପମାତ୍ରା ୪୦.୬ ଡିଗ୍ରୀ ଥିବାରୁ ମହାନଗର ନିଗମର ବହୁ ଅଞ୍ଚଳରେ ଲୋକେ ଦିନତମାମ ଗରମରେ ଆଉଟୁପାଉଟୁ ହୋଇଥିଲେ। ସାମାନ୍ୟ ଝଡ଼ ବର୍ଷା ପାଇଁ ଯଦି ଏଭଳି ଅବସ୍ଥା, ତେବେ ଘୂର୍ଣ୍ଣିବାତ୍ୟାକୁ କିଭଳି ବିଦ୍ୟୁତ୍ ଯୋଗାଣକାରୀ ସଂସ୍ଥା ମୁକାବିଲା କରିବ ବୋଲି ସାଧାରଣରେ ପ୍ରଶ୍ନ ଉଠୁଛି।

ଅନ୍ୟପକ୍ଷରେ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆଜି ଦିନତମାମ ସମ୍ବଲପୁର ମହାନଗର ନିଗମର ୮୦ ପ୍ରତିଶତ ଅଞ୍ଚଳକୁ ଜଳଯୋଗାଣ ହୋଇନାହିଁ। ଲୋକେ ପାଣି ଟୋପାଏ ପାଇଁ ହନ୍ତସନ୍ତ ହୋଇଛନ୍ତି। ସହରବାସୀ ବାଧ ହୋଇ ୨୦ ଲିଟର ବିଶିଷ୍ଟ ପାଣିଜାର୍ କିଣି ବ୍ୟବହାର କରୁଥିବା ଦେଖାଯାଇଛି। ବିଦ୍ୟୁତ୍ ସଂଯୋଗ ନଥିବା ଜନସ୍ୱାସ୍ଥ୍ୟ ବିଭାଗ ପାଇଁ ଏକ ବାହାନା ହୋଇଯାଇଛି। ବିଭିନ୍ନ ବିଶୋଧନାଗାର ଓ ପ୍ଲାଣ୍ଟମାନଙ୍କରେ ସେମାନଙ୍କ ନିଜସ୍ୱ ଡିଜି ଓ ଅନ୍ୟ ବ୍ୟବସ୍ଥା କରିବାକୁ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଥିବା ବେଳେ ଅଧିକାରୀମାନେ ସେଗୁଡ଼ିକର ସଠିକ୍ ଉପଯୋଗ କରୁନଥିବା ସାଧାରଣରେ ଅଭିଯୋଗ ହେଉଛି। ଗତଦିନରେ ପ୍ରାୟ ଏକ ସପ୍ତାହ ପାଇଁ ଜଳଯୋଗାଣ ବନ୍ଦ ରହିଥିବା ସମୟରେ ବିଭିନ୍ନ ପ୍ଲାଣ୍ଟ ପାଇଁ ନିଜସ୍ୱ ଜେନେରେଟର ଆଦି ବ୍ୟବସ୍ଥା କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ତାହାର ମଧ୍ୟ ଅନୁପାଳନ କରାଯାଉନଥିବା ଦେଖାଯାଉଛି।

● ସ୍ନାତକ ଡିଗ୍ରୀ ପରୀକ୍ଷା ଫଳ ପ୍ରକାଶ

## ଡାଲମିଆ ମହାବିଦ୍ୟାଳୟର ଶୁଭ୍ରା ହିନ୍ଦୀରେ ପ୍ରଥମ



କୁତ୍ରା, ୨୯।୪(ସମିସ): ବୁଧବାର ସମ୍ବଲପୁର ବିଶ୍ୱ ବିଦ୍ୟାଳୟ ଅଧିନରେ ଥିବା ବିଭିନ୍ନ ମହାବିଦ୍ୟାଳୟର ସ୍ନାତକ ଡିଗ୍ରୀ ପରୀକ୍ଷା ଫଳ ପ୍ରକାଶିତ ହୋଇଛି। ଏହି ପରୀକ୍ଷାରେ ଡାଲମିଆ ମହାବିଦ୍ୟାଳୟ ରାଜଗାଙ୍ଗପୁରର ହିନ୍ଦୀ ବିଭାଗର ଦୁଇ ଜଣ ଛାତ୍ରୀ ବିଶ୍ୱବିଦ୍ୟାଳୟସ୍ତରରେ ପ୍ରଥମ ଓ ତୃତୀୟ ସ୍ଥାନ ଅଳଙ୍କୃତ କରିଛନ୍ତି। ଅରିନ୍ଦମ ପାଲିତ ଏବଂ ସୋମା ପାଲିତଙ୍କ ଝିଅ ସୁଶ୍ରୀ ଶୁଭ୍ରା ପାଲିତ ହିନ୍ଦୀ ବିଭାଗରେ ବିଶ୍ୱବିଦ୍ୟାଳୟସ୍ତରରେ ପ୍ରଥମ ହୋଇଛନ୍ତି। ସେ ଦିନକୁ ୮ ଘଣ୍ଟା ପରିଶ୍ରମ କରୁଥିଲେ। ସରତୁଲ୍ଲା ଆନସାରୀ ଓ ଅମିନା ଖାତୁନଙ୍କ କନ୍ୟା ସୁଶ୍ରୀ ସିମରନ ପରବିନ୍ ତୃତୀୟ ସ୍ଥାନରେ ଉତ୍ତିର୍ଣ୍ଣ ହୋଇଛନ୍ତି।

## ଯୁବକଙ୍କୁ ଚାପିଦେଲା ଅଜଣା ଗାଡ଼ି

କୋଇଡା, ୨୯।୪(ସମିସ): କୋଇଡ଼ା ଥାନା ମାଲଦା ପଞ୍ଚାୟତ କାର୍ଯ୍ୟାଳୟ ନିକଟ ରାସ୍ତାଠାରେ ଗତକାଲି ରାତି ୧୧ଟାରେ ଜଣେ ଅଜଣା ଗାଡି କଳମଙ୍ଗ ଗ୍ରାମର ଯୁବକ ରଞ୍ଜିତ ନାଏକ (୩୦)କୁ ଚାପି ଦେଇ ଫେରାର୍ ହୋଇଥିଲା। ଗ୍ରାମବାସୀ ଏକ ଆମ୍ବୁଲାନ୍ସ ସାହାଯ୍ୟରେ କୋଇଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆଣିଥିଲେ। ତାଙ୍କର ଅଣ୍ଟା ତଳୁ ସମ୍ପୁର୍ଣ୍ଣ ଭାବେ ନଷ୍ଟ ହୋଇଥିଲା। ଡାକ୍ତର ପ୍ରାଥମିକ ଚିକିତ୍ସା ପରେ ରଞ୍ଜିତ୍‌ଙ୍କୁ ରାଉରକେଲା ସ୍ଥାନାନ୍ତର କରିଥିଲେ। ହେଲେ ଆମ୍ବୁଲାନ୍ସ ଚଢିବା ଆଗରୁ ସ୍ୱାସ୍ଥ୍ୟ କେନ୍ଦ୍ରଠାରେ ରାତି ୧୨ଟାରେ ତାଙ୍କର ମୃତ୍ୟୁ ହୋଇଥିଲା। ପୁଲିସ୍ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛନ୍ତି। ଅନ୍ୟପଟରେ ଗ୍ରାମବାସୀ କ୍ଷତିପୂରଣ ଦାବି କରି କିଛି ସମୟ ପାଇଁ ରାସ୍ତା ରୋକ କରିଥିଲେ। ପୁଲିସ୍‌ର ବୁଝାସୁଝା ପରେ ଧାରଣା ପ୍ରତ୍ୟାହାର ହୋଇଥିଲା।

**ସାମ୍ବାଦିକଙ୍କୁ ସୁରକ୍ଷା ଓ ସହାୟତା ଦାବି**

## ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସାମ୍ବାଦିକ ସଂଘର ୬ ଦଫା ଦାବିପତ୍ର

ରାଉରକେଲା, ୨୯।୪(ସମିସ)




ରାଜ୍ୟରେ କାର୍ଯ୍ୟରତ ସାମ୍ବାଦିକମାନଙ୍କ ସୁରକ୍ଷା ଓ ଆର୍ଥିକ ସହାୟତା ଦାବି ତେଜିଛି। ଏଥିସହ ୬ ଦଫା ଦାବି ନେଇ ଉତ୍କଳ ସାମ୍ବାଦିକ ସଂଘ ନେତୃତ୍ୱରେ ଆଜି ସୁନ୍ଦରଗଡ଼ ଜିଲ୍ଲା ସାମ୍ବାଦିକ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ରାଉରକେଲା ଅତିରିକ୍ତ ଜିଲ୍ଲାପାଳଙ୍କ ଜରିଆରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସାମ୍ବାଦିକମାନେ ପ୍ରଥମେ ବିକ୍ଷୋଭ ପ୍ରଦର୍ଶନ କରିବା ପରେ ଉତ୍କଳ ସାମ୍ବାଦିକ ସଂଘ ସହବନ୍ଧିତ ସୁନ୍ଦରଗଡ଼ ଜିଲ୍ଲାର ସାମ୍ବାଦିକ ସଂଘ ସଭାପତି ପ୍ରଦୀପ ତ୍ରିପାଠୀଙ୍କ ନେତୃତ୍ୱରେ ଦାବିପତ୍ର ପ୍ରଦାନ କରିଛନ୍ତି। ଦେଶର ସଂଖ୍ୟାଧିକ ରାଜ୍ୟ ଏବଂ ସେହି ରାଜ୍ୟର ହଜାର ହଜାର ସାମ୍ବାଦିକଙ୍କୁ ଅଧିସ୍ୱୀକୃତି ପ୍ରଦାନ କରୁଥିବା ବେଳେ ଆମ ରାଜ୍ୟରେ ଏ ସଂଖ୍ୟା ମାତ୍ର ୨ ଶହ ମଧ୍ୟରେ ସୀମିତ ରହିଛି। ଉତ୍ତର ପ୍ରଦେଶ, ବିହାର, ଆସାମ, ହରିୟାଣା, ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା ଓ ଅରୁଣାଚଳ ପ୍ରଦେଶ ସମେତ ଦେଶର ୨୦ରୁ ଅଧିକ ରାଜ୍ୟରେ ସାମ୍ବାଦିକମାନଙ୍କୁ ୧୦ ହଜାର ଟଙ୍କାରୁ ୨୫ ହଜାର ଟଙ୍କା ପର୍ଯ୍ୟନ୍ତ ପେନସନ, ରିହାତି ମୂଲ୍ୟରେ ପରିବହନ ସୁବିଧା, ସାମ୍ବାଦିକ ସୁରକ୍ଷା ଆଇନ ମାଧ୍ୟମରେ ବୃତ୍ତିଗତ ଅଭୟତା ଭଳି ନାନାଦି ଆର୍ଥିକ ଓ ସାମାଜିକ ସୁବିଧା ସୁଯୋଗ ପ୍ରଦାନ କରୁଛନ୍ତି। ମାତ୍ର ଓଡ଼ିଶା ସରକାରଙ୍କ ପକ୍ଷରୁ କିଛି ସୀମିତ ଯୋଜନା ବ୍ୟତୀତ ଆବଶ୍ୟକ ମୌଳିକ ସୁବିଧାରୁ ସାମ୍ବାଦିକବର୍ଗଙ୍କୁ ବଞ୍ଚିତ କରାଯାଇଛି ବୋଲି ସଂଘ ବିକ୍ଷୋଭ ସମାବେଶରେ ଅଭିଯୋଗ କରିଛି। ଅଧିସ୍ୱୀକୃତି କମିଟି ପୁନର୍ଗଠନ ସହିତ ପ୍ରଚଳିତ ଆଇନରେ ସଂଶୋଧନ ପୂର୍ବକ ଜିଲ୍ଲା ଓ ରାଜ୍ୟସ୍ତରରେ ଯୋଗ୍ୟ ସାମ୍ବାଦିକମାନଙ୍କୁ ମାନ୍ୟତା ପ୍ରଦାନ କରାଯିବା, ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ କରାଯିବା, ୬୦ ବର୍ଷ ବୟସରୁ ଅଧିକ ବୟସ୍କ ସାମ୍ବାଦିକମାନଙ୍କ ପାଇଁ ମାସିକ ଅନ୍ୟୁନ ୧୫ ହଜାର ଟଙ୍କାର ପେନସନ୍ ବ୍ୟବସ୍ଥା କରାଯିବା, ଓଡ଼ିଶା ପ୍ରେସ୍ ଏକାଡେମୀ ଗଠନ ପୂର୍ବକ ଭୁବନେଶ୍ୱରରେ ଭବନ ନିର୍ମାଣ କରି ବୃତ୍ତିଗତ କାର୍ଯ୍ୟରେ ରାଜଧାନୀ ଆସୁଥିବା ସାମ୍ବାଦିକଙ୍କ ପାଇଁ ସ୍ୱଳ୍ପ ମୂଲ୍ୟରେ ରହଣି ସୁବିଧା ପ୍ରଦାନ କରିବା, ଗୋପବନ୍ଧୁ ସ୍ୱାସ୍ଥ୍ୟବୀମା ଯୋଜନା ପରିସରରେ ଅବସରପ୍ରାପ୍ତ ସାମ୍ବାଦିକ, ହିତାଧୀକାରୀଙ୍କ ମାତା-ପିତା ଏବଂ ୨୫ ବର୍ଷରୁ ଉର୍ଦ୍ଧ୍ୱ ସନ୍ତାନମାନଙ୍କୁ ସାମିଲ କରାଯିବା ପ୍ରଭୃତି ଦାବି ପୂରଣ ପାଇଁ ସ୍ମାରକପତ୍ରରେ ଉଲ୍ଲେଖ ରହିଛି। ସଂଘ ପକ୍ଷରୁ ନିଷ୍ପତ୍ତି କ୍ରମେ ଆସନ୍ତା ମେ ୧ ତାରିଖ ଶ୍ରମିକ ଦିବସ ଦିନ ଜିଲ୍ଲାର ସମସ୍ତ ସାମ୍ବାଦିକ କଳା ବ୍ୟାଚ ପରିଧାନ କରି କାର୍ଯ୍ୟ ସମ୍ପାଦନ କରିବାକୁ ଆହ୍ୱାନ ଦିଆଯାଇଛି। ଆଜି ସ୍ମାରକପତ୍ର ପ୍ରଦାନ ସମୟରେ ସାମ୍ବାଦିକ ଶିବଶରଣ ମିଶ୍ର, ଜଗବନ୍ଧୁ ଜ୍ଞାନ, ଦିଲ୍ଲୀପ ଶର୍ମା, ସୁଭାଷ ବର୍ମା, ଦେବବ୍ରତ ପଟ୍ଟନାୟକ, ମଳୟ ରଞ୍ଜନ ସାହୁ, ଉମେଶ ଚନ୍ଦ୍ର ସାହୁ, ମଳୟ ରାୟ, ଜ୍ୟୋତି କୃଷ୍ଣ ମିଶ୍ର, ବିଭୂତି କର, ଧୀରେନ୍ଦ୍ର କୁମାର ମାହାନ୍ତ, ଦାଶରଥି ପଣ୍ଡା, ପଞ୍ଚାନନ କର, ହବିବ୍ ଖାନ୍, ସନ୍ତୋଷ କୁମାର ପ୍ରଧାନ, ଦାମୋଦର ସାହୁ, ସୁଜିତ୍ ମହାପାତ୍ର, କେସକେତନ ମାହାନ୍ତ, ଦିନେଶ କୁମାର ମିଶ୍ର, ଦିଲ୍ଲୀପ ଶର୍ମା, ଚିନ୍ମୟ ତ୍ରିପାଠୀ, ଗାନ୍ଧୁର ଓରାମ, ଶୈଳେନ୍ଦ୍ର କୁମାର ସାହୁ, ବିରେନ କୁମାର ପତି ପ୍ରମୁଖ ସାମ୍ବାଦିକମାନେ ଉପସ୍ଥିତ ଥିଲେ।

## ମେ ୫ରୁ ଆର୍‌ଏସ୍‌ପିର ଗ୍ରୀଷ୍ମକାଳୀନ କ୍ରୀଡ଼ା ପ୍ରଶିକ୍ଷଣ ଶିବିର

ରାଉରକେଲା, ୨୯।୪(ସମିସ): ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର କ୍ରୀଡା ବିଭାଗ ଦ୍ୱାରା ଆୟୋଜିତ ବାର୍ଷିକ ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ ଶିବିର ଆଗାମୀ ମେ ମାସ ୫ ରୁ ଆରମ୍ଭ ହୋଇ ମେ ୨୫ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଛି। ସୂଚନାଯୋଗ୍ୟ, ଏହି ଶିବିରର ଉଦ୍‌ଘାଟନୀ ସମାରୋହ ମେ ମାସ ୫ ତାରିଖ ଦିନ ସକାଳ ୭ଟା ସମୟରେ ସେକ୍ଟର-୬ ସ୍ଥିତ ଇସ୍ପାତ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଏହି ଶିବିରରେ ଅଂଶଗ୍ରହଣକାରୀମାନଙ୍କୁ ୧୫ଟି କ୍ରୀଡା ଯଥା-ଆଥଲେଟିକ୍ସ, ବ୍ୟାଡମିଣ୍ଟନ୍, ବାସ୍କେଟବଲ୍, ବକ୍ସିଂ, କ୍ରିକେଟ୍, ସାଇକେଲିଂ, ଫୁଟବଲ୍, ହକି, କବାଡି, ଟେବୁଲ୍ ଟେନିସ୍ ଇତ୍ୟାଦିର ତାଲିମ ଦିଆଯିବ। ଉଲ୍ଲେଖଯୋଗ୍ୟ, ଏହି ଶିବିର ୫ମ ରୁ ୧୦ମ ଶ୍ରେଣୀ ପିଲାମାନଙ୍କ ପାଇଁ ଉଦ୍ଦିଷ୍ଟ ଥିବା ବେଳେ ୧ମ ରୁ ୧୦ମ ଶ୍ରେଣୀ ପିଲାମାନେ ଚେସ୍‌ରେ ଅଂଶଗ୍ରହଣ କରିପାରିବେ। ସେହିପରି ସପ୍ତମରୁ ଦ୍ୱାଦଶ ଶ୍ରେଣୀର ବଡ଼ ପିଲାମାନେ ଭଲିବଲ୍, ଭାର ଉତ୍ତୋଳନ ଏବଂ ପାୱାର ଲିଫ୍ଟିଂ ପାଇଁ ନାମ ପଞ୍ଜୀକରଣ କରିପାରିବେ। ଏଥିରେ ଯୋଗ ଶିକ୍ଷା ଏବଂ ଲନ୍ ଟେନିସ୍ ସମସ୍ତ ବୟସ ଗୋଷ୍ଠୀ ପାଇଁ ଉନ୍ମୁକ୍ତ ରହିଛି। ଏହି ଶିବିର ପ୍ରତ୍ୟହ ସକାଳ ୬ଟାରୁ ସକାଳ ୮ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଯାଉଥିବା ବେଳେ କେବଳ ଚେସ୍ ଏବଂ ଫୁଟବଲ୍ ସନ୍ଧ୍ୟା ୪ଟା ୩୦ରୁ ୬ଟା ୩୦ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ବିଦ୍ୟାଳୟଗୁଡ଼ିକ ସେମାନଙ୍କର ଛାତ୍ରଛାତ୍ରୀଙ୍କ ନାମ ନିର୍ଦ୍ଧାରିତ ଫର୍ମାଟରେ ପଠାଇପାରିବେ। ଆବେଦନ ଗୁଡ଼ିକ ସେକ୍ଟର-୫ ସ୍ଥିତ ବିଜୁ ପଟ୍ଟନାୟକ ହକି ଷ୍ଟାଡିୟମର କ୍ରୀଡା ବିଭାଗ କାର୍ଯ୍ୟାଳୟରେ ମେ ମାସ ୩ ତାରିଖ ସନ୍ଧ୍ୟା ୫ଟା ପୂର୍ବରୁ ଗ୍ରହଣ କରାଯିବ ବୋଲି ଆରଏସପି କ୍ରୀଡା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## କନକ ମନ୍ଦିର ଜୁଏଲର୍ସରୁ ୧୦ ଲକ୍ଷ ଟଙ୍କାର ଅଳଙ୍କାର ଚୋରି

ରାଉରକେଲା, ୨୯।୪(ସମିସ): ରାଉରକେଲାର କନକ ମନ୍ଦିର ଜୁଏଲର୍ସରୁ ୧୦ ଲକ୍ଷ ଟଙ୍କାର ଅଳଙ୍କାର ଚୋରି ହୋଇଥିବା ନେଇ ପ୍ଲାଣ୍ଟସାଇଟ୍ ଥାନାରେ ଅଭିଯୋଗ ହୋଇଛି। ଅଳଙ୍କାର ଚୋରି ଘଟଣାର ପୁରା ଫୁଟେଜ୍ ସିସିଟିଭିରେ କଏଦ ହୋଇଥିବା ବେଳେ ଏହି ଫୁଟେଜ ଆଧାରରେ ପୁଲିସ ଚୋରକୁ ଧରିବା ପାଇଁ ପ୍ରଚେଷ୍ଟା ଜାରି ରଖିଛି। ସୂଚନାନୁଯାୟୀ, ସୋମବାର ସନ୍ଧ୍ୟାରେ ଉକ୍ତ ଚୋର ପ୍ଲାଣ୍ଟସାଇଟ୍ ଥାନା ଅନ୍ତର୍ଗତ ମେନରୋଡରେ ଥିବା କନକ ଜୁଏଲାରୀ ଶୋ ରୁମ୍‌କୁ ଯାଇଥିଲା। ସେ ପ୍ରଥମେ ଦୋକାନରେ ଥିବା ଜଣେ ସେଲ୍ସ ଗାର୍ଲଙ୍କ ପାଖକୁ ଯାଇ କିଛି ଅଳଙ୍କାର ଦେଖିବାକୁ କହିଥିଲା। ସେଲ୍ସ ଗାର୍ଲ ତାଙ୍କୁ ଅଳଙ୍କାର ଦେଖାଉଥିଲା ବେଳେ ସମ୍ପୃକ୍ତ ଦୁର୍ବୃତ୍ତ ତାଙ୍କୁ ବିଭ୍ରାନ୍ତ କରିବା ପାଇଁ ଭିନ୍ନ ଭିନ୍ନ ଅଳଙ୍କାର ଦେଖାଇବାକୁ କହିଥିଲା। ସେଲ୍ସ ଗାର୍ଲ ଅନ୍ୟାନ୍ୟ ଡିଜାଇନର ଅଳଙ୍କାର ଆଣିବାକୁ ଯାଇଥିବା ବେଳେ ତାହାର ସୁଯୋଗ ନେଇ ଅଭିଯୁକ୍ତ ବିଭିନ୍ନ ଅଳଙ୍କାର ଥିବା ଏକ ପ୍ୟାକେଟ ନେଇ ଘଟଣା ସ୍ଥଳରୁ ଚମ୍ପଟ ହୋଇ ଯାଇଥିଲା। ସେଲ୍ସ ଗାର୍ଲ ଆସିବା ପରେ ସମ୍ପୃକ୍ତ ଗ୍ରାହକ ସେଠାରେ ନଥିବା ଓ ଅଳଙ୍କାର ଗାଏବ ହୋଇ ଯାଇଥିବା ନେଇ ବିବ୍ରତ ହୋଇ ପଡ଼ିବା ସହ ଏବିଷୟରେ ସେ ଶୋ ରୁମର ମାଲିକଙ୍କୁ ଜଣାଇଥିଲା। ଶୋ ରୁମ୍ ମାଲିକ ସିସିଟିଭି କ୍ୟାମେରା ଯାଞ୍ଚ କରିବା ପରେ ସମ୍ପୂର୍ଣ୍ଣ ଘଟଣା ଲୋକଲୋଚନକୁ ଆସିଥିଲା। ଏହାପରେ ପ୍ଲାଣ୍ଟସାଇଟ୍ ଥାନାରେ ଏନେଇ ଅଭିଯୋଗ କରାଯିବା ପରେ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ସିସିଟିଭି ଫୁଟେଜ ଯାଞ୍ଚ କରି ସମ୍ପୃକ୍ତ ଯୁବକକୁ ପୁଲିସ ଚିହ୍ନଟ କରିଥିବା ସୂଚନା ମିଳିଛି। ସୂଚନାଯୋଗ୍ୟ, ସେହି ବ୍ୟକ୍ତି ପ୍ରାୟ ୧୦ ଦିନ ପୂର୍ବେ ମଣ୍ଡଳ ଜୁଏଲରୀରେ ସମାନ ଚୋରି ଉଦ୍ୟମ କରିଥିଲା ବୋଲି ସୂଚନା ମିଳିଛି। ଏପରି ଚୋରି ପଛରେ ଏକ ସଂଗଠିତ ରାକେଟ୍ କାମ କରୁଥିବା ପୁଲିସ ସନ୍ଦେହ କରୁଛି।



**ସିସିଟିଭିରେ ଫୁଟେଜରେ ଚୋରି ଦୃଶ୍ୟ କଏଦ**

## ବୃଦ୍ଧଙ୍କୁ ଦଳିଦେଲା ହାତୀ

ବଣାଇଁ, ୨୯।୪(ସମିସ): ବଣାଇଁ ରେଞ୍ଜ ସ. ବଲାଙ୍ଗ ସେକ୍ସନ ବରଘାଟ ବିଟ୍ ଅଞ୍ଚଳରେ ବୁଧବାର ସକାଳେ ଜଣେ ବୃଦ୍ଧଙ୍କୁ ହାତୀ ଦଳି ଦେଇଛି। ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ମୃତକ ଜଣଙ୍କ ବରଘାଟ ଗ୍ରାମ କିସାନ ସାହିର ରେଙ୍ଗଟୁ କିସାନ (୬୧) ବୋଲି ଜଣାପଡ଼ିଛି। ସୂଚନାନୁଯାୟୀ, ଆଜି ସକାଳେ ସେ ଶୈଚ ହେବା ପାଇଁ ବୁଢା ପାହାଡ଼ ଜଙ୍ଗଲ ନିକଟକୁ ଯାଇଥିବା ସମୟରେ ହାତୀଟି ପଛପଟୁ ଆସି ତାଙ୍କୁ ଶୁଣ୍ଢରେ କଚାଡ଼ି ଦେବା ସହ ଦଳି ଦେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇ ବନ ବିଭାଗ କର୍ମଚାରୀ ଓ ଟିକାୟତ ପାଲି ପୁଲିସ ଘଟଣାସ୍ଥଳରେ ପହଞ୍ଚି ଅନୁଧ୍ୟାନ କରିବା ପରେ ଶବ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ବଣାଇଁ ଡାକ୍ତରଖାନାକୁ ପଠାଇଥିଲେ। ଅପରାହ୍ନରେ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ସରକାରଙ୍କ ନିୟମ ଅନୁସାରେ ପରିବାର ଲୋକଙ୍କୁ ଏକ ଲକ୍ଷ ଟଙ୍କା ଅନୁକମ୍ପା ରାଶି ପ୍ରଦାନ କରାଯାଇଛି। ପରବର୍ତ୍ତୀ ସମୟରେ ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥା ପରେ ଅବଶିଷ୍ଟ ୯ ଲକ୍ଷ ଟଙ୍କା ଅନୁକମ୍ପା ରାଶି ପ୍ରଦାନ କରାଯିବ ବୋଲି ରେଞ୍ଜ ଅଧିକାରୀ ଦେବାଶିଷ ନାୟକ ପ୍ରକାଶ କରିଛନ୍ତି।

## ଆର୍‌ଏସ୍‌ପି ମାର୍କେଟିଂ ବିଭାଗର ରେକର୍ଡ ରାଜସ୍ୱ ସଂଗ୍ରହ

ରାଉରକେଲା, ୨୯।୪(ସମିସ): ରାଉରକେଲା ଇସ୍ପାତ କାରଖାନା(ଆରଏସପି) ଅନ୍ତର୍ଗତ ମାର୍କେଟିଂ ବିଭାଗ ରଣନୈତିକ ବିକ୍ରୟ ଏବଂ ଅଭୁତପୂର୍ବ କାର୍ଯ୍ୟ ଦକ୍ଷତା ମାଧ୍ୟମରେ ରାଜସ୍ୱ ସଂଗ୍ରହର ପୂର୍ବ ସମସ୍ତ ରେକର୍ଡକୁ ଅତିକ୍ରମ କରି ସର୍ବାଧିକ ପ୍ରାୟ ୩, ୩୨୫ କୋଟି ଟଙ୍କାର ରାଜସ୍ୱ ସଂଗ୍ରହ କରି ନୂତନ ଇତିହାସ ରଚିଛି। ଏହି ଉଲ୍ଲେଖନୀୟ ସଫଳତା ୨୦୨୪-୨୫ ଆର୍ଥିକ ବର୍ଷ ତୁଳନାରେ ପ୍ରମୁଖ ସାମଗ୍ରୀଗୁଡ଼ିକରେ ଦୃଢ଼ ଅଭିବୃଦ୍ଧିକୁ ପ୍ରତିଫଳିତ କରେ, ଯେଉଁଥିରେ ସର୍ବାଗ୍ରେ ରହିଛି ଲୌହ ଏବଂ ଇସ୍ପାତ ବିପଣନର ୪୬୬ କୋଟି ଟଙ୍କା, ଯାହା ଗତ ବର୍ଷ ତୁଳନାରେ ପ୍ରାୟ ୩୯ ପ୍ରତିଶତ ଅଧିକ। ସେହିପରି କୋଇଲା ରାସାୟନିକ ସାମଗ୍ରୀରୁ ସଂଗୃହୀତ ହୋଇଥିବା ୩୮୬ କୋଟି ଟଙ୍କା ଗତବର୍ଷ ତୁଳନାରେ ୮ ପ୍ରତିଶତ ଅଧିକ। କାରଖାନାର ବର୍ଜ୍ୟ ପଦାର୍ଥରୁ ପ୍ରାୟ ୭ ପ୍ରତିଶତ ଅଭିବୃଦ୍ଧି ସହ ଆଲୋଚ୍ୟ ସମୟରେ ଆମଦାନୀ ୨୯୮ କୋଟି ଟଙ୍କା ଥିବା ବେଳେ କାରଖାନାର ଏକ ମୁଖ୍ୟ ଉତ୍ପାଦ ସ୍ୱତନ୍ତ୍ର ପ୍ଲେଟ ପ୍ଲାଣ୍ଟ, ପ୍ଲେଟରୁ ପ୍ରାୟ ୩ ପ୍ରତିଶତ ସ୍ଥିର ଅଭିବୃଦ୍ଧି ସହ ଆମଦାନୀ ୩୦୧ କୋଟି ଟଙ୍କା ଥିଲା। ସୂଚନାଯୋଗ୍ୟ, ମାର୍କେଟିଂ ବିଭାଗ ସମ୍ପୂର୍ଣ୍ଣ କାଗଜବିହୀନ କାର୍ଯ୍ୟ ଦିଗରେ ଅଗ୍ରସର ହୋଇ ଖଣି ମାର୍କେଟିଂ କାର୍ଯ୍ୟଗୁଡ଼ିକୁ ଏସଏପି ସିଷ୍ଟମ ମଧ୍ୟକୁ ଆଣି, ସମ୍ପୂର୍ଣ୍ଣ ବିଭାଗୀୟ କାର୍ଯକାରିତାକୁ ଡିଜିଟାଲାଇଜେସନ୍ କରିପାରିଛି। ଯାହା ଦକ୍ଷତା ବୃଦ୍ଧି ଓ କାର୍ଯ୍ୟକୁ ସୁଗମ କରିବା ଦିଗରେ ଏକ ସଫଳ ପଦକ୍ଷେପ। ମାର୍କେଟିଂ ବିଭାଗ ଗତ ବର୍ଷ ବିଓଏଫ ସ୍ଲାଗ୍ ବିକ୍ରୟରୁ ମଧ୍ୟ ୫୧ କୋଟି ଟଙ୍କାର ରେକର୍ଡ ରାଜସ୍ୱ ହାସଲ କରିଛି। ସେହିପରି ଇସ୍ପାତ ଉତ୍ପାଦନ ଜନିତ ବର୍ଜ୍ୟରୁ ମଧ୍ୟ ସର୍ବାଧିକ ଆୟ ହାସଲ ହୋଇଛି, ଆଲୋଚ୍ୟ ସମୟରେ ଏଲଡି ସ୍ଲଜ୍‌ର ବିକ୍ରୟ ମୂଲ୍ୟ ୨୩୫ ପ୍ରତିଶତ ବୃଦ୍ଧି ପାଇ ଟନ୍ ପିଛା ୩୩୫ ଟଙ୍କାରୁ ୧୧୨୨ ଟଙ୍କାରେ ପହଞ୍ଚିଛି। ରେଳର ସୀମିତ ରେକ୍ ଉପଲବ୍ଧ ପରିପ୍ରେକ୍ଷିରେ ବ୍ଲାଷ୍ଟ ଫର୍ଣ୍ଣେସ୍ ଗ୍ରାନୁଲେଟେଡ୍ ସ୍ଲାଗ୍ ଚାଲାଣ ସଂକଟକୁ, ବିଭାଗ ମାତ୍ର ଦୁଇରୁ ତିନି ମାସ ମଧ୍ୟରେ ପ୍ରତିହତ କରି ବ୍ଲାଷ୍ଟ ଫର୍ଣ୍ଣେସ୍ ଗ୍ରାନୁଲେଟେଡ୍ ସ୍ଲାଗ୍ ଚାଲାଣକୁ ସୁଗମ କରିବା ସହ ନିଜର ତୀକ୍ଷଣ ସଙ୍କଟ ପରିଚାଳନା ଏବଂ ବଜାର ପାରଦର୍ଶିତା ପ୍ରଦର୍ଶନ କରିଥିଲା। ଏହି ସଫଳତା ସମୂହ କେବଳ ସେଲ୍‌ଫର ଲାଭାର୍ଜନକୁ ସୁଦୃଢ଼ କରିନାହିଁ ବରଂ ସ୍ଥାୟୀ ଏବଂ ପ୍ରଭାବଶାଳୀ ଇସ୍ପାତ ମାର୍କେଟିଂରେ ରାଉରକେଲା ଇସ୍ପାତ କାରଖାନାକୁ ଏକ ଅଗ୍ରଣୀ ନେତୃତ୍ୱ ପ୍ରଦାନ କରିଥିବା କୁହାଯାଇଛି।




**ବିଭିନ୍ନ ସ୍ଥାନରେ ମଧୁବାବୁଙ୍କ ଜୟନ୍ତୀ**

## ‘ଓଡ଼ିଶାର ସ୍ୱାଭିମାନର ପ୍ରତୀକ ଥିଲେ ମଧୁବାବୁ’

● ପ୍ରଗତି ଉତ୍କଳ ସଂଘ

ରାଉରକେଲା, ୨୯।୪(ସମିସ) : ଓଡ଼ିଶା ପ୍ରଦେଶର ଗଠନ ଏବଂ ଓଡ଼ିଆ ଜାତିର ସ୍ୱାଭିମାନ ରକ୍ଷା କ୍ଷେତ୍ରରେ ‘ଉତ୍କଳ ଗୌରବ’ ମଧୁସୂଦନ ଦାସଙ୍କ ଅବଦାନ ଅତୁଳନୀୟ। ସେ କେବଳ ଜଣେ ବ୍ୟକ୍ତି ନଥିଲେ, ବରଂ ଏକ ସମୃଦ୍ଧ ଓଡ଼ିଶା ଗଠନର ଅନନ୍ୟ ସ୍ୱପ୍ନଦ୍ରଷ୍ଟା ଥିଲେ ବୋଲି ପ୍ରଗତି ଉତ୍କଳ ସଂଘ ଆନୁକୂଲ୍ୟରେ ଆୟୋଜିତ ମଧୁସୂଦନ ଦାସଙ୍କ ଜୟନ୍ତୀ ପାଳନ ଅବସରରେ ବିଶିଷ୍ଟ ବକ୍ତାମାନେ ମତବ୍ୟକ୍ତ କରିଥିଲେ। ସକାଳେ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ସଂଘର ସଭାପତି ପ୍ରତାପ କୁମାର ସ୍ୱାଇଁଙ୍କ ନେତୃତ୍ୱରେ ମାଲ୍ୟାର୍ପଣ କରାଯାଇଥିଲା। ଅନ୍ୟତମ ଉପସଭାପତି ରଶ୍ମିରଞ୍ଜନ ବୋଇତାଇ, ସାଧାରଣ ସମ୍ପାଦକ ରାଧାମୋହନ ନାୟକ, ସମ୍ପାଦକ ଘନଶ୍ୟାମ ଧଳ, ଯୁଗ୍ମ ସମ୍ପାଦକ ଲକ୍ଷ୍ମଣ ନାଥ ଦାସ, ସାଂସ୍କୃତିକ ସମ୍ପାଦକ ଅଶୋକ କୁମାର ପଟ୍ଟନାୟକ, କ୍ରୀଡ଼ା ସମ୍ପାଦକ ଅରବିନ୍ଦ ପାତ୍ର, ପାଠାଗାର ସମ୍ପାଦକ ଇନ୍ଦ୍ରମଣି ମହାପାତ୍ର, କାର୍ଯ୍ୟକାରୀ କମିଟି ସଦସ୍ୟ ପ୍ରଦୀପ କୁମାର ପଟ୍ଟନାୟକ, ଆଲୋକ ରଞ୍ଜନ ବୋଷ, ରବୀନ୍ଦ୍ର କୁମାର ପଣ୍ଡା, ନାରାୟଣ ଚନ୍ଦ୍ର ମହନ୍ତ, ଧରଣୀଧର ସାମଲ ପ୍ରମୁଖଙ୍କ ସହ ବହୁ ସଦସ୍ୟ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସଂଧାରେ ସିଭିକ୍ ସେଣ୍ଟରଠାରେ ସଭାପତି ପ୍ରତାପ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାଧାରଣ ସଭାରେ ମୁଖ୍ୟଅତିଥି ଭାବେ ସଂଘର ପୂର୍ବତନ ସଭାପତି ତଥା ଉପଦେଷ୍ଟା ଶାନ୍ତନୁ କୁମାର ପରିଚ୍ଛା ଏବଂ ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଶିକ୍ଷାବିତ୍ ଡଃ. ସୋମା ଚାନ୍ଦ ଯୋଗଦେଇ ଉପରୋକ୍ତ ମନ୍ତବ୍ୟ ଦେଇଥିଲେ। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଜୟ କୁମାର ମହାନ୍ତିଙ୍କୁ ସତ୍ୟନାରାୟଣ ମହାନ୍ତି ସ୍ମୃତି ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ବିଦ୍ୟାଳୟସ୍ତରୀୟ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ୪୫ ଜଣ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ସଂଘର ମୁଖପତ୍ର - ଉତ୍କଳ ଗୌରବ- ପଣ୍ଡିତ ନୀଳକଣ୍ଠ ଦାସ ବିଶେଷାଙ୍କ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ସ୍ଥାନୀୟ ମ୍ୟୁଜିକ ସର୍କଲର କଳାକାରମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ଅନ୍ୟତମ ଉପସଭାପତି ଡ. ପ୍ରଭାତ କୁମାର ମଲ୍ଲିକ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଡ. ନଗେନ କୁମାର ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଶୋକ କୁମାର ପଟ୍ଟନାୟକ, ସ୍ମିତା ମିଶ୍ର, ରଶ୍ମି ସାହୁ, ଲକ୍ଷ୍ମଣ ନାଥ ଦାସ, ସୁଭ୍ରାଂଶୁ ଶେଖର ମହାପାତ୍ର, ଗୀତାରାଣୀ ବେହେରା, ବିନତା ମହାନ୍ତ, ଅର୍ଚ୍ଚନା ପାତ୍ର, ସୁମିତା ପଟ୍ଟନାୟକ, ଚାରୁଲତା ମଲ୍ଲିକ, ବରୁଣ ନାହାକ, ପ୍ରଶନ୍ନ କୁମାର ମହାନ୍ତି ଏବଂ ପରୀକ୍ଷିତ ଗୁରୁ ପ୍ରମୁଖ କାର୍ଯ୍ୟକ୍ରମରେ ସହାୟତା କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ଗୁରୁ ସୁଦେଷ୍ଣା ରାଉତଙ୍କ ନିର୍ଦ୍ଦେଶନାରେ ମ୍ୟୁଜିକ ସର୍କଲର ନୃତ୍ୟଶିଳ୍ପୀମାନେ ‘ନାଗେନ୍ଦ୍ର ହରାୟ ତ୍ରିଲୋଚନାୟ’ ଏବଂ ‘ଅର୍ଦ୍ଧ ନାରୀଶ୍ୱର’ ନୃତ୍ୟ ପରିବେଷଣ କରିଥିଲେ।




● ମଧୁସୂଦନ ଶିକ୍ଷା ନିବାସ

ମଧୁସୂଦନ ଶିକ୍ଷା ନିବାସ ସେକ୍ଟର-୧୭ ଠାରେ ମଧୁବାବୁଙ୍କ ଜୟନ୍ତୀ ମହାସମାରୋହରେ ପାଳିତ ହୋଇଯାଇଛି। ପ୍ରଥମେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁଶ୍ରୀ ସୌଭାଗିନୀ ମୁଦାଲୀ ମଧୁବାବୁଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିବା ପରେ ବିଦ୍ୟାଳୟର ଦ୍ୱିତୀୟ ଶ୍ରେଣୀର ଛାତ୍ର ପୃଥିବୀରାଜ ମଧୁବାବୁଙ୍କ ଜୀବନୀ ସମ୍ବନ୍ଧରେ ଏକ କବିତା ପାଠ କରିଥିଲେ। ଏହାପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ଅଭିଭାଷଣ ଓ ନୃତ୍ୟ ଗୀତ ପରିବେଷଣ କରାଯାଇଥିଲା। ଶିକ୍ଷୟିତ୍ରୀ ଝିଲୀମା ମହାନ୍ତିଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶିକ୍ଷକ ଜିତେନ୍ଦ୍ର ପଣ୍ଡା, ବୁଦ୍ଧିନାଥ ପଶାୟତ, ସୁକାନ୍ତି ପଣ୍ଡା, ସଞ୍ଜିବ ପାଢ଼ୀ ଓ ଅଜୟ ରାୟ ପ୍ରମୁଖ ମଧୁବାବୁଙ୍କ ଦେଶପ୍ରେମ ଓ ଜାତୀୟତାଭାବ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଶିକ୍ଷକ ନିରାକାର ଜେନା ସ୍ୱରଚିତ କବିତା ପାଠ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀମାନେ ସହଯୋଗ କରିଥିଲେ।

● ମଧୁସୂଦନ ପାଠାଗାର

ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ୧୭୯ତମ ଜୟନ୍ତୀ ଛେଣ୍ଡ ୱେଲଫେୟାର କମିଟି ଓ ମଧୁସୂଦନ ପାଠାଗାର ମିଳିତ ଆନୁକୂଲ୍ୟରେ ପାଳିତ ହୋଇଯାଇଛି। ଏହି କ୍ରମରେ ସ୍ଥାନୀୟ ମଧୁବାବୁଙ୍କ ପ୍ରତିମୂର୍ତ୍ତିଠାରେ ମାଲ୍ୟାର୍ପଣ କରାଯାଇଥିଲା। ହରିହର ରାଉତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ମହାନଗର ନିଗମ ଯୁଗ୍ମ କମିଶନର ପଲ୍ଲବୀ ନାୟକ, ମୁଖ୍ୟବକ୍ତା ମୁନିସିପାଲ କଲେଜର ପୂର୍ବତନ ଅଧ୍ୟକ୍ଷ ଡ. ସନାତନ ପ୍ରଧାନ ଯୋଗଦେଇ ମଧୁବାବୁଙ୍କ ପ୍ରମୁଖ ପ୍ରଚେଷ୍ଟାର ଫଳ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ବୋଲି କହିଥିଲେ। ସ୍ଥାନୀୟ ଅଞ୍ଚଳର ୫ ଜଣ ସଫେଇ କର୍ମଚାରୀଙ୍କୁ ସମ୍ମାନିତ କରାଯାଇଥିଲା। ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ପାଠାଗାର ସମ୍ପାଦକ ବିଜୟ କୁମାର ବରାଳ ମଞ୍ଚ ପରିଚାଳନା କରିଥିବା ବେଳେ ସଭାପତି ଶ୍ରୀ ରାଉତରାୟ ଅତିଥି ପରିଚୟ ପ୍ରଦାନ କରିଥିଲେ। ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ପର୍ଶୁରାମ ସାହୁ, ରତ୍ନାକର ନାୟକ, ଅନିରୁଦ୍ଧ ମିଶ୍ର, ନିତ୍ୟାନନ୍ଦ ପଟ୍ଟନାୟକ, ରବି ସିଂ, ଯୋଗେଶ୍ୱର ପ୍ରଧାନ, ସମୀର ପଣ୍ଡା, ପ୍ରକାଶ ମହାନ୍ତି, ଜୟରାମ ସାମଲ ପ୍ରମୁଖ ସହଯୋଗ କରିଥିଲେ। ସମ୍ପାଦକ ସୂର୍ଯ୍ୟ ନାରାୟଣ ପଣ୍ଡା ଧନ୍ୟବାଦ ଦେଇଥିଲେ।

## ଏସିଆ ୟୁନିଭରସିଟି ର୍‍ୟାଙ୍କିଂରେ ଦେଶରେ ଅଷ୍ଟମ ସ୍ଥାନରେ ଏନ୍‌ଆଇଟି




ରାଉରକେଲା, ୨୯।୪ (ସମିସ): ଜାତୀୟ ପ୍ରଯୁକ୍ତି ସଂସ୍ଥାନ (ଏନଆଇଟି) ରାଉରକେଲା ପୁଣି ଥରେ ଟାଇମ୍ସ ହାୟର ଏଜୁକେସନ୍(ଟିଏଚଇ) ଏସିଆ ୟୁନିଭରସିଟି ର୍‍ୟାଙ୍କିଂରେ ଦେଶରେ ୮ମ ସ୍ଥାନରେ ରହି ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହାସଲ କରିଛି। ଏସିଆର ୩୬ଟି ଦେଶ ଏବଂ କ୍ଷେତ୍ରର ୯୨୯ଟି ବିଶ୍ୱ ବିଦ୍ୟାଳୟ ମଧ୍ୟରେ ୧୮୬ତମ ସ୍ଥାନ ହାସଲ କରିଛି। ଏହି ପ୍ରତିଷ୍ଠାନ ଗତ ବର୍ଷର ୧୯୧ତମ ସ୍ଥାନରୁ ଏହାର ସ୍ଥିତିକୁ ଉନ୍ନତ କରିଛି। ର୍‍ୟାଙ୍କିଂରେ ସ୍ଥାନିତ ଭାରତୀୟ ପ୍ରତିଷ୍ଠାନଗୁଡ଼ିକ ମଧ୍ୟରେ ଏନ୍‌ଆଇଟି ରାଉରକେଲା ଏକ ପ୍ରଭାବଶାଳୀ ୮ମ ସ୍ଥାନରେ ରହିଛି ଏବଂ ଦେଶର ତାଲିକାଭୁକ୍ତ ଜାତୀୟ ପ୍ରଯୁକ୍ତି ସଂସ୍ଥାନ(ଏନଆଇଟି) ମଧ୍ୟରେ ସର୍ବୋଚ୍ଚ ସ୍ଥାନ ପାଇଛି। ଏହି ସଂସ୍କରଣରେ ଏସିଆର ଶ୍ରେଷ୍ଠ ୨୦୦ ପ୍ରତିଷ୍ଠାନ ମଧ୍ୟରେ ସ୍ଥାନ ପାଇଥିବା ଏହା ଏକମାତ୍ର ଏନ୍‌ଆଇଟି ବୋଲି ଜଣାପଡ଼ିଛି। ଏହି ସଫଳତା ଶିକ୍ଷାଗତ ଉତ୍କର୍ଷତା, ପ୍ରଭାବଶାଳୀ ଗବେଷଣା ଏବଂ ବିଶ୍ୱସ୍ତରୀୟ ସମ୍ପର୍କ ପାଇଁ ପ୍ରତିଷ୍ଠାନର ବର୍ଦ୍ଧିତ ପ୍ରତିଷ୍ଠାନକୁ ସୁଦୃଢ଼ କରିଥାଏ ବୋଲି ଏନଆଇଟି ରାଉରକେଲାର ନିର୍ଦ୍ଦେଶକ ପ୍ରଫେସର କେ. ଉମାମହେଶ୍ୱର ରାଓ କହିଛନ୍ତି। ତଥ୍ୟ ଦାଖଲ କରିବାରେ ସେମାନଙ୍କ କେନ୍ଦ୍ରିତ ଆଭିମୁଖ୍ୟ ପାଇଁ ମାନ୍ୟତା ର୍‍ୟାଙ୍କିଂ ଦଳର ଉତ୍ସର୍ଗୀକୃତ କାର୍ଯ୍ୟକୁ ସେ ପ୍ରଶଂସା କରିଛନ୍ତି। ସର୍ବୋଚ୍ଚ ସ୍ଥାନ ପ୍ରାପ୍ତ ଏନଆଇଟି ଏବଂ ଶ୍ରେଷ୍ଠ ୨୦୦ ମଧ୍ୟରେ ଏକମାତ୍ର ଭାବରେ, ଏହି ମାଇଲଖୁଣ୍ଟ ଆମକୁ ଆମର ଶିକ୍ଷାଗତ ଇକୋସିଷ୍ଟମକୁ ଆହୁରି ବୃଦ୍ଧି କରିବା, ଗବେଷଣା ସହଭାଗୀତାକୁ ବିସ୍ତାର କରିବା ଏବଂ ବିଶ୍ୱସ୍ତରରେ ଉତ୍କର୍ଷପାଇଁ ପ୍ରୟାସ ଜାରି ରଖିବା ପାଇଁ ପ୍ରେରଣା ଦିଏ ବୋଲି ସେ କହିଛନ୍ତି। ଏସିଆ ୟୁନିଭେର୍ସିଟି ର୍‍ୟାଙ୍କିଂସ୍ ଶିକ୍ଷାଦାନ, ଗବେଷଣା, ଜ୍ଞାନ ସ୍ଥାନାନ୍ତର ଏବଂ ଅନ୍ତର୍ଜାତୀୟ ଦୃଷ୍ଟିକୋଣ ଭଳି ପ୍ରମୁଖ କ୍ଷେତ୍ରଗୁଡ଼ିକୁ କଭର କରି ୧୮ଟି କାର୍ଯ୍ୟଦକ୍ଷତା ସୂଚକରର ଏକ ବ୍ୟାପକ ଢାଞ୍ଚା ଉପରେ ଆଧାରିତ ବିଶ୍ୱବିଦ୍ୟାଳୟଗୁଡ଼ିକୁ ମୂଲ୍ୟାଙ୍କନ କରାଯାଇଛି ବୋଲି ସେ କହିଥିଲେ।

ସକାଳ
THE SAKALA

# ସମ୍ପାଦକୀୟ



ଯଦି ତୁମେ କିଛି ଶୁଣିବାକୁ ଚାହୁଁଛ, ତେବେ ଜଣେ ପୁରୁଷଙ୍କୁ ଅନୁରୋଧ କରିପାର, କିନ୍ତୁ ଯଦି କୌଣସି କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ପାଇଁ ଚାହୁଁଛ, ତେବେ ଜଣେ ମହିଳାଙ୍କ ସାହାଯ୍ୟ ନେଇପାର।
ମାର୍ଗାରେଟ୍ ଥାଚର

## ବ୍ୟବସ୍ଥାର ଚକ୍ରବ୍ୟୂହ

କୌଣସି ସଞ୍ଚୟ ଖାତାଧାରୀଙ୍କ ମୃତ୍ୟୁ ପରେ ତାଙ୍କ ଖାତାରେ ରହିଯାଇଥିବା ସଞ୍ଚିତ ଜମା ରାଶି ଉଠାଣ ପାଇଁ ଆମ ଦେଶରେ ପ୍ରଚଳିତ ବିଧିବ୍ୟବସ୍ଥାର ବାସ୍ତବତା କିଭଳି ତାହାର ଏକ ଉଦାହରଣ ଓଡ଼ିଶାର ଏକ ଅଖ୍ୟାତପଲ୍ଲୀ ଜାତୀୟସ୍ତରରେ ଉପସ୍ଥାପନ କରିଛି। କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଏରେଣ୍ଡେଇ ପଞ୍ଚାୟତର ଡିଆଁନାଳୀ ଗ୍ରାମନିବାସୀ ଜିତୁ ମୁଣ୍ଡା ତାଙ୍କ ଦିବଂଗତ ଭଉଣୀ କାଲାରା ମୁଣ୍ଡାଙ୍କ ନାମରେ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କର ମଲ୍ଲୀପଶି ଶାଖା ଜମାଖାତାରେ ଥିବା ମାତ୍ର ୧୯, ୩୦୦ ଟଙ୍କା ଉଠାଣ ପାଇଁ ଶ୍ମଶାନର ମାଟି ଖୋଳି ଭଉଣୀର କଙ୍କାଳକୁ ବ୍ୟାଙ୍କ ଅଧିକାରୀଙ୍କ ଆଗରେ ରଖି ମୃତ୍ୟୁର ପ୍ରମାଣ ଦେବାକୁ ପଡ଼ିଛି। ଏହି ଘଟଣା ପରେ ମୃତ୍ୟୁ ପ୍ରମାଣପତ୍ର, ଉତ୍ତରାଧିକାରୀ ପ୍ରମାଣପତ୍ର ଆଦି ଔପଚାରିକତା ମାତ୍ର କିଛି ଘଣ୍ଟା ମଧ୍ୟ ପ୍ରସ୍ତୁତ ହୋଇଯାଇଛି ଏବଂ ବ୍ୟାଙ୍କ କର୍ତ୍ତୃପକ୍ଷ ମଧ୍ୟ ଜିତୁଙ୍କୁ ତାଙ୍କ ପ୍ରାପ୍ୟ ପ୍ରଦାନ କରିଛନ୍ତି। ଏବେ ଜାତୀୟସ୍ତରରେ ଚର୍ଚ୍ଚିତ ଏହି ସମ୍ବେଦନଶୀଳ ଘଟଣା ପ୍ରାୟ ଦଶବର୍ଷ ପୁରୁଣା ଦାନ ମାଝୀ ଘଟଣାକୁ ସ୍ମରଣ କରାଇଛି। ଏବେ ସ୍ୱାଭାବିକ ଭାବେ ପ୍ରଶ୍ନ ଉଠୁଛି ଯେ ଶାସନ ଓ ପ୍ରଶାସନକୁ ଚେତାଇବା ପାଇଁ ଜିତୁ ମୁଣ୍ଡା ଓ ଦାନ ମାଝୀଙ୍କ ପରି ଉପକ୍ରମମାନ ନିୟମିତ ବ୍ୟବଧାନରେ ସୃଷ୍ଟି ହେବା ଜରୁରୀ କି?

ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କର ମଲ୍ଲୀପଶି ଶାଖା ଏକ ବ୍ୟତିକ୍ରମ ନୁହେଁ। ସାମଗ୍ରିକ ଭାବେ ଆମ ଦେଶର ବ୍ୟାଙ୍କିଙ୍ଗ ବିଧିବ୍ୟବସ୍ଥାର ବିଡ଼ମ୍ବନା ହେଲା ମେହୁଲ୍ ଚୋକ୍ସି, ନିରବ ମୋଦୀ, ବିଜୟ ମାଲ୍ୟାଙ୍କ ପରି ଧନାଢ଼୍ୟମାନେ ହଜାର ହଜାର କୋଟି ଟଙ୍କା ଆତ୍ମସାତ୍ କରି ସୁରକ୍ଷିତ ରହୁଥିବା ବେଳେ ଜିତୁ ମୁଣ୍ଡାଙ୍କ ପରି ଗରିବମାନେ ନିଜର କଷ୍ଟାର୍ଜିତ ସଞ୍ଚୟକୁ ଆବଶ୍ୟକ ସମୟରେ ଉଠାଣ ପାଇଁ କୋର୍ଟକଚେରି ଦୌଡ଼ି ଦୌଡ଼ି ନୟାନ୍ତ ହେବାକୁ ପଡୁଛି। ବ୍ୟାଙ୍କ ଅନ୍ତର୍ଭୁକ୍ତୀକରଣ ଲକ୍ଷ୍ୟର ଏହା ପରିପନ୍ଥୀ ହୋଇଥିଲେ ମଧ୍ୟ ଶାସନ ପ୍ରଶାସନର ସମ୍ବେଦନହୀନତା ଏଭଳି ଘଟଣାର ପୌନଃପୁନିକତାକୁ ବୃଦ୍ଧି କରିଚାଲିଛି। ମଲ୍ଲୀପଶି ଏକ ଅଖ୍ୟାତ ଅଞ୍ଚଳ ହୋଇଥିବାରୁ ସେଠାରେ ବ୍ୟାଙ୍କିଙ୍ଗ ସାକ୍ଷରତା ଆଶା କରାଯାଇପାରେନା। କିନ୍ତୁ ସହରାଞ୍ଚଳରେ ଶିକ୍ଷିତମାନେ ମଧ୍ୟ ବ୍ୟାଙ୍କ ଖାତାଧାରୀଙ୍କ ଅବର୍ତ୍ତମାନରେ ଜମା ଟଙ୍କା ଉଠାଣ କିମ୍ବା ବ୍ୟାଙ୍କ ଖାତା ବନ୍ଦ କରିବା ପାଇଁ କିଭଳି ନୟାନ୍ତ ହୁଅନ୍ତି ତାହା ଭୁକ୍ତଭୋଗୀ ନ ହୋଇଥିଲେ ଜାଣିବା କଷ୍ଟକର।

ବ୍ୟାଙ୍କ ଶାଖା ଓ ଡାକଘରମାନଙ୍କରେ ମିଆଦୀ ବା ସ୍ଥାୟୀ ଜମା କିମ୍ବା ସଞ୍ଚୟ ଖାତା ଜମା ରାଶିକୁ ସମ୍ପୃକ୍ତ ଖାତାଧାରୀଙ୍କ ଅବର୍ତ୍ତମାନରେ ଯେପରି ତାଙ୍କର ସମ୍ପର୍କୀୟ ବା ଉତ୍ତରାଧିକାରୀ ପାଇପାରିବେ ସେଥିପାଇଁ ନୋମିନି(ଅଧିକୃତ ଉତ୍ତରାଧିକାରୀ) ବ୍ୟବସ୍ଥା ରହିଛି। ଏହା କିନ୍ତୁ ଯେତେ ସରଳ ଲାଗୁଛି, ବାସ୍ତବତା ତା'ଠାରୁ କାହିଁ କେତେ ଅଧିକ ଜଟିଳ। ନୋମିନି ବା ଦାବିଦାରଙ୍କୁ କିଭଳି ତାଙ୍କ ପ୍ରାପ୍ୟ ପ୍ରଦାନ କରାଯିବ ସେଥିପାଇଁ ବିଭିନ୍ନ ବ୍ୟାଙ୍କର ଭିନ୍ନ ଭିନ୍ନ ନିୟମ ରହିଛି। ଜମାଖାତା(ପାସ୍‌ବୁକ୍)ରେ ନୋମିନିଙ୍କ ନାମ ଉଲ୍ଲେଖ ଥିଲେ ମଧ୍ୟ ଦାବି ବା ପ୍ରାପ୍ୟ ପ୍ରଦାନ କରିବାକୁ କେତେକ ବ୍ୟାଙ୍କ ଅତିକମ୍‌ରେ ଦୁଇଜଣ ବ୍ୟକ୍ତି(ଯାହାର ଆକାଉଣ୍ଟ ସେହି ବ୍ୟାଙ୍କରେ ଥିବା ବାଧ୍ୟତାମୂଳକ)ଙ୍କ ସାକ୍ଷ୍ୟ, ଦସ୍ତଖତ, ପରିଚୟପତ୍ର, ଆୟ ବିବରଣୀ ଆଦି ଦାଖଲ କରିବାକୁ ନୋମିନିଙ୍କୁ ବାଧ୍ୟ କରୁଛନ୍ତି। ପୁଣି ଆଉ କିଛି ବ୍ୟାଙ୍କରେ ସମ୍ପୃକ୍ତ ନୋମିନିଙ୍କୁ କୌଣସି ମାଜିଷ୍ଟ୍ରେଟ୍ କିମ୍ବା ପ୍ରଥମ ଶ୍ରେଣୀ ପାହ୍ୟାର ସରକାରୀ ଅଧିକାରୀ/ସାଂସଦ/ ବିଧାୟକ/ସରପଞ୍ଚ/ମୃତକଙ୍କୁ ଚିକିତ୍ସା କରୁଥିବା ଡାକ୍ତରଙ୍କ ଠାରୁ ସାକ୍ଷ୍ୟ ଓ ଦସ୍ତଖତ ଆଣିବାକୁ ପଡୁଛି।

ସେହିଭଳି ଜମାଖାତା ଖୋଲିବା ପାଇଁ ଉଦ୍ଦିଷ୍ଟ ଆବେଦନପତ୍ର(ଫର୍ମ)ରେ କିମ୍ବା ପରବର୍ତ୍ତୀ ସମୟରେ ନୋମିନି ଫର୍ମରେ ନୋମିନିଙ୍କ ନାମ ଉଲ୍ଲେଖ ଥିଲେ ସୁଦ୍ଧା ତାହାର କମ୍ପ୍ୟୁଟରୀକରଣ ବା ଡିଜିଟାଲାଇଜେସନ୍ ବେଳେ ଯଦି 'ଲିଙ୍କ ଫେଲ୍ୟୁର' ଭଳି ସମସ୍ୟା ସୃଷ୍ଟି ହୁଏ ତେବେ ତାହା ରେକର୍ଡଭୁକ୍ତ ହୁଏ ନାହିଁ। କିନ୍ତୁ ଏ ବିଷୟରେ ସମ୍ପୃକ୍ତ ଖାତାଧାରୀ କିମ୍ବା ନୋମିନି ଜାଣିବାର ଅବକାଶ ରହେ ନାହିଁ। ସମ୍ପୃକ୍ତ ଖାତାଧାରୀଙ୍କ ମୃତ୍ୟୁ ପରେ ଖାତାରେ ଥିବା ଜମାରାଶି ଦାବି କରିବା ପାଇଁ ନୋମିନି ସମ୍ପୃକ୍ତ ବ୍ୟାଙ୍କରେ ଆବେଦନ କରିବା ବେଳେ ଅସଲ ସମସ୍ୟା ଜଣାପଡ଼େ। ସେଭଳି କ୍ଷେତ୍ରରେ ଜମା ଖାତାର ରାଶି ଯେତେ କମ୍ ବା ଅଧିକ ଥାଉ ନା କାହିଁକି ଦାବିଦାରଙ୍କୁ ସତ୍ୟପାଠ ବଣ୍ଡ, ଉତ୍ତରାଧିକାର ସ୍ୱୀକାରୋକ୍ତି ବଣ୍ଡ, ଇଣ୍ଡେମ୍‌ନିଟି ବଣ୍ଡ ଭଳି ଆଇନଗତ ଜଟିଳତାର ସମ୍ମୁଖୀନ ହେବା ଅନିବାର୍ଯ୍ୟ। ଉକ୍ତ ବଣ୍ଡଗୁଡ଼ିକ ପୁଣି ଏକାଧିକ ସାକ୍ଷ୍ୟଙ୍କ ହସ୍ତାକ୍ଷର ସନ୍ନିବେଶିତ ହେବା ବାଧ୍ୟତାମୂଳକ। ଏହାପରେ ଏ ଟେବୁଲ୍‌ରୁ ସେ ଟେବୁଲ୍ ହୋଇ ପ୍ରାପ୍ୟ ମିଳିବା ବେଳକୁ ସମ୍ପୃକ୍ତ ନୋମିନି ଇହଧାମରେ ଥିବେ କି ନାହିଁ ତାହା ସନ୍ଦେହରେ। ବ୍ୟାଙ୍କିଙ୍ଗ ବ୍ୟବସ୍ଥାର ଆହୁରି ଏକ ବିଡ଼ମ୍ବନା ହେଉଛି ଉତ୍ତରାଧିକାରୀ ପ୍ରମାଣପତ୍ର ରାଜ୍ୟ ସରକାରଙ୍କ ଦ୍ୱାରା ଜାରି ହେଉଥିଲେ ମଧ୍ୟ ବ୍ୟାଙ୍କ କିମ୍ବା ଡାକଘର ଶାଖାରେ ଅନେକ ସମୟରେ ତାହା ଗ୍ରହଣଯୋଗ୍ୟ ହୁଏ ନାହିଁ ଏବଂ ପୁଣି ଥରେ ଏକ୍‌ଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ୍ କିମ୍ବା ଜିଲ୍ଲା ଜଜ୍‌ଙ୍କ ଆଗରେ ଓକିଲଙ୍କ ଜରିଆରେ ବ୍ୟକ୍ତିଗତ ଭାବେ ହାଜର ହୋଇ ଉତ୍ତରାଧିକାରୀ ପ୍ରମାଣପତ୍ର ପାଇଁ ସତ୍ୟପାଠ କରିବାକୁ ହୁଏ। ଯଦି ମୃତକଙ୍କ ଆକାଉଣ୍ଟ ବା ଜମାଖାତାରେ ୧୦ ହଜାର ଟଙ୍କାରୁ କମ୍ ଅର୍ଥ ଥାଏ ତେବେ ଏଭଳି ଆଇନଗତ ଜଟିଳତାକୁ ଏଡ଼ାଇବା ପାଇଁ ଅନେକ ଦାବିଦାର ବରଂ ଦାବି ନ କରିବାକୁ ଉଚିତ ମନେ କରୁଛନ୍ତି।

ଯେଉଁ ଦେଶର ସହରୀ ଉଚ୍ଚଶିକ୍ଷିତମାନେ ବ୍ୟାଙ୍କିଙ୍ଗ ବ୍ୟବସ୍ଥାର ଏଭଳି ଚକ୍ରବ୍ୟୂହରେ ପେଶି ହୋଇଯାଉଛନ୍ତି ଗ୍ରାମାଞ୍ଚଳର ଅର୍ଦ୍ଧଶିକ୍ଷିତ, ଅଳ୍ପଶିକ୍ଷିତ ଓ ନିରକ୍ଷରମାନଙ୍କର ଦଶା କ'ଣ ହେଉଥିବ ସହଜେ ଅନୁମେୟ। ଅନେକ ସମୟରେ ଦାବିଦାର ନଥିବା କାରଣରୁ ବିପୁଳ ପାଣ୍ଠି ଅନାଦେୟ ହୋଇ ପଡ଼ିରହୁଥିବାରୁ ଭାରତୀୟ ରିଜର୍ଭ ବ୍ୟାଙ୍କ ଉଦ୍‌ବେଗ ପ୍ରକାଶ କରୁଛନ୍ତି। ଅପରପକ୍ଷରେ ଜିତୁ ମୁଣ୍ଡାଙ୍କ ପରି ଘଟଣାମାନଙ୍କୁ ଆମ ବ୍ୟବସ୍ଥା ଜନ୍ମ ଦେଉଛି। କେବଳ ବ୍ୟାଙ୍କିଙ୍ଗ ବା ଜମା ଖାତା ଦାବି ନୁହେଁ, ମୃତ୍ୟୁ ପ୍ରମାଣପତ୍ର, ଉତ୍ତରାଧିକାରୀ ପ୍ରମାଣପତ୍ର, ପେନ୍‌ସନ୍, ଜମି ପଟ୍ଟା ଆଦି ପାଇବା ପାଇଁ ମଧ୍ୟ ଅନୁରୂପ ଜଟିଳତାର ସାମ୍ନା କରିବାକୁ ପଡୁଛି। ମହାତ୍ମା ଗାନ୍ଧୀଙ୍କ 'ଟାଲିସ୍‌ମ୍ୟାନ୍' ମନ୍ତ୍ର କୁହେ ଯେ ନୀତି ନିର୍ଦ୍ଧାରକମାନେ କୌଣସି ନିଷ୍ପତ୍ତି କିମ୍ବା ଯୋଜନା କଲା ବେଳେ ପ୍ରଥମେ ଚିନ୍ତା କରନ୍ତୁ ଯେ ଏହାଦ୍ୱାରା ସମାଜର ସବୁଠାରୁ ପଛରେ ଥିବା ଦରିଦ୍ରତମ ଲୋକଟି ଏହାଦ୍ୱାରା କେତେ ଉପକୃତ ହେବ। କିନ୍ତୁ ଶାସନକେନ୍ଦ୍ରର ମୂଳ ଲକ୍ଷ୍ୟ ଯଦି କେବଳ କ୍ଷମତା ଆହରଣ ହୁଏ ସେଠାରେ ଦାନ ମାଝୀ ଓ ଜିତୁ ମୁଣ୍ଡା ଭଳି ଘଟଣାମାନ ଘଟିବାରେ ଅସ୍ୱାଭାବିକତା କିଛି ନାହିଁ; ସମ୍ବିଧାନ ପ୍ରଦତ୍ତ ଅନ୍ୟ ମୌଳିକ ଅଧିକାର ପ୍ରସଙ୍ଗ ବହୁ ଦୂରର କଥା, ଯାହା ଆଶା କରିବା ଅରଣ୍ୟରୋଦନ ଭଳି। ୭୮ ବର୍ଷ ପୁରୁଣା ବିଶ୍ୱର ସର୍ବବୃହତ୍ ଗଣତାନ୍ତ୍ରିକ ରାଷ୍ଟ୍ରରେ ବ୍ୟବସ୍ଥାଗତ ବିଡ଼ମ୍ବନାର ଏହାଠାରୁ ବଳି ବଡ଼ ଉଦାହରଣ ଆଉ କ'ଣ ହୋଇପାରେ?

## ସର୍ବନିମ୍ନ ମଜୁରି ଓ ଶ୍ରମଜୀବୀଙ୍କ ଯାତନା

**ସନ୍ତୋଷ କୁମାର ମିଶ୍ର**

ଡକ୍ଟର ବି ଆର ଆମ୍ବେଦକର ସ୍ୱାଧୀନ ଭାରତରେ ଶ୍ରମିକମାନଙ୍କ କଲ୍ୟାଣ ପାଇଁ ଅନେକ ବ୍ୟବସ୍ଥା କରିଥିଲେ। ସେଥିମଧ୍ୟରୁ ଅନ୍ୟତମ ହେଉଛି ସର୍ବନିମ୍ନ ମଜୁରି ବ୍ୟବସ୍ଥା। ଦେଶ ସ୍ୱାଧୀନ ହେବା ପରେ ଶ୍ରମଜୀବୀମାନଙ୍କ ସ୍ୱାର୍ଥର ସୁରକ୍ଷା ପାଇଁ ଯେପରି ବ୍ୟବସ୍ଥା କରାଯାଇଥିଲା ତାହା ସେତେବେଳେ ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଥିଲା। କିନ୍ତୁ ଦେଶର ଅର୍ଥନୀତି ଯେତେ ବଡ଼ ହେଲା ଶ୍ରମିକମାନଙ୍କ ମୌଳିକ ଅଧିକାର ଧୀରେ ଧୀରେ ହଜିଗଲା। ଶ୍ରମିକମାନେ ଦୈନିକ ଆଠଘଣ୍ଟାରୁ ଊର୍ଦ୍ଧ୍ୱ ସମୟ କାର୍ଯ୍ୟ କରି ସୁଦ୍ଧା ନିଜର ମୌଳିକ ଆବଶ୍ୟକତାକୁ ପୂରଣ କରିବା ପାଇଁ ସମର୍ଥ ହୋଇପାରନ୍ତି ନାହିଁ।

ଭାରତରେ ପ୍ରାୟ ଏକ ହଜାରରୁ ଅଧିକ ସର୍ବନିମ୍ନ ମଜୁରି ଦର ରହିଛି। ଗୋଟିଏ ପ୍ରକାରର କାର୍ଯ୍ୟ ଏବଂ ସମାନ କୁଶଳୀ ଶ୍ରମିକଙ୍କ ମଜୁରି ମଧ୍ୟରେ ୪୦ ଶତାଂଶରୁ ଅଧିକ ପ୍ରଭେଦ ରହିଛି। ଦିଲ୍ଲୀରେ ମାସିକ ସର୍ବନିମ୍ନ ମଜୁରି ୧୯, ୮୪୬ ଟଙ୍କା ଥିବା ବେଳେ ମାତ୍ର ପାଞ୍ଚ କିଲୋମିଟର ପରେ ନୋଏଡ଼ାରେ ସମାନ କାର୍ଯ୍ୟ ପାଇଁ ମଜୁରିରେ ପ୍ରାୟ ଛ' ହଜାର ଟଙ୍କାର ଫରକ ରହିଛି। ଛୋଟ ସହର, ବଡ଼ ସହର ଓ ମହାନଗରୀରେ ମଧ୍ୟ ଭିନ୍ନ ଭିନ୍ନ ପ୍ରକାରର ମଜୁରି ଦର ଦେଖାଯାଏ। ମୁମ୍ବାଇରେ ମାସିକ ସର୍ବନିମ୍ନ ମଜୁରି ୧୫, ୪୯୨ ଟଙ୍କା ଥିବା ବେଳେ ବେଙ୍ଗାଲୁରୁରେ ଏହା ୧୪, ୮୬୮ ଟଙ୍କା। ତାମିଲନାଡୁ ଓ ଗୁଜୁରାଟରେ ମାସିକ ସର୍ବନିମ୍ନ ମଜୁରି ଯଥାକ୍ରମେ ୧୨, ୨୦୪ ଟଙ୍କା ଓ ୧୧, ୫୩୨ ଟଙ୍କା। ଶ୍ରମବଳର ଅଧିକ ଚାହିଦା ସହିତ ବିଶେଷ ଭାବରେ ମହାନଗରୀରେ ଅଧିକ ମଜୁରି ହେତୁ ପ୍ରବାସୀ ଶ୍ରମିକମାନଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ତେଣୁ ଭାରତରେ ଏକକ ସର୍ବନିମ୍ନ ମଜୁରି ବ୍ୟବସ୍ଥା ବ୍ୟାପକ ଆଲୋଚିତ ବିଷୟ। କାରଣ ଏହା ଦେଶର ଲକ୍ଷ ଲକ୍ଷ ଶ୍ରମିକଙ୍କ ଜୀବିକାକୁ ସିଧାସଳଖ ପ୍ରଭାବିତ କରେ।

ଅବଧିକ ଶ୍ରମବଳ ସର୍ବେକ୍ଷଣର ବାର୍ଷିକ ବିବରଣୀ ୨୦୨୫ ଅନୁଯାୟୀ, ଭାରତର ମୋଟ ଶ୍ରମବଳର ଆକାର ୬୧.୬ କୋଟି। ଏହା ମଧ୍ୟରୁ ୯୦ ପ୍ରତିଶତ ବା ପ୍ରାୟ ୫୫ କୋଟି ଶ୍ରମଜୀବୀ ଅଣସଂଗଠିତ କ୍ଷେତ୍ରରେ କାର୍ଯ୍ୟରତ। ୨୦୨୫ ମାର୍ଚ୍ଚ ମାସ ଶେଷ ସୁଦ୍ଧା ଇ- ଶ୍ରମ ପୋର୍ଟାଲରେ ୩୦ କୋଟି ୬୮ ଲକ୍ଷ ଅଣସଂଗଠିତ ଶ୍ରମଜୀବୀ ନିଜକୁ ପଞ୍ଜିକୃତ କରିଛନ୍ତି। ଭାରତର ଜାତୀୟ ନିମ୍ନତମ ମଜୁରି ଦୈନିକ ମାତ୍ର ୧୭୮ ଟଙ୍କା। ୨୦୧୭ ରୁ ଏହା ଅପରିବର୍ତ୍ତିତ ରହିଛି। ଏହା ଏସିଆ-ପ୍ରଶାନ୍ତ ଅଞ୍ଚଳର ସର୍ବନିମ୍ନ ମଧ୍ୟରୁ ଅନ୍ୟତମ। ଚୀନରେ ଦୈନିକ ସର୍ବନିମ୍ନ ମଜୁରି ୧୧.୯ ଡଲାର ଥିବା ବେଳେ ଭିଏତନାମରେ ୬.୫ ଡଲାର ଓ ବାଂଲାଦେଶରେ ୩.୭ ଡଲାର। ଭାରତର ମୋଟ ଘରୋଇ ଉତ୍ପାଦ(ଜିଡିପି) ଓ ଶ୍ରମିକର ମୁଣ୍ଡପିଛା ଆୟର ଅନୁପାତ ମାତ୍ର ୨.୩ ପ୍ରତିଶତ, ଯାହା ବିଶ୍ୱର ସର୍ବନିମ୍ନ। ଅଷ୍ଟ୍ରେଲିଆ, ବ୍ରିଟେନ, ଜର୍ମାନୀ, ଦକ୍ଷିଣ କୋରିଆ, ବ୍ରାଜିଲ ଓ ଚୀନରେ ମାସିକ ସର୍ବନିମ୍ନ ମଜୁରି ଯଥାକ୍ରମେ ୨୪୦୦, ୨୨୦୦, ୨୧୦୦, ୧୮୦୦, ୨୪୦, ୩୯୦ ଆମେରିକୀୟ ଡଲାର ଥିବା ବେଳେ ଚୀନ ବ୍ୟତୀତ ଅନ୍ୟ ସମସ୍ତ ଉପରୋକ୍ତ ରାଷ୍ଟ୍ରରେ ସମାନ ରାଷ୍ଟ୍ରୀୟ ମଜୁରି ଦର ସ୍ଥିର କରାଯାଇଛି। ଜିଡିପି ଓ ମୁଣ୍ଡପିଛା ମଜୁରିର ଅନୁପାତ ଯଥାକ୍ରମେ ୪୭%, ୫୨%, ୪୮%, ୪୧%, ୩୧%, ୩୮%। ସେଠାରେ ସଂଗଠିତ କ୍ଷେତ୍ର ପରି ମୁଦ୍ରାସ୍ଫୀତି ସହିତ ସମନ୍ୱୟ ରଖି ମଜୁରି ସଂଶୋଧନ କରିବା ପାଇଁ ପଦ୍ଧତି ଅବଲମ୍ବନ କରାଯାଉଛି।

କେନ୍ଦ୍ର ସରକାର ନୂତନ ଶ୍ରମ ସଂହିତା ବଳରେ ସମଗ୍ର ଦେଶରେ ସମାନ ରାଷ୍ଟ୍ରୀୟ ମଜୁରି ସ୍ଥିର କରିବା ପାଇଁ ବ୍ୟବସ୍ଥା କରିଛନ୍ତି। ଚଳିତ ବର୍ଷ ଏପ୍ରିଲ ପହିଲାରୁ ଏହାକୁ ସମଗ୍ର ଦେଶରେ ଲାଗୁ କରାଯାଇଛି। ନୂତନ ଶ୍ରମ ସଂହିତାର ଏକ ପ୍ରମୁଖ ଅଂଶ ହେଉଛି ମଜୁରି ସଂହିତା। ମଜୁରି ସଂହିତା ୨୦୧୯ ରେ ସଂସଦରେ ଗୃହୀତ ହୋଇ ସାରିଥିଲେ ମଧ୍ୟ ସମସ୍ତ ରାଜ୍ୟରେ ଏହାକୁ ଲାଗୁ କରାଯାଇ ପାରିନାହିଁ। ସମ୍ବିଧାନରେ ଶ୍ରମକୁ ଯୁଗ୍ମ ତାଲିକାରେ ସ୍ଥାନିତ କରାଯାଇଥିବାରୁ ରାଜ୍ୟମାନେ ନିଜର ଆଇନ ପ୍ରଣୟନ କରିବେ। କେନ୍ଦ୍ର ସରକାର ସମଗ୍ର ଦେଶରେ ସର୍ବନିମ୍ନ ମଜୁରି ସ୍ଥିର କରିବେ। ପ୍ରତ୍ୟେକ ରାଜ୍ୟ ନିଜର ଏକ ସର୍ବନିମ୍ନ ମଜୁରି ସ୍ଥିର କରିବେ, ଯାହାକି ରାଷ୍ଟ୍ରୀୟ ସର୍ବନିମ୍ନ ମଜୁରିଠାରୁ ନିଶ୍ଚିତ ଭାବରେ ଅଧିକ ରହିବ। ୨୦୨୫ ଜୁଲାଇ ସୁଦ୍ଧା ୩୨ ଟି ରାଜ୍ୟ ନିଜର ମଜୁରି ଆଇନର ଖସଡ଼ା ପ୍ରସ୍ତୁତ କରି ସାର୍ବଜନୀନ କରିଛନ୍ତି। କିନ୍ତୁ ବିଡ଼ମ୍ବନାର ବିଷୟ କେନ୍ଦ୍ର ସରକାର ଜାତୀୟ ଦୈନିକ ସର୍ବନିମ୍ନ ମଜୁରିକୁ ୧୭୮ ଟଙ୍କାରେ ସ୍ଥିର ରଖିଛନ୍ତି। ଅନ୍ୟ ଏକ ପ୍ରମୁଖ ଦୁର୍ବଳତା ହେଉଛି ସର୍ବନିମ୍ନ ମଜୁରି ଓ ମୁଦ୍ରାସ୍ଫୀତିର ହାର ସହିତ କୌଣସି ସମ୍ପର୍କ ନାହିଁ। ତେଣୁ ନୂତନ ଶ୍ରମ ସଂହିତା ଆଉ କିଛି ମାସ ପରେ ସମ୍ପୂର୍ଣ୍ଣ ଭାବରେ ସକ୍ରିୟ ହେଲେ ମଧ୍ୟ ଶ୍ରମଜୀବୀମାନଙ୍କ ମଜୁରିରେ ଏକ ବୈପ୍ଳବିକ ପରିବର୍ତ୍ତନ ଆସିବାର ଆଶା କ୍ଷୀଣ।

ନୂତନ ଶ୍ରମ ସଂହିତାରେ ଗିଗ୍ କର୍ମଚାରୀ (ସଂଗଠିତ କ୍ଷେତ୍ରରେ କାର୍ଯ୍ୟରତ ଅଣସଂଗଠିତ କର୍ମଜୀବୀ)ମାନଙ୍କୁ ମଧ୍ୟ ଉପଯୁକ୍ତ ନ୍ୟାୟ ପ୍ରଦାନ କରିବା ପାଇଁ କୌଣସି ବ୍ୟବସ୍ଥା ନାହିଁ। ସରକାରୀ ତଥ୍ୟ ଅନୁସାରେ ଭାରତରେ ପ୍ରାୟ ବର୍ତ୍ତମାନ ଦେଢ଼କୋଟିରୁ ଅଧିକ ଗିଗ୍ ଶ୍ରମଜୀବୀ କାର୍ଯ୍ୟ କରୁଛନ୍ତି। ୨୦୩୦ ବେଳକୁ ଭାରତରେ ସେମାନଙ୍କ ସଂଖ୍ୟା ସାଢ଼େ ଦୁଇ କୋଟିରୁ ଅଧିକ ରହିବ ବୋଲି ଆକଳନ କରାଯାଇଛି। କିନ୍ତୁ ସେମାନଙ୍କ ପାଇଁ ସର୍ବନିମ୍ନ ମଜୁରି ଓ ଅନ୍ୟାନ୍ୟ ସୁବିଧା ଯୋଗାଇ ଦେବା ପାଇଁ ଆଇନ ନାହିଁ। ଗିଗ୍ କର୍ମଚାରୀମାନେ କମ୍ପାନୀମାନଙ୍କ ଦ୍ୱାରା ଭୟଙ୍କର ଭାବରେ ଶୋଷଣର ଶିକାର ହେଉଛନ୍ତି। ଏହାର ପ୍ରତିବାଦରେ ଗତ ଡିସେମ୍ବର ୩୧ ଓ ଜାନୁୟାରୀ ପହିଲା ଦିନ ସମଗ୍ର ଦେଶରେ ଗିଗ୍ କର୍ମଚାରୀମାନେ ଆନ୍ଦୋଳନ କରି ସମସ୍ତ ପ୍ରକାରର ସେବାକୁ ବନ୍ଦ କରି ଦେଇଥିଲେ।

ଶ୍ରମିକମାନଙ୍କ ଉପଯୁକ୍ତ ମଜୁରି ବୃଦ୍ଧି କେବଳ ବ୍ୟକ୍ତିଗତ ଆର୍ଥିକ ପ୍ରଗତିରେ ସହାୟକ ହେବ ନାହିଁ, ପ୍ରକାରନ୍ତରେ ଏହା ବଜାରରେ ଚାହିଦାକୁ ବୃଦ୍ଧି କରିବ। କାରଣ ଭାରତର ଏହି ବର୍ଗ ସ୍ୱଳ୍ପ ଆୟକାରୀ ହୋଇଥିଲେ ମଧ୍ୟ ତାହାର ଏକ-ତୃତୀୟାଂଶ କେବଳ ନିଜର ଆବଶ୍ୟକତାକୁ ପୂରଣ କରିବା ପାଇଁ ବ୍ୟୟ କରିଥାଏ। କୃଷି କ୍ଷେତ୍ର ପରେ ଭାରତର ଲଘୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗଗୁଡ଼ିକରେ ସର୍ବାଧିକ ଶ୍ରମବଳ ନିଯୁକ୍ତ ହୁଏ। ଏହି ଉଦ୍ୟୋଗଗୁଡ଼ିକ ଉପଯୁକ୍ତ ମଜୁରି ପ୍ରଦାନରେ ଟାଳଟୁଳ ନୀତି ଅବଲମ୍ବନ କରନ୍ତି। ଲଘୁ ଓ କ୍ଷୁଦ୍ର ଉଦ୍ୟୋଗ କ୍ଷେତ୍ରରେ ବ୍ୟାପକ ପ୍ରତିଯୋଗିତା, ବହୁତ ସ୍ୱଳ୍ପ ଲାଭାଂଶ ଓ ପୁଞ୍ଜି ନିବେଶ ଏହାର ଅନ୍ୟ ଏକ ପ୍ରମୁଖ କାରଣ।

ସରକାର ସର୍ବନିମ୍ନ ମଜୁରିକୁ ନୂତନ ଶ୍ରମ ସଂହିତାରେ ବୃଦ୍ଧି କରି ନ ଥିବା ବେଳେ ଶ୍ରମଜୀବୀମାନଙ୍କ ଆର୍ଥିକ ଅନଟନକୁ ଦୂର କରିବା ପାଇଁ କିଛି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିବା ଆବଶ୍ୟକ। ସରକାର କର୍ମଚାରୀ ରାଜ୍ୟ ବୀମା ନିଗମରେ ଶ୍ରମଜୀବୀମାନଙ୍କ ଯୋଗଦାନକୁ ବନ୍ଦ କରିବା ସହିତ ନିଯୁକ୍ତିଦାତାମାନଙ୍କ ଯୋଗଦାନକୁ ୩.୨% ରୁ ୧.୫% କୁ ହ୍ରାସ କରିବା ଆବଶ୍ୟକ। କାରଣ କର୍ମଚାରୀ ରାଜ୍ୟ ବୀମା ନିଗମରେ ୬୫ ହଜାର କୋଟି ଟଙ୍କା ବଳକା ରହିଛି ଏବଂ ଏହା ପ୍ରତ୍ୟେକ ଆର୍ଥିକ ବର୍ଷରେ ପ୍ରାୟ ଆଠ ହଜାର କୋଟିରୁ ନ ହଜାର କୋଟି ଟଙ୍କା ମଧ୍ୟରେ ବୃଦ୍ଧି ପାଉଛି। ଯେଉଁ ଶ୍ରମଜୀବୀମାନେ ମାସିକ ପନ୍ଦର ହଜାର ଟଙ୍କାରୁ କମ ଆୟ କରୁଛନ୍ତି ସେମାନଙ୍କ ପାଇଁ କର୍ମଚାରୀ ଭବିଷ୍ୟ ନିଧିରେ ଯୋଗଦାନ ୧୨ % ରୁ ହ୍ରାସ କରି ୮ % କରିବା ଆବଶ୍ୟକ। ଫଳରେ ସେମାନେ ଉତ୍କଟ ମହଙ୍ଗା ବଜାରରେ ବର୍ତ୍ତମାନ ପାଇଁ ନିଜର ଜରୁରୀ ଆବଶ୍ୟକତା ପୂରଣ କରି ପାରିବେ। ସୂକ୍ଷ୍ମ ଓ ଲଘୁ ଉଦ୍ୟୋଗଗୁଡ଼ିକ ପାଇଁ ସ୍ୱତନ୍ତ୍ର ଓ ସରଳ କର ନୀତି ଉପଯୁକ୍ତ ମଜୁରି ପ୍ରଦାନ କରିବା ପାଇଁ ସୁଯୋଗ ସୃଷ୍ଟି କରିପାରେ।

ଏହାସହିତ ମଜୁରି ପ୍ରଦାନରେ କମ୍ପାନୀମାନେ ସମସ୍ତ ପ୍ରକାରର ନିୟମକୁ ସଠିକ ଭାବରେ ପାଳନ କରୁଛନ୍ତି ନା ନାହିଁ ତାହାର ଏକ ଡିଜିଟାଲ ନିରୀକ୍ଷଣ ହେବା ଆବଶ୍ୟକ। ଅଣସଂଗଠିତ କ୍ଷେତ୍ରରେ ମଧ୍ୟ ମଜୁରିକୁ କେବଳ ବ୍ୟାଙ୍କକୁ ପଠାଯାଉ। ଏହାଦ୍ୱାରା ଶ୍ରମିକମାନେ ଉପଯୁକ୍ତ ମଜୁରି ପ୍ରାପ୍ତ କରି ପାରୁଛନ୍ତି ନା ନାହିଁ ତାହାର ସବିଶେଷ ତଥ୍ୟ ମିଳିପାରିବ। ନିୟମକୁ ଅନୁପାଳନ କରୁ ନ ଥିବା କମ୍ପାନୀମାନଙ୍କୁ ସହଜରେ ଠାବ କରାଯାଇ ଦଣ୍ଡିତ କରାଯାଇପାରିବ। ଅଣସଂଗଠିତ କ୍ଷେତ୍ରରେ ମଜୁରିକୁ ପ୍ରତି ଦୁଇବର୍ଷରେ ମୂଲ୍ୟ ବୃଦ୍ଧି ଅନୁସାରେ ସମନ୍ୱିତ କରାଯିବା ଉଚିତ୍। ତୃଣମୂଳ ସ୍ତରରେ ସରକାରଙ୍କ ନୀତିର ସଠିକ ଭାବରେ ଅବଲମ୍ବନ ଶ୍ରମିକମାନଙ୍କ ଜୀବନମାନ ଉନ୍ନତ କରିବା ସହିତ ଅର୍ଥନୈତିକ ବୃଦ୍ଧିକୁ ସମର୍ଥନ କରିବ।

ବେଲେଶ୍ୱର(କଟକ), ମୋ: ୯୪୩୭୦୧୮୪୭୪

## ଦାନ ମାଝୀଠାରୁ ଜିତୁ ମୁଣ୍ଡା ପର୍ଯ୍ୟନ୍ତ

**ଅଧ୍ୟାପକ ଅଶୋକ ମହାରଣା**

କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ମଲ୍ଲୀପଶି ଅଞ୍ଚଳର ଜିତୁ ମୁଣ୍ଡା। ଭଉଣୀ ଆରପାରିକି ଚାଲିଯିବା ପରେ ବ୍ୟାଙ୍କ ଖାତାରେ ସେ ସଞ୍ଚୟ କରିଥିବା ଟଙ୍କା ଉଠାଣ ପାଇଁ ବାରମ୍ବାର ବ୍ୟାଙ୍କକୁ ଦୌଡ଼ି ନୟାନ୍ତ ଓ ନିରାଶ ହୋଇପଡ଼ିଲେ। ଟଙ୍କା ଦେବାକୁ ବ୍ୟାଙ୍କ ଅଧିକାରୀ ଭଉଣୀ ମୃତ୍ୟୁର ପ୍ରମାଣପତ୍ର ଖୋଜିଲେ। ବିଚରା ଗରିବ ଜିତୁ ମୁଣ୍ଡା ଆଉ କ'ଣ ବା କରନ୍ତା। ମୃତ୍ୟୁ ପ୍ରମାଣ ପାଇଁ ମାଟି ତଳୁ ଖୋଳି ଭଉଣୀର ଗଳିତ ଶବକୁ ବୋହି ନେଇ ବ୍ୟାଙ୍କ ସମ୍ମୁଖରେ ରଖିଲା। ବ୍ୟାଙ୍କ ଅଧିକାରୀଙ୍କୁ ଭଉଣୀ ମୃତ୍ୟୁର ପ୍ରମାଣ ଦେବା ପାଇଁ ତା'ପାଖରେ ଅନ୍ୟ ରାସ୍ତା ନଥିଲା। ନିରକ୍ଷରତା ନା ମୃତ୍ୟୁ ପ୍ରମାଣପତ୍ର ଯୋଗାଡ଼ କରିବାର ଅକ୍ଷମତା, ନା ବାରମ୍ବାର ନିରାଶ ହୋଇ ଏଭଳି ଏକ କାର୍ଯ୍ୟକୁ ହାତକୁ ନେଇଥିଲା ଜିତୁ ମୁଣ୍ଡା? ଏହା ପ୍ରଶ୍ନବାଚୀରେ ରହିଥାଉ। ସତରେ ଏହା କ'ଣ ବିକଶିତ ଓଡ଼ିଶା ନା ବିକଶିତ ଭାରତ? ଡିଜିଟାଲ ଇଣ୍ଡିଆ ନା ପେପରଲେସ ୱାର୍କ(କାଗଜବିହୀନ କାମ)ର ନମୁନା? ମାନବିକତା ନା ମାନସିକତା? ବ୍ୟବସ୍ଥାରେ ତ୍ରୁଟି ନା ବ୍ୟବସ୍ଥାର ପରିବର୍ତ୍ତନ? ଏହି ସବୁ ପ୍ରଶ୍ନ ଉପରେ ଗୁରୁତ୍ୱ ଦିଆଯାଉ।

ଦାନ ମାଝୀ ପରେ ଜିତୁ ମୁଣ୍ଡା ଓଡ଼ିଶାବାସୀଙ୍କ ହୃଦୟରେ ଏକ ସ୍ପନ୍ଦନ ସୃଷ୍ଟି କରିଛି। ପ୍ରମାଣପତ୍ର ଅପେକ୍ଷା ମାନବିକତା ଆଧାରରେ ତଦନ୍ତ କରି ଟଙ୍କା ପ୍ରଦାନ ବ୍ୟବସ୍ଥା ମଧ୍ୟ କରାଯାଇପାରିଥା'ନ୍ତା। କିନ୍ତୁ ତା' ହୋଇ ନ ଥିଲା। ସାରା ଭାରତର ଗଣମାଧ୍ୟମରେ ଚହଳ ସୃଷ୍ଟି ପରେ ସଙ୍ଗେ ସଙ୍ଗେ ସମସ୍ୟାର ସମାଧାନ ହୋଇଗଲା। ଗୋଟିଏ ଘଣ୍ଟାରେ ମୃତ୍ୟୁ ପ୍ରମାଣପତ୍ର ମଧ୍ୟ ମିଳିଗଲା। ସରକାର ସେବା ଦେବାକୁ ଯେଉଁ ନୀତିନିୟମ ଏବଂ ଦିନ ଧାର୍ଯ୍ୟ କରିଛନ୍ତି ତା' ପାଳନ ହେଉଛି ତ? ଲୋକ ସେବା ପାଉଛନ୍ତି ତ? ଓଡ଼ିଶାରେ ଏମିତି କେତେ ଯେ ଜିତୁ ମୁଣ୍ଡା ରହିଛନ୍ତି, କିଏ ଜମି ପାଇଁ ତ କିଏ ବାର୍ଦ୍ଧକ୍ୟ ଭତ୍ତା ପାଇଁ ଦୌଡ଼ି ଦୌଡ଼ି ନୟାନ୍ତ ଓ ନିରାଶ ହେଉଛନ୍ତି। ସରକାରଙ୍କ ସୁବିଧା ନପାଇ ସର୍ବହରା ପାଲଟିବା ଲୋକଙ୍କ କଥା ଅଧିକ।

ଟଙ୍କା ନଥିବାରୁ ଦିନେ ଦାନ ମାଝୀ ପତ୍ନୀର ଶବକୁ କାନ୍ଧରେ ପକାଇ ଦଶ କିଲୋମିଟର ଚାଲି ଗାଁରେ ପହଞ୍ଚି ଥିଲା। ଅସହାୟତା, ଦୁଃଖ, ଦାରିଦ୍ର୍ୟ ହୁଏତ ଦାନ ମାଝୀକୁ ଏହା କରିବା ପାଇଁ ବିବଶ କରି ଦେଇଥାଇପାରେ। ଏଇଠି ପ୍ରଶ୍ନଉଠେ ଗାଡ଼ି ଭଡ଼ା ପାଇଁ ଗରୀବ ଲୋକଟି ଟଙ୍କା ପାଇବ କେଉଁଠୁ? ଟଙ୍କା ନ ଥିଲା ବୋଲି ତ କାନ୍ଧରେ ବୋହିବାକୁ ପଡ଼ିଲା। ସେବାରୁ ବଞ୍ଚିତ ହେଲା। ଯେଉଁଠି ପେଟର ଜ୍ୱାଳାରେ ଆମ୍ବ ଟାକୁଆ ଜାଉ ଅମୂଲ୍ୟ ପାଲଟେ ସେଠାରେ ଚିକିତ୍ସା ପାଇଁ ଟଙ୍କା ଏକ ଦିବା ସ୍ୱପ୍ନ। ସେତେବେଳେ ଦାନ ମାଝୀ ଗଣମାଧ୍ୟମର ଚର୍ଚ୍ଚିତ ଚେହେରା ଥିବା ବେଳେ ଏବେ ଜିତୁ ମୁଣ୍ଡା।

ସେମାନଙ୍କ ପୁଙ୍ଗୁଳା ଦେହ ରାଜ୍ୟର ବାସ୍ତବ ଚିତ୍ର, ଯାହା ଦେଶ ବିଦେଶରେ ବେଶ୍ ଚର୍ଚ୍ଚିତ। ଉଭୟଙ୍କର ଗୋଟିଏ ସମସ୍ୟା ଦରିଦ୍ରତା। ମାସକୁ ପାଞ୍ଚ କେଜି ଚାଉଳ ମିଳିଗଲେ ସମସ୍ୟାର ସମାଧାନ ହୋଇଯିବନି। ସମସ୍ତଙ୍କ ପାଇଁ ରୋଜଗାରର ସ୍ଥାୟୀ ସମାଧାନ ଦରକାର। କାମ ମିଳିଲେ ରୋଜଗାର ଆପେ ଆସିବ। ରୋଜଗାର ଆସିଲେ ସମସ୍ୟାର ସମାଧାନ ଆସିଯିବ। ଦରଦାମ ହ୍ରାସ ହେଲେ ଗରିବ ଲୋକର ଚୁଲିରେ ହାଣ୍ଡି ବସିବ। ଉଜ୍ଜଳା ଯୋଜନାରେ ମାଗଣାରେ ଗ୍ୟାସ ସିଲିଣ୍ଡର ମିଳିଲା; କିନ୍ତୁ ଗ୍ୟାସ କିଣିବା ପାଇଁ ତ ଟଙ୍କା ଦରକାର। ମାଗଣା ଔଷଧ, ମାଗଣା ଚିକିତ୍ସା, ମାଗଣା ଶିକ୍ଷା, ଶିକ୍ଷା ଅଧିକାର ଆଇନ, ମାଗଣାରେ ଛତା, ଯୋତା, ସାଇକେଲ ସବୁ ମିଳୁଛି। ତଥାପି ଦାନ ମାଝୀ ଓ ଜିତୁ ମୁଣ୍ଡା ଗରିବ କାହିଁକି?

ସମଗ୍ର ରାଜ୍ୟରେ ମଜୁରୀର ତାରତମ୍ୟ, ଦରଦାମ ବୃଦ୍ଧି, ରୋଜଗାରହୀନତା ମନୁଷ୍ୟକୁ ଅଧିକ ଗରିବ କରୁଛି। ଏମ୍‌ଜିଏନଆରଜିଏସ ମଜୁରୀ ଟଙ୍କାରେ କେହି କାମ କରିବାକୁ ରାଜି ନୁହନ୍ତି। କାରଣ ସ୍ଥାନୀୟ ମଜୁରୀ ତା' ଠାରୁ ଯଥେଷ୍ଟ ଅଧିକ। ରୋଜଗାରହୀନତା ଯୋଗୁଁ ଦାରିଦ୍ର୍ୟ ହ୍ରାସ ପାଉନାହିଁ, ବରଂ ବଢୁଛି। କିନ୍ତୁ କାଗଜପତ୍ରରେ ଦାରିଦ୍ର୍ୟ ହ୍ରାସ ପାଇଥିବା ଦର୍ଶାଯାଉଛି। ଟଙ୍କା ଥିଲେ ଗରୀବ ପେଟ ଅର୍ଦ୍ଧଭୁକ୍ତ ରହନ୍ତା ନାହିଁ। ଖଟିଆରେ କିମ୍ବା ଭାର କରି ରୋଗୀକୁ ଚିକିତ୍ସାଳୟକୁ ଆଣିବାକୁ ପଡ଼ନ୍ତା ନାହିଁ। ଚିକିତ୍ସା ଅଭାବରୁ ମହିଳାଟିଏ ରାସ୍ତାକଡ଼ରେ ପ୍ରସବ କରୁ ନ ଥା'ନ୍ତା କିମ୍ବା ମୃତ୍ୟୁମୁଖରେ ପଡୁ ନ ଥା'ନ୍ତା। ଅପପୁଷ୍ଟିର ଶିକାର ହୋଇ ଶିଶୁ ଅକ୍ଷମ ପାଲଟି ଯାଉ ନଥା'ନ୍ତା। ସମ୍ବଳ ଅଭାବରୁ ମାଆ ଜନ୍ମିତ ଶିଶୁକୁ ଶାଗମାଛ ଭଳି ବିକନ୍ତା ନାହିଁ କିମ୍ବା ଖାଦ୍ୟ ଅଭାବରୁ ମାଆ ପିଶାଚ ସାଜି ଶିଶୁଙ୍କ ତଣ୍ଟି ଚିପି କୂଅରେ ପକାଇ ଦିଅନ୍ତା ନାହି କି ବିଷ ଦେଇ ହତ୍ୟା କରନ୍ତା ନାହିଁ।

ଦାରିଦ୍ରତା, ଶିଶୁ ମୃତ୍ୟୁହାର, ମାତୃ ମୃତ୍ୟୁହାର, ଭିକ୍ଷା ବୃତ୍ତି, ଶିଶୁଶ୍ରମିକ ପ୍ରଥା, ଅପପୁଷ୍ଟି, ବାସହୀନତା ସମସ୍ୟା କେବଳ ସମ୍ବଳର ଅଭାବ ଯୋଗୁଁ ସୃଷ୍ଟି ହୋଇଥାଏ। ଭିତ୍ତିଭୂମିର ଅଭାବ ଦେଶର ବିକାଶ ପ୍ରତି କୁଠାରଘାତ। ଶିକ୍ଷା, ସ୍ୱାସ୍ଥ୍ୟ, ପରିମଳ ବାସଗୃହ ସବୁଥିରେ ସଙ୍କଟ ସୃଷ୍ଟି କରୁଛି। ଗରୀବ ଆଦିବାସୀ, ଦିନ ମଜୁରିଆ, ଶ୍ରମିକ ଶ୍ରେଣୀଙ୍କ ନିକଟରେ ଅର୍ଥନୈତିକ ଭିତ୍ତିଭୂମି, ଶକ୍ତି, ପରିବହନ, ଯୋଗାଯୋଗ, ବ୍ୟାଙ୍କ, ବୀମା କ୍ଷେତ୍ର ହାର ମାନିଛି। ଏଠାରେ ପୁଅରେ ଦାୟ ନା ବାରଶହ ବଢ଼େଇରେ ଦାୟ ପାଇଁ ଧର୍ମପଦକୁ ବଳି ଦିଆଯାଉଛି। ବାରଶହ ବଢ଼େଇଙ୍କ ପାଇଁ ତୃଣମୂଳ ସ୍ତରରୁ ବିକାଶ ଦରକାର। ଗୋଟାଏ ସ୍ମାର୍ଟ ସିଟି କରିଦେଲେ ଓଡ଼ିଶାର ଦୁଃଖ ହଟିଯିବନି। ପ୍ରତି ଗାଁ ସ୍ମାର୍ଟ ସିଟି ହେବା ଦରକାର, ଯେଉଁଠାରେ ଥିବ ରାସ୍ତାଘାଟର ସୁବିଧା, ରୋଗ ପାଇଁ ଚିକିତ୍ସା, ରୋଜଗାର, ଶୁଦ୍ଧ ପାନୀୟ ଜଳ, ସମସ୍ତଙ୍କ ପାଇଁ ଖାଦ୍ୟ, ବିଜୁଳି ଆଲୋକ, ମୁଣ୍ଡ ଗୁଞ୍ଜିବାକୁ ଖଣ୍ଡେ ଘର। ଶ୍ରମ ସଘନ ଶିଳ୍ପକୁ ପ୍ରୋତ୍ସାହନ ଦିଆ ନ ଯାଇ ପୁଞ୍ଜିସଘନ ଶିଳ୍ପକୁ ପ୍ରୋତ୍ସାହିତ କରାଗଲେ ଲୋକ କାମ ପାଇବେ କିପରି ଓ ବିକାଶ ହେବ କିପରି? କର୍ପୋରେଟ ସେକ୍ଟର ଲୁଣ ପ୍ରସ୍ତୁତ କଲେ ଲୁଣ ମାରୁଥିବା ଲୋକ ଯିବେ କୁଆଡ଼େ?

ସିମିନଇ(ଢେଙ୍କାନାଳ), ମୋ: ୯୪୩୭୨୯୦୧୮୧

## ପ୍ରାଚ୍ୟବିଦ୍ୟା-ବିଦ୍ୱାନ: ପ୍ରହ୍ଲାଦ ପ୍ରଧାନ

**ସାହିତ୍ୟ ସରିତ୍**

**ପ୍ରଫେସର ମଣୀନ୍ଦ୍ର କୁମାର ମେହେର**

ଜୀବନର ସକଳ ପ୍ରତିକୂଳ ପରିସ୍ଥିତିକୁ ଅତିକ୍ରମ କରି ଯେଉଁମାନେ ନିଜ ଲକ୍ଷ୍ୟସ୍ଥଳରେ ଉପନୀତ ହୋଇପାରନ୍ତି ସେମାନଙ୍କ ଇଚ୍ଛାଶକ୍ତିକୁ ମାପି ପାରିବା ଆଦୌ ସମ୍ଭବ ନୁହେଁ। ପ୍ରଫେସର ପ୍ରହ୍ଲାଦ ପ୍ରଧାନଙ୍କ ସଂଘର୍ଷ, ସାଧନା ଓ ସିଦ୍ଧି ସେପରି କଳ୍ପନାତୀତ। ପଶ୍ଚିମ ଓଡ଼ିଶାର ନିଭୃତ ପଲ୍ଲୀ ଅଞ୍ଚଳରେ ତାଙ୍କ ଆବିର୍ଭାବ। ଗାଁର ନାଁ ଟି ପୁଣି ଅନ୍ତପାଲି। ଅଥଚ ପ୍ରହ୍ଲାଦ ପ୍ରଧାନଙ୍କ ଅନ୍ତଃହୀନ ଯାତ୍ରା ଆରମ୍ଭ ହୋଇଥିଲା ସେଇ ପବିତ୍ର ମାଟିରୁ। ଜ୍ଞାନ ଆହରଣର ଆଗ୍ନେୟ ଆହ୍ୱାନ ଦ୍ୱାରା ଆକର୍ଷିତ ହୋଇ ସେ କିପରି ସମସ୍ତଙ୍କ ଅଜାଣତରେ ପହଞ୍ଚିଥିଲେ ଶ୍ରୀକ୍ଷେତ୍ର ପୁରୀ ପର୍ଯ୍ୟନ୍ତ, ବ୍ରାହ୍ମଣ ନ ହୋଇ ମଧ୍ୟ ସଂସ୍କୃତ ଭାଷା ଶିକ୍ଷାର ପରିସର ମଧ୍ୟକୁ କିପରି ପ୍ରବେଶାଧିକାର ପାଇଥିଲେ ତାହା ଏକ ସ୍ୱତନ୍ତ୍ର ଉପାଖ୍ୟାନ। ପୁଣି କିପରି ଭାବରେ ଶାନ୍ତିନିକେତନରୁ ଚୀନ ପର୍ଯ୍ୟନ୍ତ ତାଙ୍କ ଦୁଃସାହସିକ ଅଭିଯାନ ଆରମ୍ଭ ହୋଇଥିଲା - ସେସବୁ ଏକ ଏକ ରୋମାଞ୍ଚକର ଅଧ୍ୟାୟ। ତାହାର ବିବରଣୀ କେବଳ ଜାଣିବାର ସୁଯୋଗ ପାଇଲେ ବି ବିଦ୍ୟାଭୀତ ଆଜିର ତରୁଣ ହୃଦୟକୁ ତାହା ତୀବ୍ର ଭାବରେ ବିଦ୍ଧ କରିପାରେ।

ଶାନ୍ତିନିକେତନରେ ଗବେଷଣା କାର୍ଯ୍ୟରେ ଅଭିନିବିଷ୍ଟ ଥିବା ବେଳେ ସେ ବିଶ୍ୱକବି ରବୀନ୍ଦ୍ରନାଥ ଓ ମହାତ୍ମା ଗାନ୍ଧୀଙ୍କ ପବିତ୍ର ସାନ୍ନିଧ୍ୟ ଅନୁଭବ କରି ଦିବ୍ୟପ୍ରେରଣାରେ ହୋଇଯାଇଥିଲେ ଭାବାର୍ଦ୍ର। ସେମାନଙ୍କ ଆଦର୍ଶ ବ୍ୟକ୍ତିତ୍ୱର ପ୍ରଭାବ ସପ୍ତପର୍ଣ୍ଣୀ ଫୁଲ ମାଧ୍ୟମରେ ତାଙ୍କୁ ଉଦବୁଦ୍ଧ କରିଥିବ ନିତ୍ୟ ସାଧନାମଗ୍ନ ହୋଇଯିବା ସକାଶେ। ବିଦ୍ୟାର୍ଜନ ପାଇଁ ସେ ବିଶ୍ୱାଭିମୁଖୀ ହୋଇଯାଇଥିଲେ। ନିଜ ଜନ୍ମଭୂମିର କବି ଗଙ୍ଗାଧର ମେହେରଙ୍କ ଜୀବନଦର୍ଶନ ଓ ସାହିତ୍ୟାଦର୍ଶର ସୂକ୍ଷ୍ମ ପ୍ରଭାବ ସେ ଅନୁଭବ କରିଛନ୍ତି ଜୀବନବ୍ୟାପୀ। ସେ ହିଁ ସର୍ବପ୍ରଥମେ ସନ୍ଥ କବୀରଙ୍କ ସହ ସ୍ୱଭାବକବିଙ୍କ ତୁଳନା କରି ଲେଖିଥିଲେ ପ୍ରବନ୍ଧ 'ଝୋଲିଆ କବୀର ଓ ଭୁଲିଆ କବି ଗଙ୍ଗାଧର'। ହିନ୍ଦୀରେ ମଧ୍ୟ କବିଙ୍କ ଜୀବନୀ ରଚନା କରିଥିଲେ ପ୍ରଥମଥର ପାଇଁ। ଭୁବନେଶ୍ୱରରୁ ପ୍ରକାଶିତ 'ଗଙ୍ଗାଧର ସ୍ମରଣିକା'ର ଥିଲେ ମୁଖ୍ୟ ସମ୍ପାଦକ।

ଶାନ୍ତିନିକେତନରେ ଗବେଷଣା କରୁଥିବା କାଳରେ ସେ ଚୀନ ଭାଷା ଶିକ୍ଷାର ଯୋଗ୍ୟତା ଅର୍ଜନ କରିଥିବାରୁ ବୌଦ୍ଧ ସାହିତ୍ୟ ଓ ସଂସ୍କୃତି ସମ୍ପର୍କରେ ଅଧିକରୁ ଅଧିକ ବିଷୟ ଜାଣିବା ପାଇଁ ଏକ ନିରବଚ୍ଛିନ୍ନ ଅନ୍ତଃଯାତ୍ରା ଆରମ୍ଭ ହୋଇଥିଲା ତାଙ୍କ ଚେତନା ମଧ୍ୟରେ। ଏଇ ଯାତ୍ରା ହେଲା କ୍ରମେ ଗଭୀରରୁ ଗଭୀରତମ ପ୍ରଦେଶ ପର୍ଯ୍ୟନ୍ତ ଅବ୍ୟାହତ। ବୁଦ୍ଧଦେବଙ୍କ ଅହିଂସାର ବାର୍ତ୍ତା ତାଙ୍କ ହୃଦୟକୁ ଉଦାର ଓ ପ୍ରଶସ୍ତ କରିଦେଲା। ଚୀନରୁ ସେ ଯେଉଁ ବୌଦ୍ଧସାହିତ୍ୟ ସଂଗ୍ରହ କରି ଅମୂଲ୍ୟ ଗ୍ରନ୍ଥ ସମ୍ପାଦନା କଲେ ତାହା ତାଙ୍କୁ ସମଗ୍ର ବିଶ୍ୱସାହିତ୍ୟରେ ପ୍ରଦାନ କରିଥିଲା ଅସାମାନ୍ୟ ସ୍ୱୀକୃତି ଓ ପ୍ରତିଷ୍ଠା। ଏହି ସମସ୍ତ କାର୍ଯ୍ୟକ୍ରମକୁ ତାଙ୍କ ଅନ୍ତଃସ୍ଥଳର ଯେଉଁ ସୃଜନାତ୍ମକ ଶକ୍ତି ପରିଚାଳିତ କରୁଥିଲା ସେ କେବଳ ଏକ ଉଚ୍ଚାଭିଳାଷୀ ସାଧାରଣ ମନ ନୁହେଁ, ତାହା ହେଉଛି ଆତ୍ମିକ ଶ୍ରଦ୍ଧାଶୀଳତାରେ ଆପ୍ଲୁତ ଏକ ଅବିଚଳିତ ଅଭୀପ୍ସା।

ଓଡ଼ିଆରେ ପ୍ରକାଶିତ ତାଙ୍କର ତିନୋଟି ପୁସ୍ତକ ଜିଜ୍ଞାସୁ ପାଠକଙ୍କ ସ୍ୱତନ୍ତ୍ର ଦୃଷ୍ଟି ଆକର୍ଷଣ କରେ। 'ଭାଷାତତ୍ତ୍ୱ ପରିଭାଷା', 'ସାହିତ୍ୟାୟନ' ଓ 'ପାଲି ଧମ୍ମପଦ'। ଯେକୌଣସି କାବ୍ୟକୃତି ମଧ୍ୟରେ କବିର ବ୍ୟକ୍ତିତ୍ୱ ପ୍ରକଟିତ ହେବା ସୁନିଶ୍ଚିତ - ଏହା ସେ ମାର୍ମିକ ଭାବରେ ଅନୁଭବ କରିଛନ୍ତି ଓ ତଦନୁଯାୟୀ ସାହିତ୍ୟର ବୀକ୍ଷା ଓ ବିଶ୍ଳେଷଣ କରିଛନ୍ତି ଶାସ୍ତ୍ରୀୟ ଦୃଷ୍ଟିଭଙ୍ଗୀ ନେଇ। 'ପାଲି ଧମ୍ମପଦ' ତାଙ୍କ ଜୀବନର ଏକ ଶ୍ରଦ୍ଧାଶୂନ୍ୟ ଅନାସକ୍ତ ଗବେଷଣା ମାତ୍ର ନୁହେଁ; ବୁଦ୍ଧବାଣୀ ମଧ୍ୟରେ ତାଙ୍କ ନିଜସ୍ୱ ଗ୍ରହଣଶୀଳତାର ଗଭୀରତା ଉପଲବ୍ଧି କରିହୁଏ ନିବିଡ଼ ଭାବରେ। ବୁଦ୍ଧବିଦ୍ୟା ବିଶାରଦ ପ୍ରହ୍ଲାଦ ପ୍ରଧାନଙ୍କ ସୁନ୍ଦର ସରଳ ବ୍ୟାଖ୍ୟା ହେଉଛି: ଯେଉଁମାନେ ଧର୍ମଧାରାର ଅଧ୍ୟୟନ କମ କରିଥିଲେ ମଧ୍ୟ ତା'କୁ ଜୀବନରେ ସଚ୍ଚୋଟ ଭାବରେ ପାଳନ କରିଥା'ନ୍ତି ଏବଂ ରାଗ, ଦ୍ୱେଷ, ଅହଂକାରରୁ ରହିପାରନ୍ତି ବିମୁକ୍ତ ସେମାନେ ହିଁ ଶାନ୍ତଚିତ୍ତ ଅନୁରାଗପୂର୍ଣ୍ଣ ହୃଦୟ ନେଇ ଏକ କଲ୍ୟାଣକର ଜୀବନ ଅତିବାହିତ କରିପାରିଥା'ନ୍ତି। ପ୍ରଫେସର ପ୍ରହ୍ଲାଦ ପ୍ରଧାନ ଓଡ଼ିଶାର ସଂସ୍କୃତ ବିଶ୍ୱବିଦ୍ୟାଳୟର ପ୍ରଥମ କୁଳପତି ପଦ ଅଳଙ୍କୃତ କରିଥିଲେ। ତାଙ୍କ ଅଧ୍ୟୟନ, ମନନ, ଶିକ୍ଷଣ ଓ ସନ୍ଧାନର କ୍ଷେତ୍ର ଥିଲା ପ୍ରକୃତରେ କି ବ୍ୟାପକ! କି ବିସ୍ମୟଜନକ! ତାଙ୍କର ସମସ୍ତ ଜ୍ଞାନ ସେଇ ବିନ୍ଦୁରେ ହୋଇଥିଲା ଉପନୀତ, ଯାହାକୁ କୁହାଯାଏ ନିଷ୍କାମ କର୍ମ। ସେ 'ପାଲି ଧମ୍ମପଦ' ଗ୍ରନ୍ଥ ଅନୁବାଦ ଓ ଅନୁଶୀଳନ କରୁଁ କରୁଁ ନିଜେ ପରିଣତ ହୋଇଯାଇଥିଲେ ବୌଦ୍ଧ ସନ୍ନ୍ୟାସୀ ରୂପରେ।

ଭୁବନେଶ୍ୱର, ମୋ: ୭୦୭୭୫୫୩୭୦୭

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

### ଇ-ବସ୍ ସେବାର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

# କେନ୍ଦୁଝର ଜିଲ୍ଲାକୁ ୧୩୩୦ କୋଟିରୁ ଅଧିକ ଟଙ୍କାର ପ୍ରକଳ୍ପ ଭେଟି

କେନ୍ଦୁଝର, ୨୯।୪(ସମିସ): କେନ୍ଦୁଝର ଜିଲ୍ଲାର ସାମଗ୍ରିକ ବିକାଶ ଓ ଗମନାଗମନ ବ୍ୟବସ୍ଥାକୁ ବିଶ୍ୱସ୍ତରୀୟ କରିବା ଲକ୍ଷ୍ୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି କେନ୍ଦୁଝରଠାରେ ଏକାଧିକ ମହତ୍ତ୍ୱପୂର୍ଣ୍ଣ ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଆୟୋଜିତ ବିକାଶ ସମାବେଶରେ ଜିଲ୍ଲାର ସାମଗ୍ରିକ ପ୍ରଗତି ପାଇଁ ମୁଖ୍ୟମନ୍ତ୍ରୀ ୧,୩୩୦ କୋଟି ୨୪ ଲକ୍ଷ ଟଙ୍କା ବ୍ୟୟଅଟକଳରେ ମୋଟ ୧୮୭ଟି ପ୍ରକଳ୍ପର ଲୋକାର୍ପଣ, ଭିତ୍ତିପ୍ରସ୍ତର ସ୍ଥାପନ ସହ ନୂତନ ଘୋଷଣା କରାଯାଇଛି। ଜିଲ୍ଲାବାସୀଙ୍କୁ ସ୍ମାର୍ଟ ପବ୍ଲିକ ଟ୍ରାନ୍ସପୋର୍ଟ ସେବା ଯୋଗାଇଦେବା ପାଇଁ ୨୫ଟି ଅତ୍ୟାଧୁନିକ ଇ-ବସ ସହିତ ୧୭ କୋଟି ଟଙ୍କା ବ୍ୟୟରେ ନିର୍ମିତ 'ଆମ ବସ' ଡିପୋର ଲୋକାର୍ପଣ କରାଯାଇଛି।

ଜିଲ୍ଲାର ବିଭିନ୍ନ ପ୍ରାନ୍ତରେ ପ୍ରାୟ ୭୦୫ କୋଟି ଟଙ୍କାର ୬୨ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିବା ବେଳେ ପ୍ରାୟ ୨୫୧ କୋଟି ଟଙ୍କା ବ୍ୟୟରେ ନିର୍ମିତ ୨୪ଟି ପ୍ରକଳ୍ପକୁ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରାଯାଇଛି। ଏହାବ୍ୟତୀତ ଭବିଷ୍ୟତର ଆବଶ୍ୟକତାକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ଆଉ ୧୦୧ଟି ନୂତନ ପ୍ରକଳ୍ପ ପାଇଁ ପ୍ରାୟ ୩୭୫ କୋଟି ଟଙ୍କାର ପ୍ୟାକେଜ୍ ଘୋଷଣା କରିଛନ୍ତି, ଯାହା କେନ୍ଦୁଝରର ବିକାଶ ଯାତ୍ରାକୁ ଆହୁରି ତ୍ୱରାନ୍ୱିତ କରିବ।

ଏହି ନୂତନ ଇ-ବସ ସେବାର ସବୁଠାରୁ ବଡ଼ ବିଶେଷତ୍ୱ ହେଉଛି ଏହାର ସୁଲଭ ଭଡ଼ା। ମାତ୍ର ୫ ଟଙ୍କାରୁ ବସ ଭଡ଼ା ଆରମ୍ଭ ହେଉଥିବାରୁ ଏହା ଦୈନନ୍ଦିନ ଯାତ୍ରା କରୁଥିବା ନିମ୍ନ ଓ ମଧ୍ୟବିତ୍ତ ଶ୍ରେଣୀର ଲୋକଙ୍କ ପାଇଁ ବେଶ୍ ସହାୟକ ହେବ। ସମସ୍ତ ବସ ସମ୍ପୂର୍ଣ୍ଣ ଭାବେ ବାତାନୁକୂଳ ହୋଇଥିବା ବେଳେ ଯାତ୍ରୀଙ୍କ ସୁରକ୍ଷାକୁ ଏଥିରେ ସର୍ବାଧିକ ପ୍ରାଧାନ୍ୟ ଦିଆଯାଇଛି। ପ୍ରତିଟି ବସ୍‌ରେ ସିସିଟିଭି କ୍ୟାମେରା, ପ୍ୟାନିକ୍ ବଟନ ଏବଂ ଜିପିଏସ ବ୍ୟବସ୍ଥା ରହିଛି, ଯାହାଦ୍ୱାରା ଯାତ୍ରୀମାନେ ବିଶେଷ କରି ମହିଳାମାନେ ନିର୍ଭୟରେ ଯାତ୍ରା କରିପାରିବେ। ମହିଳା ସଶକ୍ତୀକରଣ କ୍ଷେତ୍ରରେ ମଧ୍ୟ ଏହି ପ୍ରକଳ୍ପ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହୋଇଛି। ଏହି ଯୋଜନା ମାଧ୍ୟମରେ ପ୍ରାୟ ୧୫୦ ଜଣ ନିଯୁକ୍ତି ପାଇଥିବା ବେଳେ ସେମାନଙ୍କ ମଧ୍ୟରେ ୩୦ ଜଣ ମହିଳା ଗାଇଡ୍ ଏବଂ ୨ ଜଣ ମହିଳା ଡ୍ରାଇଭର ସାମିଲ ଅଛନ୍ତି। ଏହି ଇ-ବସ୍ ସେବା ବାର୍ଷିକ ପ୍ରାୟ ୩୩୦ରୁ ୩୯୦ ଟନ୍ କାର୍ବନ ନିର୍ଗମନ ହ୍ରାସ କରିବାରେ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଆଗାମୀ ଦିନରେ ଏହି ସେବାକୁ ରାଜ୍ୟର ଅନ୍ୟ ସହରଗୁଡ଼ିକୁ ସମ୍ପ୍ରସାରିତ କରାଯିବ ଏବଂ ଉତ୍ତମ ରକ୍ଷଣାବେକ୍ଷଣ ପାଇଁ ପ୍ରାୟ ୨୩୮ କୋଟି ଟଙ୍କାର ବ୍ୟୟବରାଦ କରାଯାଇଥିବା ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି। ଏହି ପଦକ୍ଷେପ ଓଡ଼ିଶାକୁ "ଗ୍ରୀନ୍ ମୋବିଲିଟି' କ୍ଷେତ୍ରରେ ଦେଶର ଏକ ଅଗ୍ରଣୀ ରାଜ୍ୟ ଭାବେ ଉଭା କରିବ ବୋଲି ସେ କହିଛନ୍ତି।



କେନ୍ଦୁଝରବାସୀଙ୍କୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ କେନ୍ଦୁଝର ଜିଲ୍ଲା ରାଜ୍ୟକୁ ଅନେକ କିଛି ଦେଇଛି, କିନ୍ତୁ ବିଗତ ଦିନରେ ଏହି ଜିଲ୍ଲା ଅବହେଳିତ ହୋଇରହିଥିଲା। ସେ ସ୍ପଷ୍ଟ କରିଛନ୍ତି ଯେ ଜିଲ୍ଲାରେ ଏକ ମେଗାଷ୍ଟିଲ ପ୍ଲାଣ୍ଟ ସ୍ଥାପନ ପାଇଁ ପ୍ରକ୍ରିୟା ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଖୁବ୍‌ଶୀଘ୍ର ଏହାର ଶିଳାନ୍ୟାସ କରାଯାଇ କେନ୍ଦୁଝରକୁ ଦେଶର ଏକ ଶ୍ରେଷ୍ଠ ଶିଳ୍ପ ସମୃଦ୍ଧ ଜିଲ୍ଲା ଭାବେ ଗଢି ତୋଳାଯିବ। ଏହି ବିଶାଳ ପଦକ୍ଷେପ ଜିଲ୍ଲାର ଭିତ୍ତିଭୂମିକୁ ସୁଦୃଢ଼ କରିବା ସହ ସାଧାରଣ ଜନତାଙ୍କ ଜୀବନଶୈଳୀରେ ବ୍ୟାପକ ପରିବର୍ତ୍ତନ ଆଣିବ ବୋଲି ଆଶା କରାଯାଉଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କେନ୍ଦୁଝର ଜିଲ୍ଲାର ୬ ଜଣ ହିତାଧିକାରୀଙ୍କୁ ମୋଟ ୫,୭୫,୦୦୦ ଟଙ୍କାର ସହାୟତା ରାଶି ପ୍ରଦାନ କରିଛନ୍ତି। ଏଥିରେ କେନ୍ଦୁଝରର ହେମନ୍ତ ମହାନ୍ତଙ୍କୁ ବିବାହ ସହାୟତା ବାବଦରେ ୫୦,୦୦୦ ଟଙ୍କା ଏବଂ ଲବଙ୍ଗ ମହାନ୍ତଙ୍କୁ ମୃତ୍ୟୁକାଳୀନ ସହାୟତା ଭାବେ ୩,୦୫,୦୦୦ ଟଙ୍କା ହସ୍ତାନ୍ତର କରାଯାଇଛି। ସେହିପରି 'ଉଦ୍ୟମୀ' ଯୋଜନାରେ ଚମ୍ପୁଆର ମା'ମଙ୍ଗଳା ଏସଏଚଜି, ଯୋଡ଼ାର ବନିତା ନାଏକ ଏବଂ ଝୁମ୍ପୁରାର କେଦାରଚନ୍ଦ୍ର ନାଏକଙ୍କୁ ୬୦,୦୦୦ ଟଙ୍କା ଲେଖାଏଁ ଏବଂ ନିଲମ ମହାକୁଡ଼ଙ୍କୁ ୪୦,୦୦୦ ଟଙ୍କାର ଆର୍ଥିକ ରାଶି ପ୍ରଦାନ କରାଯାଇଛି। ସମାରୋହରେ ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ଡକ୍ଟର ଫକୀର ମୋହନ ନାଏକ, ସାଂସଦ ଅନନ୍ତ ନାଏକ, ପାଟଣା ବିଧାୟକ ଅଖିଳଚନ୍ଦ୍ର ନାଏକ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷା ମମିତା ନାଏକ ଏବଂ ଜିଲ୍ଲାପାଳ ବିଶାଳ ସିଂହ ପ୍ରମୁଖ ଉପସ୍ଥିତ ଥିଲେ।

## ୬ ସହରରେ ହେବ ୧୯୦ ଇଭି ଚାର୍ଜିଂ ଷ୍ଟେସନ୍

ଭୁବନେଶ୍ୱର,୨୯।୪(ସମିସ): ୨୦୭୦ ସୁଦ୍ଧା "ନେଟ୍ ଜିରୋ' ନିର୍ଗମନ ଲକ୍ଷ୍ୟ ହାସଲ କରିବା ଓ ଭାରତକୁ ସ୍ୱଚ୍ଛ ଗତିଶୀଳତା ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି। ଏହି କ୍ରମରେ ରାଜ୍ୟର ୬ ସହରରେ ୧୯୦ ଟି ଇଭି ଚାର୍ଜିଂ ଷ୍ଟେସନ୍ ନିର୍ମାଣ ପାଇଁ ଯୋଜନା କରାଯାଉଛି। ଗତ ୨୯ ସେପ୍ଟେମ୍ବର ୨୦୨୪ରେ ପିଏମ୍-ଇ ଡ୍ରାଇଭ୍ ଯୋଜନାର ବିଜ୍ଞପ୍ତି ଅନୁଯାୟୀ ଏହି ଯୋଜନା ପାଇଁ ୧୦,୯୦୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ସେଥିମଧ୍ୟରୁ କେବଳ ବୈଦ୍ୟୁତିକ ଯାନ ସାର୍ବଜନୀନ ଚାର୍ଜିଂ ଷ୍ଟେସନ୍‌ର ବିକାଶ ପାଇଁ ୨,୦୦୦ କୋଟି ଟଙ୍କା ଖର୍ଚ୍ଚ ଲକ୍ଷ୍ୟ ରହିଛି।

ସୂଚନା ଅନୁସାରେ ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ରାଜ୍ୟର ୬ ଟି ପ୍ରମୁଖ ସହର ଅନୁଗୋଳ, ବାଲେଶ୍ୱର, ଭୁବନେଶ୍ୱର, କଟକ, କଳିଙ୍ଗନଗର ଓ ପୁରୀର ୧୯୦ଟି ସ୍ଥାନରେ ଇଭି ଚାର୍ଜିଂ ଭିତ୍ତିଭୂମି ସ୍ଥାପନ ପାଇଁ ଭାରୀ ଉଦ୍ୟୋଗ ମନ୍ତ୍ରଣାଳୟକୁ ଏକ ବିସ୍ତୃତ ପ୍ରସ୍ତାବ ଦିଆଯାଇଛି। ଏଥିନିମନ୍ତେ ରାଜ୍ୟ ପରିବହନ ପ୍ରାଧିକରଣ ନୋଡାଲ ଏଜେନ୍ସି ଭାବରେ ଏହି ପ୍ରସ୍ତାବ ଦାଖଲ କରିଛି। ଏହି ଚାର୍ଜିଂ ଷ୍ଟେସନ୍‌ଗୁଡ଼ିକର ସ୍ଥାପନ ପାଇଁ ଭାରତ ହେଭି ଇଲେକ୍ଟ୍ରିକାଲ୍ସ ଲିମିଟେଡ୍‌କୁ ପ୍ରକଳ୍ପ କାର୍ଯ୍ୟକାରୀ ସଂସ୍ଥା ଭାବରେ ନିଯୁକ୍ତ କରାଯାଇଛି। ଭାରୀ ଶିଳ୍ପ ମନ୍ତ୍ରଣାଳୟର ନିର୍ଦ୍ଦେଶକ ଅମରେନ୍ଦ୍ର କିଶୋର ସିଂ, ଭେଲ୍‌ର ଜେନେରାଲ ମ୍ୟାନେଜର ଜେ.କେ. ପଟ୍ଟନାୟକ ଏବଂ ସେମାନଙ୍କ ଟିମ୍ ଏହି ପ୍ରସ୍ତାବିତ ସ୍ଥାନଗୁଡ଼ିକର କ୍ଷେତ୍ର ପରିଦର୍ଶନ ଓ ସମୀକ୍ଷା କରିବେ ବୋଲି ସ୍ଥିର ହୋଇଛି। ଏ ସଂକ୍ରାନ୍ତରେ ଭୁବନେଶ୍ୱରରେ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗ ପ୍ରମୁଖ ଶାସନ ସଚିବ ଏନବିଏସ୍ ରାଜପୁତ, ପରିବହନ ଆୟୁକ୍ତ ଅମିତାଭ ଠାକୁରଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଓଡ଼ିଶାରେ ଇଭି ଭିତ୍ତିଭୂମିର ସମ୍ପ୍ରସାରଣ ଦିଗରେ ଏହା ଏକ ବଡ଼ ପଦକ୍ଷେପ ବୋଲି କୁହାଯାଉଥିବା ବେଳେ ଏହା କାର୍ଯ୍ୟକାରୀ ହେଲେ ରାଜ୍ୟରେ ଇଭି ବ୍ୟବସ୍ଥାରେ ବଡ଼ ପ୍ରୋତ୍ସାହନ ସହ ପରିବେଶ ଅନୁକୂଳ ପରିବହନ ବ୍ୟବସ୍ଥାକୁ ପ୍ରୋତ୍ସାହନ ମିଳିବ ବୋଲି ସରକାର ଆଶା ରଖିଛନ୍ତି।


**AFFIDAVIT**

By virtue of an affidavit sworn before The Notary Public, Titilagarh, on dated-27/04/2026. I, **Namita Majhi** (applicant name), W/o Trilochan Majhi, permanent & current resident of AT: Kendumundi, PO: Sihini, PS: Titilagarh, Dist: Balangir, State: Odisha, PIN: 767033 declare that I have changed my minor son's name from **Chaitan Majhi** (old name) to **Aditya Majhi** (new name). Henceforth, he shall be known as **Aditya Majhi** (new name) for all future purposes.

**(Namita Majhi)**

**AFFIDAVIT**

By virtue of an affidavit **no.1960** before the **Executive Magistrate, Salipur, Cuttack, dtd. 13.04.2026**, I, Shaikh Nihaluddin, S/o- Shaikh Nasiruddin, Vill: Biswanathpur, PO: Mahasinghpur, PS: Jagatpur, Dist: Cuttack, Odisha, do hereby declare that I have changed my name from Shaikh Nihal Uddin (old name) to Shaikh Nihaluddin (new name). Henceforth, I shall be known as **Shaikh Nihaluddin** for all purposes.

**Shaikh Nihaluddin**

**AFFIDAVIT**

I, Padmavati Madipilli, aged about 58 years W/o M Laxman Rao, resident of House No: DL-125, Basanti Colony, Rourkela-769012, P.S - Uditnagar, Distt : Sundargarh, Odisha as mentioned of in my Govt. document (PAN) declared by this affidavit Dtd. 29.4.2023 in front of Executive Magistrate, that now onwards I shall be known as M Padmavati for all future purpose.

**AFFIDAVIT**

I, Madipilli Laxman Rao aged about 65 years S/o M Koteswar Rao, resident of House No: DL-125, Basanti Colony, Rourkela -769012, P.S-Uditnagar, Distt : Sundargarh, Odisha as mentioned in my Govt. documents, declared by this affidavit Dtd. 29.4.2023, in front of Executive Magistrate, that now Onwards I shall be known as M Laxman Rao for all future purpose.


## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଭର୍ଚୁଆଲ ଶୁଣାଣି ବେଳେ...

କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ପୂର୍ବରୁ ମଧ୍ୟ କୋଲକାତା, ମୁମ୍ବାଇ ଏବଂ ଗୁଜରାଟର ବିଭିନ୍ନ ଅଦାଲତରେ ଭର୍ଚୁଆଲ ଶୁଣାଣି ସମୟରେ ଏଭଳି ସାଇବର ଆକ୍ରମଣ ଓ ଅଭଦ୍ରାମି ଦେଖିବାକୁ ମିଳିଛି। ଅଦାଲତର ଗାରିମା ଉପରେ ଏହି ଘଟଣା ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ବୈଷୟିକ ଜ୍ଞାନକୌଶଳର ବ୍ୟବହାର ବେଳେ ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଠୋର କରିବା ପାଇଁ ଆଇନଜୀବୀମାନେ ମତ ଦେଇଛନ୍ତି। ପୁଲିସ ବର୍ତ୍ତମାନ ଏହି ହ୍ୟାକିଂ ମାମଲାର ଗଭୀର ତଦନ୍ତ କରୁଛି।

### ଆମେରିକାରେ ହ୍ରାସ ପାଉଛି...

ମଧ୍ୟ ତାଙ୍କ ସହ ରହିଛନ୍ତି, ତଥାପି ଦଳ ମଧ୍ୟରେ ମୁଦ୍ରାସ୍ଫୀତିକୁ ନେଇ ଅସନ୍ତୋଷ ତେଜିବାରେ ଲାଗିଛି। ଅନ୍ୟପଟେ ନିରପେକ୍ଷ ଭୋଟରଙ୍କ ଝୁଙ୍କ ଏବେ ଡେମୋକ୍ରାଟିକ ଦଳ ଆଡ଼କୁ ବଢୁଥିବା ପରିଲକ୍ଷିତ ହେଉଛି। ଇରାନ ସହ ସଂଘର୍ଷ ଏବଂ ଦେଶର ଭିତରର ଆର୍ଥିକ ସମସ୍ୟା ଟ୍ରମ୍ପ ପ୍ରଶାସନ ପାଇଁ ଏକ ବଡ଼ ଆହ୍ୱାନ ସୃଷ୍ଟି କରିଛି।

### ପଶ୍ଚିମବଙ୍ଗ, କେରଳରେ...

୬୫ ରହିଛି। ଗତ ନିର୍ବାଚନରେ ଟିଏମସି ୨୧୬ ଆସନ ଜିତିଥିବା ବେଳେ ୭୭ ଆସନରେ ବିଜୟୀ ହୋଇଥିଲା ବିଜେପି।

ସର୍ଭେ ରିପୋର୍ଟ ଯଦି ସତ ହୁଏ ତାମିଲନାଡୁରେ ମୁଖ୍ୟମନ୍ତ୍ରୀ ଷ୍ଟାଲିନଙ୍କ ଡିଏମକେ କ୍ରମାଗତ ଦ୍ୱିତୀୟ ଥର ଲାଗି କ୍ଷମତା ବଜାୟ ରଖିବ। ଅଭିନେତା ବିଜୟଙ୍କ ଟିଭିକେ ୩୦ରୁ ଅଧିକ ଆସନ ପାଇବ ବୋଲି ଆକଳନ କରାଯାଇଛି। ସେହିଭଳି ଆସାମରେ ଏହା ହେବ ବିଜେପିର ହାଟ୍ରିକ ଏବଂ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମାଙ୍କ ନେତୃତ୍ୱାଧୀନ ସରକାରର କ୍ରମାଗତ ଦ୍ୱିତୀୟ ବିଜୟ। ପୁଡୁଚେରୀରେ ମଧ୍ୟ ଏନଡିଏ କ୍ରମାଗତ ଦ୍ୱିତୀୟ ଥର କ୍ଷମତାରେ ରହିବ। ୨୦୨୧ ନିର୍ବାଚନରେ ବିଭିନ୍ନ ସଂସ୍ଥା ପକ୍ଷରୁ କରାଯାଇଥିବା ସର୍ଭେ ରିପୋର୍ଟ ତାମିଲନାଡୁ ଓ ଆସାମ କ୍ଷେତ୍ରରେ ଠିକ୍ ପ୍ରମାଣିତ ହୋଇଥିଲା। କିନ୍ତୁ କେରଳ ନିର୍ବାଚନ ସଂପର୍କରେ ସାମାନ୍ୟ ତାରତମ୍ୟ ରହିଥିଲା। ଅନ୍ୟପକ୍ଷରେ ପଶ୍ଚିମ ବଙ୍ଗରେ ନିର୍ବାଚନ ସଂପର୍କରେ ସେମାନଙ୍କର ଆକଳନ ଭୁଲ ପ୍ରମାଣିତ ହୋଇଥିଲା। ଅଧିକାଶ ସଂସ୍ଥା ଆକଳନ କରିଥିଲେ ଯେ ଟିଏମସି ଏବଂ ବିଜେପି ମଧ୍ୟରେ କଡ଼ା ମୁକାବିଲା ହେବ। ଏମିତିକି କିଛି ସଂସ୍ଥା ପୂର୍ବାନୁମାନ କରିଥିଲେ ଯେ ବିଜେପି ସର୍ବାଧିକ ଆସନ ପାଇ ସରକାର ଗଢ଼ିବ। କିନ୍ତୁ ସେମାନଙ୍କର ଆକଳନ ଭୁଲ ପ୍ରମାଣିତ ହୋଇଥିଲା। ଆକଳନ ଅପେକ୍ଷା ଟିଏମସିକୁ ବହୁତ ଆସନ ମିଳିଥିଲା। ପୋଲ୍ ଅଫ୍ ପୋଲ୍ସ ଆକଳନ କରିଥିଲା ।।ଯେ ଟିଏମସିକୁ ୧୫୫ ଏବଂ ବିଜେପିକୁ ୧୨୬ ଆସନ ମିଳିବ। କିନ୍ତୁ ପ୍ରକୃତ ପକ୍ଷେ ଟିଏମସିକୁ ମିଳିଥିଲା ୨୧୬ ଏବଂ ବିଜେପିକୁ ୭୭। ଟିଏମ୍‌ସିକୁ ଆକଳନ ତୁଳନାରେ ୬୧ଟି ଅଧିକ ଆସନ ମିଳିଥିବା ବେଳେ ବିଜେପିକୁ ୪୯ଟି ଆସନ କମ୍ ମିଳିଥିଲା। ।ତେଣୁ ଏକଜିଟ୍ ପୋଲ୍ ପଶ୍ଚିମ ବଙ୍ଗରେ ଫେଲ୍ ମାରୁଥିବାରୁ ପ୍ରକୃତ ଚିତ୍ର ଆସନ୍ତା ୪ ତାରିଖରେ ହିଁ ମିଳିବ ବୋଲି ବିଶେଷଜ୍ଞ ମତ ପ୍ରକାଶ କରିଛନ୍ତି।

### ଦିନରେ ତାତି...

ମୋଟ୍ ୧୫ଟି ସ୍ଥାନରେ ତାପମାତ୍ରା ୪୦ ଡିଗ୍ରୀ ଉପରେ ରହିଥିବା ବେଳେ ବଲାଙ୍ଗିରରେ ତାପମାତ୍ରା ୪୩.୨ ଡିଗ୍ରୀ ସହ ଏହା ରାଜ୍ୟର ସବୁଠୁ ଉତ୍ତପ୍ତ ସହର ପାଲଟିଛି। ସେହିପରି ବୌଦ୍ଧରେ ତାପମାତ୍ରା ୪୨.୬ ଡିଗ୍ରୀ ସହ ତାଳଚେରରେ ୪୨.୫, ଟିଟିଲାଗଡ଼ରେ ୪୨.୫, ଝାରସୁଗୁଡ଼ାରେ ୪୨.୫ ଓ ଅନୁଗୁଳରେ ମଧ୍ୟ ତାପମାତ୍ରା ୪୨.୫ ଡିଗ୍ରୀ ରେକର୍ଡ ହୋଇଛି। କାଳବୈଶାଖୀ ପ୍ରଭାବ ଯୋଗୁଁ ବଙ୍ଗୋପସାଗର ଉପକୂଳ ମଧ୍ୟ ଅଶାନ୍ତ ରହିବ। ଓଡ଼ିଶା ଉପକୂଳରେ ୨୯ରୁ ୩୦ ତାରିଖ ମଧ୍ୟରେ ୫୦ରୁ ୬୦ କିମି ବେଗରେ ପବନ ବହିବା ସହିତ ଝଟ୍‌କା ପବନର ୭୦ କିମି ଛୁଇଁବାର ଆଶଙ୍କା ରହିଛି। ଏହାସହିତ ୧ ଓ ୩ ତାରିଖରେ ପବନର ବେଗ ୪୫ରୁ ୪୫କିମି. ଓ ଝଟ୍‌କା ପବନ ୬୫ କିମି ଛୁଇଁବାକୁ ଥିବାରୁ ଏହି ସମୟରେ ସମୁଦ୍ର ଅଶାନ୍ତ ରହିବ। ଏହାକୁ ଦୃଷ୍ଟିରେ ରଖି ଆସନ୍ତା ୩ ତାରିଖ ପର୍ଯ୍ୟନ୍ତ ସମୁଦ୍ରକୁ ନ ଯିବା ପାଇଁ ମତ୍ସ୍ୟଜୀବୀମାନଙ୍କୁ ପରାମର୍ଶ ଦିଆଯାଇଛି।

### ଦୁଷ୍କର୍ମ ଅଭିଯୁକ୍ତଙ୍କ...

ଯୁବକଙ୍କ ପରିବାର ଲୋକେ ଓ ଗ୍ରାମବାସୀ ଥାନା ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିବା ସହ ଉମରକୋଟ-ନବରଙ୍ଗପୁର ରାଜ୍ୟ ରାଜପଥ-୩୯କୁ ଅବରୋଧ କରିଥିଲେ। ଥାନା ଭିତରେ ଆମ ପୁଅକୁ ପୁଲିସ ମାଡ଼ ମାରି ଆତ୍ମହତ୍ୟାର ଦେଇଛି ବୋଲି ପରିବାର ଲୋକେ ଅଭିଯୋଗ କରିଥିଲେ। ଲୋକେ ଉତ୍ତେଜିତ ଲୋକେ ରାସ୍ତାରୋକ କରିବା ସହ ଥାନା ଆଗରେ ଭିକ୍ଷୋଭ ପ୍ରଦର୍ଶନ କରିଥିଲେ। 'ଆମ ପୁଅକୁ ଆମକୁ ଦେଖାଇ ଦିଅ' ବୋଲି କହି ଥାନା ଆଗରେ ସମ୍ପର୍କୀୟ ଓ ପରିବାର ଲୋକେ ନିଆଁ ଜାଳି ପ୍ରତିବାଦ କରିଥିଲେ। ପୁଲିସ ଥାନା ଉପରକୁ ଉତ୍ୟକ୍ତ ଲୋକେ ଢେଲା ପଥର ଓ କାଚ ବୋତଲ ମାଡ଼ ମାରିଥିଲେ। ଢେଲା ପଥର ମାଡ଼ରେ ଜଣେ ହୋମ ଗାର୍ଡ ଆହତ ହୋଇଥିବା ଦେଖିବାକୁ ମିଳିଛି। ପରେ ପୁଲିସ ଉତ୍ୟକ୍ତ ଲୋକଙ୍କୁ ସେଠାରୁ ଘଉଡ଼ାଇ ଥିଲେ। ଘଟଣା ସ୍ଥଳରେ ପ୍ରଶାସନ ପକ୍ଷରୁ ଅତିରିକ୍ତ ଏସ୍‌ପି ଆଦିତ୍ୟ ସେନ, ଉପ ଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର, ପୂର୍ବତନ ସାଂସଦ ତଥା ବିଜେଡି ନେତା ପ୍ରଦୀପ ମାଝୀ ଓ ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ପୂର୍ବତନ ବିଧାୟକ ଭୁଜବଳ ମାଝୀ ଲୋକଙ୍କ ସହ କଥା ହୋଇଥିଲେ। ରାସ୍ତାରୋକ ହଟିବା ପରେ ଗାଡି ଚଳାଚଳ ସ୍ୱାଭାବିକ ହୋଇଥିଲା। ଉତ୍ତେଜନାକୁ ଦୃଷ୍ଟିରେ ରଖି ମୃତ ଯୁବକଙ୍କ ଶବକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଠାରେ ରଖାଯାଇଛି। ତେଣୁ ପରିବାର ଲୋକେ ବର୍ତ୍ତମାନ ରାସ୍ତାରୋକରୁ ଉଠିବା ପରେ ନବରଙ୍ଗପୁର ଯାଇଛନ୍ତି। ସେଠାରେ ଶବକୁ ଦେଖିବେ ଏବଂ ଦେହରେ କିଛି କ୍ଷତ ଚିହ୍ନ ରହିଥିଲେ, ତାହେଲେ ପୁଣି ଥାନା ଆଗରେ ବିକ୍ଷୋଭ କରାଯିବ ବୋଲି ସୂଚନା ମିଳିଛି। ଅନ୍ୟପଟେ ଘଟଣାକୁ ନେଇ ଉପଜିଲ୍ଲାପାଳ ପ୍ରକାଶ ମିଶ୍ର କହିଛନ୍ତି, ହାଜତ ଭିତରେ ମୃତ୍ୟୁ ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯିବ ଏବଂ ଯାହାର ଭୁଲ ଯୋଗୁ ଏଭଳି ଘଟଣା ଘଟିଛି ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

#### ୩ ପୁଲିସ କର୍ମଚାରୀ ନିଲମ୍ବିତ

ଥାନା ହାଜତରେ ଦୁଷ୍କର୍ମ ଅଭିଯୁକ୍ତ ଯୁବକଙ୍କ ମୃତ୍ୟୁ ଘଟଣାରେ ୩ ପୁଲିସ କର୍ମଚାରୀ ନିଲମ୍ବିତ ହୋଇଛନ୍ତି। ସେମାନେ ହେଲେ ଏସଆଇ ବିକ୍ରମ ସାହୁ, କନେଷ୍ଟବଳ କର୍ଣ୍ଣ ପୂଜାରୀ ଓ ବୁଦୁରାମ ମାଝୀ। କାର୍ଯ୍ୟରେ ଅବହେଳା ଅଭିଯୋଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ସୂଚନା ମିଳିଛି।

### ବିଧାନସଭାର ସ୍ୱତନ୍ତ୍ର...

ସଂରକ୍ଷଣ କରି ବିଜୁ ବାବୁ ଐତିହାସିକ ପଦକ୍ଷେପ ନେଇଥିଲେ। ମହିଳାଙ୍କୁ ସଶକ୍ତ କରିବା ପାଇଁ ସ୍ୱତନ୍ତ୍ର ମହିଳା ଓ ଶିଶୁ ବିକାଶ ବିଭାଗ, ମହିଳା କମିଶନ, ମହିଳା ଥାନା ଓ ମହିଳା ବ୍ୟାଙ୍କ ସ୍ଥାପନ କରିଥିଲେ। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୋଟିଏ ପାଦ ଆଗକୁ ଯାଇ ତ୍ରିସ୍ତରୀୟ ପଞ୍ଚାୟତିରାଜ ଓ ପୌର ନିର୍ବାଚନରେ ମହିଳାମାନଙ୍କ ପାଇଁ ସଂରକ୍ଷଣକୁ ୩୩ ପ୍ରତିଶତରୁ ୫୦ ପ୍ରତିଶତକୁ ବୃଦ୍ଧି କରିଥିଲେ। ସେହିପରି ୨୦୧୯ ଓ ୨୦୨୪ ମସିହା ଲୋକସଭା ନିର୍ବାଚନରେ ୩୩ ପ୍ରତିଶତ ମହିଳାଙ୍କୁ ଟିକଟ ଦେଇ ସମଗ୍ର ଦେଶକୁ ଚମକାଇ ଦେଇଥିଲେ। ମିଶନ ଶକ୍ତି ଦ୍ୱାରା ରାଜ୍ୟର ୭୦ ଲକ୍ଷ ମହିଳାଙ୍କୁ ସାମାଜିକ, ଆର୍ଥିକ ତଥା ରାଜନୈତିକ କ୍ଷେତ୍ରରେ ସଶକ୍ତ ଭାବରେ ଗଢ଼ି ଥିଲେ। ବିଜେପି ସର୍ବଦା ମହିଳା ବିରୋଧୀ ଆଭିମୁଖ୍ୟ ପୋଷଣ କରି ଆସିଛି। ଦୁଇ ବର୍ଷ ଧରି ରାଜ୍ୟରେ ମହିଳା ହିଂସା ବଢ଼ିଛି, ମହିଳାଙ୍କ ପ୍ରତି ଅନ୍ୟାୟ ହୋଇଛି। ଏହାକୁ ଆୟୁଧ କରି ବିଜେଡି ସରକାରଙ୍କୁ ଜବାବ ତଲବ କରିବ ବୋଲି ଶ୍ରୀମତୀ ମଲ୍ଲିକ କହିଛନ୍ତି।

ସେହିପରି କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ କହିଛନ୍ତି ଯେ ସ୍ୱାଧୀନତା ପରେ ମହିଳାଙ୍କ ଉତ୍ଥାନ କ୍ଷେତ୍ରରେ କଂଗ୍ରେସ ବହୁ ପଦକ୍ଷେପ ଗ୍ରହଣ କରିଆସିଛି। କଂଗ୍ରେସ ଦେଶକୁ ମହିଳା ରାଷ୍ଟ୍ରପତି, ରାଜ୍ୟପାଳ, ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଦେଇଛି। ୟୁପିଏ ସରକାର ସମୟରେ ମହିଳାଙ୍କୁ ୩୩ ପ୍ରତିଶତ ସଂରକ୍ଷଣ ସଂକ୍ରାନ୍ତ ଆଇନ ରାଜ୍ୟସଭାରେ ପାରିତ ହୋଇଥିଲା। ୨୦୨୩ ମସିହାରେ ସଂସଦରେ ସମସ୍ତ ଦଳ ମହିଳା ସଂରକ୍ଷଣ ଆଇନକୁ ପୂର୍ଣ୍ଣ ସହଯୋଗରେ ପାରିତ କରିଥିଲେ। ମାତ୍ର ରାଜନୈତିକ ଉଦ୍ଦେଶ୍ୟ ରଖି ବିଜେପି ଏହାକୁ ଏଯାବତ୍ ଲାଗୁ କରି ନାହିଁ। ମହିଳା ସଂରକ୍ଷଣ ବିଲ୍ ଆଳରେ ଡିଲିମିଟେସନ ବିଲ୍ ପାରିତ କରିବାକୁ ଷଡ଼ଯନ୍ତ୍ର ରଚିଥିଲା। ଓଡ଼ିଶାରେ ମହିଳାଙ୍କ ପ୍ରତି ଅବିଚାର, ଅତ୍ୟାଚାର କ୍ରମାଗତ ଭାବେ ବଢ଼ିଚାଲିଛି। ଏହାର ନିରାକରଣ ପାଇଁ ଆମ ଦଳର ୧୪ ଜଣ ବିଧାୟକ ବିଧାନସଭାର ଏକ ଗୃହ କମିଟି ଗଠନ କରିବାକୁ ସରକାରଙ୍କ ନିକଟରେ ଦାବି କରିଥିଲୁ। ମାତ୍ର ଏହି ଦାବି ଶୁଣିବା ପରିବର୍ତ୍ତେ ସରକାର ଆମ ଦଳର ୧୪ ବିଧାୟକଙ୍କୁ ବିଧାନସଭାରୁ ନିଲମ୍ବିତ କରିଦେଲେ। ଏଥିରୁ ବିଜେପି ଦଳର ମହିଳା ବିରୋଧୀ ମାନସିକତା ଜଣାପଡୁଛି ବୋଲି ସେ କହିଛନ୍ତି। ସେହିପରି କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତି ସରକାରଙ୍କୁ ସ୍ୱତନ୍ତ୍ର ଅଧିବେଶନ ପ୍ରସଙ୍ଗରେ କଡ଼ା ସମାଲୋଚନା କରିଛନ୍ତି। ବିଜେପି ବିଧାନସଭାକୁ ଦଳୀୟ କାର୍ଯ୍ୟାଳୟରେ ପରିଣତ କରି ଦେଇଛି, ମହିଳାଙ୍କ ନାମରେ ରାଜନୀତି କରୁଛି ବୋଲି ସେ ଅଭିଯୋଗ କରିଛନ୍ତି।

ଅପରପକ୍ଷେ ଶାସକ ବିଜେପି ମଧ୍ୟ ଗୃହରେ କେନ୍ଦ୍ରରେ ନିଜ ସରକାର ଏବଂ ରାଜ୍ୟରେ ନିଜ ସରକାର ମହିଳାଙ୍କ ଉନ୍ନତି ପାଇଁ ନେଇଥିବା ପଦକ୍ଷେପ ସମ୍ପର୍କରେ ଗୃହରେ ବିଶଦ୍ ତଥ୍ୟ ଉପସ୍ଥାପନ କରିବାକୁ ପ୍ରସ୍ତୁତ ହୋଇଛି।

### ମହିଳା ସଂରକ୍ଷଣ...

ପଠାଇଥିବା ମଧ୍ୟ ଦେଖାଯାଇଛି । ପଞ୍ଚାୟତ ନିର୍ବାଚନରେ ମହିଳାଙ୍କ ପାଇଁ ୫୦% ସଂରକ୍ଷଣ ବ୍ୟବସ୍ଥା କରିଛନ୍ତି। ବିଭିନ୍ନ ନିର୍ବାଚନରେ ମହିଳାମାନଙ୍କ ପ୍ରାର୍ଥିତ୍ୱକୁ ଅଗ୍ରାଧିକାର ଦେଇଛନ୍ତି। ଲୋକସଭା ନିର୍ବାଚନରେ ୩୩% ମହିଳାଙ୍କୁ ପ୍ରାର୍ଥୀ କରିଛନ୍ତି। ପୌର ଓ ପଞ୍ଚାୟତିରାଜ ପ୍ରତିଷ୍ଠାନରେ ମହିଳାଙ୍କ ପାଇଁ ସ୍ଥାନ ସଂରକ୍ଷଣ ନିଶ୍ଚିତ କରିଛନ୍ତି । ମାତ୍ର କୌତୂହଳର କଥା ହେଉଛି ଏବେ ମହିଳା ସଂରକ୍ଷଣ ସହ ସୀମା ପୁନର୍ନିର୍ଦ୍ଧାରଣ ବିଲ୍ ଗୃହୀତ କରିବା ପାଇଁ ପ୍ରୟାସ ବିଜେପି ପାଇଁ ସମସ୍ୟା ସୃଷ୍ଟି କରିଛି।

ମହିଳାଙ୍କ ସଂରକ୍ଷଣ ପାଇଁ ସଂସଦରେ ନାରୀ ଶକ୍ତିବନ୍ଦନ ଅଧିନିୟମ ୨୦୨୩ରେ ଗୃହୀତ ହୋଇଥିଲା। ମାତ୍ର ୨୦୨୪ରେ ଓଡ଼ିଶା ବିଧାସଭା ନିର୍ବାଚନରେ ୧୪୭ ଆସନ ମଧ୍ୟରୁ ମାତ୍ର ୧୨ଟି ଆସନ (୮%)ରେ ମହିଳାଙ୍କୁ ପ୍ରାର୍ଥୀ କରିଥିଲା । ଏହି ସମୟରେ ବିଜେଡିରୁ ଟିକଟ ପାଇଥିଲେ ୩୫ ଜଣ ମହିଳା (୨୩.୮%) । ସେହିପରି ବିଜୁଜନତା ଦଳ ୩୩% ମହିଳା ଅର୍ଥାତ୍ ୭ ଜଣଙ୍କୁ ବିଭିନ୍ନ ସଂସଦୀୟ କ୍ଷେତ୍ରରୁ ପ୍ରାର୍ଥୀ କରିଥିବା ସମୟରେ ବିଜେପି ୨୧ ଲୋକସଭା ଆସନରେ ୪ ଜଣ ଅର୍ଥାତ୍ ୧୯% ମହିଳାଙ୍କୁ ପ୍ରାର୍ଥୀ କରିଥିଲା । କୌତୂହଳର କଥା ହେଉଛି ବିଧାନସଭା ଆସନରେ କଂଗ୍ରେସ ମଧ୍ୟ ବିଜେପିଠାରୁ ଅଧିକ ମହିଳା ପ୍ରାର୍ଥୀ ଦେଇଥିଲା। କେବଳ ସାଂଗଠନିକ ପ୍ରସଙ୍ଗ ନୁହେଁ ବିଜେପି ସରକାରରେ ମଧ୍ୟ ମହିଳାମାନେ ଉପଯୁକ୍ତ ପ୍ରତିନିଧିତ୍ୱ ପାଇ ନ ଥିବା ଅଭିଯୋଗ ହୋଇଛି। କେନ୍ଦ୍ର ମନ୍ତ୍ରିମଣ୍ଡଳରେ ୭୨ ମନ୍ତ୍ରୀଙ୍କ ମଧ୍ୟରୁ ୭ ଜଣ ମହିଳା ସ୍ଥାନ ପାଇଥିବାବେଳେ ଓଡ଼ିଶାରେ ମାତ୍ର ଜଣେ ମହିଳା ମନ୍ତ୍ରୀ ପଦ ପାଇଛନ୍ତି। ଅନୁପାତ ହିସାବ କଲେ କେନ୍ଦ୍ର ମନ୍ତ୍ରିମଣ୍ଡଳରେ ମହିଳାଙ୍କ ଅନୁପାତ ୯.୭% ଓ ରାଜ୍ୟରେ ଏହା ମାତ୍ର ୬% ରହିଛି ।

ଅନ୍ୟପକ୍ଷରେ ମହିଳାଙ୍କ ରାଜନୈତିକ ସଂରକ୍ଷଣ ପାଇଁ ଏବେ ଯୁକ୍ତି ବାଢୁଥିବା ବିଜେପି ପାଇଁ ସବୁଠୁ ଅଧିକ ପ୍ରଶ୍ନ ଠିଆ କରିଛି ଦଳର ସାଂଗଠନିକ ସଂରଚନା। ୨୦୦୭ ମସିହାରେ ଦଳର ତତ୍‌କାଳୀନ ରାଷ୍ଟ୍ରୀୟ ସଭାପତି ରାଜନାଥ ସିଂହ ଦଳର ସଂଗଠନରେ ମହିଳାଙ୍କୁ ୩୩% ସ୍ଥାନ ଦେବାଲାଗି ଆରମ୍ଭ କରିଥିବା ପ୍ରୟାସ ଏବେ ବି କାର୍ଯ୍ୟକାରୀ ହୋଇ ପାରିନାହିଁ । ସେତେବେଳେ ସୁଷମା ସ୍ୱରାଜଙ୍କ ନେତୃତ୍ୱରେ ଏକ କମିଟି ଗଠନ କରାଯାଇଥିଲା। ସୁଷମା କମିଟି ଦଳର ବିଭିନ୍ନ କମିଟିରେ ମହିଳାଙ୍କ ପାଇଁ ୩୩% ସଂରକ୍ଷଣ ପାଇଁ ସୁପାରିସ କରିଥିଲେ; ଏପରିକି ଯେଉଁ କମିଟିରେ ଏକ ତୃତୀୟାଂଶ ମହିଳା ସଦସ୍ୟ ନ ଥିବେ, ତାହାକୁ ବୈଧ କୁହାଯିବ ନାହିଁ ବୋଲି ସୁପାରିସରେ ଉଲ୍ଲେଖ କରାଯାଇଥିଲା। ମାତ୍ର ବିଜେପି ସଂଗଠନରେ ଉପରଠାରୁ ତଳସ୍ତର ପର୍ଯ୍ୟନ୍ତ କୌଣସି ସ୍ଥାନରେ ମହିଳାମାନଙ୍କୁ ଏକ ତୃତୀୟାଂଶ ସଂରକ୍ଷଣ ଦିଆଯାଇ ନାହିଁ। ଏହି ପରିପ୍ରେକ୍ଷୀରେ ଆସନ୍ତା ୩୦ ତାରିଖରେ ଦଳର 'ସ୍ୱତନ୍ତ୍ର' ଅଧିବେଶନ ଆହ୍ୱାନ ବିଜେପି ପାଇଁ ଲାଭଦାୟକ ହେବ ନା କ୍ଷତିକାରକ ହେବ ତାହା ଏବେଠାରୁ ଜଳଜଳ ଦିଶୁଛି ।


**TPWODL**

**TP WESTERN ODISHA DISTRIBUTION LIMITED**
(A Joint Venture of Tata Power and Government of Odisha)
Corporate Office : Burla, Dist.-Sambalpur (Odisha)-768017

**NOTICE INVITING TENDER**

TP Western Odisha Distribution Limited, invites tender quotations (in 2part bidding) from eligible vendors for the following packages :

1. **TPWODL/IA/O/SITC/2500001178 - SITC of 33/11 kV Underground Cable system and associated electrical work under SDMF - III.**
2. **TPWODL/IA/O/SITC/2500001179 - Supply, Installation, Testing and Commissioning of 33KV Double circuit towers at river crossing locations under SDMF - III.**

Interested bidders are to submit Tender Participation Fee and Authorization Letter through email on or before **10th May 2026,, 15:00Hrs,** respectively, after which link from e-Tender system shall be shared with them.

For detailed tender documents of the above-mentioned tender, please visit Tender section of **www.tpwesternodisha.com.** All details for participating in tender is given in the tender document.

All future correspondence regarding the tender, bid submission, date extension etc. will take place with the participating bidders only through E-Tender system.

Sd/- **Chief-TS, Contracts & Stores**

**OFFICE OF THE SUPERINTENDING ENGINEER** 34001/138/2627
**DHENKANAL (R&B) DIVISION, DHENKANAL**
Email: eedklpwd@gmail.com
**INVITATION FOR BIDS THROUGH e-Procurement**

**Invitation for Bids**
**1st Corrigendum**

**Bid Identification No. SE DKL (R&B). 03/2026-27+**
**Name of the Work – 02 Nos. Civil Works.**

The following changes have been made in Bid Identification No. **SE DKL (R&B). 03/2026-27**

1. Availability of Bid documents in Govt. **Website i.e. www.tendersorissa.gov.in,** during the period from **10.00 AM dt.05.05.2026 to 05.00 PM hours of dt.19.05.2026** instead of **10.00 AM dt.24.04.2026 to 05.00 hours of dt.08.05.2026** for ONLINE BIDDING respectively.
2. Online bids shall be received till **05.00 PM Hours of dt.19.05.2026** instead of **dt.08.05.2026.**
3. Date of opening of bid at **11.00 A.M. of dt.20.05.2026** instead of **dt.09.05.2026.**

All other terms and conditions remain unchanged.

Superintending Engineer
Dhenkanal (R&B) Division, Dhenkanal

OIPR-34001/34016/1/26-27/0005

**GOVERNMENT OF ODISHA** 34001/121/2627
**OFFICE OF THE SUPERINTENDING ENGINEER,**
**BOUDH (R&B) DIVISION, BOUDH**

**Phone:** - 06841-296119 **Email:** - eeboudhrb@gmail.com

**INVITATIONS FOR BIDS (IFB)**
**e-Procurement Notice**

Letter No.1915 Dated 23.04.2026

**BID IDENTIFICATION No. : SE (R&B)-BDH 01/2026-27**

| | | | |
|---|---|---|---|
| 1. | Number of work | : | 03 (Three) Nos. of EI work (Single cover) |
| 2. | Estimated cost | : | As per the column No. 3 of the table |
| 3. | Period of completion | : | As per the column No. 8 of the table |
| 4. | Date & time of availability of Bid documents in the portal | : | From 02.05.2026, 10:00 AM to 11.05.2026, 05:00 PM |
| 5. | Last date / time for seeking of Tender clarification | : | 11.05.2026 up to 01:00 PM |
| 6. | Last date / time for receipt of bids in the portal | : | Up to 5:00 PM of Dtd. 11.05.2026 |
| 7. | Date & time of opening of Tender / Bid | : | 12.05.2026 at 11:30 AM |
| 8. | Name and address of the officer inviting bid | : | Superintending Engineer, Boudh (R&B) Division, Boudh |

A. Other details can be seen from detailed notice.
B. Inviting tenders, available in the website : www.tendersorissa.gov.in
C. Corrigendum if any shall only be published in the website : www.tendersorissa.gov.in

Superintending Engineer,
Boudh (R&B) Division, Boudh

OIPR-34001/34134/1/26-27/0004

GOVERNMENT OF ODISHA 32001/129/2627
DEPARMENT OF WATER RESOURCES
OFFICE OF THE SUPERINTENDING ENGINEER,
KENDRAPARA IRRIGATION DIVISION, KENDRAPARA
DISTRICT: KENDRAPARA
E-mail ID –kendrapadairrigationdivision@gmail.com
**"e" Procurement Notice No.KID-01 of 2026-27**

1. Name of Work: :- As per detailed Tender Call Notice.
2. Total No. of package: **KID-01 to KID-53 of 2026-27 = 53 No(s)** individual package.
3. Estimated cost of package(s) varies from :- Rs.8.03 to Rs.84.16 Lakhs
4. Cost of Tender paper :- Rs.4000.00 to Rs.10,000.00
5. Bid Security : **As per Column No.5 of DTCN.**
6. Period of completion :- **Sl.No.01 to Sl.No.22 : Six Calendar Months. Sl. No.23 to Sl. No.53 : Four Calender Months.**
7. Other details are given below.

| Procurement Officer | Bid -Identification No. | Availability of tender On-line for biding | | Date, Time & Place of Opening of Bid |
|---|---|---|---|---|
| | | From | To | |
| 1 | 2 | 3 | 4 | 5 |
| Superintending Engineer, Kendrapara Irrigation Division, Kendrapara | KID-01 of 2026-27 to KID-53 of 2026-27 (On-line) | 30.04.2026 at 10.00 AM | 11.05.2026 up to 1.00 PM. | 12.05.2026 at 11.00 A.M O/O the Superintending Engineer Kendrapara Irrigation Division, Kendrapara. |

Further details can be seen from the Govt. web site www.tendersorissa.gov.in.

*Superintending Engineer*
*Kendrapara Irrigation Division*
*Kendrapara*

OIPR-32001/32163/1/26-27/0001

**AFFIDAVIT**

I, Shaikh Mohammad Kasim, S/o- Mohammad Hakim, resident of AT-Nandakishorepur, PO-Kumudajaipur, PS-Mahanga, Dist- Cuttack, PIN- 754204, Odisha, declare by this affidavit Sl No- 4042, dated-22/04/2026, that now onwards I shall be known as **MOHAMMAD KASIM** for all future purposes.

**AFFIDAVIT**

By virtue of an affidavit (CF No. 111, dtd- 07/03/2025) sworn before The Executive Magistrate, Bhubaneswar. I, **Sadhu Sudhakar Das,** aged about 47 years, resident of Alekha Tungi Damana, PO/PS: Chandrasekharpur, Bhubaneswar, Dist- Khordha, PIN: 751016, State: Odisha declare that I have changed my name from **Sudhakar Behera** to **Sadhu Sudhakar Das.** Henceforth, I shall be known as **Sadhu Sudhakar Das** (new name) for all purposes.

**(Sadhu Sudhakar Das)**

**AFFIDAVIT**

By virtue of an affidavit sworn before The Executive Magistrate, Titilagarh on dated: 09/04/2026. I, **Smruti Rekha Sahu** (new name), D/o Madhaba Sahu, Address: AT: Phapsi, PO: Gandapatrapali, PS: Saintala, Dist: Balangir, PIN: 767032, State: Odisha declare that I have changed my name from **Shrutirekha Sahu** (old name) to **Smruti Rekha Sahu.** Henceforth, I shall be known as **Smruti Rekha Sahu** (new name) for all purposes.

**(Smruti Rekha Sahu)**

**AFFIDAVIT**

I, SK Islam, aged about 46 years, S/o- Sk Sanaulla, resident of Hoseni Mohalla, PO: Sayedpur, PS: Binjharpur, Dist: Jajpur, PIN: 755004, State: Odisha declared by this affidavit No. 882, dtd-28/04/2026 that now onwards I shall be known as **SK ISRAM** for all future purposes.

**AFFIDAVIT**

I, Abusad Shaikh, aged about 18 years, S/o-Shaikh Sikandar, resident of Rahmat Nagar, PO: Brahmabarada, Dist: Jajpur, State: Odisha declared by this affidavit No. 881, dtd- 28/04/2026 that now onwards I shall be known as **SHAIKH ABU SAAD** for all future purposes.

### ରବି ଧାନ ପଞ୍ଜୀକରଣ ବାଦ ପ୍ରସଙ୍ଗରେ ଚାଷୀଙ୍କ ମେଳି

# ଆନ୍ଦୋଳନ ପାଇଁ ସଜବାଜ ୩ ବ୍ଲକ୍‌ର ଚାଷୀ

**କୋକସରା, ୨୯ ।୪(ସମିସ)**



ମେଗା ଉଠାଜଳସେଚନ ପ୍ରକଳ୍ପ ଅଞ୍ଚଳର ଚାଷୀମାନେ ଚଳିତ ରବି ଋତୁରେ ଧାନ ବିକ୍ରି ପଞ୍ଜୀକରଣରୁ ବାଦ୍ ପଡ଼ିଛନ୍ତି। ଏହାକୁ ନେଇ ବିଭିନ୍ନ ସମୟରେ ଦାବିପତ୍ର, ଆନ୍ଦୋଳନକୁ ଓହ୍ଲାଇଛନ୍ତି କୃଷକ ସଂଘ। କୋକସରା ବ୍ଲକ ଉପାଧକ୍ଷ ରାଜୀବ କୁମାର ଅଗ୍ରୱାଲଙ୍କ ନେତୃତ୍ୱରେ ଚାଷୀ ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀ, ବିଭାଗୀୟ ସଚିବ, ମନ୍ତ୍ରୀଙ୍କୁ ଦାବିପତ୍ର ଦେଇଛନ୍ତି। ଧର୍ମଗଡ଼ ବିଧାୟକ ସୁଧୀର ପାଟଯୋଷୀ ମଧ ସରକାରଙ୍କ ସହିତ ଆଲୋଚନା କରିଛନ୍ତି। ସେହିପରି ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ ଦିଶାରୀ ମଧ ସରକାରଙ୍କୁ ଚିଠି ମାଧମରେ ଦାବି କରିଥିଲେ। ତେବେ ବିଧାୟକ ଦେଇଥିବା ଚିଠିର ଉତ୍ତରରେ ରାଜ୍ୟ ଡେପୁଟି ସଚିବ କାର୍ଯ୍ୟାଳୟ ଆସିଥିବା ଚିଠି ଚାଷୀଙ୍କୁ ନିରୁତ୍ସାହିତ କରିଛି। ବର୍ତ୍ତମାନ ସ୍ଥିତିରେ ଉଠାଜଳସେଚନ ଅଞ୍ଚଳର ଚାଷୀଙ୍କ ପାଇଁ କୌଣସି ପଦକ୍ଷେପ ଗ୍ରହଣ କରାଯିବା ସମ୍ଭବ ନୁହେଁ। ପରବର୍ତ୍ତୀ ସମୟରେ ପଞ୍ଜୀକରଣ ଓ ଧାନ ବିକ୍ରି ପାଇଁ ନିଷ୍ପତ୍ତି ନିଆଯିବ ବୋଲି କୁହାଯାଇଛି। ଏହି ଖବର ପ୍ରଚାରିତ ହେବାପରେ ଚାଷୀ ଭିତରେ ଥିବା ଅସନ୍ତୋଷ ହେବା ସହ ଆଗାମୀ ଦିନରେ ବଡ଼ ଧରଣର ଆନ୍ଦୋଳନ ପାଇଁ ଚାଷୀ ସଜବାଜ ହେଉଥିବା ଜଣାପଡ଼ିଛି। ସେହି ପରିପ୍ରେକ୍ଷୀରେ ବୁଧବାର କୋକସରା ବ୍ଲକ ଲଡୁଗାଁ ଆରଏମ୍‌ସି ଧାନ ମଣ୍ଡିଠାରେ କୋକସରା ବ୍ଲକ ଉପାଧକ୍ଷ ରାଜୀବ କୁମାର ଅଗ୍ରୱାଲଙ୍କ ଆବାହନକ୍ରମେ ଚାଷୀମାନଙ୍କ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଯୋଗଦେଇଥିବା କୋକସରା, ଜୟପାଟଣା ଓ ଧର୍ମଗଡ଼ ବ୍ଲକ ଅଞ୍ଚଳର ଚାଷୀଙ୍କ ମତାମତ ପରେ ଆସନ୍ତା ୧ ତାରିଖରେ ପୁଣି ଏକ ବୈଠକ ରଖାଯାଇଛି ପରବର୍ତ୍ତୀ କାର୍ଯ୍ୟପନ୍ଥା ନିଆଯିବା ବୋଲି ନିଷ୍ପତ୍ତି ନିଆଯାଇଛି। ଏହି ସମୟ ସୀମା ମଧରେ କୌଣସି ନିଷ୍ପତ୍ତି ନଆସେ ସରକାରଙ୍କ ପକ୍ଷରୁ ତାହେଲେ ଆଗାମୀ ଦିନରେ ଅମଳ ହୋଇଥିବା ଧାନକୁ ରାଜ ରାସ୍ତାରେ ରଖିବା ସହ ପରିବାର ସମସ୍ତେ ଆନ୍ଦୋଳନକୁ ଓହ୍ଲାଇ ବଡ଼ ଧରଣର ଆନ୍ଦୋଳନ କରିବା ପାଇଁ ସରକାରଙ୍କୁ ଚେତାବନୀ ଦେଇଛନ୍ତି। ଆଜିର ବୈଠକରେ ବ୍ଲକ ଉପାଧକ୍ଷ ରାଜୀବ କୁମାର ଅଗ୍ରୱାଲଙ୍କ ସମେତ ଦିଗାମ୍ବର ଦୁରିଆ, ଦେବେନ୍ଦ୍ର ପଣ୍ଡା, ରାଜେନ୍ଦ୍ର ନାଏକ, ତ୍ରିଭୁବନ ନାଏକ, ପଙ୍କଜମୁଖି ଚୌଧୁରୀ, ସଞ୍ଜୟ ସିଙ୍ଗଲ, ପ୍ରଶାନ୍ତ ତିୱାରୀ, ଐଶ୍ୱର୍ଯ୍ୟ ଦାସ, ଧନସିଂ ଶବର, ଧନେଶ୍ୱର ପୁଞ୍ଜି, ଲୋକନାଥ ରାଉତ, ଧ୍ରୁବ ସାହୁଙ୍କ ସମେତ ଅଞ୍ଚଳର ଶତାଧିକ ଚାଷୀ ଉପସ୍ଥିତ ଥିଲେ।

### ■ ୫୨ଲକ୍ଷ ଟଙ୍କାର ବକେୟା ବିଲ୍ ମିଳୁନି

# ବ୍ଲକ୍ ଅଫିସ ସାମନାରେ ଠିକାଦାରଙ୍କ ଆମରଣ ଅନଶନ

**କୋମନା, ୨୯ ।୪(ସମିସ):** କାମ କରି ସାରିବା ପରେ ମଧ ବକେୟା ପ୍ରାପ୍ୟ ନମିଳିବା ଅଭିଯୋଗରେ ନୂଆପଡ଼ା ଜିଲ୍ଲା କୋମନା ବ୍ଲକ କାର୍ଯ୍ୟାଳୟ ଆଗରେ ଜଣେ ଠିକାଦାର ଆମରଣ ଅନଶନରେ ବସିଛନ୍ତି। ୫୨ ଲକ୍ଷ ଟଙ୍କାର ବକେୟା ବିଲ୍ ପାଇବା ଦାବିରେ ଠିକାଦାର ଅଶୋକ ଭୋଇ ଏହି ଚରମ ପଦକ୍ଷେପ ଗ୍ରହଣ କରିଛନ୍ତି। ସୂଚନା ଅନୁସାରେ, ରାଜ୍ୟ ସରକାରଙ୍କ 'ଫାଇଭ-ଟି'ରୂପାନ୍ତରଣ ଯୋଜନା ଅଧୀନରେ କୋମନା ବ୍ଲକ ବାଞ୍ଜିବାହାଲ ଗ୍ରାମର ହାଇସ୍କୁଲ କାର୍ଯ୍ୟ ପାଇଁ ଅଶୋକ ଭୋଇ ଅନୁମୋଦନ ପାଇଥିଲେ। ସମୁଦାୟ ୭୩ ଲକ୍ଷ ଟଙ୍କାର ପ୍ରକଳ୍ପ କାର୍ଯ୍ୟ ମଧ୍ୟରୁ ସେ କେବଳ ୨୧ ଲକ୍ଷ ଟଙ୍କା ପାଇଥିବା ବେଳେ ବାକି ୫୨ ଲକ୍ଷ ଟଙ୍କା ଆଜି ପର୍ଯ୍ୟନ୍ତ ପ୍ରଶାସନ ପକ୍ଷରୁ ପ୍ରଦାନ କରାଯାଇ ନାହିଁ।ଠିକାଦାର ଶ୍ରୀ ଭୋଇଙ୍କ ଅଭିଯୋଗ ଅନୁଯାୟୀ, ନିଜର ବକେୟା ପ୍ରାପ୍ୟ ପାଇଁ ସେ ବାରମ୍ବାର ବ୍ଲକ କାର୍ଯ୍ୟାଳୟକୁ ଦୌଡ଼ି ନିରାଶ ହୋଇଛନ୍ତି। ଶେଷରେ କୌଣସି ସୁଫଳ ନମିଳିବାରୁ ମଙ୍ଗଳବାର ଠାରୁ ସେ କୋମନା ବ୍ଲକ ଅଫିସ ସମ୍ମୁଖରେ ଅନିର୍ଦ୍ଦିଷ୍ଟକାଳ ପାଇଁ ଅନଶନ ଆରମ୍ଭ କରିଛନ୍ତି। ଏ ସମ୍ପର୍କରେ କୋମନା ବିଡ଼ିଓ ପବିତ୍ର କୁମାର ସାମଲ



କହିଛନ୍ତି ଯେ, ଘଟଣାର ସତ୍ୟାସତ୍ୟ ଅନୁଧାନ କରାଯିବ ଏବଂ ନିୟମାନୁସାରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ। ତେବେ ଜଣେ ବ୍ୟକ୍ତି ନ୍ୟାୟ ପାଇଁ ଅନଶନରେ ବସିଥିବା ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।

# ଇଣ୍ଡିଆ ବୁକ୍ ଅଫ୍ ରେକର୍ଡରେ ୨.୯ ବର୍ଷର କଶିସ



**ଭବାନୀପାଟଣା, ୨୯ ।୪(ସମିସ):** କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ସହରର କୁନି ଝିଅ କଶିସ ଅଗ୍ରୱାଲ ମାତ୍ର ୨ବର୍ଷ ୯ମାସ ବର୍ଷ ବୟସରେ ପ୍ରଥମ ଛୋଟ ବୟସ ଶିଶୁ ଭାବେ ଇଣ୍ଡିଆ ବୁକ୍‌ଅଫ ରେକର୍ଡରେ ସ୍ଥାନ ପାଇଛନ୍ତି। ଭବାନୀପାଟଣା ନନ୍ଦ କଲୋନୀରେ ସମ୍ପ୍ରତି ରହୁଥିବା ଶ୍ରୀମତୀ ଆଶା ଅଗ୍ରୱାଲ ଓ କମଲ ବଂଶଲଙ୍କ ଝିଅ କଶିସଙ୍କ ବୟସ ମାତ୍ର ଦୁଇ ବର୍ଷ ନଅ ମାସ ଏହି ଶିଶୁ କଥା କହିବା ତୋ ଦୂରର କଥା ଭଲ କରି ଚାଲି ନ ଜାଣିବା ବୟସରେ ବି ସେ ଇଂରାଜୀରେ ୭ଟି ଜାତୀୟ ପ୍ରତୀକ, ୮ଟି ପଶୁ ଛୁଆ ଏବଂ ସପ୍ତାହର ଦିନଗୁଡ଼ିକୁ ମନେ ପକାଇବା, ଗାୟତ୍ରୀ ମନ୍ତ୍ର ପାଠ କରିବା, ୨ଟି ଗୀତ ଗାଇବା, ଭଗବାନ ହନୁମାନଙ୍କ ଉପରେ ୭ଟି ପ୍ରଶ୍ନର ଉତ୍ତର ଦେବା ଇତ୍ୟାଦି କାର୍ଯ୍ୟ କଳାପରେ ସେ ନିଜର ନାମ ଇଣ୍ଡିଆ ବୁକ୍ ଅଫ ରେକର୍ଡରେ ପ୍ରତିଭା ସମ୍ପନ୍ନ କୁନି ଝିଅ ଭାବରେ ସ୍ଥାନ ପାଇଛନ୍ତି। କୁନି ଝିଅର ପରିବାରକୁ ଶୁଭେଚ୍ଛାର ସୁଅ ଛୁଟିଛି।

# କୋମନା ପୁରୁଣା ବ୍ଲକ୍‌ଛକରେ ଜଳଛତ୍ର ଉଦ୍‌ଘାଟିତ

**କୋମନା, ୨୯ ।୪(ସମିସ):** ନୂଆପଡ଼ା ଜିଲ୍ଲା କୋମନା ଅଞ୍ଚଳରେ ପ୍ରଚଣ୍ଡ ରୌଦ୍ରତାପ ଜାରି ରହିଥିବା ବେଳେ ସାଧାରଣ ଲୋକଙ୍କୁ ଶୋଷରୁ ରକ୍ଷା କରିବା ପାଇଁ ଏକ ପ୍ରଶଂସନୀୟ ପଦକ୍ଷେପ ଗ୍ରହଣ କରାଯାଇଛି। କୋମନା ପୁରୁଣା ବ୍ଲକ ଛକ ନିକଟରେ ଠିକାଦାର ସଂଘ, କୋମନା ବ୍ଲକ ପକ୍ଷରୁ ଜଳଛତ୍ର ଶୁଭାରମ୍ଭ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଠିକାଦାର ସଂଘର ସଭାପତି ନବୀନ କୁମାର ଠାକୁର, କୋମନା-ନୂଆପଡ଼ା କୋର କମିଟି ସଦସ୍ୟ ସଲିଲ କୁମାର ପାଳ ଏବଂ ସଂଘର ସମ୍ପାଦକ ମନୋରଞ୍ଜନ ପାଣିଗ୍ରାହୀ ଉପସ୍ଥିତ ରହି ଜଳଛତ୍ର ଉଦ୍‌ଘାଟନ କରିଥିଲେ। ଅଞ୍ଚଳର ଯୁବ ଠିକାଦାର ଅଶୋକ ହୋତା, ଶେଖର ସେନା, ଜୟଦେବ ପ୍ରଧାନ, ମାନସ ପାଢ଼ୀ, ରାଜୀବ ହୋତା, ଅବଦୁଲ ରିୟାଜ ଓ ସଞ୍ଜୀବ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ। ଗ୍ରୀଷ୍ମପ୍ରବାହ ଯୋଗୁଁ ହନ୍ତସନ୍ତ ହେଉଥିବା ପଥଚାରୀ, ଶ୍ରମିକ ଓ ସ୍ଥାନୀୟ ଜନସାଧାରଣଙ୍କୁ ଶୀତଳ ପାନୀୟ ଜଳ ଯୋଗାଇ ଦେବା ଏହି ପଦକ୍ଷେପର ମୁଖ୍ୟ ଲକ୍ଷ୍ୟ। ପ୍ରଚଣ୍ଡ ଖରାରେ ଶୋଷିଲା ପଥଚାରୀଙ୍କୁ ପାଣି ମୁନ୍ଦେ ଯୋଗାଇ ଦେବା ପାଇଁ ସଂଘ ପକ୍ଷରୁ କରାଯାଇଥିବା ମହତ କାର୍ଯ୍ୟକୁ ସ୍ଥାନୀୟ ଅଞ୍ଚଳରେ ପ୍ରଶଂସା କରାଯାଇଛି।




# ଶ୍ରୀରାମ ମନ୍ଦିର ପାଇଁ ଭୂମିପୂଜା



**ଗୋଲାମୁଣ୍ଡା, ୨୯ ।୪(ସମିସ):** ଗୋଲାମୁଣ୍ଡାରେ ଶ୍ରୀରାମ ମନ୍ଦିର ନିର୍ମାଣ ଲାଗି ଭୂମି ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବହୁ ବିଶିଷ୍ଟ ବ୍ୟକ୍ତି ତଥା ହଜାର ହଜାର ସଂଖ୍ୟକ ରାମ ଭକ୍ତ ଉପସ୍ଥିତ ଥିଲେ। ମୁଖ୍ୟ ଅତିଥି ଭାବରେ ଗୋଲାମୁଣ୍ଡା ବ୍ଲକ ଅଧକ୍ଷ ବିନ୍ଦୁ ମହାନନ୍ଦ ଯୋଗଦାନ କରିଥିବା ବେଳେ, ସମ୍ମାନିତ ଅତିଥି ଭାବରେ ଗତ ଜୁନାଗଡ଼ ନିର୍ବାଚନ ମଣ୍ଡଳୀର ବିଜେପି ବିଧାୟକ ପ୍ରାର୍ଥୀ ମନୋଜ କୁମାର ମେହେର, ବରିଷ୍ଠ ବିଜେପି ନେତା ଗଙ୍ଗା ବିଷ୍ଣୁ ମୁଣ୍ଡ, ଗଗନ ମୁଣ୍ଡ, ସୁଦର୍ଶନ ନେଗୀ, ଗୋଲାମୁଣ୍ଡା ବିଜେପି ମଣ୍ଡଳ ସଭାପତି ବୈଶାଖୁ କେତକୀ ଏବଂ ସମାଜସେବୀ ଶ୍ୟାମ ସୁନ୍ଦର ଅଗ୍ରୱାଲ, ମୁରଲୀ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ। ମନ୍ଦିର ପାଇଁ ଜମି ଦାନ କରିଥିବା ବରିଷ୍ଠ ଶିକ୍ଷକ ସୁରେନ୍ଦ୍ର ମୁଣ୍ଡ କର୍ତ୍ତା ଭାବରେ ଦାୟିତ୍ୱ ତୁଲାଇଥିଲେ।

# ନୂତନ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ

**ନୂଆପଡ଼ା/ଖଡ଼ିଆଳ, ୨୯ ।୪(ସମିସ):** ନୂଆପଡ଼ା ଜିଲ୍ଲା ଖଡ଼ିଆଳ ଏନ୍‌ଏସି ଅଞ୍ଚଳରେ ବହୁ ଦିନ ଧରି ଅପେକ୍ଷା କରିଥିବା ହିତାଧିକାରୀଙ୍କୁ ବାର୍ଦ୍ଧକ୍ୟ, ଭିନ୍ନକ୍ଷମ ଯୋଜନାରେ ଭତା ପ୍ରଦାନ କରାଯାଇଛି। ବୁଧବାର ଦିନ ପରିଷଦ ପ୍ରଶାସନ ତରଫରୁ ବଣ୍ଟନ କରାଯାଇଛି। କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ୱାଧୀନ କେତନ ମହାରଣାଙ୍କ



ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଏନ୍‌ଏସି ଅଧକ୍ଷ ଉଜ୍ୱଳ ଗୁପ୍ତା ମୁଖ୍ୟ ଅତିଥିଭାବେ ଯୋଗ ଦେଇ ନୂତନ ହିତାଧିକାରୀଙ୍କୁ ଦୁଇ ମାସର ଭତ୍ତା ପ୍ରଦାନ କରିଥିଲେ। ୧୧ ଜଣ ନୂତନ ହିତାଧିକାରୀ ଯୋଜନାରେ ସାମିଲ ହୋଇଥିବା ବେଳେ ବୁଧବାର ସ୍ୱତନ୍ତ୍ର ସଭାରେ ତାଙ୍କୁ ତାଙ୍କ ଦୁଇମାସ ଭତ୍ତା ପ୍ରଦାନ କରିଛନ୍ତି। ସହକାରୀ ଯନ୍ତ୍ରୀ ଅରୁଣ ପାତ୍ର, ସଂଯୁକ୍ତା ପଣ୍ଡା, ଯୋଜନା ଅଧିକାରୀ ଗଣେଶ ରାମ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

# କୋକସରା ଅଞ୍ଚଳରେ ମୃଦୁ ଭୂମିକମ୍ପ

**କୋକସରା, ୨୯ ।୪(ସମିସ):** କଳାହାଣ୍ଡି ଜିଲ୍ଲା କୋକସରା ଅଞ୍ଚଳରେ ବୁଧବାର ସନ୍ଧ୍ୟା ୭.ଟା ୪୨ରେ ମୃଦୁ ଭୂମିକମ୍ପ ଅନୁଭୂତ ହୋଇଥିବା ଜଣାପଡ଼ିଛି। କିଛି ସେକେଣ୍ଡ ପାଇଁ ଝଟକା ଅନୁଭୁତ ହୋଇଥିବା। ଫଳରେ ଅଞ୍ଚଳର ଲୋକେ ଆତଙ୍କିତ ହୋଇ ଘରୁ ବାହାରୁ ଆସିଥିଲେ। ଏହା ପରେ ଲୋକେ ମୃଦୁ ଭୂମିକମ୍ପ ହୋଇଥିବା ଅନୁଭବ କରି ଏଣେ ତେଣେ ଲୋକଙ୍କୁ ପଚାରି ବୁଝିଥିଲେ। ଅଞ୍ଚଳରେ ମୃଦୁ ଭୂମିକମ୍ପ ଅନୁଭୂତ ହୋଇଥିବାବେଳେ କୌଣସି କ୍ଷୟକ୍ଷତି ହୋଇଛି କି ନାହିଁ ଜଣାପଡ଼ିନାହିଁ।

# ପୋଷ୍ଟ ଅଫିସରେ ବିଏସ୍‌ଏନ୍‌ଏଲ ଲିଙ୍କ ଫେଲ

**କେସିଙ୍ଗା, ୨୯ ।୪(ସମିସ):** କଳାହାଣ୍ଡି ଜିଲ୍ଲାର କେସିଙ୍ଗାରେ ଥିବା ମୁଖ୍ୟ ଡାକ ଘରେ ମାସକୁ ୧୦ଦିନ ଲିଙ୍କ ଫେଲ ସାଧାରଣ କଥା ହୋଇ ଗଲାଣି। ଉକ୍ତ ବିଷୟ ଉପରେ ଅନେକ ସମୟରେ ବିଭିନ୍ନ ଗଣମାଧମ ଜରିଆରେ ଖବର ପ୍ରସାରଣ କରି ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଯାଇଥିଲେ ମଧ କୌଣସି ସୁଧାର ହେଉ ନାହିଁ। ସେମିତି ୨୯ ତାରିଖ ସକାଳୁ ଲିଙ୍କ ଫେଲ ଯୋଗୁଁ ଉପଭୋକ୍ତା ହଟହଟା ହେବା ସହ ମାସ ଶେଷ ଦୁଇ ଦିନ ଡାକ ଘର ଅଭିକର୍ତ୍ତାମାନେ ଲୋକଙ୍କ ମାସିକିଆ ଟଙ୍କା ଜମା କରିଥାନ୍ତି। ହେଲେ ୨୯ତାରିଖରେ ଲିଙ୍କ ନ ଥିବା ଯୋଗୁଁ ଅଭିକର୍ତ୍ତାମାନକର ଲକ୍ଷ ଲକ୍ଷ ଟଙ୍କା ଜମା ହୋଇନପାରିବାରୁ ମୁଣ୍ଡରେ ହାତ ମାରି ବସିଛନ୍ତି ଅଭିକର୍ତ୍ତା କାରଣ ୩୦ ତାରିଖ ଭିତରେ ଉପଭୋକ୍ତାଙ୍କ ଟଙ୍କା ଜମା ନ କଲେ ଏକ ଲକ୍ଷ ଟଙ୍କାରେ ଫାଇନ ଲାଗିବ ଏକ ହଜାର ଟଙ୍କା ତାହା ପୁଣି ଅଭିକର୍ତ୍ତାଙ୍କ ପରିଶ୍ରମର ପଇସାରୁ। ବିଏସ୍‌ଏନଏଲ ଅଫିସକୁ ଫୋନ୍ କରି ଅଭିଯୋଗ କରିଥିଲେ ମଧ କୌଣସି ତତ୍ପରତା ଦେଖାଉ ନାହିଁ ବିଭାଗ।



### କୋମନା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର

# ଯକ୍ଷ୍ମା ରୋଗୀଙ୍କୁ ଖାଦ୍ୟ ସାମଗ୍ରୀ ଓ ବାସ୍କେଟ୍ ପ୍ରଦାନ

**କୋମନା, ୨୯ ।୪(ସମିସ):** ନୂଆପଡ଼ା ଜିଲ୍ଲା କୋମନା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଯକ୍ଷ୍ମା ରୋଗୀ ଓ ସେମାନଙ୍କ ପରିବାରବର୍ଗଙ୍କ ପାଇଁ ସ୍ୱତନ୍ତ୍ର ଖାଦ୍ୟ ସାମଗ୍ରୀ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆରକେ ଏଚଆଇଭି ଏଡସ୍ କେୟାର ଆଣ୍ଡ ରିସର୍ଚ୍ଚ ସେଣ୍ଟର ଏବଂ ଏମସିଏଲର ମିଳିତ ସହଯୋଗରେ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଛି ।ନୂଆପଡ଼ା ଜିଲ୍ଲାପାଳ କାର୍ଯ୍ୟକ୍ରମରେ ସଭାପତିତ୍ୱ କରି ରୋଗୀମାନଙ୍କୁ ସଠିକ୍ ପୁଷ୍ଟିକର ଖାଦ୍ୟ ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟଅତିଥି ଭାବେ ଆରକେ ଏଚଆଇଭି ଏଡସ୍ କେୟାର ଆଣ୍ଡ ରିସର୍ଚ୍ଚ ସେଣ୍ଟରର ଅଧକ୍ଷ ଡାକ୍ତର ଧର୍ମେନ୍ଦ୍ର କୁମାର ଯୋଗ ଦେଇ ରୋଗୀମାନଙ୍କ ମନୋବଳ ବଢ଼ାଇଥିଲେ। ୧୨୫ ଜଣ ରୋଗୀ ଓ ସେମାନଙ୍କ ପରିବାର ସଦସ୍ୟଙ୍କୁ ୫୦୦ଟି ଖାଦ୍ୟ ବାସ୍କେଟ୍ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଦ୍ୱାରିକାନାଥ ଶତପଥୀ, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ଦିଲ୍ଲୀପ ଦାସ, ଜିଲ୍ଲା ପ୍ରୋଗ୍ରାମ ମ୍ୟାନେଜର ସତ୍ୟନାରାୟଣ ତ୍ରିପାଠୀ, କୋମନା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡ.ପ୍ରଦୀପ କାହ୍ନର, ପିପିଏମ୍ କୋଅର୍ଡିନେଟର ଦେବୀପ୍ରସାଦ ମିଶ୍ର ଏବଂ ଏସ୍‌ଟିଏସ ସନ୍ତୋଷ କୁମାର ଭୋଇ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଯକ୍ଷ୍ମାମୁକ୍ତ ସମାଜ ଗଠନ ପାଇଁ ଔଷଧ ସହିତ ଉତ୍ତମ ପୁଷ୍ଟିକର ଖାଦ୍ୟର ଆବଶ୍ୟକତା ରହିଛି ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ।



# କେସିଙ୍ଗା ଓକିଲ ସଂଘ ପକ୍ଷରୁ ମଧୁ ଜୟନ୍ତୀ




**କେସିଙ୍ଗା, ୨୯ ।୪(ସମିସ):** କଳାହାଣ୍ଡି ଜିଲ୍ଲା କେସିଙ୍ଗା ଓକିଲ ସଂଘ ପକ୍ଷରୁ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ଓ ଆଇନଜୀବୀ ଦିବସ କେସିଙ୍ଗାନଗର ସ୍ଥିତ ସଂଘ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ଗୁରୁପ୍ରସାଦ ବଗର୍ତ୍ତୀ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଓଡ଼ିଶ ରାଜ୍ୟ ବାର କାଉନ୍‌ସିଲର ସଦସ୍ୟ ଧନଞ୍ଜୟ ମୁଣ୍ଡ, ସମ୍ମାନିତ ଅତିଥି ଭାବେ ସରକାରୀ ଓକିଲ ସନ୍ତୋଷ କୁମାର ମୁଣ୍ଡ ଯୋଗଦେଇ ଭାଷା ଭିତ୍ତିକ ଓଡ଼ିଶା ପ୍ରଦେଶ ଗଠନ କରିବା ଦିଗରେ ମଧୁବାବୁ ଭୂମିକା ସର୍ବଦା ଚିରସ୍ମରଣୀୟ ହୋଇ ରହିବ ବୋଲି କହିଥିଲେ। ଆଇନଜୀବୀ ମାନେ ସାଧାରଣଲୋକଙ୍କୁ ଆଇନ ସେବା ଯୋଗାଇଦେବା ପାଇଁ ଓ ସମାଜର ପରିବର୍ତ୍ତନ ପାଇଁ ଆଗେଇ ଆସିବାକୁ ଆହ୍ୱାନ କରିଥିଲେ। ସଂଘର ସମ୍ପାଦକ ସନ୍ତୋଷ କୁମାର ଦାଶ ସମ୍ପାଦନା କରିଥିଲେ। ଶେଷରେ କେସିଙ୍ଗା ବାର ସଂଘର ଉପସଭାପତି ସୌମ୍ୟ ରଞ୍ଜନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

### ଜଳ ଓ ପରିମଳ ମିଶନର ବୈଠକ

# ଜଳ ସଂକଟ ନିବାରଣ ପାଇଁ ପ୍ରତିକାରମୂଳକ ପଦକ୍ଷେପକୁ ଗୁରୁତ୍ୱ

**ନୂଆପଡ଼ା, ୨୯ ।୪(ସମିସ)**



ନୂଆପଡ଼ା ଜିଲ୍ଲାରେ ଜିଲ୍ଲା ଜଳ ଓ ପରିମଳ ମିଶନର ବୈଠକ ସଦ୍‌ଭାବନା ସଭାଗୃହରେ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକର ଆରମ୍ଭରେ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ଅଧିକ୍ଷଣ ଯନ୍ତ୍ରୀ ପ୍ରହ୍ଲାଦ ସାହୁ ସମସ୍ତଙ୍କୁ ସ୍ୱାଗତ ଜଣାଇ ବୈଠକର ଉଦ୍ଦେଶ୍ୟ ବିଷୟରେ ଅବଗତ କରାଇଥିଲେ। ବୈଠକରେ ଜିଲ୍ଲାପାଳ ଜଳ ସଂକଟ ପ୍ରବଣ ଅଞ୍ଚଳଗୁଡିକରେ ପ୍ରତିକାରମୂଳକ ପଦକ୍ଷେପ ଗ୍ରହଣ ପ୍ରତି ଗୁରୁତ୍ୱ ଦେଇଥିଲେ। ମନରେଗା ଯୋଜନା ଅଧୀନରେ ଜଳାଶୟ ସୃଷ୍ଟି ସହିତ ବିଭିନ୍ନ କାର୍ଯ୍ୟକ୍ରମ ଗ୍ରହଣ କରି ଜଳ ସଂକଟ ଦୂରୀକରଣ ପାଇଁ ବିଡିଓମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବିଭାଗ ଦ୍ୱାରା ଜଳର ଅପବ୍ୟବହାର ରୋକିବା ପାଇଁ ସଚେତନତା ସୃଷ୍ଟି କରାଯାଉଥିବା ବିଷୟରେ ଅବଗତ ହୋଇଥିଲେ। ଏକକ ବ୍ୟବହୃତ ପ୍ଲାଷ୍ଟିକ୍ ମୁକ୍ତ ନୂଆପଡ଼ା ଅଭିଯାନ ଅଧୀନରେ ଗତ ବର୍ଷ ଜୁନ ୫ତାରିଖରୁ ଆଜି ପର୍ଯ୍ୟନ୍ତ ୨୩୮ ଟନ୍ ପ୍ଲାଷ୍ଟିକ ଆବର୍ଜନା ସଂଗ୍ରହ କରାଯାଇଥିବା ବେଳେ ୩୬୬୪ କିଲୋଗ୍ରାମ ନିଷିଦ୍ଧ ପ୍ଲାଷ୍ଟିକ ଜବତ କରାଯାଇଥିବା କୁହାଯାଇଛି। ଏଥିପାଇଁ ମୋଟ ୩, ୮୩, ୪୫୦ ଟଙ୍କା ଜରିମାନା ଆଦାୟ କରାଯାଇଛି। 'ବର୍ତନ ବ୍ୟାଙ୍କ' ଅଭିଯାନ ଅଧୀନରେ ପାଞ୍ଚଟି ବ୍ଲକ ଓ ତିନୋଟି ଏନ୍‌ଏସିରେ ୧୭୭ଟି ଲକ୍ଷ୍ୟ ଥିଲାବେଳେ ୧୬୪ଟି ବର୍ତନ ବ୍ୟାଙ୍କ ସ୍ଥାପନ କରାଯାଇଛି। ସେହିପରି, ୫୩ଟି ପ୍ଲାଷ୍ଟିକ୍ ସଂଗ୍ରହ ଓ ବିଭାଜନ ଶେଡ୍ ସ୍ଥାପିତ ହୋଇଥିବା ବେଳେ ୩୧ଟିର କାମ ଜାରି ରହିଛି। ଜିଲ୍ଲାପାଳ ବିଭିନ୍ନ କାର୍ଯକ୍ରମର ପ୍ରଗତି ସମୀକ୍ଷା କରି ଅବଶିଷ୍ଟ ଲକ୍ଷ୍ୟଗୁଡିକୁ ଶୀଘ୍ର ସମାପ୍ତ କରି ଶତ ପ୍ରତିଶତ ସଫଳତା ହାସଲ ପାଇଁ ସମସ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ।

## ଲୋକଙ୍କ ଭତ୍ତା ନେଇ ଯାଉଛନ୍ତି ଦଲାଲ

# ପୁଲିସ ଉପସ୍ଥିତିରେ ଭତ୍ତା ବଣ୍ଟନ



**ଭେଡେନ, ୨୯ ।୪(ସମିସ):** ଭେଡେନ ବ୍ଲକ ରେମଣ୍ଡା ପଞ୍ଚାୟତରେ ଭତ୍ତା ବଣ୍ଟନ ବେଳେ ଦଲାଲ ମାନେ ଆସି ଭତ୍ତା ଟଙ୍କା ନେଉଥିବା ଅଭିଯୋଗ ହେଉଛି । ଗାଁରେ ଗରିବ ଶ୍ରେଣୀର ଲୋକଙ୍କ ଅସୁବିଧା ସମୟରେ କିଛି ଦଲାଲ ଫୁସୁଲାଇ କାର୍ଡକୁ ବନ୍ଧକରଖି କିଛି ଟଙ୍କାଦେଇ ନିଜେ ଭତ୍ତା ଟଙ୍କା ନେଇଯାଉଥିବା ଅଭିଯୋଗ ହେଉଛି। ମରିଯାଇଥିବା ଲୋକଙ୍କ ଭତ୍ତା ମଧ୍ୟ ନେଇଯାଉଥିବା ଅଭିଯୋଗ ହେଲାପରେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଚକ୍ରପାଣି ଦାଶ ତଦାରଖ ପାଇଁ ମଙ୍ଗଳବାର ଭତ୍ତା ବଣ୍ଟନ ସମୟରେ ଯାହାର ଭତ୍ତା ପ୍ରଦାନ କର ଓ ଅସୁବିଧା ଥିଲେ ଘରକୁ ଯାଇ ଭତ୍ତା ଦେବାପାଇଁ ନିର୍ଦ୍ଦେଶ ଦେଇଥିଲେ। ହେଲେ ମଙ୍ଗଳବାର ଭତ୍ତା ବଣ୍ଟନ ସମୟରେ ଗ୍ରାମର ୨ଜଣ ବ୍ୟକ୍ତି ଅନେକ ଗୁଡ଼ିଏ ଲୋକଙ୍କ ଭତ୍ତା ଖାତା ନେଇ ଆସିଥିଲେ। ସେହି ସମୟରେ ଉପସ୍ଥିତ କର୍ମଚାରୀ ଯାହାର ଖାତା ସିଏ ଭତ୍ତା ନେଇ ଆସିବ ବୋଲି କହିବାରୁ ଉକ୍ତ ବ୍ୟକ୍ତି ଉପସ୍ଥିତ ଅଧିକାରୀଙ୍କୁ ଗାଳିଗୁଲଜ କରିବା ସହ ମାଡ଼ ମରିବା ପାଇଁ ହାତ ଉଠାଇ ଥିଲେ। ଉପସ୍ଥିତ କର୍ମଚାରୀ ପୁଲିସକୁ ଜଣାଇବା ସହ ଆଜି ବିଡିଓ କର୍ଣ୍ଣ ସୁନାଙ୍କ ନିର୍ଦ୍ଦେଶରେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀ ଦାଶ ନିଜେ ରେମଣ୍ଡା ଯାଇ ତଦାରଖ କରିଥିଲେ।

# ୬୭. ୮୦ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପ ଶିଳାନ୍ୟାସ

ବରଗଡ଼, ୨୯ । ୪(ସମିସ)

ଆଜି ସ୍ଥାନୀୟ ବେହେରା ବାଲିଜୁରୀ ବୁଣାକାର ବଜାର ପ୍ରାଙ୍ଗଣରେ ସମବାୟ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ତଥା ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଆୟୋଜିତ ଏକ ସ୍ୱତନ୍ତ୍ର ଉଦ୍‌ଘାଟନ ଓ ଶିଳାନ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ମୁଖ୍ୟଅତିଥି ଭାବେ ଯୋଗଦେଇ ୬୭. ୮୦ କୋଟି ଟଙ୍କା ମୂଲ୍ୟରେ ବେହେରା ବାଲିଜୁରୀ ବୁଣାକାର ହାଟର ଉନ୍ନତୀକରଣ, ସମ୍ବଲପୁରୀ ବସ୍ତ୍ରାଳୟର ରଙ୍ଗ ଘରର ଆଧୁନିକୀକରଣ ତଥା ସମ୍ପ୍ରସାରଣ ଏବଂ ସମ୍ବଲପୁରୀ ହସ୍ତତନ୍ତ ବସ୍ତ୍ର ସଂଗ୍ରହାଳୟର ପ୍ରତିଷ୍ଠା ତଥା ୨ଟି ନୂତନ ବିକ୍ରୟ କେନ୍ଦ୍ରର ଉଦ୍‌ଘାଟନ, ବାଉଁଶ ହସ୍ତଶିଳ୍ପର ୨ଟି ସୃଜନିକା ସାଧାରଣ ସୁବିଧା କେନ୍ଦ୍ର ଏବଂ ଆରଏମସି/ପ୍ୟାକ୍ସର ୬୦ଟି କୃଷିଭିତ୍ତିକ ପ୍ରକଳ୍ପକୁ ମିଶାଇ ସମୁଦାୟ ୬୫ ଗୋଟି ପ୍ରକଳ୍ପର ଶିଳାନ୍ୟାସ ଓ ଶୁଭାରମ୍ଭ କରିଛନ୍ତି। ବରଗଡ଼ ଠାରୁ ବେହେରା ବାଲିଜୁରୀ ବଜାର ପର୍ଯ୍ୟନ୍ତ ଏକ ବିଶାଳ ବାଇକ୍ ରାଲିରେ ମନ୍ତ୍ରୀଙ୍କୁ ସ୍ୱାଗତ କରିବା ପରେ ବଜାର ପ୍ରାଙ୍ଗଣରେ ଆୟୋଜିତ ହୋଇଥିବା ବୁଣାକାର ମାନଙ୍କ ନିଃଶୁଳ୍କ ଚକ୍ଷୁ ପରୀକ୍ଷା ଶିବିରର ଉଦ୍‌ଘାଟନ କରିବା ସହ ମୋଟ ୬୨ ଜଣ ହସ୍ତଶିଳ୍ପ କାରିଗର ଏବଂ ୨ଜଣ ବୁଣାକାରଙ୍କୁ ଉନ୍ନତ କାରିଗରୀ କିଟ୍ ଓ ପିଟ ଲୁମ୍ ପ୍ରଦାନ କରିଥିଲେ। ଏହାସହ ଦୁଇଜଣ ସଫଳ ଚାଷୀ ଏବଂ ଧାନ ସଂଗ୍ରହ କେନ୍ଦ୍ର ପ୍ରତିଷ୍ଠା କରିବା ପାଇଁ ୦. ୬୬ ଡିସମିଲ ନିଜସ୍ୱ ଜମି ଆରଏମସି ବରଗଡ଼କୁ ପ୍ରଦାନ କରିଥିବା ସମଲେଇ ପଦର ଗ୍ରାମର ୫ ଜଣ ଚାଷୀଙ୍କୁ ସମ୍ମାନିତ କରିଥିଲେ। ଏହାପରେ ମନ୍ତ୍ରୀ ବରଗଡ଼ ଜିଲ୍ଲାର ସମସ୍ତ ଚାଷୀ ଓ ବୁଣାକାରଙ୍କୁ ସମ୍ବୋଧିତ କରିବା ସହ ଜିଲ୍ଲର ଉତ୍କୃଷ୍ଟ ବୟନ ଓ ଚଷୀଙ୍କ ଆବଦାନକୁ ପ୍ରଶଂସା କରିଥିଲେ। ସେ କହିଥିଲେ ଯେ, ୨୭ କୋଟି ୫୭ ଲକ୍ଷ ବ୍ୟୟରେ ବିଶ୍ୱସ୍ତରୀୟ ବିପଣନ କେନ୍ଦ୍ର ଭାବେ ବେହେରା-ବାଲିଜୁରୀ ବୁଣାକାର ହାଟର ବିକାଶ କରାଯିବ। ପ୍ରତିଟି ବୁଣାକାରଙ୍କ ହାତେ ହାତେ ସେବା, ଘରେ ଘରେ ବିକାଶ ପହଞ୍ଚାଇବ। ଏଥିରେ ୨ ଶହରୁ ଅଧିକ ଯୁବଶକ୍ତି ନିଯୁକ୍ତି ପାଇବେ। ଏତଦବ୍ୟତୀତ ନୂତନ କେନ୍ଦ୍ରୀୟ ଡାଏ ହାଉସ୍, ହାଟପଦା ଠାରେ ହ୍ୟାଣ୍ଡଲୁମ୍ ସଂଗ୍ରହାଳୟ, ନୃସିଂହନାଥ ମନ୍ଦିର, ପାଇକମାଳ, ଗୋଡ଼ଭଗା ଓ ଅତାବିରା ଠାରେ ନୂତନ ମେଗା ସମ୍ବଲପୁରୀ ବସ୍ତ୍ରାଳୟ ବିକ୍ରୟକେନ୍ଦ୍ର ଖୋଲାଯିବ। ଏହା ଦ୍ୱାରା ବୁଣାକାର ମାନଙ୍କ ଜୀବନ-ଜୀବିକା ଅଧିକ ସମୃଦ୍ଧ ହେବ। ସୃଜନିକା କ୍ରାଫ୍ଟ କ୍ଲଷ୍ଟର୍ ପ୍ରୋଗ୍ରାମ୍ ଅଧୀନରେ ବାଉଁଶ ହସ୍ତଶିଳ୍ପର ବିକାଶ ପାଇଁ ବରଗାଁ ଓ ବ୍ରାହ୍ମଣଡିହି ଠାରେ ଦୁଇଟି ସାଧାରଣ ସୁବିଧାକେନ୍ଦ୍ର ଖୋଲାଯାଇଛି। ଯେଉଁଠି ଢୋକ୍ରା, ଆଦିବାସୀ ଅଳଙ୍କାର, ଟେରାକୋଟା




ହସ୍ତଶିଳ୍ପୀଙ୍କୁ ମଧ୍ୟ ଟୁଲ୍ କିଟ୍ ପ୍ରଦାନ କରାଯାଇଛି। ବରଗଡ଼ ଜିଲ୍ଲାରେ ସାର ର ଚାହିଦାକୁ ଦୃଷ୍ଟିରେ ରଖି ବରଗଡ଼ ସର୍କଲର୧୧ଟି ପାକ୍ସକୁ ନେଇ ବରାହଗୁଡା ମୌଜାରେ ପ୍ରାୟ ୩୦ ଏକର ପରିମିତ ଜମିରେ ୫୦୦୦ ମେଟ୍ରିକ ଟନ କ୍ଷମତା ସମ୍ପନ୍ନ ଗୋଦାମ ଗୃହ ନିର୍ମାଣ ସକାଶେ ଅନୁମୋଦନ ମିଳିସାରିଛି ଓ ଏହା ମାଧ୍ୟମରେ ବରଗଡ଼ ଜିଲ୍ଲାରେ ଷ୍ଟୋରେଜ ଜନିତ ସମସ୍ୟାର ସମାଧାନ ହୋଇପାରିବ। ସମବାୟ ଋଣ ରିହାତି ସହାୟତାରେ କୃଷକମାନଙ୍କୁ ସଶକ୍ତ କରିବା ଲାଗି ରାଜ୍ୟସରକାର ସଂକଳ୍ପବଦ୍ଧ। ୨୦୨୬-୨୭ ଆର୍ଥିକ ବର୍ଷରେ ୩୮ ଲକ୍ଷ ଚାଷୀଙ୍କୁ ୨୧ ହଜାର କୋଟି ଟଙ୍କାର ଫସଲ ଋଣ ପ୍ରଦାନ କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି। ଫସଲ ଋଣ ପ୍ରଦାନ ବାବଦକୁ ଋଣ ରିହାତି ଯୋଜନାରେ ୧ ହଜାର ୭୦ କୋଟି ଟଙ୍କା ସହାୟତା ପ୍ରଦାନ କରା କରାଯିବ। ଫସଲ ହାନିରୁ ରକ୍ଷା କରିବା ନିମନ୍ତେ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ୫ ଶହ କୋଟି ଟଙ୍କାର ପ୍ରସ୍ତାବ ରହିଛି। ତୃଣମୂଳସ୍ତରରେ ଦକ୍ଷତା ଏବଂ ପାରଦର୍ଶିତା ବଢ଼ାଇବା ଲାଗି ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ପାକ୍ସ ଓ ଲ୍ୟାମ୍ପସ ଗୁଡିକର କାର୍ଯ୍ୟ ସମ୍ପାଦନ ବାବଦକୁ ୨୦ କୋଟି ଟଙ୍କା ଏବଂ ଭିତ୍ତିଭୂମି ଉନ୍ନତିକରଣ ବାବଦକୁ ୧ ଶହ କୋଟି କୋଟିର ସହାୟତା ପ୍ରଦାନ କରାଯିବ। ଶହେଟି ମଡେଲ ମଣ୍ଡି ପାଇଁ ଶହେ କୋଟି ଟଙ୍କାର ପ୍ରସ୍ତାବ ରହିଛି ବୋଲି କହି ଥିଲେ। ଏହି କାର୍ଯ୍ୟକ୍ରମରେ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଅଶ୍ୱନୀ କୁମାର ଷଡ଼ଙ୍ଗୀଙ୍କ ସମେତ ଅତାବିରା ବିଧାୟକ ନିହାର ରଞ୍ଜନ ମହାନନ୍ଦ, ବିଜେପୁର ବିଧାୟକ ସନତ କୁମାର ଗଡ଼ତିଆ, ବରଗଡ଼ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଗୋବର୍ଦ୍ଧନ ଭୋଏ, ଜିଲ୍ଲା ଯୁବ ମୋର୍ଚ୍ଚା ସଭାପତି ଯୁଧିଷ୍ଠୀର ମେହେର, ଜିଲ୍ଲା ସଭାପତି ଅରୂପା ନନ୍ଦ ସାହୁ, ବୟନିକା ଡାଇରେକ୍ଟର ସଞ୍ଜୟ କୁମାର ମେହେର, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର କମିଶନର ତଥା ଶାସନ ସଚିବ ଗୁହା ପୁନମ ତାପସ କୁମାର, ଓଡ଼ିଶା ସମବାୟ ସମିତି ସମୂହ ନିବନ୍ଧକ ମନୀଷ ଅଗ୍ରୱାଲ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର ନିର୍ଦ୍ଦେଶକ ସୋମେଶ କୁମାର ଉପାଧ୍ୟାୟ, ଜିଲ୍ଲାପାଳ ଆଦିତ୍ୟ ଗୋୟଲ ଏବଂ ଆରକ୍ଷୀ ଅଧିକ୍ଷକ ପ୍ରହଲ୍ଲାଦ ସହାୟ ମୀନା ଉପସ୍ଥିତ ଥିଲେ।

## କ୍ରିଷ୍ଣା ବିକାଶର ପ୍ରତିଷ୍ଠା ଦିବସରେ ରକ୍ତଦାନ ଶିବିର



**ବରଗଡ଼, ୨୯ ।୪(ସମିସ):** ବରଗଡ଼ ବରାହଗୋଡାସ୍ଥିତ କ୍ରିଷ୍ଣା ବିକାଶ ଗ୍ରୁପର ୨୪ତମ ପ୍ରତିଷ୍ଠା ଦିବସ ଅବସରରେ ଟିମ କ୍ରିଷ୍ଣା ବିକାଶ ଓ ନିଷ୍ଠା ପରିବାରର ମିଳିତ ଆନୁକୂଲ୍ୟରେ ବିକାଶ ହସ୍ପିଟାଲ ପରିସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏହି ଶିବିରକୁ କ୍ରିଷ୍ଣା ବିକାଶ ଗ୍ରୁପର ଚେୟାରମ୍ୟାନ ଡି.ମୂରଲୀ କ୍ରିଷ୍ଣା, ତାଙ୍କ ଧର୍ମପତ୍ନୀ ଦଶାରି ରାମ ତୁଳସୀ, ପୁଅ ବିବେକ ଦଶାରୀ, ଲୋକେଶ ଦଶାରି ମୁଖ୍ୟଅତିଥି ଭାବରେ ଯୋଗଦାନ

**୯୧ୟୁନିଟ୍ ସଂଗ୍ରହ**

କରିଥିଲେ। ମାତ୍ରାଧିକ ଗ୍ରୀଷ୍ମ ପ୍ରବାହ ପାଇଁ ସମସ୍ତ ରକ୍ତଭଣ୍ଡାରରେ ରକ୍ତର ଅଭାବ ଥିବାରୁ ଏହି ରକ୍ତ ଅନେକ ଅସହାୟ ରୋଗୀ ଙ୍କୁ ସହାୟକ ହେବ ବୋଲି ଡି ମୂରଲୀ କ୍ରିଷ୍ଣା କହିଥିଲେ। ବୁର୍ଲା ରକ୍ତଭଣ୍ଡାର ଦ୍ୱାରା ୬୦ ୟୁନିଟ ରକ୍ତ ଓ ବରଗଡ଼ ରକ୍ତଭଣ୍ଡାର ଦ୍ୱାରା ୩୧ ୟୁନିଟ ରକ୍ତସଂଗ୍ରହ କରାଯାଇଥିଲା। ଏହି ଶିବିରକୁ ଡାକ୍ତର ସିଏଚ୍ ରବି କୁମାର, ଟିମ କ୍ରିଷ୍ଣା ବିକାଶ ଓ ନିଷ୍ଠା ପରିବାରର ସଦସ୍ୟ ସଦସ୍ୟାମାନେ ସୁପରିଚାଳନା କରିଥିଲେ।

## ଗୋ' ହତ୍ୟା ଆଇନ କଡ଼ାକଡ଼ି କରିବାକୁ ଦାବିପତ୍ର ପ୍ରଦାନ

**ଗାଇସିଲେଟ, ୨୯ ।୪ (ସମିସ):** ହିନ୍ଦୁ ସଂସ୍କୃତିର ଆରାଧ୍ୟା ଗୋମାତାଙ୍କୁ ରାଷ୍ଟ୍ରୀୟସ୍ତରରେ ସମ୍ମାନ, ଗୋ' ହତ୍ୟା ବନ୍ଦ ଦାବିରେ ସର୍ବଭାରତୀୟ ସ୍ତରରେ



ସାଧୁସନ୍ଥମାନଙ୍କ ଡାକରା ଗୋ' ସମ୍ମାନ ଅଭିଯାନ ଆୟୋଜନ କରାଯାଇଛି। ଏହି କ୍ରମରେ ଏହି ଅଭିଯାନ, ବରଗଡ଼ ଜିଲ୍ଲା ଗାଇସିଲେଟ ଶାଖା ପକ୍ଷରୁ ଏକାଧିକ ଗୋ' ସେବକ ବସ୍‌ଷ୍ଟାଣ୍ଡଠାରୁ ବିଶାଳ ଶୋଭାଯାତ୍ରାରେ ବାହାରି ତହସିଲଦାରଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସେଠାରେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୧୨ ଶହରୁ ଊର୍ଦ୍ଧ୍ୱ ଦସ୍ତଖତ ସମ୍ବଳିତ ଦାବିପତ୍ର ତହସିଲଦାରଙ୍କୁ ପ୍ରଦାନ କରିଥିଲେ। ଗୋ'ମାତାଙ୍କୁ ରାଷ୍ଟ୍ରୀୟ ସମ୍ମାନ, ଗୋହତ୍ୟା ବନ୍ଦ ଆଇନ କଡ଼ାକଡ଼ି କରିବାକୁ ସ୍ଲୋଗାନ ଦେଇଥିଲେ। ଗାଇସିଲେଟ ଆବାହକ ଗୋ-ସେବକ ସଞ୍ଜୟ ପୁରୋହିତ ଯୋଗଦେଇ ଗୋ'ମାତାର ସୁରକ୍ଷା, ସଂରକ୍ଷଣ, ସମ୍ବର୍ଦ୍ଧନା ହିନ୍ଦୁ ସମାଜ ଆଗକୁ ଆସିବାକୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ନନ୍ଦ କିଶୋର ଯୋଷୀ, ଗିରିଶ ପଣ୍ଡା, କୃଷ୍ଣଚନ୍ଦ୍ର ସାହୁ, ଯୁବରାଜ ସାହୁ, ମାନସ ଦାଶ, ଅଚ୍ୟୁତ ସାହୁ, ସୁଦାମ ତନସନା, ସଞ୍ଜୀବ ଅଗ୍ରୱାଲ, ଗୋ ସମ୍ମାନସମିତି, ବିଶ୍ୱହିନ୍ଦୁ ପରିଷଦ, ସଂଘର ସମସ୍ତ ସ୍ୱୟଂ ସେବକ ସମେତ ଏକାଧିକ ଗୋସେବକ ଯୋଗଦେଇଥିଲେ।

## ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକଙ୍କ ଲରମ୍ଭା କଲେଜ ଗସ୍ତ

**ବରଗଡ଼, ୨୯ । ୪(ସମିସ):** ସମ୍ବଲପୁର ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟ ଅଧୀନସ୍ଥ ଲରମ୍ଭା କଲେଜକୁ ନିର୍ଦ୍ଦେଶକ ପ୍ରଫେସର ମୁରଲୀଧର ମାଝୀ ଅଚାନକ ପରିଦର୍ଶନରେ ଆସିଥିଲେ। କଲେଜ ଅଧ୍ୟକ୍ଷ ଅଶୋକ କୁମାର ମହାନ୍ତିଙ୍କ ସହ ଆଲୋଚନା କରି କଲେଜର ବିଭିନ୍ନ ସମସ୍ୟା ଉପରେ ବୁଝିଥିଲେ। ଜାତୀୟ ଶିକ୍ଷା ନୀତି ଉପରେ ଆଧାରିତ ସିଲାବସ, ଚତୁର୍ଥ ସେମିଷ୍ଟାରର ଇଣ୍ଟରନସିପ, ପି.ଜି. ପ୍ରବେଶିକା ପରୀକ୍ଷାରେ ଛାତ୍ରଛାତ୍ରୀଙ୍କ ପାରଦର୍ଶିତା, ଚଳିତବର୍ଷର ଆଇ.ଆଇ.ଟି ଜାମ୍ ପ୍ରବେଶ ପରୀକ୍ଷାର ସ୍ଥିତି, ଜାତୀୟ ସେବା ଯୋଜନା, ଯୁବ ରେଡ୍‌କ୍ରସ, ଜାତୀୟ ସମର ଶିକ୍ଷାର୍ଥୀ ବାହିନୀର ବିଭିନ୍ନ କାର୍ଯ୍ୟକ୍ରମ, ପୁରାତନ ଛାତ୍ର ସଂଘ ଓ ଚଳିତ ଅଭିଭାବକ ସଂଘ, କଲେଜ ଇଣ୍ଟରନାଲ କମିଟି, ହିମସ୍ ପୋର୍ଟାଲ, ଦିବ୍ୟାଙ୍ଗ ଶୌଚାଳୟ ଉପରେ ଆଲୋଚନା କରିଥିଲେ। ଏଥିସହ କଲେଜ ପାଠାଗାର ପରିଦର୍ଶନ କରି ପୁସ୍ତକ ଡିଜିଟାଲାଇଜେସନ ସହ ଆର୍ଥିକ କାଗଜ ପତ୍ର ଉପରେ ତଦାରଖ କରିଥିଲେ। ଚଳିତବର୍ଷ ଆଇ.ଆଇ.ଟି ଜାମ ପ୍ରବେଶ ପରୀକ୍ଷାରେ କଲେଜର ଗଣିତ ବିଭାଗର ଛାତ୍ର ଓମ୍ ପ୍ରକାଶ ପ୍ରଧାନ ଓଡ଼ିଶା ଟପ୍ପର ଥିବାବେଳେ ସର୍ବ ଭାରତୀୟସ୍ତରରେ ବିଂଶତମ ତାଲିକାରେ ରହିଅଛନ୍ତି। ମନୋଜ ବେହେରା (୩୪୭), ଲିପି ପ୍ରଧାନ (୫୩୦), ରତିରଞ୍ଜନ ଦାଶ (୧୭୨୫), ସୌମ୍ୟ ରଞ୍ଜନ ସାହୁ (୧୭୫୬), ଅମନ ସେଟ (୧୮୩୭) ଥିବାବେଳେ କଲେଜର ପଦାର୍ଥ ବିଜ୍ଞାନ ବିଭାଗରୁ ଆଶିଷ ଦୋରା (୧୫୮୧), ଶୁଭକାନ୍ତି ବେଜ ଆୟୁଷ ମିଶ୍ର (୨୨୨୫), (୨୪୭୨), ଶ୍ରୁତିମୟୀ ପଟେଲ (୪୨୬୦) ତମ ସର୍ବ ଭାରତୀୟ ସ୍ତରରେ ସ୍ଥାନ ଲାଭ କରି ଗୌରବ ଆଣି ଥିବାରୁ ଶୁଭେଚ୍ଛା ଜଣାଇଥିଲେ। କିଟ୍ ପକ୍ଷରୁ ଆୟୋଜିତ ଆଲୋଚନା ଚକ୍ରରେ ଯୋଗଦେଇ ଥିଲେ।

## ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ପକ୍ଷରୁ ଜନ ସଂଗୋଷ୍ଠୀ କାର୍ଯ୍ୟକ୍ରମ

**ପଦ୍ମପୁର, ୨୯ । ୪(ସମିସ):** ପଦ୍ମପୁର ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଆନୁକୂଲ୍ୟରେ ପ୍ରମୁଖ ଜନ ସଂଗୋଷ୍ଠୀ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବିଭିନ୍ନ କ୍ଷେତ୍ରରୁ ୧୬୫ ଜଣ ପ୍ରମୁଖ ବ୍ୟକ୍ତି ଏଥିରେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ ଚିକିତ୍ସକ ଡା. ଜୟକୃଷ୍ଣ ପଟେଲ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ ଜିଲ୍ଲା ସଂଘ ଚାଳକ ଡା.ସାଧୁଚରଣ ଦାଶ ସମ୍ମାନିତ ଅତିଥି ଏବଂ କ୍ଷେତ୍ର କାର୍ଯ୍ୟବାହ ଦୁର୍ଗା ପ୍ରସାଦ ସାହୁ ମୁଖ୍ୟବକ୍ତା ଭାବେ ଯୋଗଦାନ କରିଥିଲେ। ଅନ୍ତର୍ଯ୍ୟାମୀ ମେହେର ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ଭୀଷ୍ମଦେବ ସାହୁ ଅତିଥି ପରିଚୟ ଏବଂ ଉଦ୍ଦେଶ୍ୟଜ୍ଞାପନ କରିଥିଲେ। ରିତେଶ ରଞ୍ଜନ ମେହେର ମଞ୍ଚ ପରିଚାଳନା କରିବା ସହ ମାର୍ତ୍ତଣ୍ଡ ଦେବ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ସର୍ବଶ୍ରୀ ଜୟନାରାୟଣ ତ୍ରିପାଠୀ, ଡା.ବାଞ୍ଛାନିଧି ପଣ୍ଡା, ସୁଧାଂଶୁ ପତି, ଭାସ୍କର ଦାଶ, ଗୌରହରି ମେହେର, ଦିବ୍ୟକିଶୋର ପଣ୍ଡା, ଓମ୍ ପ୍ରକାଶ ଗୁପ୍ତା ପ୍ରମୁଖ ସହଯୋଗ କରିଥିଲେ।

## ପ୍ରସିଦ୍ଧ ନୃସିଂହନାଥ ବୈଶାଖ ମେଳା ସାଂସ୍କୃତିକ କାର୍ଯ୍ୟକ୍ରମ ଦ୍ୱିତୀୟ ସନ୍ଧ୍ୟା

**ପାଇକମାଳ, ୨୯ ।୪(ସମିସ):** ଶ୍ରୀନୃସିଂହନାଥ ପ୍ରସିଦ୍ଧ ବୈଶାଖ ମେଳାର ଦ୍ୱତକ୍ସୟ ସନ୍ଧ୍ୟାର ଅନୁଷ୍ଠିତ ହୋଇଯାଇଛି। ମାର୍ଜାରକେଶରୀ ମଣ୍ଡପରେ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ପଦ୍ମଶ୍ରୀ ହଳଦର ନାଗ, ସମ୍ମାନିତ ଅତିଥି ଭାବେ ପଦ୍ମପୁର ଉପଜିଲ୍ଲାପାଳ ହେମସାଗର ଭୋଇ, ପଦ୍ମପୁର ଏସ୍‌ଡିପିଓ ପାଣ୍ଡବ ଶବର, ମନ୍ଦିର କାର୍ଯ୍ୟନିର୍ବାହି ଅଧିକାରୀ ପୁରୁଷୋତ୍ତମ ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ। ମେଳା କମିଟିର ସଦସ୍ୟ ସୁଶାନ୍ତ ମିଶ୍ର ସଭାକୁ ପରିଚାଳନା କରିଥିଲେ। ମନ୍ଦିର ଟ୍ରଷ୍ଟି ତଥା ପାଇକମାଳ ଏବିଡିଓ ଦେବାଶିଷ



ସିହ୍ନା ଧନ୍ୟବାଦ ଦେଇଥିଲେ। ଲୋକ ନାଟକ ମୁଷିକ ଦତ୍ୟ ଦରବାର ପରିବେଷଣ ଦେଖି ସମଗ୍ର ସାଂସ୍କୃତିକ କାର୍ଯ୍ୟକ୍ରମରେ ଝୁମି ଉଠିଥିଲେ ଦର୍ଶକମାନେ। ପୂର୍ବାହ୍ନରେ ଯଜ୍ଞ ମଣ୍ଡପରେ ୧୩ଜଣ ଦକ୍ଷ ପଣ୍ଡିତଙ୍କୁ ନେଇ ବିଶ୍ୱଶାନ୍ତି ମହାଯଜ୍ଞ ହୋଇଥିଲା। ପଣ୍ଡିତମାନେ ୩୦ହଜାର ୩୦୦ ନୃସିଂହବୀଜ ମନ୍ତ୍ର ଜପ ସହ ୩ଦିନ ଧରି ମୋଟ୍ ୯୮ ହଜାର ନୃସିଂହବୀଜ ମନ୍ତ୍ର ଜପ କରିଛନ୍ତି।

## ପାଇକମାଳ ପୁଲିସ ପକ୍ଷରୁ ସରବତ୍ ବଣ୍ଟନ




**ପାଇକମାଳ, ୨୯ ।୪(ସମିସ):** ପାଇକମାଳ ଥାନା ପୁଲିସ ପକ୍ଷରୁ ନୃସିଂହନାଥ ବୈଶାଖ ମେଳା ଅବସରରେ ଥାନା ପରିସରରେ ଜଳଛତ୍ର ଖୋଲାଯାଇଛି। ବୁଧବାର ପାଇକମାଳ ଥାନା ଓଆଇସି କୈଳାସ ଚନ୍ଦ୍ର ପ୍ରଧାନଙ୍କ ତତ୍ତ୍ୱାବଧାନରେ ଶ୍ରଦ୍ଧାଳୁ ମାନଙ୍କ ପାଇଁ ଲେମ୍ବୁ ସରବତ ବଣ୍ଟନ କରାଯାଇଥିଲା। ଏହି ଅବସରରେ ପୁଲିସ ବିଭାଗ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

## ଅଞ୍ଚଳ ମହାବିଦ୍ୟାଳୟ ଛାତ୍ରୀଙ୍କ ସଫଳତା

**ପଦ୍ମପୁର, ୨୯ ।୪(ସମିସ):** ସମ୍ବଲପୁର ବିଶ୍ୱବିଦ୍ୟାଳୟ ଦ୍ୱାରା ପରିଚାଳିତ ୨୦୨୬ ଯୁକ୍ତତିନି ଷଷ୍ଠ ସେମିଷ୍ଟର ପରୀକ୍ଷା ଫଳ ପ୍ରକାଶ ପାଇଛି। ଅଞ୍ଚଳ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଖଗେଶ୍ୱର ଦାଶଙ୍କ ସମେତ ସମସ୍ତ ଶିକ୍ଷକ ଓ କର୍ମଚାରୀ କୃତୀ ଛାତ୍ରୀମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ବିଶ୍ୱବିଦ୍ୟାଳୟ ଦ୍ୱାରା ପ୍ରକାଶିତ ପ୍ରୋଭିଜନାଲ ମେରିଟ୍ ଲିଷ୍ଟରେ ମହାବିଦ୍ୟାଳୟର ବହୁ ମେଧାବୀ ଛାତ୍ରୀ ଶ୍ରେଷ୍ଠ ଦଶ ଜଣଙ୍କ ମଧ୍ୟରେ ନିଜର ସ୍ଥାନ ସୁରକ୍ଷିତ କରି କଳା, ବିଜ୍ଞାନ ଓ ବାଣିଜ୍ୟ ବିଭାଗରେ ନିଜର ପ୍ରତିଭା ପ୍ରତିପାଦିତ କରିଛନ୍ତି। ବାଣିଜ୍ୟ ବିଭାଗରେ ନିକିତା ସାହୁ ବିଶ୍ୱବିଦ୍ୟାଳୟସ୍ତରରେ ପଞ୍ଚମ ସ୍ଥାନ ଅଧିକାର କରିଥିବାବେଳେ, ଅର୍ଥନୀତି ବିଭାଗରେ




କଲ୍ୟାଣୀ ସାହୁ ଚତୁର୍ଥ, ସୌମ୍ୟରଞ୍ଜିତା ସ୍ୱାଇଁ ସପ୍ତମ ଓ ନିତୁ ବାରିକ ଅଷ୍ଟମ ସ୍ଥାନ ହାସଲ କରିଛନ୍ତି। ସେହିପରି ଶିକ୍ଷା ବିଭାଗରେ ତୁଳସୀ ସାହୁ ଅଷ୍ଟମ, ଇତିହାସରେ ପମି ବଡ଼େଇ ଷଷ୍ଠ ଏବଂ ପ୍ରାଣୀ ବିଜ୍ଞାନ ବିଭାଗରେ ମୀନାକ୍ଷୀ ପ୍ରିୟଦର୍ଶିନୀ ସାହୁ ଷଷ୍ଠସ୍ଥାନ ଅଧିକାର କରିଛନ୍ତି। ବିଶେଷ ଭାବେ ଓଡ଼ିଆ ଭାଷା ଓ ସାହିତ୍ୟ ପ୍ରତି ଥିବା ଗଭୀର ନିଷ୍ଠା ଯୋଗୁଁ ଓଡ଼ିଆ ସମ୍ମାନରେ ଆରତୀ ମହାନନ୍ଦ ବିଶ୍ୱବିଦ୍ୟାଳୟରେ ତୃତୀୟ ସ୍ଥାନ ହାସଲ କରି ମହାବିଦ୍ୟାଳୟର ସୁନାମ ବଢ଼ାଇଛନ୍ତି। ଏହି ସଫଳତା କେବଳ ଛାତ୍ରୀମାନଙ୍କର ନୁହେଁ ବରଂ ଅଧ୍ୟାପକ ଅଧ୍ୟାପିକାମାନଙ୍କ ଉପଯୁକ୍ତ ମାର୍ଗଦର୍ଶନ, କଠିନ ପରିଶ୍ରମ ଓ ଅଭିଭାବକମାନଙ୍କ ଆଶୀର୍ବାଦର ମିଳିତ ଫଳ ବୋଲି ଅଧ୍ୟକ୍ଷ ପ୍ରକାଶ କରିଛନ୍ତି। ଅଞ୍ଚଳ ମହାବିଦ୍ୟାଳୟ ପୁଣିଥରେ ନାରୀ ଶିକ୍ଷା ଓ ସଫଳତା କ୍ଷେତ୍ରରେ ଏକ ନୂତନ ମାଇଲଖୁଣ୍ଟ ସ୍ଥାପନ କରିଛି।

## ଏଞ୍ଜେଲସ୍ ପବ୍ଲିକ ସ୍କୁଲର କ୍ରୀଡ଼ାବିତ ଛାତ୍ରଛାତ୍ରୀଙ୍କ କୃତିତ୍ୱ




**ବରପାଲି, ୨୯ ।୪ (ସମିସ):** ଅନ୍ତର୍ଜାତୀୟସ୍ତରରେ ଶ୍ରୀଲଙ୍କା କଲମ୍ବୋରେ ଗତ ଏପ୍ରିଲ୨୪ରୁ୨୮ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିବା ଦଶମ ଏସିଆ ଗୋଲସଟ୍ ବଲ ଚାମ୍ପିଅନ୍‌ସିପରେ ଲିଟିଲ ଏଞ୍ଜେଲସ ପବ୍ଲିକ ସ୍କୁଲର କ୍ରୀଡାବିତ ଛାତ୍ର ରାଜ ମେହେର, ଛାତ୍ରୀ ପରୀ ମେହେରଙ୍କ ସମେତ ଓଡ଼ିଶାରୁ ଚାରିଜଣ ଜାତୀୟ ଖେଳାଳିଦଳରେ ସାମିଲ ହୋଇ ଭାରତ ପାଇଁ ଗୌରବ ଆଣିଛନ୍ତି। ୧୭ ବର୍ଷ ବୟସରୁ କମ୍ କନିଷ୍ଠ ବାଳକ ବିଭାଗର କ୍ୱାଟର ଫାଇନାଲରେ ଭାରତ ଦଳ (୩୦ ପଏଣ୍ଟ ) ଓ ଭୁଟାନ ଦଳ (୧୯ ପଏଣ୍ଟ) ଖେଳି ଭାରତ ସେମିଫାଇନାଲକୁ ଉନ୍ନୀତ ହୋଇଥିଲା। ଏହି ମ୍ୟାଚ ଭାରତ ଦଳ (୨୫) ନେପାଳ ଦଳ (୨୧) ସହ ଖେଳି ବିଜୟୀ ହୋଇଥିବା ବେଳେ ଫାଇନାଲ ମ୍ୟାଚ୍ ରେ ଭାରତ ଦଳ (୨୩) ଶ୍ରୀଲଙ୍କା ଦଳ(୧୮)କୁ ହରାଇ ଚାମ୍ପିଅନ ହୋଇଥିଲା। ସେହିପରି ୧୭ ବର୍ଷ ବୟସରୁ କମ୍ କନିଷ୍ଠ ବାଳିକା ବିଭାଗର କ୍ୱାଟର ଫାଇନାଲରେ ଭାରତ ଦଳ (୨୨) ମାଳଦୀପ (୧୯) ସହିତ ଖେଳି ସେମିଫାଇନାଲ ରାଉଣ୍ଡକୁ ଉନ୍ନୀତ ହୋଇଥିଲା। ସେମିଫାଇନାଲରେ ଭାରତ ଦଳ ( ୧୫) ନେପାଳ ଦଳ (୧୧) ସହ ଖେଳିବା ପରେ ଫାଇନାଲରେ ଶ୍ରୀଲଙ୍କା ଦଳ(୧୬) ସହ ଖେଳି ୩ ପଏଣ୍ଟ ଅଧିକ ସଂଗ୍ରହ କରି ଭାରତ ଦଳ ଚାମ୍ପିଅନ ଘୋଷିତ ହୋଇଥିଲା। ଭାରତ ପାଇଁ ଗୌରବ ଆଣିଥିବାରୁ ବିଦ୍ୟାଳୟର ପରିଚାଳନା ନିର୍ଦ୍ଦେଶିକା ସୁନିତା ମୁଣ୍ଡ, ସଭାପତି ଡ଼ା. ସୁବ୍ରତ ମୁଣ୍ଡ, ଅଧ୍ୟକ୍ଷା ମଧୁସ୍ମିତା ମୁଣ୍ଡ, ଉପାଧ୍ୟକ୍ଷ ସୁଶୀଳ କୁମାର ରଥ, ପ୍ରଶାସନିକ ଅଧିକାରୀ ଦିଲୀପ କୁମାର ମିଶ୍ର, କ୍ରିଏଟିଭ ଡାଇରେକ୍ଟର ମୀନତି ପ୍ରଧାନଙ୍କ ସମେତ ଶିକ୍ଷକ ଶିକ୍ଷୟିତ୍ରୀ ଓ ଅଞ୍ଚଳର ବହୁ ଶୁଭେଚ୍ଛୁ ଅଭିନନ୍ଦନ ଜଣାଇଛନ୍ତି।

### ବରଗଡ଼ ଜିଲ୍ଲାର ଧାନ କିଣା ଟୋକନ୍ ବିବାଦ

# ଯୋଗ୍ୟଚାଷୀଙ୍କୁ ଟୋକନ ଦେଇ ଧାନ କିଣିବାକୁ ନିର୍ଦ୍ଦେଶ

ବରଗଡ଼, ୨୯ । ୪(ସମିସ)

ବରଗଡ଼ ଜିଲ୍ଲାପାଳଙ୍କୁ ନିଷ୍ପତ୍ତି ନେବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ। ରାଜ୍ୟରେ ଚାଷୀଙ୍କଠାରୁ ଧାନ ସଂଗ୍ରହ ପ୍ରକ୍ରିୟାକୁ ନେଇ ଦେଖାଦେଇଥିବା ସମସ୍ୟାର ସମାଧାନ ପାଇଁ ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇଛନ୍ତି। ୨୦୨୫-୨୬ ବର୍ଷର ଖରିଫ୍ ଧାନ ସଂଗ୍ରହ ପାଇଁ ପଞ୍ଜିକୃତ ଚାଷୀଙ୍କୁ ଟୋକନ୍ ପ୍ରଦାନ ସମ୍ପର୍କିତ ଏକ ମାମଲାର ଶୁଣାଣି କରି ମାନ୍ୟବର ଅଦାଲତ ବରଗଡ଼ ଜିଲ୍ଲାପାଳଙ୍କୁ ଏହି ବିଷୟରେ ବିଚାର କରିବାକୁ କହିଛନ୍ତି। ବରଗଡ଼ ଜିଲ୍ଲାର ଗିରିଶ କୁମାର ଦର୍ଶନାଙ୍କ ସମେତ ୧୪ ଜଣ ଚାଷୀ ହାଇକୋର୍ଟରେ ଏକ ରିଟ୍ ପିଟିସନ (ଡବ୍ଲୁ ପି(ସି) ନମ୍ବର୍ ୯୫୬୨/୨୦୨୬) ଦାୟର କରିଥିଲେ। ଚାଷୀଙ୍କ ଅଭିଯୋଗ ଅନୁଯାୟୀ, ରାଜ୍ୟ ସରକାର



୨୦୨୫-୨୬ ଖରିଫ୍ ସିଜନ୍ ପାଇଁ ୯୩ ଲକ୍ଷ ଟନ୍ ଧାନ ସଂଗ୍ରହର ଲକ୍ଷ୍ୟ ରଖିଛନ୍ତି। ପଞ୍ଜିକୃତ ଚାଷୀମାନେ ସେମାନଙ୍କ ଧାନ ନିର୍ଦ୍ଧାରିତ ମଣ୍ଡି ବା ପାକ୍ସ ମାଧ୍ୟମରେ ସର୍ବନିମ୍ନ ସହାୟକ ମୂଲ୍ୟରେ ବିକ୍ରି କରିବାକୁ ଚାହୁଁଛନ୍ତି। ମାତ୍ର ଧାନ ସଂଗ୍ରହ ପାଇଁ ଆବଶ୍ୟକ ହେଉଥିବା ଟୋକନ୍ ଏପର୍ଯ୍ୟନ୍ତ ଜାରି କରାଯାଇ ନାହିଁ, ଯେଉଁଥିପାଇଁ ଚାଷୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଜଷ୍ଟିସ ଶିବ ଶଙ୍କର ମିଶ୍ରଙ୍କୁ ନେଇ ଗଠିତ ଏକକ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରିଥିଲେ। ସରକାରଙ୍କ ପକ୍ଷରୁ ଅତିରିକ୍ତ ସରକାରୀ ଓକିଲ ଜେ.କେ. ବାଲ୍ ଯୁକ୍ତି ଦର୍ଶାଇଥିଲେ ଯେ ଯଦି ଆବେଦନକାରୀ ଚାଷୀମାନେ ଯୋଗ୍ୟ ବିବେଚିତ ହୁଅନ୍ତି, ତେବେ ସେମାନଙ୍କ ସମସ୍ୟାର ସମାଧାନ କରାଯାଇ ପାରିବ। ଉଭୟ ପକ୍ଷଙ୍କ ଯୁକ୍ତି ଶୁଣିବା ପରେ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ବରଗଡ଼ ଜିଲ୍ଲାପାଳ ଚାଷୀଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଆବେଦନପତ୍ରର ଯାଞ୍ଚ କରିବେ। ଯଦି ଚାଷୀମାନେ ନିୟମ ଅନୁଯାୟୀ ଯୋଗ୍ୟ ଅଟନ୍ତି, ତେବେ ଆଇନ ଅନୁସାରେ ସେମାନଙ୍କ ଆବେଦନ ଉପରେ ତୁରନ୍ତ ନିଷ୍ପତ୍ତି ନିଆଯିବ। ଏହି ନିର୍ଦ୍ଦେଶ ସହ ହାଇକୋର୍ଟ ମାମଲାଟିର ସମାଧାନ କରିଛନ୍ତି। ଏହି ମାମଲାରେ ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଦିଲୀପ କୁମାର ସାହୁ ପକ୍ଷ ରଖିଥିଲେ।

ସକାଳ THE SAKALA



## ଚାନ୍ଦିପୋଷରେ ବସ୍-ଟ୍ରକ୍ ଧକ୍କା ଘଟଣା

# ୨ ଚାଳକଙ୍କ ଝଗଡ଼ାରୁ ଦୁର୍ଘଟଣା; ୪ ମୃତ, ୨୨ ଆହତ

**ରାଉରକେଲା/ଲହୁଣୀପଡ଼ା, ୨୯।୪(ସମିସ)**

ରାଉରକେଲା ପୁଲିସ ଜିଲ୍ଲାର ଚାନ୍ଦିପୋଷ ଥାନା ଅନ୍ତର୍ଗତ ମୁଷାବିରାଠାରେ ୧୪୩ ନମ୍ବର ଜାତୀୟ ରାଜପଥରେ ମଙ୍ଗଳବାର ରାତିରେ ରାଉରକେଲାରୁ ଯାଜପୁର ଜିଲ୍ଲାର ମଙ୍ଗଳପୁରକୁ ଯାଉଥିବା ପ୍ରମିଳା ବସ୍ ଦୁର୍ଘଟଣାରେ ୪ ମୃତକଙ୍କର ଆଜି ରାଉରକେଲା ସରକାରୀ ଡାକ୍ତରଖାନାରେ ଶବ





ବ୍ୟବଚ୍ଛେଦ ହୋଇଛି। ଚାନ୍ଦିପୋଷ ଥାନା ଅଧିକାରୀ ଶ୍ରୀକାନ୍ତ କୁମାର ଖମାରୀ ଉପସ୍ଥିତ ରହି ୪ଟି ଶବର ଇନକ୍ୱେଷ୍ଟ କରିବା ସହ ବ୍ୟବଚ୍ଛେଦ କରିଥିଲେ। ମୃତକମାନେ ହେଲେ ପ୍ରମିଳା ବସର ଚାଳକ ସ୍ଥାନୀୟ ବାସନ୍ତିକଲୋନୀ ତଥା ଯାଜପୁର ଜିଲ୍ଲା ପୁରୁଣାସାହି ଗାଁର ନିରଞ୍ଜନ ରାଉତ(୫୨) ଓ ଯାଜପୁର ଜିଲ୍ଲା ବିରୁହାଁ ଗାଁର ମାନସ କୁମାର ପଣ୍ଡା(୩୬), ବସର ଖଲାସୀ ମଙ୍ଗଳପୁର ଅନ୍ତର୍ଗତ ବାଜରାପାଟ ଗାଁର ଶିବ ପ୍ରସାଦ ନାୟକ (୫୦) ଏବଂ ଟ୍ରଲର ଚାଳକ ବିହାର ଭୋଜପୁର ଅଞ୍ଚଳର ସଣ୍ଟୁ ଯାଦବ (୩୧)। ମୃତ ଚାଳକ ମାନସ କୁମାର ପଣ୍ଡା ବସ ଚଲାଉଥିବା ବେଳେ ୨ୟ ଚାଳକ ନିରଞ୍ଜନ ରାଉତ ବସ କ୍ୟାବିନରେ ବସିଥିଲେ। ଏହାବ୍ୟତୀତ ବସରେ ଥିବା ୨୨ ଜଣ ଯାତ୍ରୀ ଆହତ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ କଣ୍ଡକ୍ଟର ଅଖି ସମେତ ୪ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି। ଗୁରୁତର ଆହତ କଣ୍ଡକ୍ଟର ଅଖି ଜେପି ହସ୍ପିଟାଲରେ ଚିକିତ୍ସାଧିନ ରହିଥିବା ବେଳେ ୭ ଜଣ ହାଇଟେକ ମେଡିକାଲରେ ଚିକିତ୍ସାଧିନ ରହିଛନ୍ତି। ସେମାନଙ୍କ ମଧ୍ୟରୁ ୨ ଜଣ ଆଇସିୟୁରେ ଭର୍ତ୍ତି ହୋଇଛନ୍ତି। ଅନ୍ୟ ୧୪ ଜଣ ଆହତ ଯାତ୍ରୀଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇ ଚିକିତ୍ସା କରାଯାଉଛି। ଆହତମାନେ ହେଲେ ନିରଞ୍ଜନ ଦାସ, ଶେଷଧର ମଲ୍ଲିକ, ଶେଖ ରୋହନ, ଶେଖ ଆଦାମ୍, ଜାହାଗ ବେଗମ, ରୁକ୍ମଣୀ ଦାସ, ଉମେ ହିଫା, ସନ୍ତୋଷ ବାରିକ, ଲକ୍ଷ୍ମୀ ନାୟକ, ସମିର ଦାସ, ସୁବାଷିନି ଦାସ, ଚିନ୍ମୟ ସ୍ୱାଇଁ, ପ୍ରକାଶ ସ୍ୱାଇଁ, ସୁନିଲ କୁମାର ସାହୁ, ମିତାରାଣୀ ସାହୁ, ଗୀତାଞ୍ଜଳି ବେହେରା, ବିଜୟ କୁମାର ବାରିକ, ଚିନ୍ମୟୀ ସ୍ୱାଇଁ, ପ୍ରକାଶ କୁମାର ସ୍ୱାଇଁ, ସବନମ୍ ପରବିନ୍, ପ୍ରକାଶ କୁମାର ନାୟକ, ଅର୍ଜାନା ପରବିନ୍, ରାଖିବା ପରବିନ୍, ଖୁସି ଦାଶ, ପଲ୍ଲିଶ୍ରୀ ଦାଶ, ଅକ୍ଷୟ ଗିରି ବୋଲି ଜଣାପଡ଼ିଛି। ସୂଚନା ମୁତାବକ, ଗତକାଲି ପ୍ରମିଳା ବସ ରାଉରକେଲା ବସଷ୍ଟାଣ୍ଡରୁ ସଂଧ୍ୟା ସାଢେ ୬ଟାରେ ଯାଜପୁର ମଙ୍ଗଳପୁର ଅଭିମୁଖେ ପ୍ରାୟ ୩୦ ଜଣ ଯାତ୍ରୀଙ୍କୁ ନେଇ ବାହାରିଥିଲା। ତେବେ ବସଷ୍ଟାଣ୍ଡରୁ ହିଁ କୌଣସି କାରଣରୁ ଚାଳକ ନିରଞ୍ଜନ ଓ ମାନସଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଉଭୟ ମଦ୍ୟପାନ କରିବା ପରେ ଭୀଷଣ ଝଗଡ଼ା ହେଉଥିବା ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ବସଟି ବସଷ୍ଟାଣ୍ଡରୁ ବାହାରିବା ପରେ ପ୍ରଥମେ ଉଦିତନଗର ଠାରେ ସାମାନ୍ୟ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏହାପରେ ଚାନ୍ଦିପୋଷ ଥାନା ଅନ୍ତର୍ଗତ ମୁଷାବିରାଠାରେ ୧୪୩ ନମ୍ବର ଜାତୀୟ ରାଜପଥ ଉପରେ ନିଜର ଭାରସାମ୍ୟ ହରାଇ ବସଟି ଡିଭାଇଡରକୁ ଅତିକ୍ରମ କରି ଆର ପାର୍ଶ୍ୱକୁ ମାଡି ଯାଇଥିଲା। ଫଳରେ ସମ୍ମୁଖରୁ ଆସୁଥିବା ଏକ ଟ୍ରଲର ସହ ବସ୍‌ର ମୁହାଁମୁହିଁ ଧକ୍କା ହୋଇଥିଲା। ଯାହାଦ୍ୱାରା ବସ୍‌ର ସମ୍ମୁଖ ଭାଗ କେବିନ ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହେବା ସହ ପ୍ରାୟ ୪ ଫୁଟ ଚାପି ହୋଇ ଭିତରକୁ ପଶି ଯାଇଥିଲା। ଫଳରେ ଘଟଣା ସ୍ଥଳରେ ବସର ୨ ଜଣ ଚାଳକ, ଖଲାସି ଏବଂ ଟ୍ରଲର ଚାଳକଙ୍କର ମୃତ୍ୟୁ ହୋଇଥିଲା। ଦୁର୍ଘଟଣା ଖବର ପାଇ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ, ପୂର୍ବତନ ବିଧାୟକ ସୁବ୍ରତ ତରାଇଙ୍କ ସମେତ କଂଗ୍ରେସ ଡିସିସି ସଭାପତି ସବିର ହୁସେନ ଏବଂ ବହୁ ରାଜନେତା ଆଜି ଆରଜିଏଚ, ହାଇଟେକ ମେଡିକାଲକୁ ଯାଇ ରୋଗୀଙ୍କ ସ୍ୱାସ୍ଥ୍ୟ ଅବସ୍ଥା ପଚାରି ବୁଝିଥିଲେ।

### ମିଳିଲା ୪ ମୃତକଙ୍କ ପରିଚୟ; ବ୍ୟବଚ୍ଛେଦ ହେଲା ଶବ

### କଣ୍ଡକ୍ଟର ସମେତ ୭ ଜଣଙ୍କ ଅବସ୍ଥା ଗୁରୁତର

### ପ୍ରତ୍ୟକ୍ଷଦର୍ଶୀଙ୍କ ମୁହଁରୁ...

ଦୁର୍ଘଟଣା ପ୍ରାୟ ରାତି ୮ଟା ୩୫ରେ ହୋଇଥିଲା। ଦୁର୍ଘଟଣା ପୂର୍ବରୁ ୨ ଚାଳକ ମାନସ ଓ ନିରଞ୍ଜନଙ୍କ ମଧ୍ୟରେ ଭୀଷଣ ପାଟିତୁଣ୍ଡ ହୋଇ ଠେଲାପେଲା ହୋଇଥିଲା। ଯାହାଫଳରେ ବସଟି ନିୟନ୍ତ୍ରଣ ହରାଇ ଡିଭାଇଡର ଉପରକୁ ଚଢି ଯାଇଥିଲା। ଏହାପରେ ଏକ ପ୍ରକାଣ୍ଡ ଶବ୍ଦ ହୋଇ ବସ ଭିତର ଧୂଆଁମୟ ହୋଇଯାଇଥିଲା। ବସଟି ଅପରପାର୍ଶ୍ୱରେ କୋଇଡା ଆଡୁ ଆସୁଥିବା ଏକ ଟ୍ରଲରକୁ ଧକ୍କା ଦେଇ ପୁନର୍ବାର ୩୦ ଫୁଟ ପଛକୁ ମାଡି ଆସିଥିଲା। ଦୁର୍ଘଟଣା ଖବର ପାଇ ଚାନ୍ଦିପୋଷ ଥାନା ଅଧିକାରୀ ଶ୍ରୀକାନ୍ତ ଖମାରୀ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ କରିଥିଲେ। ୨ଟି ଗ୍ୟାସ କଟର ଦ୍ୱାରା ମୃତକ ୪ ଜଣଙ୍କୁ ବାହାର କରାଯାଇଥିଲା। ୨୦ଟି ଆମ୍ବୁଲାନ୍ସ ଯୋଗେ ସମସ୍ତ ମୃତାହତଙ୍କୁ ରାଉରକେଲା ସ୍ଥାନାନ୍ତରିତ କରାଯାଇଥିଲା। ରାତି ପ୍ରାୟ ୩ଟା ପର୍ଯ୍ୟନ୍ତ ଉଦ୍ଧାର କାର୍ଯ୍ୟ ଚାଲିଥିଲା। ସେପଟେ ଦୁର୍ଘଟଣା ପାଇଁ ୩ ଘଣ୍ଟା ଧରି ୧୪୩ ନମ୍ବର ଜାତୀୟ ରାଜପଥ ଜାମ ହୋଇ ଯାଇଥିଲା। ଉଭୟ ପାର୍ଶ୍ୱରେ ଶହ ଶହ ସଂଖ୍ୟାରେ ବସ ଟ୍ରକ ଅଟକି ରହି ଯାତାୟାତ ସମ୍ପୂର୍ଣ୍ଣ ଠପ୍ ହୋଇ ଯାଇଥିଲା। ବିଶେଷ କରି ରାଉରକେଲାରୁ ଯାଉଥିବା ସମସ୍ତ ନାଇଟ କୋଚ ବସ ଯାଇ ନ ପାରି ୩ ଘଣ୍ଟା ବିଳମ୍ବରେ ଯାଇଥିଲା।

## ମାଝୀପଡ଼ା ସ୍କୁଲର ୪ ଛାତ୍ରଛାତ୍ରୀଙ୍କ ସଫଳତା

**ଲବଥର୍ମାଲ, ୨୯।୪(ସମିସ):** ଲଖନପୁର ବ୍ଲକ ତୃତୀୟ ଜୋନ ବନ୍ଧବାହାଲ କ୍ଲଷ୍ଟର ଅଧିନସ୍ଥ ସରକାରୀ ପ୍ରାଥମିକ ବିଦ୍ୟାଳୟ ମାଝୀପଡ଼ାର ୪ ଜଣ ଛାତ୍ରଛାତ୍ରୀ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷାରେ ସଫଳତା ହାସଲ କରିଛନ୍ତି। ଏହି ବିଦ୍ୟାଳୟର ତିନି ଜଣ ଛାତ୍ରୀ ନିତା କିସାନ, ଦେବକୀ ମୁଣ୍ଡା ଓ ରେବତୀ ମୁଣ୍ଡା ଏବଂ ଛାତ୍ର ରୋହିତ ମୁଣ୍ଡା ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷାରେ ମନୋନୀତ ହୋଇଛନ୍ତି। ଏହି ତିନି ଜଣ ଛାତ୍ରୀ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷାରେ ମଧ୍ୟ ମନୋନୀତ ହୋଇଥିବା ବେଳେ ନିତା କିସାନ ଜିଲ୍ଲାସ୍ତରରେ ସର୍ବୋଚ୍ଚ ସ୍ଥାନ ବଜାୟ ରଖିଛନ୍ତି। ରେବତୀ ଓ ନିତା ନବୋଦୟ ବିଦ୍ୟାଳୟରେ ନାମଲେଖାଇବା ପାଇଁ ମଧ୍ୟ ମନୋନୀତ ହୋଇଛନ୍ତି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନା ବିଶ୍ୱାଳ, ସହକାରୀ ଶିକ୍ଷୟିତ୍ରୀ ଲକ୍ଷ୍ମୀପ୍ରିୟା ମହାନ୍ତି, ସିଆରସିସି ତୀର୍ଥବାସୀ ପଧାନଙ୍କ ଉପସ୍ଥିତିରେ କୃତି ଛାତ୍ରଛାତ୍ରୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଦ୍ୟାଳୟର ଏପରି ସଫଳତା ପାଇଁ ଅଭିଭାବକ ମହଲରେ ଆନନ୍ଦର ଲହରୀ ଖେଳିଯାଇଛି।



## ସରକାରୀ ପାଣ୍ଠି ଅପବ୍ୟବହାର ମାମଲା

# ପୂର୍ବତନ କନିଷ୍ଠ ଯନ୍ତ୍ରୀଙ୍କୁ ୨ ବର୍ଷ ଜେଲ୍

**ରାଉରକେଲା, ୨୯।୪ (ସମିସ):** ଏକ ସରକାରୀ ପାଣ୍ଠିକୁ ଅପବ୍ୟବହାର କରି ଦୁର୍ନୀତି ମାମଲାର ବିଚାର କରି ସୁନ୍ଦରଗଡ଼ ଭିଜିଲାନ୍ସ କୋର୍ଟ ସୁନ୍ଦରଗଡ଼ ଜିଲ୍ଲାର ବାଲିଶଙ୍କରା ବ୍ଲକ ଅବସରପ୍ରାପ୍ତ କନିଷ୍ଠ ଯନ୍ତ୍ରୀ ଅନୁପ କୁମାର ଦାସଙ୍କୁ ଦୋଷୀ ସାବ୍ୟସ୍ତ କରି ୨ ବର୍ଷ ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି। ସୂଚନା ମୁତାବକ ବାଲିଶଙ୍କରା ବ୍ଲକରେ ନିଯୁକ୍ତି ନିଶ୍ଚିତତା ଯୋଜନା ଅଧୀନରେ ପୋଖରୀ ଖନନ ପାଇଁ ଅଧିକ କାମ ଦେଖାଇ ଏବଂ ମଷ୍ଟର ରୋଲରେ ଶ୍ରମିକଙ୍କ ଦସ୍ତଖତ ଜାଲିଆତି କରି ପାଣ୍ଠି ସଂଗ୍ରହ କରିଥିବା କନିଷ୍ଠ ଯନ୍ତ୍ରୀ ଅନୁପ କୁମାର ଦାସଙ୍କ ନାମରେ ଅଭିଯୋଗ ହୋଇଥିଲା। ଏହି ମାମଲାର ବିଚାର କରି ଆଜି ସୁନ୍ଦରଗଡ଼ ଭିଜିଲାନ୍ସ କୋର୍ଟର ସ୍ୱତନ୍ତ୍ର ବିଚାରପତି ଅନୁପ କୁମାର ଦାସଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ। ୨ ବର୍ଷ ପାଇଁ ସଶ୍ରମ କାରାଦଣ୍ଡ ଏବଂ ଜରିମାନା ଦଣ୍ଡରେ ଦଣ୍ଡିତ କରିଥିଲେ। ଓଡ଼ିଶା ଭିଜିଲାନ୍ସ ବିଭାଗ ଅନୁପ କୁମାର ଦାସ ଦୋଷୀ ସାବ୍ୟସ୍ତ ହେବା ପରେ ତାଙ୍କର ପେନସନ ବନ୍ଦ କରିବା ପାଇଁ ବିଭାଗୀୟ ପ୍ରାଧିକରଣଙ୍କ ନିକଟରେ ଆବେଦନ କରିବେ ବୋଲି ଜଣାପଡ଼ିଛି।

# ଡିଏଲଏସ୍ଏ ପକ୍ଷରୁ ଆଇନ୍ ସଚେତନତା ଶିବିର




**ଝାରସୁଗୁଡ଼ା, ୨୯।୪ (ସମିସ):** ବୁଧବାର ଜିଲ୍ଲା ଓ ଦୌରାଜଜ୍ ତଥା ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ଅଧ୍ୟକ୍ଷ ପ୍ରଶାନ୍ତ କୁମାର ନାୟକଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଆଇନ ସେବା ପ୍ରାଧିକରଣ(ଡିଏଲ୍ଏସ୍ଏ) ପକ୍ଷରୁ ନାଲସା (ପାଠପଢ଼ା ଛାଡି ଦେଇଥିବା ଏବଂ ପଛୁଆ ପିଲାମାନଙ୍କ ପାଇଁ ଆର୍ଥିକ ସହାୟତା) ଯୋଜନା-୨୦୨୫ ଏବଂ ଭାରତୀୟ ନାଗରିକ ସୁରକ୍ଷା ସଂହିତା-୨୦୨୩ ର ବିଭିନ୍ନ ବ୍ୟବସ୍ଥା ଉପରେ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଛି। ଲଖନପୁର ବ୍ଲକ ଅନ୍ତର୍ଗତ କଦମଦିହି ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସ୍ଥାୟୀ ଲୋକ ଅଦାଲତ (ଜନ ଉପଯୋଗୀ ସେବା)ର ଅଧ୍ୟକ୍ଷ ଅଶ୍ୱିନୀ କୁମାର ନାୟକ, ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ଆଲୋକମୟୀ ପ୍ରଧାନ, ମୁଖ୍ୟ ଆଇନ ସହାୟତା ପ୍ରତିପକ୍ଷ ଓକିଲ ସାଜଦା ବେଗମ, ବ୍ରଜରାଜନଗର ଉପଖଣ୍ଡସ୍ତରୀୟ ପୁଲିସ ଅଧିକାରୀ ଚିନ୍ତାମଣି ପ୍ରଧାନ ଏବଂ ଲଖନପୁର ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଗୋପାଳକୃଷ୍ଣ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଅଞ୍ଚଳର ଶତାଧିକ ପୁରୁଷ ଓ ମହିଳା ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏହା ସଙ୍ଗେ ସଙ୍ଗେ ବର୍ତ୍ତମାନ ଚାଲୁଥିବା ମଧ୍ୟସ୍ଥତା ଅଭିଯାନ ଓ ଆସନ୍ତା ମେ ୯ ତାରିଖରେ ହେବାକୁ ଥିବା ଚଳିତ ବର୍ଷର ଦ୍ୱିତୀୟ ଜାତୀୟ ଲୋକ ଅଦାଲତରେ କେଉଁ ପ୍ରକାର ମାମଲା ଗୁଡିକର ସମାଧାନ ଓ ଅପୋଷ ବୁଝାମଣା ମାଧ୍ୟମରେ ହୋଇପାରିବ ସେ ବିଷୟରେ ପ୍ରାଧିକରଣ ସଚିବ ଉପସ୍ଥିତ ଜନ ସାଧାରଣମାନଙ୍କୁ ଅବଗତ କରିଥିଲେ। ସ୍ଥାନୀୟ ଅଞ୍ଚଳର ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା, ମହିଳା ଓ ଜନ ସାଧାରଣ ତଥା ଆଇନ୍ ସେବା ପ୍ରାଧିକରଣର ପ୍ୟାନେଲ ଓକିଲ, ପାରା ଲିଗାଲ ସ୍ୱେଚ୍ଛାସେବୀମାନେ ଉପସ୍ଥିତ ଥିଲେ।

## ବିଜୁଳିକାଟ୍‌କୁ ନେଇ ଅସନ୍ତୋଷ

**ପଦ୍ମପୁର, ୨୯।୪(ସମିସ):** ରାଜ୍ୟରେ ଦିନକୁ ଦିନ ବଢ଼ି ଚାଲିଛି ଗ୍ରୀଷ୍ମପ୍ରବାହ ଓ ଗୁଳୁଗୁଳି। ଏହାର ପ୍ରଭାବ ପଦ୍ମପୁର ଉପଖଣ୍ଡରେ ମଧ୍ୟ ଦେଖିବାକୁ ମିଳିଛି। ଖରା ବୃଦ୍ଧି ପାଇଁ ଦିନ ଏଗାରଟା ବେଳକୁ ଏହା ଅସହ୍ୟ ହୋଇପଡୁଛି। ଏହି ଖରା ସନ୍ଧ୍ୟା ପାଞ୍ଚଟା ପର୍ଯ୍ୟନ୍ତ ରହୁଛି। ପ୍ରବଳ ଗରମରେ ଛୋଟ ଛୁଆ, ବୟସ୍କଙ୍କ ଅବସ୍ଥା ଅତି ଶୋଚନୀୟ ହୋଇପଡୁଛି। ଏସି, କୁଲର୍, ପଙ୍ଖା କିଛି ବି କାମ କରୁନି। ଏହା ସହିତ ତାଳ ସାଧୁଛି ଆଘୋଷିତ ବିଦ୍ୟୁତ୍ କାଟ୍। ଲୋକେ ଗୁଳୁଗୁଳିରେ ଛଟପଟ ହୋଇ ବିଳମ୍ବରେ ଶୋଉଥିବା ବେଳେ ସକାଳୁ ସକାଳୁ ଅଘୋଷିତ ବିଦ୍ୟୁତ୍ କାଟ୍ ହେବା ଯୋଗୁଁ ଲୋକଙ୍କ ଯନ୍ତ୍ରଣା ସକାଳୁ ସକାଳୁ ହିଁ ବଢ଼ି ଯାଉଛି। ସହରରେ ମନ ଇଚ୍ଛା ବିଦ୍ୟୁତ୍ କାଟ ହେବା ଯୋଗୁଁ ଜନ ଅସନ୍ତୋଷ ବୃଦ୍ଧି ପାଉଛି। କେଉଁ କାରଣରୁ ବିଜୁଳିକାଟ୍ କରାଯାଉଛି ତାହା ଜଣାପଡୁନି। ପୂର୍ବରୁ ତାର ଛିଡିଯିବା କିମ୍ବା ଫିଉଜ ଯିବା କଥା କହି ବିଜୁଳି ବିଭାଗ ବିଜୁଳିକାଟ୍ କରୁଥିବା ବେଳେ ଏବେ ମେଣ୍ଟନାନ୍ସ କଥା କହି ବିଜୁଳିକାଟ୍ କରାଯାଉଛି ବୋଲି ଶୁଣିବାକୁ ମିଳୁଛି। ବିଜୁଳିକାଟର କୌଣସି ସମୟସୀମା ନାହିଁ। ଦିନର ଅଧିକାଂଶ ସମୟ ବିଜୁଳି ରହୁ ନ ଥିବାବେଳେ ସକାଳ ୯ଟା ଆଉ ଅପରାହ୍ନ୪ଟା ସମୟରେ ମଧ୍ୟ ବିଜୁଳିକାଟ୍ କରାଯାଉଛି। ଏନେଇ ସମଗ୍ର ପଦ୍ମପୁର ଉପଖଣ୍ଡ ଅଞ୍ଚଳରେ ଅଘୋଷିତ ବିଜୁଳିକାଟ୍‌କୁ ନେଇ ଉପଭୋକ୍ତାଙ୍କ ମହଲରେ ତୀବ୍ର ଅସନ୍ତୋଷ ଦେଖାଦେଉଛି।

## ନାରୀଶକ୍ତି ବନ୍ଦନ ଅଧିନିୟମ ଶୀର୍ଷକ ଆଲୋଚନାଚକ୍ର

**ବରଗଡ଼, ୨୯।୪ (ସମିସ):** ସ୍ଥାନୀୟ ପାର୍ବତୀଗିରି ମହିଳା ମହାବିଦ୍ୟାଳୟର ସମ୍ମିଳନୀ କକ୍ଷରେ ନାରୀଶକ୍ତି ବନ୍ଦନ ଅଧିନିୟମ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷା ନନ୍ଦିନୀ ନିରୋଦ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନାଚକ୍ରରେ ବରଗଡ଼ ପଞ୍ଚାୟତ ମହାବିଦ୍ୟାଳୟର ରାଜନୀତି ବିଭାଗର ମୁଖ୍ୟ ତଥା ସହକାରୀ ପ୍ରଫେସର ସୁବଳ ମେହେର ମୁଖ୍ୟ ଆଲୋଚକ ଭାବେ ଯୋଗଦେଇ ଥିଲେ। ମହାବିଦ୍ୟାଳୟର ରାଜନୀତି ବିଜ୍ଞାନର ଚତୁର୍ଥ ସେମିଷ୍ଟାର୍‌ର ଛାତ୍ରୀ ଜ୍ୟୋତିର୍ମୟୀ ମିଶ୍ର ନିଜର ସନ୍ଦର୍ଭ ଉପସ୍ଥାପନ କରିଥିଲେ। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅନେକ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀବୃନ୍ଦ ଓ ବିଭିନ୍ନ ବିଭାଗର ଛାତ୍ରୀମାନେ ଯୋଗଦେଇ ଥିଲେ। ପ୍ରାଧ୍ୟାପିକା ମଧୁସ୍ମିତା ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

# ଖରା ପାଇଁ ବଢୁଛି ମାଠିଆ ବେପାର

**ପଦ୍ମପୁର, ୨୯। ୪(ସମିସ):** ଦିନକୁ ଦିନ ତାପମାତ୍ରା ବୃଦ୍ଧି ପାଇବା ସହିତ ଟାଣଖରା ଆଉ ଗୁଳୁଗୁଳିରେ ଜୀବନ ଅସହ୍ୟ ହୋଇପଡ଼ିଥିବାବେଳେ ସାଧାରଣ ପାତ୍ରରେ ପାଣି ରଖିଲେ ଗରମ ହୋଇଯାଉଛି। ଧନୀଶ୍ରେଣୀ ଲୋକ ଫ୍ରିଜ ତଥା ଆଧୁନିକ ଉପକରଣରେ ଥଣ୍ଡା ପାଣିର ସୁବିଧା ନେଉଥିବା ବେଳେ ଗରିବ ଓ ଗ୍ରାମାଞ୍ଚଳର ଲୋକମାନେ ଏବେ ବି ପାରମ୍ପାରିକ ମାଠିଆକୁ ଭରସା କରୁଛନ୍ତି। ମାଠିଆରେ ରଖା ପାଣି ସ୍ୱାଭାବିକ ଭାବେ ଥଣ୍ଡା ରହୁଥିବା ବେଳେ ଏହା ସ୍ୱାସ୍ଥ୍ୟ ପାଇଁ ମଧ୍ୟ ଉପଯୋଗୀ। ଏହି ପ୍ରାକୃତିକ ପଦ୍ଧତି ଆଜି ବି ଗ୍ରାମାଞ୍ଚଳରୁ ସହର ପର୍ଯ୍ୟନ୍ତ ବ୍ୟାପକଭାବେ ଚାଲି ଆସୁଛି। ପଦ୍ମପୁର ବ୍ଲକ ଅଞ୍ଚଳରେ କୁମ୍ଭାର ସମ୍ପ୍ରଦାୟ ପାଇଁ ଖରା ଋତୁ ଏକ ସୁଯୋଗ ନେଇ ଆସିଥାଏ। ଏହି ଋତୁରେ ମାଠିଆର ଚାହିଦା ବଢ଼ିବା ସହିତ ତାଙ୍କର ଜୀବିକାରେ ଚଞ୍ଚଳତା ଦେଖାଯାଇଥାଏ। ସହର ହେଉ କି ପଞ୍ଚାୟତ ସମସ୍ତ ଜଳଛତ୍ରରେ ଏବେ ମଧ୍ୟ ମାଠିଆ ବ୍ୟବହାର ହେଉଛି। ଯାହାକି ସାଧାରଣରେ ପ୍ରଶଂସା ପାଉଛି। ପଦ୍ମପୁର ସହରରେ ଥିବା ଜଣେ ମହିଳା ମାଠିଆ ବ୍ୟବସାୟୀ ବେଟିଖାଇ ସେଠ କହନ୍ତି ଗତବର୍ଷ ତୁଳନାରେ ଏଥର ଭଲ ମାଠିଆ ବ୍ୟବସାୟ ହେଉଛି। ସୁରେଇଠାରୁ ଆରମ୍ଭ କରି ସବୁ ପ୍ରକାରର ମାଟ ପାତ୍ରର ଚାହିଦା ରହିଛି ବୋଲି କହନ୍ତି ବେଟିଖାଇ। ଦର୍ଲିଗୁଡାର କୁମ୍ଭାର ସୁରେଶ ରଣା କହନ୍ତି ଏହା ଆମର ପୁରୁଣା ତଥା ପାରମ୍ପରିକ ପେଶା ଯାହାକୁ ଆମେ ବଞ୍ଚାଇ ରଖିଛୁ। ରାଜ୍ୟ ସରକାର ଏହି କାରିଗରମାନଙ୍କ ପ୍ରତି ଜିଲ୍ଲା ସଦର ମହକୁମା ତଥା ପ୍ରତ୍ୟେକ ବ୍ଲକ ମୁଖ୍ୟାଳୟ ଗୁଡିକରେ ମାର୍କେଟିଂ ବ୍ୟବସ୍ଥା କରି ସରକାରୀ ପ୍ରୋତ୍ସାହନ ମିଳିଲେ ଏହି ସମ୍ପ୍ରଦାୟ ଆହୁରି ଆଗକୁ ବଢ଼ିବ ବୋଲି ବରଗଡ଼ର ବିଶିଷ୍ଟ ପରିବେଶବିତ୍ ଡାକ୍ତର ରାମକୃଷ୍ଣ ପୁରୋହିତ କହିଛନ୍ତି।



# ଜବାହର ନବୋଦୟ ବିଦ୍ୟାଳୟର ବାର୍ଷିକୋତ୍ସବ

**ପାଇକମାଲ, ୨୯।୪(ସମିସ):** ପାଇକମାଲ ଜବାହର ନବୋଦୟ ବିଦ୍ୟାଳୟରେ ବାର୍ଷିକୋତ୍ସବ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଏହି ମାଟିର ବୀର ପୁରୁଷମାନଙ୍କ କଥା କହିବା ସହିତ ପ୍ରେରଣାଦାୟକ ଉଦ୍‌ବୋଧନ ଦେଇଥିଲେ। ଅନ୍ୟତମ ମୁଖ୍ୟଅତିଥି ସନ୍ଥ ସଦନ ତିୱାରୀ ଯୋଗଦେଇ ତାଙ୍କର ଭାଷଣ ମାଧ୍ୟମରେ ବିଦ୍ୟାଳୟ ପରିସରରେ ଏକ ଭକ୍ତିମୂଳକ ପରିବେଶ ସୃଷ୍ଟି କରିଥିଲେ। ଆରକ୍ଷୀ ଅଧିକ୍ଷକ ପ୍ରହ୍ଲାଦ ସହାଇ ମୀନା ଯୋଗଦେଇ ପିଲାମାନଙ୍କୁ ଭବିଷ୍ୟତର ଲକ୍ଷ୍ୟ ନିର୍ଦ୍ଧାରଣ ସମ୍ପର୍କରେ ବାର୍ତ୍ତା ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଭାବରେ ଅଞ୍ଚଳ କଲେଜ ପଦମପୁରର ଅଧ୍ୟକ୍ଷ ଖଗେଶ୍ୱର ଦାସ ପିଲାମାନଙ୍କୁ ଭବିଷ୍ୟତ ଗଢ଼ିବା ସହିତ ପରିବେଶ ସୁରକ୍ଷା ସମ୍ପର୍କରେ ଆଲୋଚନା କରିଥିଲେ। ପାଇକମାଳ ଜବାହର ନବୋଦୟ ବିଦ୍ୟାଳୟର ଉପାଧ୍ୟକ୍ଷ ଅରବିନ୍ଦ ପାତ୍ର ମହୋଦୟ ବାର୍ଷିକ ବିବରଣୀ ପାଠ କରିବା ସହିତ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ କିଭଳି ଶିକ୍ଷା, ଖେଳ ଓ ଅନ୍ୟାନ୍ୟ କ୍ଷେତ୍ରରେ ସାରା ଭାରତରେ ବରଗଡ଼ ନବୋଦୟର ନାମକୁ ଆଗକୁ ନେଉଛନ୍ତି ସେ ବିଷୟରେ ଆଲୋକପାତ କରିଥିଲେ। ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପ୍ରସ୍ତୁତ ଓଡ଼ିଶୀ ନୃତ୍ୟ, ସମ୍ବଲପୁରୀ ନୃତ୍ୟ, ମାହାରୀ ନୃତ୍ୟ ଓ ସଙ୍ଗୀତ ଦର୍ଶକମାନଙ୍କୁ ମୋହିତ କରିଥିଲା। ଶିକ୍ଷା, କ୍ରୀଡ଼ା ଓ ସାହିତ୍ୟ କ୍ଷେତ୍ରରେ ସଫଳତା ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଅଭିଭାବକ ଓ ସ୍ଥାନୀୟ ନାଗରିକମାନଙ୍କର ବ୍ୟାପକ ଉପସ୍ଥିତି କାର୍ଯ୍ୟକ୍ରମକୁ ଅଧିକ ସୁସଜ୍ଜିତ କରିଥିଲାବେଳେ ବିଦ୍ୟାଳୟର ଶିକ୍ଷକ ସୁରେଶ କୁମାର ମିଶ୍ର ଓ ପ୍ରଦୀପ କୁମାର ସୁର ମଞ୍ଚ ପରିଚାଳନା କରିଥିଲେ। ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ବଡ଼ଦେବ ମେହେର ଧନ୍ୟବାଦ ଜ୍ଞାପନ କରିଥିଲେ।

# ରାସ୍ତାରେ ଦୁର୍ବୃତ୍ତଙ୍କ ଆତଙ୍କରାଜ

**ରାଉରକେଲା, ୨୯।୪ (ସମିସ):** ସହରର ମୁଖ୍ୟ ରାସ୍ତାରେ ଜଣେ ଦୁର୍ବୃତ୍ତ ମାରଣାସ୍ତ୍ର ଧରି ଆତଙ୍କ ଖେଳାଇଥିଲା। ପୁଲିସ ପହଞ୍ଚି ଯିବାରୁ ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲା। ରଘୁନାଥପାଲି ଥାନା ଅନ୍ତର୍ଗତ ଏସଟିଆଇ ଛକଠାରେ ବୁଧବାର ଏଭଳି ଘଟଣା ଦେଖିବାକୁ ମିଳିଛି। ସୂଚନା ମୁତାବକ, ଜଣେ ଯୁବକ ହାତରେ ମାରଣାସ୍ତ୍ର ଧରି ସେଠାରେ ବୁଲୁ ଥିଲା। ଏହି ଦୃଶ୍ୟ ଦେଖି ଲୋକେ ଭୟଭୀତ ହୋଇ ପଡ଼ିଥିଲେ। ପୁଲିସ ଟିମ୍ ପହଞ୍ଚି ତାକୁ କାବୁ କରିବାକୁ ଚେଷ୍ଟା କରିଥିଲା। ହେଲେ କେବଳ ମାରଣାସ୍ତ୍ର ଜବତ କରିବାରେ ସକ୍ଷମ ହୋଇଥିଲେ। ସୁଯୋଗ ଦେଖି ଦୁର୍ବୃତ୍ତ ଜଣକ ଫେରାର ହୋଇ ଯାଇଥିଲା। ପୁଲିସ ଘଟଣାର ତଦନ୍ତ ଜାରି ରଖିଛି।

## ଜିଲ୍ଲା ପରାମର୍ଶଦାତା କମିଟି ବୈଠକ

# ବେଦାନ୍ତ ଡାଇଗ୍ନୋଷ୍ଟିକ୍ ସେଣ୍ଟରରେ ଅଲ୍‌ଟ୍ରାସାଉଣ୍ଡ ଅନୁମତି ନେଇ ଆଲୋଚନା

**ଝାରସୁଗୁଡ଼ା, ୨୯।୪(ସମିସ):** ପିସି ଏବଂ ପିଏନ୍‌ଡିଟିକୁ ନେଇ ଜିଲ୍ଲା ପରାମର୍ଶଦାତା କମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଗର୍ଭବତୀଙ୍କୁ କିପରି ସହଜ ଓ ସୁବିଧା ଉପାୟରେ ପରୀକ୍ଷା ଯୋଗାଇ ଦିଆଯିବ ସେ ବିଷୟରେ ଆଲୋଚନା ହୋଇଥିଲା। ବେଦାନ୍ତ ଡାଇଗ୍ନୋଷ୍ଟିକ୍ ସେଣ୍ଟରରେ ଗର୍ଭବତୀ ଏବଂ ମହିଳାମାନଙ୍କର ଅଲ୍‌ଟ୍ରାସାଉଣ୍ଡ ପରୀକ୍ଷା ନିମନ୍ତେ ଅନୁମତି ପ୍ରଦାନ କରିବା ଉପରେ ବୈଠକରେ ଆଲୋଚନା ହୋଇଥିଲା। ଏ ବିଷୟରେ ବେଦାନ୍ତ ସହିତ ଜିଲ୍ଲାପାଳ କଥା ହୋଇ ନିଷ୍ପତ୍ତି ନେବେ ବୋଲି କହିଥିଲେ। ବୈଠକରେ ଜିଲ୍ଲାପାଳଙ୍କ ସମେତ ଝାରସୁଗୁଡ଼ା ଜିଲା ମୁଖ୍ୟ ଏବଂ ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ଏସଏସ ସେଠ, ପିସି ଏବଂ ପିଏନ୍‌ଡିଟିର ଜିଲ୍ଲା ନୋଡାଲ ଅଧିକାରୀ ଦୁର୍ଯ୍ୟୟ କୁମାର ଦତ୍ତ, ଶିଶୁରୋଗ ବିଶେଷଜ୍ଞ ଡ. ଲତିକା କିଶାନ, ପ୍ରସୂତି ବିଭାଗ ବିଶେଷଜ୍ଞ ଡ. ମାଧୁରୀ ପଟେଲ, ମେଡ଼ିସିନ ବିଶେଷଜ୍ଞ ଡ. ବିଭୂଦତ୍ତ ମହାନ୍ତି, ପିପି ନିନେନ୍ଦୁ ରଞ୍ଜନ ଦାସ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରିତାକାନ୍ତି ବଳିୟାରସିଂହ, ସେହେଡ଼ାର ନିର୍ଦ୍ଦେଶିକା ଆନନ୍ଦିନୀ ପାଢ଼ୀ, ସେବା ଏନ୍‌ଜିଓର ସମ୍ପାଦକ ସୁଶିଲ କୁମାର ଦାଶ, ପବିତ୍ର ଆତ୍ମା ସେବିକା ସଂଘର ସଭାପତି ବିନ୍ଦୁ ମଥୁ ପ୍ରମୁଖ ଉପସ୍ଥିତ ଥିଲେ।



## ଜିଲ୍ଲା ସଡ଼କ ସୁରକ୍ଷା କମିଟି ବୈଠକ

# ଦୁର୍ଘଟଣା ଓ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ କଡ଼ା ପଦକ୍ଷେପ

**ଝାରସୁଗୁଡ଼ା, ୨୯।୪(ସମିସ)**

ଝାରସୁଗୁଡ଼ା ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ଜିଲ୍ଲାପାଳ କାର୍ଯ୍ୟାଳୟ ସ୍ଥିତ ଡିଏମ୍ଏଫ୍ କନଫରେନ୍ସ ହଲ୍‌ଠାରେ ଜିଲ୍ଲା ସଡ଼କ ସୁରକ୍ଷା କମିଟିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ସହରର ଟ୍ରାଫିକ୍ ବ୍ୟବସ୍ଥା, ଦୁର୍ଘଟଣା ରୋକିବା ଏବଂ ପରିବେଶ ସୁରକ୍ଷାକୁ ନେଇ ଏଥିରେ କେତେକ ଦୃଢ଼ ନିଷ୍ପତ୍ତି ନିଆଯାଇଛି। ରାସ୍ତାକଡ଼ରେ ବେଆଇନ୍ ଗାଡ଼ି ପାର୍କିଂ କରୁଥିବା ବ୍ୟକ୍ତି ଓ ଚାଳକଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲ୍ଲାପାଳ ଆରଟିଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଶିଳ୍ପାଞ୍ଚଳ ଗୁଡ଼ିକରେ ଧୂଳି ପ୍ରଦୂଷଣ ରୋକିବା ପାଇଁ ସମସ୍ତ ଶିଳ୍ପ ପ୍ରତିଷ୍ଠାନକୁ ନିଜ ନିଜ ଅଞ୍ଚଳର ସଡ଼କ ପାର୍ଶ୍ୱ ସଫା ରଖିବାକୁ କୁହାଯାଇଛି। ଦୁର୍ଘଟଣା ରୋକିବାକୁ ଆରଟିଓ ଅଫିସ୍‌ରୁ କଣ୍ଟାପାଲି ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଏବଂ ପ୍ରସନ୍ନ ପଣ୍ଡା ଚୌକ ପର୍ଯ୍ୟନ୍ତ 'ରମ୍ବଲ ଷ୍ଟ୍ରିପ୍' (ହାର୍ଡ ପ୍ଲାଷ୍ଟିକ୍ ସ୍ପିଡ୍‌ବ୍ରେକର୍) ଲଗାଇବାକୁ ନିଷ୍ପତ୍ତି ହୋଇଛି। ଏନ୍ଏଚ୍ଏଆଇକୁ ଆସନ୍ତା ୧୦ ଦିନ ମଧ୍ୟରେ ଏହି କାର୍ଯ୍ୟ ଶେଷ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ରାସ୍ତାରେ ଖରାପ ହୋଇ ପଡ଼ି ରହୁଥିବା ଗାଡ଼ିଗୁଡ଼ିକୁ ତୁରନ୍ତ ହଟାଇବା ପାଇଁ ଓଏମପିଏଲ୍ କର୍ତ୍ତୃପକ୍ଷ ଜଣେ ଦାୟିତ୍ୱସମ୍ପନ୍ନ ବ୍ୟକ୍ତିଙ୍କ ନମ୍ବର ଆରଟିଓଙ୍କୁ ପ୍ରଦାନ କରିବେ, ଯାହାଦ୍ୱାରା ତୁରନ୍ତ ହାଇଡ୍ରା (କ୍ରେନ୍) ସେବା ଯୋଗାଇ ଦିଆଯାଇପାରିବ। ଜିଲ୍ଲାର ବଡ଼ ବଡ଼ କମ୍ପାନି ଯଥା ବେଦାନ୍ତ, ଏମସିଏଲ୍ ଏବଂ ଓପିଜିସିକୁ ନିଜ ପରିସର ମଧ୍ୟରେ ଶ୍ରମିକ ଓ କର୍ମଚାରୀଙ୍କ ପାଇଁ 'କୁଲିଂ ସେଡ୍' ନିର୍ମାଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହାର ଯାଞ୍ଚ ପାଇଁ ଆରଟିଓ କର୍ମଚାରୀମାନେ ପ୍ଲାଣ୍ଟ ପରିଦର୍ଶନ କରିବେ। ବ୍ରଜରାଜନଗର ଟ୍ରକ୍ ଟର୍ମିନାଲକୁ କାର୍ଯ୍ୟକ୍ଷମ କରିବା ପାଇଁ ଏନ୍‌ଜିଓମାନଙ୍କୁ ନିୟୋଜିତ କରିବାକୁ ପୌରପାଳିକା ନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହ ଫି' ସଂଗ୍ରହ ପାଇଁ ଏକ ସ୍ୱତନ୍ତ୍ର ବ୍ୟାଙ୍କ ଆକାଉଣ୍ଟ ଖୋଲିବାକୁ ମଧ୍ୟ କୁହାଯାଇଛି। ଏହି ବୈଠକରେ ଜିଲ୍ଲାର ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ନିଜ ନିଜର ମତାମତ ରଖିଥିଲେ। ଲୋକଙ୍କ ସୁରକ୍ଷା ଓ ସହରର ଶୃଙ୍ଖଳା ରକ୍ଷା କରିବା ଦିଗରେ ଏହି ସମସ୍ତ ନିଷ୍ପତ୍ତି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ଜିଲ୍ଲାପାଳ ପ୍ରକାଶ କରିଛନ୍ତି।



ସକାଳ
THE SAKALA
www.sakalaepaper.com

# ସମ୍ପୂର୍ଣ୍ଣା

ଗୁରୁବାର
୩୦ ଏପ୍ରିଲ,
୨୦୨୬


## ଆଜିର ରାଶିଫଳ

**ମେଷ:** ବରିଷ୍ଠ ଅଧିକାରୀ ଆପଣଙ୍କ କାର୍ଯ୍ୟରେ ଖୁସି ହେବେ। ବ୍ୟବସାୟରେ ସମସ୍ୟା ଦେଖା ଦେବ। କୌଣସି କଥାକୁ ନେଇ ଚିନ୍ତାରେ ରହିବେ। ନୂଆ କାମରେ ପରିବାରର ସହଯୋଗ ମିଳିବ।

**ବୃଷ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। କାର୍ଯ୍ୟରେ ପଦୋନ୍ନତି ସମ୍ଭାବନା ରହିବ। ଛାତ୍ରଛାତ୍ରୀଙ୍କୁ ଶୁଭଫଳ ମିଳିବ। ଅଟକି ରହିଥିବା କାର୍ଯ୍ୟ ପୂରା ହେବ। ଘରେ ପୂଜାପାଠ ଆୟୋଜନ କରିବେ।

**ମିଥୁନ:** ନିଜ ଦାୟିତ୍ୱ ସୁଚାରୁରୂପେ ତୁଲାଇବେ। ଧନ ବ୍ୟୟର ଯୋଗ ରହିଛି। ଭାଇ, ଭଉଣୀଙ୍କ ମନୋମାଳିନ୍ୟ ଦୂର ହେବ। ରାଜନୀତିରେ ସଫଳତା ମିଳିବ।

**କର୍କଟ:** ଚାକିରିଆଙ୍କୁ ଧନ ପ୍ରାପ୍ତି ଯୋଗ ଅଛି। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ଯାନବାହନ କିଣିପାରନ୍ତି। କୌଣସି ଇଚ୍ଛା ପୂରଣ ହେବ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ।

**ସିଂହ:** ଦୂର ସ୍ଥାନକୁ ଯାତ୍ରା କରିବେ। ନୂଆ ଲୋକଙ୍କ ସହ ସମ୍ପର୍କ ଘନିଷ୍ଠ ହେବ। ଅଧିକ ଖର୍ଚ୍ଚାନ୍ତ ହେବେ। ଛାତ୍ରଛାତ୍ରୀ ବିଦେଶ ଯାତ୍ରା କରିବେ।

**କନ୍ୟା:** ବନ୍ଧୁଙ୍କ ସହାୟତାରେ ଆୟର ନୂଆ ମାର୍ଗ ଉନ୍ମୁକ୍ତ ହେବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ପୂଜାପାଠରେ ସାମିଲ ହେବେ। ପ୍ରେମ ଜୀବନରେ ମଧୁରତା ଆସିବ।

**ତୁଳା:** ପୈତୃକ ସମ୍ପତ୍ତିରେ ବିବାଦ ଦେଖା ଦେବ। ପୂର୍ବରୁ କରିଥିବା ନିବେଶରୁ ଲାଭ ମିଳିବ। ସରକାରୀ କ୍ଷେତ୍ରରେ ସଫଳତା ମିଳିବ। ଜୀବନସାଥୀଙ୍କ ସହଯୋଗ ମିଳିବ।

**ବିଛା:** ବ୍ୟାଙ୍କ ଚାକିରିଆଙ୍କୁ କୌଣସି ଖୁସି ଖବର ମିଳିବ। ପିଲାଙ୍କ ସହ ସମୟ ଅତିବାହିତ କରିବେ। ପରିବାର ସହ କୌଣସି ସ୍ଥାନକୁ ବୁଲିବାକୁ ଯିବେ। ସ୍ୱାସ୍ଥ୍ୟରେ ସୁଧାର ହେବ।

**ଧନୁ:** ଅର୍ଥ ସଞ୍ଚୟ କରିବେ। ଭବିଷ୍ୟତର କୌଣସି ଯୋଜନାକୁ ନେଇ ଚିନ୍ତାରେ ରହିବେ। ପାରିବାରିକ ଜୀବନ ସୁଖମୟ ହେବ। ଘରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ।

**ମକର:** ସମୟ ପୂର୍ବରୁ କାର୍ଯ୍ୟ ଶେଷ କରିବେ। ବ୍ୟବସାୟରେ ପରିବର୍ତ୍ତନ ଆଣିବା ଲାଗି ଘରର ଗୁରୁଜନଙ୍କ ସହ ଆଲୋଚନା କରିବେ। ଜମି କିଣାବିକାକୁ ନେଇ ନୂଆ ଯୋଜନା କରିବେ।

**କୁମ୍ଭ:** ପ୍ରେମ ଜୀବନରେ ପ୍ରଗାଢ଼ତା ଆସିବ। ଭବିଷ୍ୟତ ଲାଗି ଅର୍ଥ ନିବେଶ କରିବେ। ଛାତ୍ରଛାତ୍ରୀ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତି କରିବେ। ପଡ଼ୋଶୀଙ୍କ ସହ ମତାନ୍ତର ଦେଖା ଦେବ।

**ମୀନ:** ଭଜନ, କୀର୍ତ୍ତନରେ ସାମିଲ ହେବେ। କୌଣସି କାମରେ ପରିବାରର ସହଯୋଗ ମିଳିବ। ବିରୋଧୀଙ୍କଠାରୁ ଦୂରତ୍ୱ ରକ୍ଷା କରିବେ।

## ଆଜିର ଇତିହାସ

- ୧୫୯୮- ଆମେରିକାରେ ପ୍ରଥମ ଥର ଥିଏଟର୍‌ର ଆୟୋଜନ କରାଗଲା।
- ୧୭୮୯- ଜର୍ଜ ୱାଶିଂଟନ୍ ଆମେରିକାର ପ୍ରଥମ ରାଷ୍ଟ୍ରପତି ଭାବେ ନିର୍ବାଚିତ ହେଲେ।
- ୧୯୪୫- ଜର୍ମାନର ଏକଛତ୍ରବାଦୀ ନେତା ହିଟଲର୍ ତାଙ୍କ ପତ୍ନୀ ଇଭା ବ୍ରାଉନ୍‌ଙ୍କ ସହ ଆତ୍ମହତ୍ୟା କରିଥିଲେ।
- ୧୯୭୫- ଭିଏତନାମ ଯୁଦ୍ଧର ଅନ୍ତ ଘଟିଲା।
- ୨୦୧୨- ବ୍ରହ୍ମପୁତ୍ର ନଦୀରେ ନୌକା ବୁଡ଼ି ଯିବାରୁ ଅତିକମ୍‌ରେ ୧୦୩ ଲୋକଙ୍କ ମୃତ୍ୟୁ ହୋଇଥିଲା।

# ଆସିବ 'ତାଲ୍-୨'



ସୋ ମ୍ୟାନ୍ ସୁଭାଷ ଘାଇ ୧୯୯୯ ମସିହାରେ 'ତାଲ୍' ଫିଲ୍ମ ଆଣିଥିଲେ। 'ତାଲ୍' ବଲିଉଡ୍‌ର ଏକ ଆଇକନିକ୍ ଫିଲ୍ମ ଭାବେ ଜଣାଯାଏ। ସେହିଭଳି ଏହି ଫିଲ୍ମ ପରେ ଅକ୍ଷୟ ଖାନ୍ନା ଓ ଐଶ୍ୱର୍ଯ୍ୟା ରାୟଙ୍କ ଯୋଡ଼ି ବଲିଉଡ୍‌ର ଏକ ସଫଳ ଯୋଡ଼ି ଭାବେ ପରିଗଣିତ ହୋଇଥିଲା। କିଛି ଦିନ ପୂର୍ବରୁ ସୁଭାଷ ସାମାଜିକ ଗଣମାଧ୍ୟମରେ 'ତାଲ୍' ସହ ଜଡ଼ିତ ଏକ ପୋଷ୍ଟ ସେୟାର୍ କରି 'ତାଲ୍ ୨' କ'ଣ ନିର୍ମାଣ କରିବା ଦରକାର ବୋଲି ଦର୍ଶକଙ୍କୁ ପ୍ରଶ୍ନ ପଚାରିଥିଲେ। ଦର୍ଶକେ (ବିଶେଷକରି ଜେନ୍ ଜେଡ୍) ସୁଭାଷଙ୍କୁ 'ତାଲ୍ ୨' ଆଣନ୍ତୁ ବୋଲି କହିଥିଲେ। ଏହାପରେ ସେ ଏହି ଫିଲ୍ମ ନିର୍ମାଣ ପାଇଁ ଚିନ୍ତା କରିଥିଲେ। ନିକଟରେ ସୁଭାଷ ଗଣମାଧ୍ୟମକୁ ଦେଇଥିବା ଏକ ସାକ୍ଷାତକାରରେ କହିଛନ୍ତି ଯେ, 'ତାଲ୍ ୨'ର କାହାଣୀ ପାଖାପାଖି ସରି ଆସିଲାଣି। ଏବେ ଏହି ଫିଲ୍ମ ନିର୍ମାଣ କରିବାର ସମୟ ଆସିଯାଇଛି। 'ତାଲ୍' ଫିଲ୍ମ ନିର୍ମାଣ ବେଳେ ଅକ୍ଷୟ ଓ ଐଶ୍ୱର୍ଯ୍ୟା ଇଣ୍ଡଷ୍ଟ୍ରୀରେ ନୂଆ ଥିବାରୁ ଏହି ଯୋଡ଼ିକୁ ଦର୍ଶକେ ଖୁବ୍ ପସନ୍ଦ କରିଥିଲେ। ଅନୀଲ କପୁରଙ୍କ ଅଭିନୟ ବି ଦର୍ଶକଙ୍କ ହୃଦୟକୁ ଛୁଇଁ ଥିଲା। ଗୋଟିଏ ଭଲ କାହାଣୀ ଲେଖିବା ପରେ କଳାକାର ଚୟନ ଗୁରୁତ୍ୱପୂର୍ଣ୍ଣ ବିଷୟ ହୋଇଥାଏ। ମୋର ଯେଉଁ ଫିଲ୍ମଗୁଡ଼ିକ ଚାଲି ନାହିଁ ତାର ମୁଖ୍ୟ କାରଣ କଳାକାର ଚୟନରେ ମୁଁ ଭୁଲ୍ କରିଛି।' ଏହାସହ ସୁଭାଷ 'ତାଲ୍ ୨'ରେ ଅନୀତ ପଡ୍ଡା ଓ ଅହାନ୍ ପାଣ୍ଡେଙ୍କୁ କାଷ୍ଟ କରିବା ଉପରେ ମଧ୍ୟ ଉତ୍ତର ରଖିଛନ୍ତି। ସେ କହିଛନ୍ତି, 'ସୈୟାରା' ଫିଲ୍ମ ମୋତେ ଭଲ ଲାଗିଥିଲା। କାରଣ ଏଥିରେ ଦୁଇଜଣ ନବାଗତ କଳାକାର ଥିଲେ। ଏହି ଦୁଇ କଳାକାର ଏବେ ଷ୍ଟାର୍ ହୋଇ ସାରିଛନ୍ତି। 'ତାଲ୍ ୨'ର ଚରିତ୍ରଗୁଡ଼ିକ ଦର୍ଶକଙ୍କୁ ନୂଆ ଲାଗିବା ଦରକାର।' ଏଠାରେ ପ୍ରକାଶଥାଉ କି, ଅକ୍ଷୟ ଖାନ୍ନା, ଐଶ୍ୱର୍ଯ୍ୟା ରାୟ ଓ ଅନୀଲ କପୁରଙ୍କ ଅଭିନୀତ 'ତାଲ୍' ଏହାର ବଳିଷ୍ଠ କାହାଣୀ ଓ ସାନଦାର ସଙ୍ଗୀତ ପାଇଁ ଦର୍ଶକଙ୍କ ହୃଦୟ ଛୁଇଁ ଥିଲା।

# ସ୍ମାର୍ଟ କ୍ୟାପ୍



ଏଣିକି ଗ୍ୟାଜେଟ୍‌କୁ ମସ୍ତିଷ୍କ ଦ୍ୱାରା ନିୟନ୍ତ୍ରଣ କରିବା ପାଇଁ କୌଣସି ସର୍ଜରୀର ଆବଶ୍ୟକତା ପଡ଼ିବ ନାହିଁ। କାଲିଫର୍ଣ୍ଣିଆସ୍ଥିତ ଷ୍ଟାର୍ଟଅପ୍ 'ସାବି' ଏମିତି ଏକ ସ୍ମାର୍ଟ କ୍ୟାପ୍‌କୁ ପରିଚିତ କରାଇଛି, ଯଦ୍ୱାରା କି-ବୋର୍ଡକୁ ସ୍ପର୍ଶ ନ କରି କେବଳ ଚିନ୍ତା କରିବା ମାତ୍ରେ ମନରେ ଆସୁଥିବା ଶବ୍ଦଗୁଡ଼ିକ ଟାଇପ୍ ହୋଇଯିବ। ଏହି କ୍ୟାପ୍ ମସ୍ତିଷ୍କର ସିଗ୍‌ନାଲ ପଢ଼ିବ ଏବଂ ଚିନ୍ତା କରିବା ମାତ୍ରେ ଏହା କାମ କରିବାକୁ ଲାଗିବ। ସାବିର ଏହି ଟେକ୍ନିକ୍ ଇଲେକ୍ଟ୍ରୋଏନ୍‌ସୋଫାଲୋଗ୍ରାମ୍ (ଇଇଜି) ଉପରେ ଆଧାରିତ। ସରଳ ଭାଷାରେ କହିଲେ, ଏଥିରେ ମସ୍ତିଷ୍କ ଉପରେ କିଛି ସେନ୍‌ସର୍ ଲଗାଯାଏ ଓ ଏହା ମସ୍ତିଷ୍କର ବୈଦ୍ୟୁତିକ କାର୍ଯ୍ୟକଳାପଗୁଡ଼ିକ ରେକର୍ଡ କରିଥାଏ। ତେବେ ହସ୍ପିଟାଲରେ ବ୍ୟବହାର ହେଉଥିବା ଇଇଜି ମେସିନ୍‌ରେ ଅଳ୍ପ କିଛି ସେନ୍‌ସର୍ ଥାଏ। ହେଲେ ସାବି ଦାବି କରିଛି ଯେ, ଏହି ସ୍ୱତନ୍ତ୍ର କ୍ୟାପ୍‌ରେ ଦଶ ହଜାରରୁ ଅଧିକ ସେନ୍‌ସର୍ ରହିଛି, ଯଦ୍ୱାରା ମସ୍ତିଷ୍କର ସଙ୍କେତଗୁଡ଼ିକୁ ଅଧିକ ସଠିକତାର ସହ ଚିହ୍ନଟ କରିହେବ। ଏନେଇ କମ୍ପାନିର କହିବା କଥା, ପ୍ରାରମ୍ଭିକ ପର୍ଯ୍ୟାୟରେ ଏହାକୁ ମଣିଷର ଚିନ୍ତାଧାରାକୁ ଟେକ୍ସଟ୍‌ରେ ରୂପାନ୍ତରିତ କରିବା ନିମନ୍ତେ ବ୍ୟବହାର କରାଯିବ। ଏହାର ଅର୍ଥ ହେଉଛି ସ୍କ୍ରିନ୍ ଉପରେ କିଛି ଲେଖିବା ପାଇଁ କି-ବୋର୍ଡ ଆଉ ବ୍ୟବହାର କରିବାକୁ ପଡ଼ିବ ନାହିଁ। କେବଳ ଜଣେ ଯାହା ଚିନ୍ତା କରିବ, ସେହି ଶବ୍ଦଗୁଡ଼ିକ ସ୍କ୍ରିନ୍‌ରେ ଆପେ ଆପେ ଟାଇପ୍ ହୋଇଯିବ। ଏହାର ପ୍ରାରମ୍ଭିକ ବେଗ ପ୍ରତି ମିନିଟ୍‌କୁ ୩୦ ଶବ୍ଦ ରହିବ ବୋଲି କୁହାଯାଉଛି। ଯଦିଓ ଏହି ସ୍ପିଡ୍ ଏବେ କମ୍ ଲାଗୁଛି, ତଥାପି ଏଆଇ ଦ୍ୱାରା ଭବିଷ୍ୟତରେ ଏହାର ବେଗ ଆହୁରି ବଢ଼ିଯିବ। ଭବିଷ୍ୟତରେ ଏହି ଟେକ୍ନିକ୍ ମାଧ୍ୟମରେ କେବଳ ଲୋକେ ଚିନ୍ତା କରି ମୋବାଇଲ ଆପ୍ ଏବଂ ସ୍ମାର୍ଟ ଡିଭାଇସ୍‌କୁ ପୂରାପୂରି ନିୟନ୍ତ୍ରଣ କରିପାରିବେ। ସାବି ଏହି କ୍ୟାପ୍‌କୁ ଚଳିତ ବର୍ଷ ଶେଷ ସୁଦ୍ଧା ବଜାରକୁ ଆଣିବାକୁ ଚେଷ୍ଟା ଚଳାଇଛି। ଅବଶ୍ୟ ଏହାର ଦାମ୍ କେତେ ରହିବ, ସେ ସମ୍ପର୍କରେ କିଛି ସ୍ପଷ୍ଟ କରାଯାଇ ନାହିଁ।

## ଏମିତି ଏକ ବିବାହ

# ଯୌତୁକରେ ମାଟି ପାତ୍ର



ରାଜସ୍ଥାନ ବାଡମେରରେ ନିକଟରେ ଏକ ନିଆରା ବିବାହ ଦେଖିବାକୁ ମିଳିଛି। ଏହି ବିବାହରେ ପରିବେଶ ସୁରକ୍ଷା ଏବଂ ଜୀବେଦୟାର ବାର୍ତ୍ତା ଦିଆଯାଇଥିଲା। ପରିବେଶ ପ୍ରେମୀ ନରପତ ସିଂହ ରାଜପୁରୋହିତ ଭାଣିଜୀ ଅଞ୍ଜୁ କଓ୍ୱର ବିବାହରେ ଏହି ଜୀବେଦୟାର ବାର୍ତ୍ତା ଦେଇଛନ୍ତି। ନରପତ ଭାଣିଜୀଙ୍କୁ ବିବାହରେ ସୁନା ରୁପା ଅଳଙ୍କାର ବଦଳରେ ଉପହାରରେ ପକ୍ଷୀଙ୍କ ପିଇବା ପାଇଁ ୫୦୧ଟି ମାଟି ପାତ୍ର ଦେଇଛନ୍ତି। ପ୍ରବଳ ଖରାରେ ନିରୀହ ପକ୍ଷୀ ବିଶେଷକରି ବିଲୁପ୍ତ ହେଉଥିବା ଘରଚଟିଆଙ୍କୁ ଜଳଦାନ କରିବା ଏହି ପଦକ୍ଷେପର ମୁଖ୍ୟ ଉଦ୍ଦେଶ୍ୟ। ବର ପ୍ରବୀଣ ସିଂହ ରାଜପୁରୋହିତ ଏବଂ କନିଆ ଅଞ୍ଜୁ କଓ୍ୱର ଏହି ଅନନ୍ୟ ଉପହାରକୁ ଖୁସିର ସହିତ ଗ୍ରହଣ କରିଛନ୍ତି। ବରକନିଆଙ୍କ ସମେତ ବରଯାତ୍ରୀମାନଙ୍କୁ ମଧ୍ୟ ସେ ଏହାକୁ ଦେବା ସହ ନିୟମିତ ଏଥିରେ ପାଣି ରଖିବା ପାଇଁ ସଂକଳ୍ପ କରାଇଥିଲେ। ଏନେଇ ନବଦମ୍ପତି କହିଛନ୍ତି ଯେ, ପଶୁପକ୍ଷୀଙ୍କ ପ୍ରତି କରୁଣା ସହିତ ପରିବେଶକୁ ସୁରକ୍ଷା ଦେବା ପାଇଁ ଦୃଢ଼ ପଦକ୍ଷେପ ନେବା ଆବଶ୍ୟକ। ଆମ ଜୀବନର ସବୁଠୁ ଭଲ ଦିନରେ ଏହି ସୁଯୋଗ ମିଳିଥିବାରୁ ଆମେ ସୌଭାଗ୍ୟ ମନେ କରୁଛୁ। ଏହି ନିଆରା ପ୍ରୟାସକୁ ଉଭୟ ବର ଓ କନିଆ ପକ୍ଷ ସମର୍ଥନ କରିଥିଲେ। ତେବେ ଯୌତୁକ ଜୁଇରେ ପ୍ରତିଦିନ ନିରୀହ ଝିଅମାନଙ୍କ ଜୀବନ ଚାଲିଯାଉଥିବାବେଳେ ଏଭଳି ପ୍ରୟାସ ସମାଜକୁ ଜୀବେ ଦୟା ଏବଂ ପରିବେଶ ସୁରକ୍ଷା ପାଇଁ ବାର୍ତ୍ତା ପ୍ରଦାନ କରିଛି।

# ଫେସ୍ ୱାକ୍ସିଙ୍ଗ୍

**ତ୍ୱଚାରୁ ଫେସିଆଲ୍ ହେୟାର୍ ଏବଂ ଡେଡ୍ ସ୍କିନ୍ କାଢ଼ିବା ପାଇଁ ମହିଳାମାନେ ବିଭିନ୍ନ ଦାମୀ ପ୍ରସାଧନ ଲଗାଇଥାନ୍ତି। ହେଲେ ସବୁବେଳେ କେମିକାଲ ଜିନିଷ ଲଗାଇଲେ ତ୍ୱଚାରେ ଏହାର କ୍ଷତିକାରକ ପ୍ରଭାବ ପଡ଼ିଥାଏ। ଏପରି ସ୍ଥଳେ ଘରୋଇ ଜିନିଷକୁ ଉପଯୋଗ କରି ଫେସିଆଲ୍ ହେୟାର କାଢ଼ିପାରିବେ।**

### ପ୍ରସ୍ତୁତି

ଏଥିପାଇଁ ଏକ ପାତ୍ରରେ ପାଣି ନେଇ ଚାଉଳ ସହ ଚିନି ପକାଇ ଫୁଟାନ୍ତୁ। ବହଳିଆ ହୋଇଗଲେ ଗ୍ୟାସ୍ ବନ୍ଦ କରି ଥଣ୍ଡା କରନ୍ତୁ। ଏହାକୁ ଏକ ମିକ୍ସର ଗ୍ରାଇଣ୍ଡର୍ ଦେଇ ଗ୍ରାଇଣ୍ଡ କରନ୍ତୁ। ଏହାପରେ ଅଳ୍ପ ଲେମ୍ବୁରସ, ନଡ଼ିଆ ତେଲ ମିଶାଇ ଘାଣ୍ଟନ୍ତୁ।

### ଲଗାଇବା ବିଧି

ଏଥିପାଇଁ ପ୍ରଥମେ ତ୍ୱଚାକୁ ସଫା କରି ଏହି ପେଷ୍ଟକୁ ଲଗାନ୍ତୁ। ଏହାକୁ ହାଲୁକା ହାତରେ ତ୍ୱଚାରେ ମସାଜ୍ କରନ୍ତୁ। ୫ ରୁ ୧୦ ମିନିଟ୍ ମସାଜ୍ କରିବା ପରେ ପାଣିରେ ଧୋଇ ଦିଅନ୍ତୁ। ପରେ ମଏଶ୍ଚରାଇଜର୍ ଲଗାଇ ତ୍ୱଚାକୁ ହାଇଡ୍ରେଟ୍ ରଖନ୍ତୁ।



### ଧ୍ୟାନ ରଖିବେ

ଏହି ପେଷ୍ଟ ଲଗାଇ ତ୍ୱଚାକୁ ଜୋର୍‌ରେ ରଗଡ଼ନ୍ତୁ ନାହିଁ। ସେହିପରି ସମ୍ବେଦନଶୀଳ ତ୍ୱଚା ଥିଲେ ପ୍ରଥମେ ପ୍ୟାଚ୍ ଟେଷ୍ଟ କରନ୍ତୁ। ସପ୍ତାହରେ ଥରେ କିମ୍ବା ଦୁଇଥର ଏହି ପେଷ୍ଟ ଲଗାନ୍ତୁ।

## ହଜିଯାଉଥିବା ସ୍ୱାଦ

# ଆମ୍ବ ଖୁଦ କାଞ୍ଜି



### ଆବଶ୍ୟକ ସାମଗ୍ରୀ

ଖୁଦ – ଏକ କପ୍, କଞ୍ଚା ଆମ୍ବ– ଦୁଇଟି, ଦହି – ଏକ କପ୍, ଫୁଟଣ – ଏକ ଚାମଚ, ସୋରିଷ ରସୁଣ ବଟା – ଏକ ଚାମଚ, କଞ୍ଚା ଲଙ୍କା – ଦୁଇ, ତିନୋଟି, ଭୃସଙ୍ଗ ପତ୍ର – ଦୁଇଟି ଡାଳ, ହଳଦୀଗୁଣ୍ଡ– ଏକ ଚାମଚ, ଲୁଣ – ସ୍ୱାଦ ଅନୁସାରେ, ତେଲ – ଆବଶ୍ୟକତା ଅନୁସାରେ।

### ପ୍ରସ୍ତୁତ ପ୍ରଣାଳି

ଆମ୍ବକୁ ଧୋଇ ଛୋଟ ଖଣ୍ଡରେ କାଟନ୍ତୁ। ଏହାପରେ ଗ୍ୟାସ୍ ଲଗାଇ ଏକ ପାତ୍ରରେ ପାଣି ଦେଇ ଲୁଣ, ହଳଦୀ ପକାଇ ସିଝାନ୍ତୁ। ଆଉ ଏକ ଗ୍ୟାସ୍‌ରେ ହାଣ୍ଡି ବସାଇ ପାଣି ଗରମ କରନ୍ତୁ। ଏହାପରେ ଖୁଦକୁ ଧୋଇ ଫୁଟା ପାଣିରେ ଦିଅନ୍ତୁ। ସିଝିଗଲେ ସିଝା ଆମ୍ବକୁ ଦିଅନ୍ତୁ। ଏହାପରେ ସୋରିଷ ବଟା, ରସୁଣ ଛେଚା ଦେଇ ପାଞ୍ଚ, ସାତ ମିନିଟ୍ ଫୁଟାନ୍ତୁ। ପରେ ଗ୍ୟାସ୍ ବନ୍ଦ କରି ଦିଅନ୍ତୁ। ଏହାପରେ ଫେଣ୍ଟି ରଖିଥିବା ଦହି ଦିଅନ୍ତୁ। ଏକ କଡ଼େଇରେ ତେଲ ଗରମ କରି ଫୁଟଣ, ଶୁଖିଲା ଲଙ୍କା, ତେଜପତ୍ର ଏବଂ କଞ୍ଚାଲଙ୍କା ପକାଇ ଛୁଙ୍କ ଦିଅନ୍ତୁ। ଏହାକୁ କାଞ୍ଜିରେ ମିଶାଇ ଘାଣ୍ଟନ୍ତୁ। ପ୍ରସ୍ତୁତ ହୋଇଗଲା ସ୍ୱାଦିଷ୍ଟ 'ଆମ୍ବ ଖୁଦ କାଞ୍ଜି'।

# ବବ୍‌କଟ୍ ପ୍ରେମରେ ଜେନ୍- ଜି

**ମହିଳାମାନେ ଲମ୍ବା କେଶ ରଖିବାକୁ ପସନ୍ଦ କରୁଥିବାବେଳେ କିଛି ମହିଳା ଏହାକୁ ନା ପସନ୍ଦ କରନ୍ତି। ଏହି କ୍ରମରେ ଏବେ ଜେନ୍ - ଜିଙ୍କ ମଧ୍ୟରେ ବବ୍ ହେୟାରକଟ୍ ଲୋକପ୍ରିୟ ରହିଛି। ଏହା ଷ୍ଟାଇଲିଶ୍ ସହ ଏକ ଭିନ୍ନ ଲୁକ୍ ଦେଇଥାଏ।**



### ଲେୟାର୍ଡ ବବ୍

ସୌନ୍ଦର୍ଯ୍ୟକୁ ଦ୍ୱିଗୁଣା କରିବାକୁ ଚାହୁଁଥିଲେ, ଲେୟାର୍ଡ ବବ୍ କଟ୍ କରିପାରିବେ। ଏହା ସୁନ୍ଦର ଦିଶିବା ସହ ମୁହଁକୁ ଭଲ ମାନିଥାଏ। ସେହିପରି ଏହା କେଶରେ ଭଲ୍ୟୁମ୍ ମଧ୍ୟ ଆଣିଥାଏ।

### ଏ ଲାଇନ୍ ବବ୍

କେଶକୁ ଏକ ସୁନ୍ଦର ଆକାର ଦେବାକୁ ଚାହୁଁଥିଲେ ଏ ଲାଇନ୍ କଟ୍ କରିପାରିବେ। ଏହା ମୁହଁକୁ ପତଳା ଦେଖାଇବା ସହ ଷ୍ଟାଇଲିଶ୍ ଏବଂ ଆକର୍ଷଣୀୟ ଦିଶିଥାଏ।

### କର୍ଲି ବବ୍ କଟ୍

କୁଞ୍ଚୁକୁଞ୍ଚିଆ କେଶକୁ ଛୋଟ କରିବାକୁ ଚାହୁଁଥିଲେ ବବ୍ କଟ୍ କରିପାରିବେ। ଏହି କଟ୍ ତ୍ୱଚାକୁ ସୁନ୍ଦର କରିବା ସହ ଚେହେରାକୁ ଏକ ଭିନ୍ନ ଲୁକ୍ ଦେଇଥାଏ।

### କ୍ଲାସିକ୍

ସୁନ୍ଦର ଆକର୍ଷଣୀୟ ଦିଶିବାକୁ ଚାହୁଁଥିଲେ କ୍ଲାସିକ୍ ହେୟାର୍ କଟ୍ କରିପାରିବେ।

## ସୁଶ୍ରୀ

# ରୁପା ସାଜପୋକରଣରୁ ରୋଜଗାର





**ପିଲାବେଳୁ ଡିଜାଇନର୍ ଜିନିଷ ପ୍ରତି ତାଙ୍କର ରୁଚି ରହିଥିଲା। ଏଥିପାଇଁ ସେ ମୁମ୍ବାଇରେ ଡିଜାଇନିଂ କୋର୍ସ କରିଥିଲେ। ହେଲେ ପସନ୍ଦ ମୁତାବକ ଚାକିରି ନ ମିଳିବାରୁ ସେ ନିଜ ବୁଦ୍ଧି, ସୃଜନଶୀଳତାକୁ ଉପଯୋଗ କରି ସିଲ୍‌ଭର୍ ଡେକୋଟ୍ ନାମକ ଏକ ବ୍ରାଣ୍ଡ ତିଆରି କଲେ। ଏଥିରେ ଘୋଡ଼ା, ସୋ ପିସ୍ ସମେତ ବିଭିନ୍ନ ରୁପା ସାଜପୋକରଣ ପ୍ରସ୍ତୁତ କରି ଆତ୍ମନିର୍ଭରଶୀଳ ହୋଇଛନ୍ତି ରାଞ୍ଚିର ଶ୍ରେୟା। ଏପରି କରି ସେ ନିଜେ ସ୍ୱାବଲମ୍ବୀ ହେବା ସହ ଅନ୍ୟ ମହିଳାଙ୍କୁ ରୋଜଗାରକ୍ଷମ କରିଛନ୍ତି।**

ଝାଡ଼ଖଣ୍ଡ ରାଞ୍ଚିରେ ରହୁଥିବା ଶ୍ରେୟାଙ୍କର, ପିଲାଟି ଦିନରୁ ଘରସଜ୍ଜା ଜିନିଷ ତିଆରିରେ ଆଗ୍ରହ ଥିଲା। ଏଥିପାଇଁ ସ୍କୁଲ ପାଠ୍ୟକ୍ରମ ଶେଷ ହେବା ପରେ ସେ ଏନେଇ ମୁମ୍ବାଇରେ ଡିଜାଇନିଂ କୋର୍ସ କରିଥିଲେ। ପରବର୍ତ୍ତୀ ସମୟରେ ସେ ବିଭିନ୍ନ କମ୍ପାନୀରେ ଚାକିରି ସନ୍ଧାନ କରିଥିଲେ। ହେଲେ ତାଙ୍କ ରୁଚି ଡିଜାଇନ୍, ସୃଜନଶୀଳତା ଅନୁସାରେ ତାଙ୍କୁ କୌଣସି ପ୍ରକାର ଚାକିରି ମିଳି ନଥିଲା। ଫଳରେ ସେ ଚାକିରି ନିଜେ ଡିଜାଇନର ଜିନିଷ ତିଆରି ବ୍ୟବସାୟ କରିବାକୁ ସ୍ଥିର କଲେ। ପରବର୍ତ୍ତୀ ସମୟରେ ସେ ସିଲ୍‌ଭର୍ ଡେକୋଟ୍ ନାମକ ବ୍ରାଣ୍ଡ ତିଆରିଲେ। ଏଥିରେ ପାଞ୍ଚଜଣ କାରିଗରଙ୍କୁ ନିୟୋଜିତ କରି ଭଳିକି ରୂପା ସାଜପୋକରଣ ପ୍ରସ୍ତୁତ କରିଥିଲେ। ଶ୍ରେୟାଙ୍କ କହିବାନୁଯାୟୀ ବିଶେଷ କରି ଧନୀ ଶ୍ରେଣୀ ଲୋକଙ୍କ ମଧ୍ୟରେ ଗୃହସାଜପୋକରଣର ଖୁବ୍ ଚାହିଦା ରହିଛି। ସେମାନେ ଭଳିକି ଭଳି ଡିଜାଇନର୍ କପ୍ ପ୍ଲେଟ୍, ଡାଇନିଙ୍ଗ୍ ସେଟ୍ ଆଦି ଘରେ ରଖିବାକୁ ପସନ୍ଦ କରନ୍ତି। ସେମାନେ ଏହାର ମୂଲ୍ୟ ଦେଖନ୍ତିନି, ବାସ୍ ଜିନିଷ ପସନ୍ଦ ହେବା ଦରକାର। ତେଣୁ ସେ ଏହି ଚିନ୍ତାଧାରାକୁ ନିଜର ଅସ୍ତ୍ର କରିଥିଲେ। ରାଞ୍ଚିରେ ଦୁଇଟି ଦୋକାନ କରି ସେ ଏହି ରୌପ୍ୟସାଜପୋକରଣ ବ୍ୟବସାୟ ଆରମ୍ଭ କଲେ। ଗ୍ରାମ୍ ଅନୁସାରେ ନିର୍ମିତ ପ୍ରତ୍ୟେକ ସୋ ପିସ୍‌ରେ ରୂପା ଗ୍ରାମ ସହ ଏହାର ମୂଲ୍ୟ ଉଲ୍ଲେଖ ଥାଏ। ଏହା ଅନୁଯାୟୀ ଲୋକେ ନିଜ ପସନ୍ଦ ମୁତାବକ ଜିନିଷ ବରାଦ କରନ୍ତି। ଏପରି କରି ସେ ମାସିକ ଲକ୍ଷ ଲକ୍ଷ ଟଙ୍କା ରୋଜଗାର କରୁଛନ୍ତି। ଏଠାରେ ରୂପାର ବିବାହ କାର୍ଡ ମଧ୍ୟ ଉପଲବ୍ଧ। ବିବାହ ପୂର୍ବରୁ ଭଗବାନଙ୍କୁ ସମର୍ପଣ କରିବା ଉଦ୍ଦେଶ୍ୟରେ ଲୋକେ ଏହି ନିଆରା କାର୍ଡ ବରାଦ ଦେଇ ତିଆରି କରନ୍ତି।

# କମ୍ପାକ୍ଟ ପାଉଡର୍‌ର ବ୍ୟବହାର

**ମେକ୍‌ଅପ୍‌କୁ ସୁନ୍ଦର ଏବଂ ଆକର୍ଷଣୀୟ କରିବା ପାଇଁ ଅନେକେ କମ୍ପାକ୍ଟ ପାଉଡର୍ ଲଗାନ୍ତି। ଏହା ମେକ୍‌ଅପ୍ କିଟ୍‌ର ଏକ ଜରୁରି ଜିନିଷ ଭାବେ ଜଣାଯାଏ। ଏହା ବିଶେଷ କରି ମେକ୍‌ଅପ୍ ଶେଷରେ ଲଗାଯାଏ। ତେବେ ଚାହିଁଲେ ଏହାକୁ ଭିନ୍ନ ଉପାୟରେ ମଧ୍ୟ ଲଗାଇପାରିବେ।**

- ଅଧିକାଂଶ ସମୟରେ ଲାଇନର୍ ଲଗାଇବା ପରେ ଏହା ନେସି ହୋଇଯାଏ। ତେଣୁ ଆଖିତଳେ କମ୍ପାକ୍ଟ ପାଉଡର୍ ଲଗାଇ ସେଟ୍ କରିପାରିବେ।
- ବ୍ୟାଗ୍‌ରେ କମ୍ପାକ୍ଟ ପାଉଡର ରଖିବା ଜରୁରି। କାରଣ ଏହା ମଝିରେ ମେକ୍‌ଅପ୍ ଛାଡ଼ିଗଲେ ଟଚ୍‌ଅପ୍ ପାଇଁ କାମରେ ଆସିଥାଏ।
- ଗ୍ଲସି ଲିପ୍‌ଷ୍ଟିକ୍‌କୁ ମ୍ୟାଟ୍ ଲୁକ୍ ଦେବାକୁ ଚାହୁଁଥିଲେ, କମ୍ପାକ୍ଟ ପାଉଡର୍ ଲଗାଇପାରିବେ। ଲିପ୍‌ଷ୍ଟିକ୍ ଲଗାଇବା ପରେ ଏହାକୁ ଲଗାଇ ଏହାକୁ ସେଟ୍ କରିପାରିବେ।
- ଆଖି ମେକ୍‌ଅପ୍ ପାଇଁ କନ୍‌ସିଲର୍ ନ ଥିଲେ କମ୍ପାକ୍ଟ ପାଉଡର୍‌କୁ ଲଗାଇପାରିବେ। ଏହା ସୁନ୍ଦର ଦିଶିବା ସହ ଆଖିକୁ ଏକ ଫିନିଶ୍ ଲୁକ୍ ଦେଇଥାଏ।

# ସନ୍‌ରାଇଜର୍ସର ଦମ୍‌ଦାର ବିଜୟ

## ରିକ୍ଲେଟନ୍‌ଙ୍କ ପ୍ରଥମ ଶତକ ବୃଥା

ମୁମ୍ବଇ, ୨୯ ।୪ (ଏଜେନ୍ସି)

ଚଳିତ ଆଇପିଏଲ୍‌ର ଆଉ ଏକ ହାଇଭୋଲଟେଜ୍ ମ୍ୟାଚରେ ସନରାଇଜର୍ସ ହାଇଦରାବାଦ୍ ୨୪୪ ରନର ବିଶାଳ ଲକ୍ଷ୍ୟକୁ ପିଛା କରି ବିଜୟୀ ହୋଇଛି । ସ୍ଥାନୀୟ ୱାଙ୍ଖେଡେ ଷ୍ଟାଡିୟମରେ ବୁଧବାର ଅନୁଷ୍ଠିତ ଲିଗ୍‌ର ୪୧ତମ ମ୍ୟାଚ୍‌ରେ ଘରୋଇ ମୁମ୍ବଇ ଇଣ୍ଡିଆନ୍ସ ପ୍ରଥମେ ବ୍ୟାଟିଂ କରି ୫ ୱିକେଟରେ ୨୪୩ ରନ କରିଥିଲା । ଜବାବରେ ଏହି ବିଶାଳ ଲକ୍ଷ୍ୟକୁ ପିଛା କରିଥିବା ହାଇଦରାବାଦ୍ ୧୮.୪ ଓଭରରେ ୪ ୱିକେଟ ହରାଇ ଟାର୍ଗେଟ ହାସଲ କରିନେଇଥିଲା । ଓପନର ଟ୍ରାଭିସ ହେଡ୍ (୩୦ ବଲରେ ୭୬ ରନ) ଓ ହେନରିଚ୍ କ୍ଲାସେନ (୩୦ ବଲରେ ୬୫ ରନ) ବିସ୍ଫୋରକ ଅର୍ଦ୍ଧଶତକୀୟ ପାଳି ଖେଳି ସନରାଇଜର୍ସ ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ପରାଜୟ ଫଳରେ ମୁମ୍ବଇର ରିୟାନ ରିକ୍ଲେଟନ (୫୫ ବଲ୍ ୧୨୩ ରନ)ଙ୍କ ପ୍ରଥମ ଆଇପିଏଲ୍ ଶତକ ବ୍ୟର୍ଥ ହୋଇଛି । ସନରାଇଜର୍ସ ୯ମ ମ୍ୟାଚରୁ ୬ଷ୍ଠ ବିଜୟ ସହ ୧୨ ପଏଣ୍ଟ ପାଇ ତୃତୀୟ ସ୍ଥାନକୁ ଉଠିଛି । ଅପରପକ୍ଷରେ ମୁମ୍ବଇ ୮ମ ମ୍ୟାଚରୁ ୬ଷ୍ଠ ପରାଜୟ ସହ ପ୍ଲେ-ଅଫ୍ ପ୍ରବେଶ ଆଶଙ୍କାରେ ରହିଛି ।




ଟ୍ରାଭିସ ହେଡ୍

### ମୁମ୍ବଇ ପାଇଁ ଦ୍ରୁତତମ ଶତକ ହାସଲକାରୀ

ଏହି ମ୍ୟାଚରେ ଟସ୍ ଜିତି ବ୍ୟାଟିଂ କରିଥିବା ବ୍ୟାଟିଂ କରିଥିବା ଘରୋଇ ମୁମ୍ବଇ ଓପନର୍ ରିୟାନ ରିକ୍ଲେଟନଙ୍କ ବିସ୍ଫୋରକ ଶତକୀୟ ପାଳି ବଳରେ ୨୦ ଓଭରରେ ୫ ୱିକେଟ୍ ହରାଇ ୨୪୩ ରନର ବିଶାଳ ସ୍କୋର କରିଥିଲା । ୨୩ ବଲରେ ଅର୍ଦ୍ଧଶତକ ଓ ୪୪ ବଲରେ ପ୍ରଥମ ଶତକ ପୂରଣ କରିଥିବା ରିକ୍ଲେଟନ ୧୨୩ ରନ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ । ୫୫ ବଲର ଏହି ପାଳିରେ ସେ ୧୦ ଚୌକା ଓ ୮ ଛକା ମାରିଥିଲେ । ଏଥିସହ ଆଇପିଏଲ୍‌ରେ ମୁମ୍ବଇ ପାଇଁ ସେ ଦ୍ରୁତତମ ଶତକ ହାସଲକାରୀ ବ୍ୟାଟର ହୋଇଛନ୍ତି । ପୂର୍ବରୁ ଏହି ରେକର୍ଡ ସନଥ ଜୟସୁରିୟା (୪୫ ବଲ୍ ବନାମ ଚେନ୍ନଇ, ୨୦୦୮)ଙ୍କ ନାମରେ ରହିଥିଲା । ଅନ୍ୟମାନଙ୍କ ମଧ୍ୟରେ ସିଜନରେ ପ୍ରଥମଥର ସୁଯୋଗ ପାଇଥିବା ୱିଲ୍ ଜ୍ୟାକ୍ସ ୪୬, ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା ୩୧, ନମନ ଧୀର ୨୨, ତିଲକ ବର୍ମା ୭ ରନ କରିଥିଲେ । ବୋଲିଂରେ ପ୍ରଫୁଲ୍ଲ ହିଙ୍ଗେଙ୍କୁ ୨ଟି ୱିକେଟ୍ ମିଳିଥିଲା ।

### ହେଡ୍-ହେନେରିଚ୍‌ଙ୍କ ବିସ୍ଫୋରଣ

ତାରକା ଖଚିତ ହାଇଦରାବାଦ୍ ପାଇଁ ୨୪୪ ରନର ବିଶାଳ ଲକ୍ଷ୍ୟ ଅସମ୍ଭବ ନ ଥିଲା । ଦୁଇ ଓପନର୍ ଟ୍ରାଭିସ ହେଡ୍ ଓ ଅଭିଷେକ ଶର୍ମା ପ୍ରଥମ ୱିକେଟରେ ୫୨ ବଲରୁ ୧୨୮ ରନ ଉଠାଇ ବିଜୟପଥ ପରିଷ୍କାର କରିଦେଇଥିଲେ । ୪ ରନ ମଧ୍ୟରେ ଏହି ଦୁଇ ଓପନର ଆଉଟ୍ ହୋଇଥିଲେ । କିନ୍ତୁ ବ୍ୟାଟିଂକ୍ରମର ୪ର୍ଥ ସ୍ଥାନରେ ଆସିଥିବା ହେନରିଚ କ୍ଲାସେନ ବିସ୍ଫୋରକ ବ୍ୟାଟିଂ କରିଥିଲେ । ସେ ୩୦ ବଲରେ ୬୫ ରନ (୭ ଚୌକା ଓ ୪ ଛକା) କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିବା ସହ ଦଳକୁ ୮ଟି ବଲ୍ ଓ ୬ଟି ୱିକେଟ୍ ବଳକା ଥାଇ ବିଜୟୀ କରାଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ହେଡ୍ ୩୦ ବଲରେ ୭୬ (୪ ଚୌକା ଓ ୮ ଛକା), ଅଭିଷେକ ୨୪ ବଲରେ ୪୫, ସଲିଲ ଆରୋରା ୧୦ ବଲରେ ଅପରାଜିତ ୩୦, ନୀତୀଶ ରେଡ୍ଡୀ ୧୭ ବଲରେ ୨୧ ରନ କରିଥିଲେ । ଇଶାନ କିଶାନ ଖାତା ଖୋଲିପାରି ନ ଥିଲେ । ପ୍ରତିପକ୍ଷ ବୋଲର ଆଲ୍ଲା ଗଜନଫର ସର୍ବାଧିକ ୨ଟି ୱିକେଟ ନେଇଥିଲେ ।



**ଆଜିର ଆଇପିଏଲ୍ ମ୍ୟାଚ୍**
ଗୁଜରାଟ ବନାମ ବେଙ୍ଗାଲୁରୁ
ଭେନ୍ୟୁ - ଅହମ୍ମଦାବାଦ
ଖେଳ ଆରମ୍ଭ : ରାତି ୭.୩୦
ପ୍ରସାରଣ : ଷ୍ଟାର ସ୍ପୋର୍ଟ୍ସ, ଜିଓହଟ୍‌ଷ୍ଟାର

### ଆଇପିଏଲ୍ ପଏଣ୍ଟ ଟେବଲ୍

| ଦଳ | ମ୍ୟା. | ବି. | ପ. | ବା. | ପ. | ଏନ୍‌ଆର୍‌ଆର୍ |
|---|---|---|---|---|---|---|
| ପଞ୍ଜାବ | ୮ | ୬ | ୧ | ୧ | ୧୩ | +୧.୦୪୩ |
| ବେଙ୍ଗାଲୁରୁ | ୮ | ୬ | ୨ | ୦ | ୧୨ | +୧.୯୧୯ |
| ହାଇଦରାବାଦ | ୯ | ୬ | ୩ | ୦ | ୧୨ | +୦.୮୩୨ |
| ରାଜସ୍ଥାନ | ୯ | ୬ | ୩ | ୦ | ୧୨ | +୦.୬୧୭ |
| ଗୁଜରାଟ | ୮ | ୪ | ୪ | ୦ | ୮ | -୦.୪୭୫ |
| ଚେନ୍ନାଇ | ୮ | ୩ | ୫ | ୦ | ୬ | -୦.୧୨୧ |
| ଦିଲ୍ଲୀ | ୮ | ୩ | ୫ | ୦ | ୬ | -୧.୦୬୦ |
| କୋଲକାତା | ୮ | ୨ | ୫ | ୧ | ୫ | -୦.୭୫୧ |
| ମୁମ୍ବଇ | ୮ | ୨ | ୬ | ୦ | ୪ | -୦.୭୮୪ |
| ଲକ୍ଷ୍ନୌ | ୮ | ୨ | ୬ | ୦ | ୪ | -୧.୧୦୬ |

ବି.ଦ୍ର.: ମ୍ୟା-ମ୍ୟାଚ୍, ବି- ବିଜୟ, ପ- ପରାଜୟ, ବା- ବାତିଲ, ପ- ପଏଣ୍ଟ

## ବିରାଟ-ଅଭିଷେକଙ୍କ ସମକକ୍ଷ ହେଲେ ବାବର ଆଜମ୍

କରାଚି, ୨୯ ।୪ (ଏଜେନ୍ସି): ପାକିସ୍ତାନ ସୁପର୍ ଲିଗ୍ (ପିଏସଏଲ୍) ଇତିହାସରେ ବାବର ଆଜମ ୪ର୍ଥ ଶତକ ହାସଲ କରିଛନ୍ତି । ପେଶୱାର ଜାଲମି ପକ୍ଷରୁ ଖେଳୁଥିବା ବାବର ଗତକାଲି ଅନୁଷ୍ଠିତ ଇସଲାମବାଦ ୟୁନାଇଟେଡ ବିପକ୍ଷ କ୍ୱାଲିଫାୟର ମ୍ୟାଚରେ ବାବର ୫୯ ବଲରେ ୧୦୩ ରନର ଶତକୀୟ ପାଳି ଖେଳିଥିଲେ । ବାବରଙ୍କ ଏହି ବିସ୍ଫୋରକ ବ୍ୟାଟିଂ ବଳରେ ତାଙ୍କ ଦଳ ପେଶୱାର ୭୦ ରନରେ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି । ଏହି ଅବସରରେ ବାବର ଏକାଧିକ ରେକର୍ଡ କରିଛନ୍ତି । ଅଧିନାୟକ ଭାବେ ଓଭରଅଲ୍ ଟି-୨୦ରେ ଏହା ତାଙ୍କର ୯ମ ଶତକ ଥିଲା । ଟି-୨୦ରେ ଅଧିନାୟକ ଭାବେ ସର୍ବାଧିକ ଶତକ ମାରିବାରେ ସେ ଦକ୍ଷିଣ ଆଫ୍ରିକାର ଫାଫ୍ ଡୁ ପ୍ଲେସିସ (୮ଥର)ଙ୍କୁ ପଛରେ ପକାଇଦେଇଛନ୍ତି । ସେହିଭଳି ଗୋଟିଏ ଦେଶରେ ସର୍ବାଧିକ ଟି-୨୦ ଶତକ ମାରିବାରେ ବିରାଟ କୋହଲି ଓ ଅଭିଷେକ ଶର୍ମାଙ୍କ ସହ ବାବର ସମକକ୍ଷ ହୋଇଛନ୍ତି । କୋହଲି ଓ ଅଭିଷେକ ଭାରତୀୟ ମାଟିରେ ୮ଟି ଲେଖାଏ ଟି-୨୦ ଶତକ ମାରିଛନ୍ତି । ବାବର ଏବେ ସଂକ୍ଷିପ୍ତ ଫର୍ମାଟରେ ପାକିସ୍ତାନ ମାଟିରେ ୮ଟି ଶତକ ହାସଲ କରି କୋହଲି ଓ ଅଭିଷେକଙ୍କ ସହ ସାମିଲ ହୋଇଛନ୍ତି ।

## ସାବାଲେଙ୍କାଙ୍କ ବିଦାୟ; ବିପର୍ଯ୍ୟୟ ଘଟାଇଲେ ହେଲୀ

■ ମାଦ୍ରିଦ ଓପନ୍



ମାଦ୍ରିଦ, ୨୯ ।୪ (ଏଜେନ୍ସି): ମାଦ୍ରିଦ ଓପନ୍‌ରେ ବୁଧବାର ବଡ଼ ବିପର୍ଯ୍ୟୟ ଦେଖିବାକୁ ମିଳିଛି । ମହିଳା ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲ ମୁକାବିଲାରେ ବିଶ୍ୱର ଏକ ନମ୍ବର ଖେଳାଳି ତଥା ୩ଥରର ବିଜେତା ଆରିନା ସାବାଲେଙ୍କାଙ୍କୁ ବିପର୍ଯ୍ୟୟର ସମ୍ମୁଖୀନ ହେବାକୁ ପଡ଼ିଛି । ୩୦ତମ ସିଡ୍ ଆମେରିକାର ହେଲୀ ବପତିଷ୍ଟେ ୨-୬, ୬-୨, ୭-୬ (୮/୬) ସେଟରେ ସାବାଲେଙ୍କାଙ୍କୁ ପରାସ୍ତ କରି ସେମିଫାଇନାଲକୁ ଉଠିଛନ୍ତି । କ୍ରମାଗତ ୧୫ଟି ମ୍ୟାଚରେ ଅପରାଜେୟ ରହିଥିବା ବେଲାରୁଷର ସାବାଲେଙ୍କା ପ୍ରଥମ ସେଟ୍‌କୁ ୬-୨ରେ ବିଜୟୀ ହୋଇଥିଲେ । କିନ୍ତୁ ହେଲୀ ଦମ୍‌ଦାର ପ୍ରତ୍ୟାବର୍ତ୍ତନ କରି ପରବର୍ତ୍ତୀ ଦୁଇ ସେଟ୍‌କୁ ଜିତି ମ୍ୟାଚକୁ ହାତେଇ ନେଇଥିଲେ । ଚଳିତ ବର୍ଷ ସାବାଲେଙ୍କାଙ୍କ ଏହା ଦ୍ୱିତୀୟ ପରାଜୟ ଥିଲା । ଏଥିପୂର୍ବରୁ ଅଷ୍ଟ୍ରେଲିଆନ୍ ଓପନ୍ ଫାଇନାଲରେ ସାବାଲେଙ୍କାଙ୍କୁ ଏଲିନା ରିବାକିନା ହରାଇଥିଲେ । ଏବେ ମାଦ୍ରିଦ ଓପନ୍ ସେମିରେ ହେଲୀଙ୍କ ମୁକାବିଲା ରୁଷିଆର ମାରିଆ ଆନ୍ଦ୍ରିଭାଙ୍କ ସହ ହେବ ।

## ମୁମ୍ବଇ ଟି-୨୦ ଲିଗ୍ ଖେଳିବାକୁ ଅର୍ଜୁନଙ୍କୁ ମିଳିଲା ଅନୁମତି

ମୁମ୍ବଇ, ୨୯ ।୪ (ଏଜେନ୍ସି): ଅର୍ଜୁନ ତେନ୍ଦୁଲକର ଓ ସିଦ୍ଧାନ୍ତ ଆଧହାତ୍ରୋଙ୍କୁ ଆଗାମୀ ମୁମ୍ବଇ ଟି-୨୦ ଲିଗ୍ ଖେଳିବାକୁ ଅନୁମତି ମିଳିଛି । ଉଭୟ ଏବେ ଲିଗ୍‌ର ୪ର୍ଥ ସଂସ୍କରଣ ଖେଳାଳି ନିଲାମୀରେ ସାମିଲ ହୋଇପାରିବେ । ବିସିସିଆଇ ମୁମ୍ବଇ ଲିଗ୍‌ରେ ଅର୍ଜୁନ ଓ ସିଦ୍ଧାନ୍ତଙ୍କ ଅଂଶଗ୍ରହଣକୁ ଅନୁମୋଦନ କରିଛି ବୋଲି ମୁମ୍ବଇ କ୍ରିକେଟ୍ ସଂଘ (ଏମ୍‌ସିଏ) ପକ୍ଷରୁ ବୁଧବାର କୁହାଯାଇଛି । ପୂର୍ବରୁ ଏହି ଦୁଇ ଖେଳାଳି ଘରୋଇ କ୍ରିକେଟ୍‌ରେ ମୁମ୍ବଇ ପକ୍ଷରୁ ପଦାର୍ପଣ କରିଥିଲେ । କିନ୍ତୁ ଗତ କିଛି ବର୍ଷ ହେବ ଉଭୟ ମୁମ୍ବଇ ଛାଡ଼ି ଭିନ୍ନ ଭିନ୍ନ ରାଜ୍ୟରୁ ପ୍ରତିନିଧିତ୍ୱ କରୁଛନ୍ତି । ଅର୍ଜୁନ ଗୋଆ ପକ୍ଷରୁ ଏବଂ ସିଦ୍ଧାନ୍ତ ପୁଡୁଚେରୀରୁ ଖେଳୁଛନ୍ତି । ଯେହେତୁ ସେମାନେ ଆଉ ମୁମ୍ବଇ ପକ୍ଷରୁ ଖେଳୁନାହାନ୍ତି ତେଣୁ ମୁମ୍ବଇ ଲିଗ୍‌ରେ ସେମାନଙ୍କ ଅଂଶଗ୍ରହଣ ନେଇ ପ୍ରଶ୍ନ ଉଠିଥିଲା । ଏମ୍‌ସିଏ ନିୟମ ଅନୁଯାୟୀ ଅତିଥି ଖେଳାଳି ଭାବେ ଅନ୍ୟ ରାଜ୍ୟରୁ ଖେଳିଥିବା ଖେଳାଳିଙ୍କୁ ଅତିକମରେ ଗୋଟିଏ ବର୍ଷ କୁଲିଂ-ଅଫ୍ ପିରିୟଡ ଦେଇଯିବାକୁ ପଡ଼ିବ । କିନ୍ତୁ ଯେହେତୁ ସେମାନେ ବର୍ତ୍ତମାନ ପ୍ରତିନିଧିତ୍ୱ କରୁଥିବା ରାଜ୍ୟ ପକ୍ଷରୁ କୌଣସି ଫ୍ରାଞ୍ଚାଇଜଭିତ୍ତିକ ଲିଗ୍‌ରେ ଖେଳିନାହାନ୍ତି, ତେଣୁ ଅର୍ଜୁନ ଓ ସିଦ୍ଧାନ୍ତଙ୍କ କ୍ଷେତ୍ରରେ ଏହି ନିୟମ ଲାଗୁହେବ ନାହିଁ ବୋଲି ଏମ୍‌ସିଏ କହିଛି ।

● ଆଇସିସି ମହିଳା ଟି-୨୦ ବିଶ୍ୱକପ୍

## ଆମେଲିଆଙ୍କୁ ନ୍ୟୁଜିଲାଣ୍ଡ ଦଳର ନେତୃତ୍ୱ



ୱେଲିଂଟନ, ୨୯ ।୪ (ଏଜେନ୍ସି): ଆଇସିସି ମହିଳା ଟି-୨୦ ବିଶ୍ୱକପ୍‌ର ଦ୍ୱାଦଶ ସଂସ୍କରଣ ଜୁନ ୧୨ରୁ ଇଂଲଣ୍ଡରେ ଆରମ୍ଭ ହେବ । ଏହି ମେଗା ଟୁର୍ଣ୍ଣାମେଣ୍ଟ ଲାଗି ବୁଧବାର ଡିଫେଣ୍ଡିଂ ଚାମ୍ପିଅନ ନ୍ୟୁଜିଲାଣ୍ଡ ଦଳ ଘୋଷଣା କରାଯାଇଛି । ଅଲ୍‌ରାଉଣ୍ଡର ଆମେଲିଆ କେର୍‌ଙ୍କୁ ଘୋଷିତ ୧୫ ଜଣିଆ ଦଳର ନେତୃତ୍ୱ ଭାର ଦିଆଯାଇଛି । ତିନି ଭେଟେରାନ ଖେଳାଳି ସୋଫି ଡିଭାଇନ, ସୁଜି ବେଟ୍ସ ଓ ଲି ତାହୁହୁଙ୍କୁ ବିଶ୍ୱକପ୍ ଦଳରେ ସ୍ଥାନ ମିଳିଛି । ବିଶ୍ୱକପ୍ ପରେ ଏହି ୩ଜଣ ବରିଷ୍ଠ ଖେଳାଳି ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେବେ ବୋଲି ସ୍ପଷ୍ଟ କରିଛନ୍ତି । ଆଗାମୀ ବିଶ୍ୱକପ୍‌ରେ ନ୍ୟୁଜିଲାଣ୍ଡ ଗ୍ରୁପ୍-ବି'ରେ ଇଂଲଣ୍ଡ, ଶ୍ରୀଲଙ୍କା, ୱେଷ୍ଟଇଣ୍ଡିଜ, ଆୟର୍ଲାଣ୍ଡ ଓ ସ୍କଟଲାଣ୍ଡ ସହ ସ୍ଥାନ ପାଇଛି । ଜୁନ ୧୪ରେ ୱେଷ୍ଟଇଣ୍ଡିଜ ସହ ଖେଳି ନ୍ୟୁଜିଲାଣ୍ଡ ବିଶ୍ୱକପ୍‌ରେ ଅଭିଯାନ ଆରମ୍ଭ କରିବ ।

**ଘୋଷିତ ନ୍ୟୁଜିଲାଣ୍ଡ ଦଳ** : ଆମେଲିଆ କେର (ଅଧିନାୟିକା), ସୁଜି ବେଟ୍ସ, ସୋଫି ଡିଭାଇନ, ଫ୍ଲୋରା ଡେଭୋନଶିରେ, ଇଜି ଗାଜେ, ମାଡି ଗ୍ରୀନ, ବ୍ରୁକ ହଲିଡେ, ବ୍ରେଇଲିଙ୍ଗ, ପୋଲି ଇଂଲିଶ, ଜେଶ କେର୍, ରୋଜମାରୀ ମାଇର, ନେନସି ପଟେଲ, ଜର୍ଜିଆ ପ୍ଲିମର, ଇଜି ଶାର୍ପ ଓ ଲି ତାହୁହୁ ।

## ଗଲ୍ଫର ବିଜୟ କୁମାରଙ୍କ ପରଲୋକ

ଲକ୍ଷ୍ନୌ, ୨୯ ।୪ (ଏଜେନ୍ସି): ଭେଟେରାନ ଭାରତୀୟ ଗଲ୍ଫ ଖେଳାଳି ବିଜୟ କୁମାରଙ୍କ ପରଲୋକ ଘଟିଛି । ହୃଦଘାତ ଯୋଗୁ ଘରୋଇ ସହର ଲକ୍ଷ୍ନୌରେ ବିଜୟ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ । ମୃତ୍ୟୁବେଳକୁ ତାଙ୍କୁ ୫୭ ବର୍ଷ ବୟସ ହୋଇଥିଲା । ୨୦୦୨ ଇଣ୍ଡିଆନ ଓପନ୍‌ରେ ବିଜୟ ଚାମ୍ପିଅନ ହୋଇଥିଲେ । ସେହିଭଳି ୪ଥର 'ଅର୍ଡର ଅଫ୍ ମେରିଟ୍ ଚାମ୍ପିଅନ' ଥିଲେ । ୧୯୮୮ରେ ପ୍ରଫେଶନାଲ କ୍ୟାରିୟର ଆରମ୍ଭ କରିଥିବା ବିଜୟ ଭାରତୀୟ ଗଲ୍ଫରେ ଜଣେ ଅତିପରିଚିତ ଓ ସମ୍ମାନୀୟ ଖେଳାଳି ଥିଲେ । ଇଣ୍ଡିଆନ୍ ଓପନ୍ ଜିତିଥିବା ୯ଜଣ ଭାରତୀୟ ଖେଳାଳିଙ୍କ ମଧ୍ୟରେ ସେ ଅନ୍ୟତମ । ସେହିଭଳି ବିଜୟ ୧୯୯୯ରେ ସ୍କଟଲାଣ୍ଡରେ ଅନୁଷ୍ଠିତ ଡୁନହିଲ କପ୍‌ରେ ଭାରତୀୟ ଦଳ ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ । ବିଜୟଙ୍କ ବିୟୋଗରେ ଡିପି ୱାର୍ଲ୍ଡ ପ୍ରଫେସନାଲ ଗଲ୍ଫ ଟୁର୍ ଅଫ୍ ଇଣ୍ଡିଆର ସଭାପତି ତଥା ପୂର୍ବତନ କ୍ରିକେଟର କପିଳ ଦେବ ଗଭୀର ଶୋକବ୍ୟକ୍ତ କରିଛନ୍ତି ।

## ଫିଫା ବିଶ୍ୱକପ୍ ପୁରସ୍କାର ରାଶିରେ ୧୦୦ ନିୟୁତ ଡଲାର ବୃଦ୍ଧି

ନୂଆଦିଲ୍ଲୀ,୨୯ ।୪(ଏଜେନ୍ସି): ୨୦୨୬ ଫିଫା ବିଶ୍ୱକପ୍‌ରେ ଅଂଶଗ୍ରହଣ କରୁଥିବା ଦେଶଗୁଡ଼ିକ ପାଇଁ ଫିଫା ପକ୍ଷରୁ ଏକ ବଡ଼ ଖୁସି ଖବର ମିଳିଛି । ଉତ୍ତର ଆମେରିକାରେ ଆୟୋଜିତ ହେବାକୁ ଥିବା ଏହି ମେଗା ଇଭେଣ୍ଟରେ ବଢୁଥିବା ଖର୍ଚ୍ଚକୁ ଦୃଷ୍ଟିରେ ରଖି ଫିଫା ପରିଷଦ ପକ୍ଷରୁ ଅତିରିକ୍ତ ୧୦୦ ନିୟୁତ ଡଲାରର ପାଣ୍ଠି ଅନୁମୋଦନ କରାଯାଇଛି । କାନାଡାର ଭାଙ୍କୁଭରଠାରେ ଅନୁଷ୍ଠିତ ଏକ ବୈଠକରେ ଫିଫା ଏହି ନିଷ୍ପତ୍ତି ଗ୍ରହଣ କରିଛି । ଏଥର ପ୍ରତିଯୋଗିତାରେ ୪୮ଟି ଦେଶ ଭାଗ ନେଉଥିବା ବେଳେ ପ୍ରତ୍ୟେକ ସଂଘକୁ ମିଳୁଥିବା ସର୍ବନିମ୍ନ ଗ୍ୟାରେଣ୍ଟି ରାଶିକୁ ୧୨.୫ ନିୟୁତ ଡଲାରକୁ ବୃଦ୍ଧି କରାଯାଇଛି । ସେହିଭଳି ମୌଳିକ ପୁରସ୍କାର ରାଶି ମଧ୍ୟ ୧୦ ନିୟୁତ ଡଲାରକୁ ବଢ଼ାଇ ଦିଆଯାଇଛି । ପ୍ରାୟ ୧୬ ନିୟୁତ ଡଲାର କେବଳ ଦଳର ପ୍ରତିନିଧିମାନଙ୍କ ଖର୍ଚ୍ଚ ପାଇଁ ସହାୟତା ଭାବେ ପ୍ରଦାନ କରାଯିବ । ଆମେରିକା, କାନାଡା ଏବଂ ମେକ୍ସିକୋ ଭଳି ତିନୋଟି ବଡ଼ ଦେଶରେ ଖେଳାଯାଉଥିବାରୁ ଯାତାୟାତ, ରହଣି ଏବଂ ବିଭିନ୍ନ ପ୍ରକାରର ଟିକସ ବ୍ୟବସ୍ଥା ପାଇଁ ଦଳଗୁଡ଼ିକର ଖର୍ଚ୍ଚ ବହୁଳ ଭାବେ ବଢ଼ିଯାଇଛି । ବିଶେଷ କରି ୟୁରୋପୀୟ ଦେଶଗୁଡ଼ିକ ଏନେଇ ଚିନ୍ତା ପ୍ରକଟ କରିବା ପରେ ଫିଫା ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି । ୨୦୨୬ ବିଶ୍ୱକପ୍‌ରୁ ଫିଫା ପାଖାପାଖି ୧୧ ବିଲିୟନ ଡଲାରର ଆୟ ଲକ୍ଷ୍ୟ ରଖିଛି । ଚଳିତ ଥର ଚାମ୍ପିଅନ ଦଳକୁ ୫୦ ନିୟୁତ ଡଲାରର ପୁରସ୍କାର ରାଶି ମିଳିବ । ସୂଚନାଯୋଗ୍ୟ ଯେ, ୨୦୨୨ ବିଶ୍ୱକପ୍ ବିଜେତା ଆର୍ଜେଣ୍ଟିନାକୁ ୪୨ ନିୟୁତ ଡଲାର ମିଳିଥିଲା । ଖେଳାଳି ଏବଂ କର୍ମକର୍ତ୍ତାଙ୍କ ଯାତ୍ରା ତଥା ରହଣି ପାଇଁ ଫିଫା ପୂର୍ବରୁ ଅର୍ଥ ପ୍ରଦାନ କରୁଥିଲେ ମଧ୍ୟ ଅତିରିକ୍ତ କର୍ମଚାରୀ, ବୀମା ଏବଂ ଅନ୍ୟାନ୍ୟ ଆନୁସଙ୍ଗିକ ଖର୍ଚ୍ଚ ପାଇଁ ବିଭିନ୍ନ ଦେଶର ଫୁଟବଲ ସଂଘ ଉପରେ ଚାପ ରହୁଥିଲା ।

● ସଭାପତି ସିଲଭାଙ୍କ ଇସ୍ତଫା ପରେ

## ଶ୍ରୀଲଙ୍କା କ୍ରିକେଟ୍ ବୋର୍ଡ ଦାୟିତ୍ୱ ନେଲେ ସରକାର



କଲମ୍ବୋ,୨୯ ।୪(ଏଜେନ୍ସି): ଶ୍ରୀଲଙ୍କା କ୍ରିକେଟ୍ ପ୍ରଶାସନରେ ଏକ ବଡ଼ ଧରଣର ପରିବର୍ତ୍ତନ ଦେଖିବାକୁ ମିଳିଛି । କ୍ରିକେଟ୍ ବୋର୍ଡ ସଭାପତି ଶାମ୍ମି ସିଲଭା ଏବଂ କାର୍ଯ୍ୟକାରୀ କମିଟିର ସମସ୍ତ ସଦସ୍ୟ ନିଜ ପଦବୀରୁ ଇସ୍ତଫା ଦେଇଛନ୍ତି । ଏହାପରେ ଶ୍ରୀଲଙ୍କା ସରକାର ବୋର୍ଡର ସମସ୍ତ ଦାୟିତ୍ୱ ନିଜ ହାତକୁ ନେଇଛନ୍ତି । ସୂଚନା ଅନୁଯାୟୀ, ଶ୍ରୀଲଙ୍କା କ୍ରିକେଟ୍ ବୋର୍ଡରେ ବ୍ୟାପକ ଆର୍ଥିକ ଅନିୟମିତତା ହୋଇଥିବା ନେଇ ଦୀର୍ଘ ଦିନରୁ ଅଭିଯୋଗ ହୋଇଆସୁଥିଲା । ଏହାକୁ ଦୃଷ୍ଟିରେ ରଖି ରାଷ୍ଟ୍ରପତି ଅନୁରା କୁମାର ଦିସାନାୟକେ ବୋର୍ଡ କର୍ମକର୍ତ୍ତାଙ୍କ ସହ ଆଲୋଚନା କରି ସେମାନଙ୍କୁ ସମ୍ମାନଜନକ ଭାବେ ବିଦାୟ ନେବାକୁ ପରାମର୍ଶ ଦେଇଥିଲେ । ପରିଣାମସ୍ୱରୂପ, ମଙ୍ଗଳବାର ସଭାପତି ଓ ଅନ୍ୟ ସଦସ୍ୟମାନେ ପଦତ୍ୟାଗ କରିଥିଲେ । କ୍ରୀଡ଼ା ମନ୍ତ୍ରୀ ସୁନୀଲ କୁମାର ଗାମାଗେ ଏକ ପ୍ରେସ୍ ବିବୃତ୍ତିରେ ଜଣାଇଛନ୍ତି ଯେ, ୧୯୭୩ ମସିହାର କ୍ରୀଡ଼ା ଆଇନ ଅନୁଯାୟୀ କ୍ରିକେଟ୍ ବୋର୍ଡର ସମସ୍ତ ପ୍ରଶାସନିକ କାର୍ଯ୍ୟ ବର୍ତ୍ତମାନ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଅଧୀନରେ ରହିବ । ଖୁବଶୀଘ୍ର ଏକ ଅନ୍ତରୀଣ କମିଟି ଗଠନ କରାଯିବ, ଯାହା ବୋର୍ଡର ସଂସ୍କାର ଏବଂ ସମସ୍ୟାର ସମାଧାନ ଦିଗରେ କାର୍ଯ୍ୟ କରିବ । ଉଲ୍ଲେଖଯୋଗ୍ୟ ଯେ, ଶାମ୍ମି ସିଲଭା ୨୦୧୯ ମସିହାରୁ ବୋର୍ଡର ସଭାପତି ଭାବେ ଦାୟିତ୍ୱ ତୁଲାଇ ଆସୁଥିଲେ । ସେ ମଧ୍ୟ ଏସିଆ କ୍ରିକେଟ୍ ପରିଷଦର ସଭାପତି ପଦରେ ରହିଥିଲେ । ମାତ୍ର ଦଳର ଖରାପ ପ୍ରଦର୍ଶନ ଏବଂ ଦୁର୍ନୀତି ଅଭିଯୋଗ କାରଣରୁ ତାଙ୍କ ଉପରେ ଚାପ ବଢ଼ିଥିଲା ।

**ଓସିଏ ୧୬ ବର୍ଷରୁ କମ୍ ଆନ୍ତଃଜିଲ୍ଲା କ୍ରିକେଟ**

## ଖୋର୍ଦ୍ଧା-ଭୁବନେଶ୍ୱର ଏ' ଫାଇନାଲ ଲଢ଼େଇ

ଭୁବନେଶ୍ୱର, ୨୯ ।୪ (ସମିସ): ଓଡ଼ିଶା କ୍ରିକେଟ ଆସୋସିଏସନ (ଓସିଏ) ଆନୁକୂଲ୍ୟରେ ଚାଲିଥିବା ୧୬ ବର୍ଷରୁ କମ୍ ଆନ୍ତଃଜିଲ୍ଲା ବାଳକ ଦିନିକିଆ ଟୁର୍ଣ୍ଣାମେଣ୍ଟର ଫାଇନାଲ ଲାଇନଅପ୍ ଚୂଡ଼ାନ୍ତ ହୋଇଯାଇଛି । ଭୁବନେଶ୍ୱର-ଏ ଓ ଖୋର୍ଦ୍ଧା ମଧ୍ୟରେ ଶୁକ୍ରବାର ଫାଇନାଲ ମ୍ୟାଚ୍ ରେଭେନସା ଗ୍ରାଉଣ୍ଡରେ ଖେଳାଯିବ । ବୁଧବାର ଖେଳାଯାଇଥିବା ପ୍ରଥମ ସେମିଫାଇନାଲରେ ଭୁବନେଶ୍ୱର-ଏ ଦଳ ୧୦ ୱିକେଟରେ ଅନ୍ୟତମ ଶକ୍ତିଶାଳୀ ଦଳ ସୁନ୍ଦରଗଡ଼କୁ ପରାସ୍ତ କରିଥିଲା । ପ୍ରଥମେ ବ୍ୟାଟିଂ କରିଥିବା ସୁନ୍ଦରଗଡ଼ ୨୯.୩ ଓଭରରେ ମାତ୍ର ୯୩ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା । ଭୁବନେଶ୍ୱରର ଶ୍ଳୋକ ନାୟକ ୮ ରନରେ ୫ ୱିକେଟ୍ ସଫଳତା ପାଇଥିଲେ । ଜବାବରେ ଭୁବନେଶ୍ୱର-ଏ ୧୧.୧ ଓଭରରେ କୌଣସି ୱିକେଟ୍ ନ ହରାଇ ବିଜୟୀ ହୋଇଥିଲା । ମିଧାଂଶୁ ଦାସ ୩୯ ବଲରେ ୫୭ ରନର ଅପରାଜିତ ପାଳି ଖେଳିଥିଲେ । ସେହିଭଳି ରୋମାଞ୍ଚକର ଦ୍ୱିତୀୟ ସେମିଫାଇନାଲରେ ଖୋର୍ଦ୍ଧା ୧ ୱିକେଟରେ କଟକ-ଏ'କୁ ପରାସ୍ତ କରିଥିଲା । କଟକ ପକ୍ଷରୁ ଧାର୍ଯ୍ୟ ୧୮୪ ରନର ଲକ୍ଷ୍ୟକୁ ଖୋର୍ଦ୍ଧା ୪୬.୫ ଓଭରରେ ୯ ୱିକେଟ ହରାଇ ହାସଲ କରିନେଇଥିଲା । କଟକ-ଏ'ର ଓମ୍ ବେହେରା (୪୧ ରନ ଓ ୩ ୱିକେଟ) ଅଲ୍‌ରାଉଣ୍ଡ ପ୍ରଦର୍ଶନ କରିଥିଲେ ।


ଶ୍ଳୋକ ନାୟକ


ଓମ୍ ବେହେରା

## ଅସ୍ମିତା ସବ୍-ଜୁନିଅର ବାଳିକା ହକିରେ ଓଡ଼ିଶାକୁ କାଂସ୍ୟ

ଭୁବନେଶ୍ୱର, ୨୯ ।୪ (ସମିସ): ଗ୍ୱାଲିୟରରେ ଶେଷ ହୋଇଥିବା ୪ର୍ଥ ଅସ୍ମିତା ସବ୍-ଜୁନିଅର ବାଳିକା ହକି ଲିଗ୍‌ରେ ଓଡ଼ିଶା ତୃତୀୟ ସ୍ଥାନରେ ରହି କାଂସ୍ୟ ପଦକ ବିଜୟୀ ହୋଇଛି । କାଂସ୍ୟ ପଦକ ମୁକାବିଲାରେ ଓଡ଼ିଶା ୫-୦ ଗୋଲରେ ଏକପାଖିଆ ଭାବେ ଆନ୍ଧ୍ରପ୍ରଦେଶକୁ ପରାସ୍ତ କରି ପୋଡିୟମ ଫିନିଶ କରିଛି । ଏହି ପ୍ରତିଯୋଗିତାର ଫାଇନାଲରେ ମଧ୍ୟପ୍ରଦେଶକୁ ହରାଇ ହରିୟାଣା ବାଳିକା ଦଳ ଚାମ୍ପିଅନ ହୋଇଛି । ଓଡ଼ିଶା ବାଳିକା ଦଳର ଏହି ସଫଳତା ଲାଗି ଚାରିଆଡ଼ୁ ଶୁଭେଚ୍ଛାର ସୁଅ ଛୁଟିଛି ।

## ପଦକ ବିଜୟୀ ଦୁଃସାହସିକ କ୍ରୀଡ଼ାବିତ୍ ସମ୍ବର୍ଦ୍ଧିତ



ଭୁବନେଶ୍ୱର, ୨୯ ।୪ (ସମିସ): ଦୁଃସାହସିକ କ୍ରୀଡ଼ାକୁ ନେଇ ଗଜପତି ଜିଲ୍ଲାର ପୂର୍ବଘାଟ ପର୍ବତମାଳାରେ ଅବସ୍ଥିତ ମହେନ୍ଦ୍ରଗିରି ପର୍ବତଶୃଙ୍ଗରେ 'ମହେନ୍ଦ୍ରଗିରି ଇକୋ ଆଡଭେଞ୍ଚର ଫେଷ୍ଟ' ନିକଟରେ ଅନୁଷ୍ଠିତ ହୋଇଥିଲା । ଭାରତୀୟ ମାଉଣ୍ଟେନିଂ ଫାଉଣ୍ଡେସନ (ଆଇଏମ୍‌ଏଫ୍) ଓ ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ମିଳିତ ଭାବେ ଆୟୋଜିତ ଏହି ପ୍ରତିଯୋଗିତାରେ ଓଡ଼ିଶା କ୍ରୀଡ଼ାବିତ୍‌ମାନେ ଏକାଧିକ ପଦକ ବିଜୟୀ ହୋଇଥିଲେ । କଳିଙ୍ଗ ଷ୍ଟାଡିୟମରେ ଥିବା ଓଡ଼ିଶା ଟାଟା ଷ୍ଟିଲ୍ କ୍ଲାଇମ୍ବି ଏଚ୍‌ପିସିର ୧୬ଜଣ ଦୁଃସାହସିକ କ୍ରୀଡ଼ାବିତ୍ ଏଥିରେ ଭାଗନେଇ ୫ଟି ପଦକ ଜିତିଥିଲେ । ଯେଉଁଥିରେ ୨ଟି ସ୍ୱର୍ଣ୍ଣ ଓ ୩ଟି କାଂସ୍ୟ ପଦକ ରହିଛି । ୧୬ ବର୍ଷରୁ କମ୍ ବିଭାଗରେ ସାହିଲ କୁମାର ଦାସ ଓ ସିନିଅରରେ ମନୋଜ କୁମାର ଡାକୁଆ ସ୍ୱର୍ଣ୍ଣିମ ସଫଳତା ପାଇଥିଲେ । ସେହିଭଳି ଦୁଷ୍ମନ୍ତ କୁମାର ହେମ୍ବ୍ରମ, ଶ୍ରଦ୍ଧା ସୁମନ ମହାରଣା ଓ ବାସବୀ କପୁର କାଂସ୍ୟ ପଦକ ଜିତି ରାଜ୍ୟ ପାଇଁ ଗୌରବ ଆଣିଥିଲେ । ରାଜୁ କର୍ମାକର ମୁଖ୍ୟ କୋଚ୍ ଏବଂ ଚିନ୍ମୟ ମହାରଣା ଓ ସସ୍ମିତା ପ୍ରଧାନ ସହାୟକ କୋଚ୍ ଭାବେ ଦଳର ଦାୟିତ୍ୱ ତୁଲାଇଥିଲେ । ଏହି ଅବସରରେ ରାଜ୍ୟ କ୍ରୀଡ଼ା ବିଭାଗର ନିର୍ଦ୍ଦେଶକ ବିଜୟ ଯେଦୁଲ୍ଲା ପଦକ ବିଜୟୀ ସମସ୍ତ କ୍ରୀଡ଼ାବିତ୍‌ଙ୍କୁ ବୁଧବାର ସମ୍ବର୍ଦ୍ଧିତ କରିଛନ୍ତି ।

## ନୀଳାଚଳ ଟ୍ରଫି: ସେମିରେ ପ୍ରଗତି ସ୍ପୋର୍ଟିଂ

ପୁରୀ, ୨୯ ।୪ (ସମିସ):

ପୁରୀର ଶ୍ରୀଜଗନ୍ନାଥ ଷ୍ଟାଡିୟମରେ ଚାଲିଥିବା ୧୭ତମ ଜଗଦୀଶଚନ୍ଦ୍ର ରାଉତରାୟ ସ୍ମାରକୀ ନୀଳାଚଳ ଟ୍ରଫିର ତୃତୀୟ କ୍ୱାର୍ଟର ଫାଇନାଲ ଅନୁଷ୍ଠିତ ହୋଇଯାଇଛି । ବୁଧବାର ଖେଳାଯାଇଥିବା ରୋମାଞ୍ଚକର ମୁକାବିଲାରେ ଭୁବନେଶ୍ୱରର ପ୍ରଗତି ସ୍ପୋର୍ଟିଂ ୧ ୱିକେଟରେ କୋଲକାତାର ଏଲଆର୍‌ଏସ କ୍ଲବକୁ ପରାସ୍ତ କରି ସେମିଫାଇନାଲକୁ ଉଠିଛି । ଟସ୍ ଜିତି ବ୍ୟାଟିଂ କରିଥିବା ଏଲଆରଏସ କ୍ଲବ ୩୨.୫ ଓଭରରେ ୧୪୯ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା । ଦଳ ପକ୍ଷରୁ ପ୍ରଭାତ ମୌର୍ଯ୍ୟ ୫୮ ରନ କରିଥିଲେ । ପ୍ରତିପକ୍ଷ ପ୍ରଗତି ସ୍ପୋର୍ଟିଂର ଅଭିଜିତ ରାଉତ ଓ ମିଲନ ସାମଲଙ୍କୁ ୩ଟି ଲେଖାଏ ଏବଂ ରଘୁନାଥ ମଲ୍ଲଙ୍କୁ ୨ଟି ୱିକେଟ୍ ମିଳିଥିଲା । ଜବାବରେ ୧୫୦ ରନର ଟାର୍ଗେଟକୁ ପିଛା କରିଥିବା ପ୍ରଗତି ସ୍ପୋର୍ଟିଂ ୩୮.୨ ଓଭରରେ ୯ ୱିକେଟ ହରାଇ ବିଜୟୀ ହୋଇଥିଲା । ବିଜୟୀ ଦଳ ପକ୍ଷରୁ ଆୟୁଷ ୨୯, ଶୁଭମ ନାୟକ ୨୩, ଶାନ୍ତନୁ ମିଶ୍ର ୨୧ ରନର ଉପଯୋଗୀ ପାଳି ଖେଳିଥିଲେ । କୋଲକାତାର ପ୍ରଭାତ ଅଲ୍‌ରାଉଣ୍ଡ ପ୍ରଦର୍ଶନ କରି ବୋଲିଂରେ ୩ଟି ୱିକେଟ୍ ନେଇଥିଲେ ମଧ୍ୟ ତାହା ବ୍ୟର୍ଥ ଯାଇଥିଲା । ଅଭିଜିତ ରାଉତ ମ୍ୟାଚର ଶ୍ରେଷ୍ଠ ଖେଳାଳି ଓ ପ୍ରଭାତ ମୌର୍ଯ୍ୟ 'ଇମ୍ପାକ୍ଟ ଖେଳାଳି' ପୁରସ୍କାର ଜିତିଥିଲେ ।

ଆଜିର ମ୍ୟାଚରେ ଭିକ୍ଟୋରିଆ କ୍ଲବ ହୋଟେଲର ଏମଡି ଦେବାଶିଷ କୁମାର ଓ ଆଶିଷ କୁମାର ଶତପଥୀ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ । ଗୁରୁବାର ଅନ୍ତିମ ତଥା ୪ର୍ଥ କ୍ୱାର୍ଟର ଫାଇନାଲ ଦିଲ୍ଲୀର ପାଲମ ବିହାର କ୍ଲବ ସହ ରାଉରକେଲାର ଆରୱାଇସିସି ମଧ୍ୟରେ ଖେଳାଯିବ । ଏହାର ବିଜେତା ସହ ପ୍ରଗତି ସ୍ପୋର୍ଟିଂ ଦ୍ୱିତୀୟ ସେମିଫାଇନାଲରେ ଭେଟିବ । ପୂର୍ବରୁ ପ୍ରଥମ ଦଳ ଭାବେ ୟୁନିୟନ ସ୍ପୋର୍ଟିଂ ଫାଇନାଲରେ ସ୍ଥାନ ପକ୍କା କରିସାରିଛି ।




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS